ଥିଲେ । ଇଣ୍ଟ୍ରାନ୍ସର ଅବା ମାଇନର ପରୀକ୍ଷୋତ୍ତୀର୍ଣ୍ଣ ଅଥବା ସାମାନ୍ୟ ଇଂରାଜୀ ଶିକ୍ଷାପ୍ରାପ୍ତ ଛାତ୍ରମାନେ ସ୍କୁଲରେ ଭରତି ହୋଇ ପାରୁଥିଲେ । ମାତ୍ର ଗତର ବର୍ଷରେ ନିୟମ ହୋଇଅଛି କି ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୋଇ ନ ଥିଲେ କେହି ମେଡିକେଲ ସ୍କୁଲରେ ଭରତି ହୋଇ ପାରିବ ନାହିଁ ତେବେ ଉତ୍କଳବାସିଙ୍କ ପକ୍ଷରେ ବିଶେଷ ନିୟମ ଏହି ଯେ ଯେଉଁମାନେ ପ୍ରବେଶିକା ପରୀକ୍ଷାରେ ଉପସ୍ଥିତ ହୋଇ ଇଂରାଜୀ-ଭାଷା ଓ ଅନ୍ୟ କୌଣସି ଗୋଟିଏ ବିଷୟରେ ପାସ ହୋଇଥିବେ ସେମାନେ ଗୃହୀତ ହେବେ । ଦରଖାସ୍ତ ଗ୍ରହଣର ତାରିଖ ଜୁନମାସ ତା୧୫ରିଖ ପର୍ଯ୍ୟନ୍ତ ସ୍ଥିର ଥିଲା । ବର୍ତ୍ତମାନ ଜୁନମାସ ଶେଷ ହୋଇ ଯୁଲାଇ ମାସର ଦ୍ୱିତୀୟ ସପ୍ତାହ ଉପସ୍ଥିତ ହେଲାଣି କିନ୍ତୁ ଶୁଣିଲୁଁ ଯେ ସ୍କୁଲରେ ସତେଇଶି ଛାତ୍ର ଭରତି ହୋଇଅଛନ୍ତି ଓ ସେମାନେ ସମସ୍ତେ ବଙ୍ଗବାସୀ । ବର୍ତ୍ତମାନ ଏହି ସତେଇଶି ଛାତ୍ରରେ ସ୍କୁଲ ଚାଲୁଅଛି । ସ୍କୁଲର ଅବସ୍ଥା ଏପ୍ରକାର ହେଲେ ସ୍କୁଲର ସ୍ଥାୟିତ୍ୱ ଉପରେ ସନ୍ଦେହ । ଏପ୍ରକାର ଗୋଟିଏ ହିତକାରକ ସ୍କୁଲ ଉଠିଗଲେ ଦେଶର କେତେ ଅନିଷ୍ଟ ହେବ ତାହା ଅନାୟାସରେ ବୁଝାଯାଉଅଛି । ସ୍ପଷ୍ଟ ଦେଖାଯାଉଅଛି ଯେ ମେଡିକେଲ ସ୍କୁଲରେ ଭରତି ହେବା ସକାଶେ ଓଡ଼ିଶାପ୍ରତି ଯେଉଁ ନିୟମ ହୋଇଅଛି ତାହା କଠୋର ଅଟେ । ଓଡ଼ିଶା ବର୍ତ୍ତମାନ ମଧ୍ୟ ଅନୁନ୍ନତ ପ୍ରଦେଶ ସୁତରାଂ ନିୟମର ଶିଥିଳତା ଆବଶ୍ୟକ ମାତ୍ର ଏତତ୍ସମ୍ବନ୍ଧରେ କୌଣସି ଚେଷ୍ଟା ହୋଇଥିବାର ଦେଖାଯାଉ ନାହିଁ । ଆମ୍ଭେମାନେ ଶୁଣିଲୁଁ ଅନେକଗୁଡ଼ିଏ ବିଶ୍ୱବିଦ୍ୟାଳୟର ପ୍ରବେଶିକା ଶ୍ରେଣୀର ଛାତ୍ର ସ୍କୁଲରେ ଭରତି ହେବାପାଇଁ ପ୍ରାର୍ଥୀ ହୋଇଥିଲେ ମାତ୍ର ସେମାନଙ୍କ ପ୍ରାର୍ଥନା ଅଗ୍ରାହ୍ୟ କରା ହୋଇଅଛି । ମେଡିକେଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଓଲଡାମ ସାହେବ ଅଳ୍ପଦିନମାସ ହେଲା ଏ ନଗରକୁ ଆସିଅଛନ୍ତି । ତାହାଙ୍କୁ ଏଠାର ଅବସ୍ଥା ଜଣା ନାହିଁ । ଅତଏବ ଏ ବିଷୟପ୍ରତି ତାହାଙ୍କର ଏବଂ ଓଡ଼ିଶାର ଯତ୍ନବାନ୍ ଶ୍ରୀଯୁକ୍ତ କମିଶ୍ନର ଇ, ଏଫ ଗ୍ରାଉସ୍‌ଙ୍କର ବିଶେଷ ମନୋଯୋଗ ଆକର୍ଷଣ କରୁଅଛୁଁ । ଆଶା କରୁଁ ଓଡ଼ିଶାର ବର୍ତ୍ତମାନ ଅବସ୍ଥା ବିବେଚନାରେ ଉକ୍ତ କଠୋର ନିୟମ ଶିଥିଳ କରିବାର ଉଚିତ ଉପାୟ ଅବଲମ୍ବନ କରିବାକୁ ଉଦ୍ୟତ ହେବେ ।

---

## ଧର୍ମଶାଳା ଅପହରଣ ।

ପୁରୀ ଜଗନ୍ନାଥବଲ୍ଲଭ ମଠର ଧର୍ମଶାଳା ଅପହରଣ ବିଷୟରେ ଏଥି ପୂର୍ବେ ଆମ୍ଭେମାନେ ଯାହା ପ୍ରକାଶ କରିଥିଲୁଁ ସେ ସମ୍ବନ୍ଧରେ 'ଜନୈକ ପୁରୀବାସି' ଙ୍କର ଖଣ୍ଡିଏ ପତ୍ର ଗତ ତା ୨୯ ରିଖର ପ୍ରଜାବନ୍ଧୁରେ ପ୍ରକାଶିତ ହୋଇଅଛି । ଲେଖକ ମହାଶୟ ଆମ୍ଭମାନଙ୍କର ଅନୁରୋଧ ଅନୁସାରେ ତାହାଙ୍କୁ ଜଣାଥିବା କଥାମାନ ପ୍ରକାଶ କରିବା ଅଭିପ୍ରାୟରେ ସେ ପତ୍ର ଲେଖିଥିବାର ସ୍ପଷ୍ଟ ବ୍ୟକ୍ତ କରିଅଛନ୍ତି ଅଥଚ ସେ ପତ୍ର ସଳଖବାଟେ ଦୀପିକାକୁ ନ ପଠାଇ ଲମ୍ବାବାଟେ ବୁଲି 'ପ୍ରଜାବନ୍ଧୁ' ଦ୍ୱାରା କାହିଁକି ପଠାଇଅଛନ୍ତି ତହିଁର ମର୍ମ ବୁଝି ପାରୁ ନାହୁଁ । ସେ କି ଦୀପିକା ସହିତ ସାକ୍ଷାତ ଭାବରେ କଥା କହିବାକୁ ଅଗୌରବ ମନେ କରନ୍ତି ନା ଦୀପିକାକୁ ଚିଠି ଦେବା ପ୍ରମାଦ ମଣନ୍ତି ? ଯାହା ହେଉ ଦୀପିକାକୁ ପ୍ରକୃତ ବିଷୟ ଜଣାଇବା ସକାଶେ ସେ ଯେ ବହୁ ଶ୍ରମ ସ୍ୱୀକାର ପୂର୍ବକ ତିନି ସ୍ତମ୍ଭରୁ ଅଧିକ ଦୀର୍ଘପତ୍ର ଲେଖିଅଛନ୍ତି ତହିଁପାଇଁ ଆମ୍ଭେମାନେ ତାହାଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛୁଁ । ମାତ୍ର ଆମ୍ଭମାନଙ୍କର ଦୁର୍ଭାଗ୍ୟ ଯେ ଯେଉଁ ବିଷୟରେ ପ୍ରକୃତ ସମ୍ବାଦ ଲୋଡ଼ିଥିଲୁ ତାହା ସେ ସ୍ପଷ୍ଟ କରି କହି ନାହାନ୍ତି । ପୁରୀ ମିଉନିସିପାଲିଟି ସେହି ଧର୍ମଶାଳାକୁ ଆଇନ ସଙ୍ଗତରୂପେ ଅଧିକାର କରିବା ବିଷୟରେ ଆମ୍ଭେମାନେ ସନ୍ଦେହ କରିଥିବାର ହେତୁ ଦେଖାଇଅଛୁଁ ଏବଂ ତାହା ଭ୍ରମଯୁକ୍ତ ଥିଲେ ସେହି ଭ୍ରମ ଭାଙ୍ଗିଦେବାକୁ ଅନୁରୋଧ କରିଥିଲୁଁ । ପତ୍ରପ୍ରେରକ ମହାଶୟ ତହିଁର ଉତ୍ତରରେ କହିଅଛନ୍ତି କି "ଧର୍ମଶାଳାର ପଶ୍ଚାଦ୍ଭାଗର ଖଣ୍ଡିଏ ଭୂମି ମିଉନିସିପାଲିଟିର ହସ୍ତଗତ ହେବାରୁ ଚେଅରମାନ ସାହେବ ଧର୍ମଶାଳାର ଉକ୍ତ ଅଂଶ ଗ୍ରହଣ କରିବାର ପ୍ରସ୍ତାବ କମିଟିର ମେମ୍ବରମାନଙ୍କ ନିକଟରେ ଉପସ୍ଥିତ କରି ଭୂମି ଗ୍ରହଣର ଆଇନାନୁସାରେ ସମସ୍ତ କାର୍ଯ୍ୟ କରି ଅଧିକାର କରିଅଛନ୍ତି ।" ଆମ୍ଭମାନଙ୍କର କ୍ଷୁଦ୍ର ବିବେଚନାରେ ଏତିକି ଉତ୍ତର ଯଥେଷ୍ଟ ନୁହେ ଏବଂ ତହିଁରେ ଆମ୍ଭମାନଙ୍କର ଭ୍ରମ ଘୁଞ୍ଚୁ ନାହିଁ । ଆଇନାନୁସାରେ କେବଳ ଖରିଦଦ୍ୱାରା ଅଥବା ସାଧାରଣ ପ୍ରୟୋଜନାର୍ଥେ ଗବର୍ଣ୍ଣମେଣ୍ଟ ବିଜ୍ଞାପନଦ୍ୱାରା ଅଧିକାର ଲାଭ ହୁଏ । ଧର୍ମଶାଳାର ପଶ୍ଚାଦ୍ଭାଗର ଖଣ୍ଡିଏ ଜମି ଅଥବା ଧର୍ମଶାଳାର ଯେଉଁ ଅଂଶ ଅଧିକାର କରାଯାଇଅଛି ସେହି କୋଠାଘର ଓ ତହିଁ ତଳ ଜମି କାହାଠାରୁ କେବେ କେତେ ମୂଲ୍ୟରେ କିପ୍ରକାର ଦସ୍ତାବେଜଦ୍ୱାରା ଖରିଦ ହୋଇଅଛି ଅଥବା ସେ ସମ୍ବନ୍ଧେ କେଉଁ ତାରିଖର କଲିକତା ଗେଜେଟରେ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ବାହାରିଅଛି ଏବଂ କେତେ କ୍ଷତିପୂରଣ ଧାର୍ଯ୍ୟ ହୋଇଅଛି ଏ ସମସ୍ତ ବିବରଣ ପତ୍ରପ୍ରେରକ କିଛି ଲେଖି ନାହାନ୍ତି । ପରନ୍ତୁ ସମ୍ପତ୍ତିର ତତ୍ତ୍ୱାବଧାନ ନିମନ୍ତେ ନିଯୁକ୍ତ ହୋଇଥିବା ମେମ୍ବରମାନଙ୍କର ସମ୍ପତ୍ତି ହସ୍ତାନ୍ତର କରିବା କିମ୍ବା ଧର୍ମଶାଳାରୂପେ ବ୍ୟବହାର ହେଉଥିବା ଘରମାନଙ୍କୁ ଅନ୍ୟ କାର୍ଯ୍ୟ ନିମନ୍ତେ ପଟ୍ଟା ଇତ୍ୟାଦିଦ୍ୱାରା ଲଗାଇ ଲାଭ କରିବାର ଅଧିକାର ଅଛି କି ନାହିଁ ଏହା ମଧ୍ୟ ବିବେଚନାର ବିଷୟ ଅଟେ । ପତ୍ରପ୍ରେରକ ମହାଶୟ ଏ ସମସ୍ତ ବିଷୟର ଯଥାର୍ଥ ଉତ୍ତର ଦେଲେ ଆମ୍ଭେମାନେ ବାଧିତ ହେବୁଁ । ଯେବେ ସେ ଏ ସମସ୍ତ ବିଷୟର ସଦୁତ୍ତର ନ ଦେବେ ତେବେ ତାହାଙ୍କ କଥାରେ କାହାର ମନ ମାନିବ କି ? ଧର୍ମଶାଳାରେ ବ୍ୟାଧିଗ୍ରସ୍ତ ବ୍ୟକ୍ତିମାନେ ଆଶ୍ରୟ ନେଇ ନାନା ପ୍ରକାର ମଇଳା କରୁଥିବା ଇତ୍ୟାଦି ଯାହା ଲେଖିଅଛନ୍ତି ସେ ସମସ୍ତ ସମ୍ବନ୍ଧରେ ଆମ୍ଭେମାନେ ଏତିକି କହୁଁ ଯେ ସେ ସମସ୍ତ ନିବାରଣର ଯଥେଷ୍ଟ ଉପାୟ ମିଉନିସିପାଲିଟିର ଆଇନରେ ଅଛି ଏବଂ ସମ୍ପତ୍ତି କାଢ଼ିନେବା ଗୋଟିଏ ଆଇନସଙ୍ଗତ ଉପାୟ ବୋଲି ମନକୁ ଆସୁ ନାହିଁ ।

---

## ପୁରୀ-ରଥଯାତ୍ରା ।

ଗତ ତା ୨ ରିଖ ରବିବାର ପ୍ରାତଃରେ ଶ୍ରୀଜୀଉଙ୍କର ଅନବସର ଭାଙ୍ଗି ଫିଟି ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା । ଦିବା ଘ ୧୨ ଟା ପର୍ଯ୍ୟନ୍ତ ଯାତ୍ରୀମାନେ ପରମାନନ୍ଦରେ ଦର୍ଶନ କରିଥିଲେ । ତହୁଁ ନେତ୍ରୋତ୍ସବାଦି କାର୍ଯ୍ୟ ହୋଇ ଦୈନିକ ନୀତି ସମାପ୍ତ ହୋଇଥିଲା ।

ତା ୩ ରିଖ ସୋମବାର ଉକ୍ତ ଯାତ୍ରାରେ କୌଣସି ଦ୍ୱାର ବନ୍ଦ ନ ଥିଲା । ଯାତ୍ରୀମାନେ ସ୍ୱଚ୍ଛନ୍ଦମନରେ ଗୁରୁଦ୍ୱାରବାଟେ ଗତାୟାତ କରି ମନ୍ଦିର ବୁଲି ଦେଖିଥିଲେ । ଏ ଦିନ ସକାଳ ଧୂପ ପରେ ଆଜ୍ଞାମାଳ ଆସି ପ୍ରାୟ ଘ ୨ ଟା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା ଏବଂ ତିନିରଥ ଏକ ଘଣ୍ଟା ମଧ୍ୟରେ ସିଂହଦ୍ୱାରରେ ଲାଗିଲେ ।

ତା ୪ ରିଖ ମଙ୍ଗଳବାର ଶ୍ରୀଗୁଣ୍ଡିଚା । ପୂର୍ବଦିନ ରାତ୍ରରୁ ରଥ ପ୍ରତିଷ୍ଠା ଶେଷ ହୋଇଥିଲା । ଏ ଦିନ ପ୍ରଭାତ ଖେଚଡ଼ି ଭୋଗ ଘ ୮ ଟା ମଧ୍ୟରେ ହୋଇ ଘ ୮॥ ଟା ସମୟରେ ପହଣ୍ଡି ବିଜେ ଆରମ୍ଭ ହେଲା ପ୍ରାୟ ୧୨ ଟା ସମୟରେ ଠାକୁରମାନେ ରଥାରୂଢ଼ ହେଲେ ଏବଂ ସଙ୍ଗେ ୨

Digitized by srujanika@gmail.com

Split by PDF Splitter



ରଥ ଟଣା ଆରମ୍ଭ ହେଲା । ପ୍ରଥମେ ବଳଦେବ ଜୀଉଙ୍କ ରଥ ତତ୍ପରେ ସୁଭଦ୍ରାଦେବୀଙ୍କର ଅବଶେଷେ ଶ୍ରୀ ଜଗନ୍ନାଥଦେବଙ୍କ ରଥ ଏକସଙ୍ଗେ ଟଣା ହୋଇଥିଲା । ମାଜିଷ୍ଟ୍ରେଟ ଓ ଡାକ୍ତର ସାହେବମାନେ ବଡ଼ ରଥ, ଇଞ୍ଜିନିୟର ସାହେବ ଠାକୁରାଣୀଙ୍କ ରଥ ଏବଂ ପୁଲିସ ସାହେବ ଜଗନ୍ନାଥ ଦେବଙ୍କ ରଥ ଟଣାରେ ଉପସ୍ଥିତ ଥିଲେ । ଅପରାହ୍ଣ ୪ ଘଣ୍ଟା ପୂର୍ବରୁ ତିନିରଥ ଗୁଣ୍ଡିଚା ମନ୍ଦିରରେ ଲାଗିଲେ । ପରଦିନ ବୁଧବାର ଅପରାହ୍ଣ ୫ ଘଣ୍ଟା ସମୟରେ ଠାକୁରମାନେ ପହଣ୍ଡି ବିଜୟ କରି ଗୁଣ୍ଡିଚା ମନ୍ଦିର ରତ୍ନସିଂହାସନାସୀନ ହେଲେ । ଶ୍ରୀଗୁଣ୍ଡିଚାର ଏକ ସପ୍ତାହ ପୂର୍ବରୁ ଯାତ୍ରୀ ସଂଖ୍ୟା ବଢ଼ିଥିଲା । ଦୈନିକ ୪ଟି ବାର ଟ୍ରେନ ଆସିବାରୁ ନବଯୌବନ ଦର୍ଶନ ଦିନ ପ୍ରାୟ ୪୦।୫୦ ହଜାର ଏବଂ ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି ସମୟରେ ବଙ୍ଗ ଓ ଅନ୍ୟ ଦେଶୀୟ ଯାତ୍ରୀସଂଖ୍ୟା ଅନ୍ୟୂନ ଦ ୬୦ ହଜାର ହୋଇଥିଲା । ଦେଶୀୟ ଆଗନ୍ତୁକ ଦର୍ଶକ ସମେତ ପ୍ରାୟ ଏକଲକ୍ଷ ଲୋକ ହୋଇଥିଲେ । ବଙ୍ଗାଳୀ ଯାତ୍ରୀ ଅଧିକ ଥିଲେ, ଘର ଭଡ଼ା ଅତ୍ୟନ୍ତ ହେବାରୁ ଅନେକ ଯାତ୍ରୀ ଅଠରନଳା, ମାଳତୀପାଟପୁର, ତୁଳସୀଚୌରା ପ୍ରଭୃତି ନିକଟସ୍ଥ ଗ୍ରାମମାନଙ୍କରେ ଅପେକ୍ଷାକୃତ ଅଳ୍ପ ଭଡ଼ାରେ ରହିଥିଲେ ଏବଂ ଗରିବ ଲୋକମାନେ ଦାଣ୍ଡ, ସମୁଦ୍ରପାର୍ଶ୍ୱ, ଗଛ ମୂଳମାନଙ୍କରେ ପଡ଼ି ରହିଥିଲେ । ରଥ ଟଣା ସମୟରେ ସିଂହଦ୍ୱାରଠାରୁ ମାଉସୀମା ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଥିଲା । ଏଥର ବର୍ଷା କିଛି ନ ଥାଇ ମେଘାଚ୍ଛନ୍ନ ହୋଇଥିବାରୁ ଯାତ୍ରିମାନେ ସୁଖରେ ପହଣ୍ଡି ଦର୍ଶନ କରି ରଥ ଟାଣିଥିଲେ । କେବଳ ରଥ ଟଣା ସମୟରେ ଅତି ସାମାନ୍ୟ ଧୂଳିମୟ ଏକ ଅଣ୍ଟା ବୃଷ୍ଟିଦ୍ୱାରା ଇନ୍ଦ୍ରଦେବ ଆପଣାର କର୍ତ୍ତବ୍ୟ ପାଳନ କରିଥିଲେ ଏବଂ ଯାତ୍ରିମାନଙ୍କର ପରିଶ୍ରାନ୍ତ ଓ ଗ୍ରୀଷ୍ମ-ପରିତପ୍ତ ଦେହରେ ସେ ବର୍ଷାବିନ୍ଦୁ ଅତି ତୃପ୍ତିକର ହୋଇଥିଲା । ସାମାନ୍ୟ ଯାତ୍ରୀ ରଥଟଣା ଦେଖି ପ୍ରସ୍ଥାନ କରୁଅଛନ୍ତି । ଅଧିକାଂଶ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ ଓ ଅନ୍ନ ମହାପ୍ରସାଦ ସେବା କରି ଯିବେ । ଅନେକ ଯାତ୍ରୀ ମଧ୍ୟ ଆସୁଅଛନ୍ତି । ସ୍ୱାସ୍ଥ୍ୟ ଅତି ଉତ୍ତମ ଅଛି ।

ରଥର ସମସ୍ତ କାର୍ଯ୍ୟ ତୃତୀୟ ଘଡ଼ି ଦିନ ପୂର୍ବରୁ ଶେଷ ହୋଇଥିଲା । ଗତବର୍ଷ ଅପେକ୍ଷା ଏ ବର୍ଷରେ କାର୍ଯ୍ୟ ଅଧିକ ହୋଇଥିଲା । ରଥର ସମସ୍ତ ଚିତ୍ରିତ ଚକମାନଙ୍କ ଅର ମଧ୍ୟରେ ଚକ ବାଡ଼ି ବନ୍ଧା ଯାଇଥିଲା । ପାର୍ଶ୍ୱ ଦେବତାମାନେ ସୁସଜ୍ଜିତ ମଣ୍ଡପ ମଧ୍ୟରେ ଗୃହ ପାଶରେ ସ୍ୱ ସ୍ୱ ସ୍ଥାନରେ ବସିଥିଲେ ରଥର ତଳ ପୀଠ ସମସ୍ତ ଚିତ୍ରିତ ହୋଇଥିଲା । ହଂସପଟା, ରୁହିପଟା ଏବଂ ନାନା ବର୍ଣ୍ଣର ନୂଆ ଫରୁଆମାନ ଯଥାସ୍ଥାନରେ ସନ୍ନିବେଶିତ ହୋଇଥିଲା । କାଷ୍ଠ ପୁତ୍ତଳିକାମାନ ପୀଠର ଚତୁଃପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଶୋଭା ବିସ୍ତାର କରୁଥିଲା । ସାରଥିମାନେ ଦିବ୍ୟ ପରିଚ୍ଛଦ ପରିଧାନ କରି ବସିଥିଲେ । ଶ୍ରୀଗୁଣ୍ଡିଚା ପୂର୍ବଦିନ ରଥତ୍ରୟ ସିଂହଦ୍ୱାରକୁ ଯିବା ପୂର୍ବରୁ ରଥ ମଣ୍ଡନ ହୋଇଥିଲା । ପୂର୍ବ ବର୍ଷ ପ୍ରାୟ କଟକ କାରିଗରମାନଙ୍କଦ୍ୱାରା ନିର୍ମିତ ନାନା ମୂର୍ତ୍ତି ଶୋଭିତ ପରଦାମାନ ରଥର ଗୃହ ପାଖରେ ଦିଆଯାଇଥିଲା । ଗୃହର ପତାକାଦ ଶୋଭିତ ରଥତ୍ରୟ ଅପୂର୍ବ ଶ୍ରୀ ଧାରଣ କରିଥିଲା । ବସ୍ତୁତଃ ଏ ବର୍ଷ ରଥ ସର୍ବାଙ୍ଗ ସୁନ୍ଦର ହୋଇଥିଲା । ସବୁ ଦଉଡ଼ି ସବୁ କଲିକତାରୁ ଆସିଥିଲା ଯେ ତଦ୍ଦ୍ୱାରା ରଥ ଟଣାର ବିଶେଷ ସୁବିଧା ହୋଇଅଛି ।

---

### ସୈନିକ କାର୍ଯ୍ୟପଦ୍ଧତିର ସଂସ୍କାର ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଭାରତର ରାଜକାର୍ଯ୍ୟ ନିର୍ବାହର ପ୍ରଧାନକର୍ତ୍ତା ଏବଂ ତାହାଙ୍କର ଅପର ଉପାଧି ଭାଇସରୟ ଅର୍ଥାତ୍ ରାଜପ୍ରତିନିଧି । ସେ ବ୍ରିଟିଶ ସମ୍ରାଟଙ୍କର ପ୍ରତିନିଧି ସ୍ୱରୂପ ଭାରତର ସମସ୍ତ ରାଜକାର୍ଯ୍ୟର ନିର୍ବାହର ଅଧିକାର ପାଇଅଛନ୍ତି । ଭାରତରେ ଆଉ ଯେତେ ସରକାରୀ କର୍ମଚାରୀ ଅଛନ୍ତି ସେମାନେ ସମସ୍ତେ ତାହାଙ୍କର ଅଧୀନ । ଗବର୍ଣ୍ଣର ଜେନେରଲ ବା ବଡ଼ଲାଟ ତାହାଙ୍କର ଅଧୀନସ୍ଥ ସମସ୍ତ କର୍ମଚାରୀଙ୍କ ମତ ବୁଝିବାରେ କାର୍ଯ୍ୟ କରିବାକୁ ସମର୍ଥବାନ୍ ଥିଲେହେଁ ଏହିପରି ନିୟମ ହୋଇଅଛି ଯେ ତାହାଙ୍କର କାଉନସିଲ ବା ମନ୍ତ୍ରୀସମିତିର ମେମ୍ବର ବା ସଭ୍ୟମାନଙ୍କ ସଙ୍ଗେ ବିଚାର କରି କାର୍ଯ୍ୟ କରିବେ । ମେମ୍ବରଙ୍କ ସଂଖ୍ୟା ୭ ଜଣ ଏବଂ ଏକ ଏକ ମେମ୍ବରଙ୍କୁ ଏକ ଏକ ବିଭାଗ ଯଥା, ଅର୍ଥ ବାଣିଜ୍ୟ, ସ୍ୱରାଜ୍ୟ, ପରରାଜ୍ୟ, ଆଇନ, ସୈନ୍ୟ, ପୂର୍ତ୍ତକାର୍ଯ୍ୟ, ବାଣିଜ୍ୟ ବ୍ୟବସାୟ ଘଟିତ କାର୍ଯ୍ୟ ବିଭାଗର ବିଶେଷ ଭାର ଦିଆଯାଇଅଛି । ସେ ଯାହାର ବିଭାଗର ସାମାନ୍ୟ କାର୍ଯ୍ୟ ମେମ୍ବରମାନେ ବଡ଼ଲାଟଙ୍କୁ ନ ଜଣାଇ ନିଜ ଆଦେଶରେ ନିର୍ବାହ କରନ୍ତି ଏବଂ ଗୁରୁତର କାର୍ଯ୍ୟରେ ବଡ଼ଲାଟଙ୍କର ଆଦେଶ ନେଉଛନ୍ତି ଏବଂ ବଡ଼ଲାଟ ଆବଶ୍ୟକ ମତେ ବିଶେଷ ଏକ ଅଥବା ସମସ୍ତ ମେମ୍ବରମାନଙ୍କ ପରାମର୍ଶରେ ଆଦେଶ ପ୍ରଦାନ କରନ୍ତି । ଏଥିପାଇଁକ ଭାରତର ଶାସନ କାର୍ଯ୍ୟ "ମନ୍ତ୍ରିସଭାଧିଷ୍ଠିତ ଗବର୍ଣ୍ଣର ଜେନେରଲ" ନାମରେ ନିର୍ବାହ ହେଉଅଛି । ଭାରତ ସେନାର ସେନାପତି ବା କମାଣ୍ଡର ଇନ ଚିଫ ସୈନିକ ବିଭାଗର ପ୍ରଧାନ କର୍ତ୍ତା ଏବଂ ଜଙ୍ଗୀଲାଟ ନାମରେ ବିଖ୍ୟାତ । ବଡ଼ଲାଟଙ୍କ ତଳେ ସେ ଦ୍ୱିତୀୟ ପ୍ରଧାନ କର୍ମଚାରୀ ଅଟନ୍ତି । କାଉନସିଲର ମେମ୍ବରମାନଙ୍କର ମର୍ଯ୍ୟାଦା ଲେଫ୍ଟନାଣ୍ଟ ଗବର୍ଣ୍ଣର ବା ଛୋଟଲାଟଙ୍କର ସମାନ ସୁତରାଂ ଜଙ୍ଗୀଲାଟଙ୍କର ନ୍ୟୂନ ଅଟେ । ମାତ୍ର କାର୍ଯ୍ୟପଦ୍ଧତି ଅନୁସାରେ ଜଙ୍ଗୀଲାଟ ଯେଉଁ ସବୁ ସୈନିକ ବିଭାଗର ମେମ୍ବରଙ୍କ ନିକଟକୁ ପଠାନ୍ତି ଓ ସେ ମନ୍ତ୍ରୀ ସାମାନ୍ୟ ବିଷୟମାନ ନିଜେ ମୀମାଂସା କରି ଦେଲେ ଜଙ୍ଗୀଲାଟ ତଦନୁସାରେ କାର୍ଯ୍ୟ କରନ୍ତି । ବର୍ତ୍ତମାନର ଜଙ୍ଗୀଲାଟ ବା ପ୍ରଧାନ ସେନାପତିଙ୍କ ମନକୁ ଏ ପଦ୍ଧତି ଭଲ ନ ଆସିବାରୁ ସେ ତହିଁର ପ୍ରତିବାଦ କରୁଅଛନ୍ତି । ତାହାଙ୍କର ଆପତ୍ତି ଏହି କି ଯେଉଁଠାରେ ସୈନିକ ବା ଯୁଦ୍ଧକାର୍ଯ୍ୟର ପ୍ରଧାନ ଭାର ତାହାଙ୍କ ଠାରେ ରହୁଅଛି ଏବଂ ଜୟ ପରାଜୟ ସକାଶେ ସେ ସମ୍ପୂର୍ଣ୍ଣ ଦାୟୀ ସେ ସ୍ଥଳେ ଗବର୍ଣ୍ଣମେଣ୍ଟକୁ ସେ ଯାହା ଜଣାଇବେ ତାହାଙ୍କଠାରୁ ନିମ୍ନପଦସ୍ଥ ସୈନିକ ବିଭାଗର ମନ୍ତ୍ରୀ ତହିଁର ସମାଲୋଚନା କରିବ ଏ ପ୍ରଥା ଭଲ ନୁହେ । ଏ ପଦ୍ଧତି ସଂଶୋଧନ କରିବା ଉଚିତ, ନୋହିଲେ ସେ କାର୍ଯ୍ୟରେ ଇସ୍ତଫା ଦେବେ । ଏହି ପ୍ରତିବାଦ ବଡ଼ଲାଟ ଲର୍ଡ ଏଲ୍‌ଗିନ ବାହାଦୁର ସକାଉନସଲରେ ବିଚାର କରି ଭାରତ ଗବର୍ଣ୍ଣମେଣ୍ଟକୁ ଲେଖିଲେ ଯେ ପ୍ରଚଳିତ ପଦ୍ଧତିରେ କିଛି ଦୋଷ ନାହିଁ ତାହା ସଂଶୋଧନ କରିବାର ଯଥେଷ୍ଟ କାରଣ ନାହିଁ । ଯୁଦ୍ଧର ଜୟ ପରାଜୟରେ ଜଙ୍ଗୀଲାଟଙ୍କଠାରୁ ବଡ଼ଲାଟଙ୍କର ଯଶ ଅପଯଶର ଦାୟିତ୍ୱ ଊଣା ନୁହେ ଏବଂ ଯେ ସ୍ଥଳେ ସକଳ ବିଭାଗର କାର୍ଯ୍ୟ ନିମନ୍ତେ ବଡ଼ଲାଟ ଦାୟୀ ସେ ସ୍ଥଳେ ଏକ ବିଭାଗର କର୍ତ୍ତାଙ୍କୁ ସେ ବିଭାଗର ସମସ୍ତ ଭାର ଦେବା ଉଚିତ ନୁହେ । ସୈନିକ ମନ୍ତ୍ରୀ ସର ଏଡମଣ୍ଡ ଲଲେସ ବାହାଦୁର ଲେଖିଲେ କି ଯେବେ ତାହାଙ୍କ ହେତୁ ସରକାରୀ କାର୍ଯ୍ୟର ବ୍ୟାଘାତ ଘଟୁଅଛି ତେବେ ସେ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି । ବିଲାତସ୍ଥ ଭାରତୀୟ ସେକ୍ରେଟରି ଅବ ଷ୍ଟେଟ ସମସ୍ତ ବିବେଚନା କରି ଜଙ୍ଗୀଲାଟଙ୍କର ପ୍ରସ୍ତାବ ମତେ କାର୍ଯ୍ୟପଦ୍ଧତି ସଂଶୋଧନ କରିବାର ଆଦେଶ ଦେଇ ଆସନ୍ତା ଅକ୍ଟୋବର ମାସରୁ ତାହା ଚଳାଇବାର ବନ୍ଦୋବସ୍ତ କରିବା କାରଣ ବଡ଼ଲାଟଙ୍କୁ ଅନୁରୋଧ କରିଅଛନ୍ତି ଏବଂ ସୈନିକ ମନ୍ତ୍ରୀଙ୍କର ଇସ୍ତଫା ଗ୍ରହଣ କରିଅଛନ୍ତି । ମାତ୍ର ଲର୍ଡ ଜର୍ଜ ତହିଁରେ ସମ୍ମତ ନ ହୋଇ ନୂତନ ପରିବର୍ତ୍ତନ, କରିବ,

Digitized by srujanika@gmail.com

Split by PDF Splitter



କାରଣ ଲେଖିଅଛନ୍ତି ଏବଂ ତହିଁ ସଙ୍ଗେ ଜଣାଇ ଦେଇଅଛନ୍ତି ଯେ ତାହାଙ୍କର ପ୍ରସ୍ତାବ ମତେ ପଦ୍ଧତି ପରିବର୍ତ୍ତିତ ନ ହେଲେ ସେ କାର୍ଯ୍ୟ ତ୍ୟାଗ କରିବେ । ଫଳତଃ ଇସ୍ତଫା ମଧ୍ୟ ପଠାଇ ଦେଇଅଛନ୍ତି । ବିଲାତର ସେକ୍ରେଟେରୀ ଏଥିରେ ବଡ଼ ବ୍ୟସ୍ତରେ ପଡ଼ିଅଛନ୍ତି । କଙ୍ଗିଷ୍ଟ କରନେର ବାହାଦୁରଙ୍କୁ ଛାଡ଼ି ପାରୁ ନାହାନ୍ତି ଏବଂ ଲର୍ଡ଼ କର୍ଜନଙ୍କୁ କୌଣସିମତେ ଛାଡ଼ି ନ ପାରନ୍ତି । ସେ ଇସ୍ତଫା ନାମଞ୍ଜୁର କରି ତାହାଙ୍କର ପ୍ରସ୍ତାବମାନ ସ୍ୱୀକାର କରୁଥିବାର ଲେଖିଅଛନ୍ତି ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଡେପୁଟୀ କଲେକ୍ଟର ବାବୁ ଯୋଗେନ୍ଦ୍ର ଦତ୍ତ ତାଲେଶ୍ୱର ଜିଲ୍ଲାର ଇନକମ୍ ଟିକସ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାବୁ ନିତ୍ୟାନନ୍ଦ ମର୍ଦ୍ଦରାଜ ୭ମ ଗ୍ରେଡ଼ର ସବ୍‌ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇ ଓଡ଼ିଶା ଡିଭିଜନରେ ଅବସ୍ଥାପିତ ହେଲେ ଓ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

କଟକ ରେଭେନ୍‌ସା କଲେଜର ଇନ୍ଟରମିଡ଼ିଏଟ ଏଫ. ଏ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଦ୍ୱୟ ୨ୟ ଗ୍ରେଡ଼ର ବୃତ୍ତି ପାଇଲେ ।

୧ ପ୍ରଭାସଚନ୍ଦ୍ର ପ୍ରଧାନ ୨ ସଚ୍ଚିଦାନନ୍ଦ ମଜୁମଦାର

କଟକ ଟ୍ରେନିଂ ସ୍କୁଲର ସନ ୧୯୦୪।୦୫ ସାଲର ଶେଷ ପରୀକ୍ଷାର ଫଳ ।

### ୧ମ ବର୍ଗ ।

| | |
|---|---|
| ପ୍ରମଥନାଥ ବାନାର୍ଜୀ | ଭଗବାନ ମିଶ୍ର |
| ମଣୀନ୍ଦ୍ରନାଥ ସରକାର | ଯଦୁମଣି ପଟ୍ଟନାୟକ |
| ତାରଣୀମୋହନ ବୋଷ | ରଜନୀକାନ୍ତ ସରକାର |

### ୨ୟ ବର୍ଗ ।

| | |
|---|---|
| ବୃନ୍ଦାବନ ମହାନ୍ତି | ଅଶ୍ୱିନୀକୁମାର ଦାସ |
| ଗଙ୍ଗାଧର ମହାନ୍ତି | ସନ୍ତୋଷକୁମାର ଦତ୍ତ |
| ପଦ୍ମଲୋଚନ ସ୍ୱାଇଁ | ନାରାୟଣ ପତି |
| ଗୁରୁଚରଣ ସେନା | କମଳସୁନ୍ଦେରୀ ଶାସ୍ତ୍ରୀ |
| ମହେନ୍ଦ୍ରଚନ୍ଦ୍ର ପାଲ | ଭୂପେନ୍ଦ୍ରନାଥ ବାନାର୍ଜୀ |
| ଧର୍ମଚନ୍ଦ୍ର ବସୁ | ଯୋଗେନ୍ଦ୍ରନାଥ ବସୁ |

### ୩ୟ ବର୍ଗ ।

| | |
|---|---|
| କାଳିକୃଷ୍ଣ ବାନାର୍ଜୀ | ନିରଞ୍ଜନ ଚକ୍ରବର୍ତ୍ତୀ |
| ନନ୍ଦକିଶୋର ମହାପାତ୍ର | ଉମେଶଚନ୍ଦ୍ର ସେନ |
| କାଳୀପଦ ଘୋଷ | ସେଖ ଅବଦୁଲ ଗନି |
| ମୁଦର୍ଶନ ମହାନ୍ତି | ବ୍ରଜକୃଷ୍ଣ ମହାନ୍ତି |
| ଗଡ଼ପାଲ ବାଳକୃଷ୍ଣ ସିଂହ | ଯଦୁମଣି ଦାସ |
| ଶ୍ରୋନଲ୍ଡ୍ ମରେଙ୍କ ନରସିଂହ | ହରେକୃଷ୍ଣ ଦେ |

---

ଗତ ରବିବାର ଏ ନଗରର ମହାନଦୀ ଓ କାଠଯୋଡ଼ିରେ ସାମାନ୍ୟ ବଢ଼ିପାଣି ଆସି ଅଳ୍ପ ଲାଗି ଦେଇଅଛି ।

ଗତ ସପ୍ତାହରେ ବୃଷ୍ଟି ଦିନା ଅବାଧ ମେଘାଚ୍ଛନ୍ନ ଥିଲା । କେବଳ ଗତ କାଲି ସୂର୍ଯ୍ୟଦେବଙ୍କର ଦର୍ଶନ ମିଳିଲା ।

ଏଠାର କାଳ ମହମ୍ମଦ ଅବଦୁଲ ସମଦ ତ୍ରିକ ସବାଡ଼ଚଣ ସବାଣେ ନଜେ ଟ ୨୫୦୦ ଙ୍କା ଏବଂ ଦୁଇଜଣ ଜାମିନଦାର ଟ ୧୦୦୦ ଙ୍କା ହେଲେ ଜାମିନନାମା ଲେଖିଦେବାର ମିଃ ଜନସାହେବ ଆଦେଶ ଦେଇଥିଲେ । ଅବଦୁଲସମଦ ହାଇକୋର୍ଟରେ ଅପିଲ କରନ୍ତେ ଉକ୍ତ ଅଦାଲତ ପୁଣି ମାଜିଷ୍ଟ୍ରେଟଙ୍କଦ୍ୱାରା ମୋକଦ୍ଦମାର ବିଚାର ହେବାର ଆଦେଶ ଦେଇଅଛନ୍ତି ।

ଖଣ୍ଡିକୋଟର ରାଜା ପୀଡ଼ିତ ହୋଇ ଦାର୍ଜିଲିଂକୁ ଆରୋଗ୍ୟ ନିମନ୍ତେ ଯାଇଅଛନ୍ତି ।

## ନାନାସ୍ଥାନ-ସମ୍ବାଦ ।

ପୁର୍ବ ୨ ବର୍ଷ ପରି ଚଳିତ ବର୍ଷ ଶିବସ୍ୱାଗାଗ୍ନ ନିବାସୀ ବ୍ରାହ୍ମଣମାନେ ଶ୍ରୀ କାନକାଖ୍ୟପତି ମହୋଦୟଙ୍କ କୃପାରେ ନିର୍ବିଘ୍ନରେ ଯାଗ ଓ ହରିହାଟ ସମାପନ କରିଅଛନ୍ତି, ଯାଗର ଶେଷ ଦିନ ରାଜା ମହୋଦୟ ନିଜେ ଯାଗ ମଣ୍ଡପରେ ଉପସ୍ଥିତ ହୋଇ ପୂର୍ଣ୍ଣାହୁତିର ବିଧାନ କରିଥିଲେ । ଶ୍ରୀମତୀ ରାଜମାତା ମହୋଦୟା ଶତାଧିକ ମୁଦ୍ରା ବ୍ୟୟ କରି ମଣ୍ଡପଟି ତିଆର କରାଇଦେଇଅଛନ୍ତି ।

ଗତମାସ ତା ୨୯ ରିଖରେ ଏବ ତା ୩୦ ରିଖରେ ବୃଷ୍ଟି ହେବାରୁ ଜଳାଭାବର ସକଳ ଅଭାବ ନିବୃତ୍ତ ହୋଇଅଛି ।

ଶ୍ରୀଷ୍ଟ ପ୍ରାବଲ୍ୟରୁ ଶ୍ରୀଯୁତ ରାଜା ମହୋଦୟ ପାଟମହାଦେଈଙ୍କ ସହିତ ସାତଭାୟା ନାମକ ସମୁଦ୍ର ନିକଟବର୍ତ୍ତୀ ନଗରକୁ ଗତ ଜୁନ ମାସ ତା ୧୮ ରିଖଠାରୁ ବିଜେ କରିଅଛନ୍ତି ।

ଶ୍ରୀଯୁକ୍ତ ରାଜା ମହୋଦୟ ପ୍ରସ୍ତାବ କରିଅଛନ୍ତି ଯେ କନିକା "ପଦ୍ମନାଭ" ସ୍କୁଲରୁ ଯେଉଁ ଛାତ୍ରମାନେ ସଂସ୍କୃତ ଉପାଧି ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ପଦକ ଟ ୧୫ ଙ୍କା ଓ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଦଶ ଟଙ୍କା ଏବଂ ପ୍ରତ୍ୟେକ ଉତ୍ତୀର୍ଣ୍ଣ ଛାତ୍ର ନିମନ୍ତେ ସ୍କୁଲର ପଣ୍ଡିତଙ୍କୁ ପାଞ୍ଚ ଟଙ୍କା ଲେଖାଏଁ ପ୍ରଦାନ କରିବେ । ଏପରି ଯଦ୍ୟପି କେହି ଉପଯୁକ୍ତ ଛାତ୍ର ଉକ୍ତ ସ୍କୁଲରେ ଅଧ୍ୟୟନ କରିବା ନିମନ୍ତେ ଉପସ୍ଥିତ ହେବେ ତେବେ ତାହାଙ୍କୁ ସ୍ୱୟଂ ପରୀକ୍ଷା କରି ବୃତ୍ତି ପ୍ରଦାନ କରିବେ । ଏତଦ୍ୱାରା ସ୍କୁଲଟି ଅଚିରରେ ଉନ୍ନତ ପଥରେ ଅଗ୍ରସର ହେବ ସନ୍ଦେହ ନାହିଁ ।

ସାଇବିରିଆ ରେଲ ବାଟରେ ଓଲଉଠା ରୋଗର ପ୍ରାଦୁର୍ଭାବ ହେଉଥିବାର ସମ୍ବାଦ ମିଳିଲା । ରୁଷିୟାରୁ ଘର ଅଭ ବିପଦ ଯୋଟିଅଛି ।

ଲକ୍ଷ୍ନୌ ମିଉନିସିପାଲିଟିର ଆୟ ବାର୍ଷିକ ପ୍ରାୟ ଦଶଲକ୍ଷ ଟଙ୍କା ଅଟେ । ପିଛଲା ବର୍ଷର ପ୍ରାୟ ଦେଢ଼ଲକ୍ଷ ଟଙ୍କା ଉଦ୍‌ବର୍ତ୍ତ ସହିତ ଗତ ବର୍ଷ ଏଗାର ଲକ୍ଷ ଟଙ୍କା ଆୟ ହୋଇଥିଲା ଏବଂ ବର୍ଷ ଶେଷରେ ପ୍ରାୟ ସାଢ଼େ ଦୁଇଲକ୍ଷ ଟଙ୍କା ଉଦ୍‌ବର୍ତ୍ତ ରହିଲା ।

ଜାପାନର ରାଜକୁମାର ଆରିସୁଗା ବା ଜର୍ମାନୀଠାରୁ ଜମେ କାନାଡ଼ା ଯାତ୍ରା କରିବାର ସମ୍ବାଦ ମିଳିଲା । ତାଙ୍କ ସଙ୍ଗେ ତାଙ୍କର ସହଧର୍ମିଣୀ ଅଛନ୍ତି । ସେମାନଙ୍କର ଉପଯୁକ୍ତରୂପେ ଅଭ୍ୟର୍ଥନା ହେବା ସକାଶେ କାନାଡ଼ାରେ ଉଦ୍‌ଯୋଗ ଲାଗିଅଛି ।

ବୋମ୍ବାଇଠାରେ ଗୋଟିଏ ପାଟମହଲ ଗୋଦାମ ଘର ପୋଡ଼ିଯାଇଥିବାର ସମ୍ବାଦ ମିଳିଲା । ଏଥିରେ ତିରିଶ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି ।

ଜର୍ମାନୀର ରାଜକୁମାର ସପତ୍ନୀକ ଗତ ମାସ ତା ୨୨ ରିଖରେ ବ୍ରସେଲ୍‌ସଠାରେ ପହଞ୍ଚିଥିଲେ । ସେଠାଁ ରାଜା ଲିଓପୋଲଡ ସ୍ୱୟଂ ଷ୍ଟେସନଠାରୁ ଯାଇ ତାଙ୍କୁ ସଙ୍ଗରେ ଆଣିଲେ ।

ଅଲିପୁରର ଜଜ ଘୋଷ ସାହେବ ଅପଣା କଚେରି ହତା ମଧ୍ୟରୁ ଦ୍ୱିତୀୟ ଶ୍ରେଣୀର ଘୋଡ଼ା ଗାଡ଼ି ପ୍ରବେଶର ନିଷେଧାଜ୍ଞା ଜାହିର କରିଥିଲେ । ମାତ୍ର ସେଠା ଓକିଲମାନେ ସେ ସମ୍ବନ୍ଧରେ ଆବେଦନ କରିବାରୁ ତାହା ପ୍ରତ୍ୟାହାର କରିଅଛନ୍ତି ।

ଆମ୍ଭମାନଙ୍କର ଯୁବରାଜ ସପତ୍ନୀଙ୍କ ସମରବ୍ୟାହାରରେ ଆଗାମୀ ଜାନୁୟାରୀ ମାସ ତା ୨ ରିଖରେ ଡାର୍ଲିଂଟନଠାରେ ଦରବାର ହେବାର ସ୍ଥିର ହୋଇଅଛି ।

ଗତ ମାସ ତା ୧୮ ରିଖରେ ସିମଲାଠାରେ ପ୍ରବଳ ବାତ୍ୟା ହୋଇଥିବାର ସମ୍ବାଦ ମିଳିଲା । ଅନେକ ଗୁଡ଼ିଏ ଘରର ଛାତ ଉଡ଼ିଯାଇଥିବାର କଥିତ ହୁଏ ଏବଂ କେତେ ଗୁଡ଼ିଏ ଘରର କପାଟ ଇତ୍ୟାଦି ଉଡ଼ିଗଲା । ଏ ବାତ୍ୟା ରାତ୍ରି କାଳରେ ଉପସ୍ଥିତ ହୋଇଥିବାରୁ ଅନେକ ଲୋକେ ଉପରୋକ୍ତ କାରଣରୁ ରାତ୍ରି ବୃଷ୍ଟି ଯାପନ କରିଥିଲେ । ସୁଖର ବିଷୟ ଯେ କୌଣସି ଲୋକ ମରି ପଡ଼ି ନାହିଁ ।

ହଂକଂ ଏବଂ ତହିଁର ଉପଶାଖାମାନ ବିଶେଷରୂପେ ବଢ଼ିଥିବାର ସମ୍ବାଦ ମିଳିଲା । ମୁତରାଂ ସେ ଅଞ୍ଚଳରେ ବିଲକୁ ପାଣି ଯୋଗାଇବା କାର୍ଯ୍ୟରେ ଆଉ କୌଣସି ଭୟ ନାହିଁ ।

ବଙ୍ଗଲାଭିତରେ ବାଙ୍କିପାଟୀର ସୁଧୀରକୃଷ୍ଣ ନାମକ ଜଣେ ଲୋକକୁ ମନାଚରଣ ହେବାରୁ ଗ୍ରାମବାସୀମାନେ ତାକୁ ଦେଖାରୁ ସେ ଗଛ ଡାଳରେ ଫାଶି ଦେଇ ଆତ୍ମହତ୍ୟା କରିଥିବାର ସମ୍ବାଦ ମିଳିଲା । ଗୋଟିଏ ଗୁପ୍ତ ମୋକଦ୍ଦମାରେ ଲିପ୍ତ ଥିବାରୁ ପୋଲିସ ଏହାର ଅନୁସନ୍ଧାନ କରୁଅଛନ୍ତି ।

କୋପେନହେଗେନଠାରେ ଡେନମାର୍କର ଗୋଟିଏ ଜାହାଜ ଇଂଲଣ୍ଡର ଗୋଟିଏ ଜାହାଜରେ ଧକ୍କା ଲାଗି ବୁଡ଼ିଯାଇଥିବାର ସମ୍ବାଦ ମିଳିଲା । ଏହି ଜାହାଜରେ ଯେଉଁ ଲୋକେ ନୌବିଦ୍ୟା ଶିକ୍ଷା କରୁଥିଲେ ଏବଂ ତହିଁରେ ଥିବା ଶିକ୍ଷାନବିଶଙ୍କ ମଧ୍ୟରୁ ୨୨ ଜଣ ବୁଡ଼ି ମରିଅଛନ୍ତି । ଏବଂ ୫୬ ଜଣ ଉଦ୍ଧାର ପାଇଅଛନ୍ତି ।

ଚୀନ ଦେଶର ବଣିକ ଏବଂ ଭ୍ରମଣକାରୀମାନଙ୍କୁ ମର୍ଯ୍ୟାଦ ଏବଂ ସମ୍ମାନ ଦେଖାଇବା କାରଣ ମାର୍କିନ ସରକାର ସବୁପଦ ଆଦେଶ କରିଅଛନ୍ତି । ଅନ୍ୟଥା କର୍ମଚାରୀମାନେ ପଦଚ୍ୟୁତ ହେବେ ।

କାବୁଲର ଅମୀର ଭାରତଗବର୍ଣ୍ଣମେଣ୍ଟଙ୍କଠାରୁ ବାର୍ଷିକ ୧୮ ଲକ୍ଷ ଟଙ୍କା ପାଉଥିବା ବିଷୟ ପାଠକମାନଙ୍କ ଜଣା ଅଛି ଭୂତପୂର୍ବ ଅମୀରଙ୍କ ମୃତ୍ୟୁ ହେତୁ ସନ ୧୯୦୧ ମସିହା ଅକ୍ଟୋବର ମାସଠାରୁ ଏହା ବାକି ଥିଲା । ବର୍ତ୍ତମାନ ସନ୍ଧିପତ୍ର ସ୍ୱାକ୍ଷରିତ ହେବା ବାଙ୍କି ଥିବା ପ୍ରାୟ ୬୦ ଲକ୍ଷ ଟଙ୍କା ଭାରତ ଗବର୍ଣ୍ଣମେଣ୍ଟଙ୍କ ଧନାଗାରରୁ ପାଇବେ ।

ଦକ୍ଷିଣ ଆଫ୍ରିକାରେ ଜର୍ମାନମାନେ ଦେଶୀୟ ଲୋକଙ୍କ ସହିତ ଯୁଦ୍ଧରେ ଲିପ୍ତ ଥିବାର ସମ୍ବାଦ ମିଳିଲା । ଗତ ମାସର ତା ୨୬ ରିଖର ସମ୍ବାଦରୁ ପ୍ରକାଶ ଯେ ଜର୍ମାନ ସେନା ଜୟ ଲାଭ କରିଅଛନ୍ତି ।

ଗତ ମାସ ତା ୨୬ ରିଖ ଅପରାହ୍ନ କାଳରେ ମାଲ୍‌ଟାଠାରେ ସାମାନ୍ୟ ଭୂମିକମ୍ପ ହୋଇଥିଲା । ଏ କମ୍ପ ଅତ୍ୟନ୍ତ ପ୍ରବଳ ଥିଲା ଏବଂ ବଡ଼ ୨ ଘରମାନ ବିଶେଷରୂପେ ଦୋହଲି ଯାଇଥିଲା । ମାତ୍ର କିଛି ଅନିଷ୍ଟ ହୋଇ ନାହିଁ

Digitized by srujanika@gmail.com

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଅଜ୍ଞାତ 'ଅଗ୍ରଯ'—ସେହାପୁର ଥାନାର ଅନ୍ତର୍ଗତ ମୌଜାରେ ଏକ ମହାଦେବ ସ୍ଥାପନ ନିମନ୍ତେ ସ୍ୱପ୍ନରେ ଆଦେଶ ପାଇଥିବାରୁ ମହାଦେବ ସ୍ଥାପନା ଏବଂ ମନ୍ଦିର ନିର୍ମାଣ ନିମନ୍ତେ ସର୍ବସାଧାରଣଙ୍କଠାରୁ ଭିକ୍ଷା ସାହାଯ୍ୟ ପାଇବାର ପ୍ରାର୍ଥନା କରିଅଛନ୍ତି ।

ଶ୍ରୀ ବୈଷ୍ଣବ ପାଣି—ମନ ଅକାରଣରେ ଶାନ୍ତି ଦେବା କାରଣ ନିକଟ ଗ୍ରାମରେ ତାହାର ଉଦ୍‌ଯୋଗକର୍ତ୍ତା ନିକଟରେ ଆବେଦନ କଲେ ଅଥବା ଫଉଜଦାରୀରେ ନାଲିଶ କରି ପ୍ରମାଣ କରିପାରିଲେ ଭଲ ହେବ । ସମ୍ବାଦପତ୍ର ପ୍ରକାଶଦ୍ୱାରା ସେ ଅଭିପ୍ରାୟ ସିଦ୍ଧ ହେବ ନାହିଁ ।

ଶ୍ରୀ ଚନ୍ଦ୍ରକିଶୋର ଦାସ—ଜନ୍ମାଳିର ଡାକ୍ତର ଶ୍ରୀ ସଙ୍କର ପ୍ରସାଦ କହିଲେ ଯେ ସେ କଟକ ମେଡ଼ିକଲ ସ୍କୁଲରେ ପାସ କରି ସନ ୧୯୦୪ ସାଲ ଫେବ୍ରୁଆରୀ ଗଭର୍ଣ୍ଣମେଣ୍ଟ ଲାଇସେନ୍ସ ପାଇଥିଲେ ସେ ସେଠାରେ ଭଲ କାର୍ଯ୍ୟ କରିବାର ଏବଂ ଗୁଜରାଟୀ ଗ୍ରାମର ଠାକୁରାଣୀ ପୂଜା ସମୟରେ ଜମା ହୋଇଥିବା ୫୧୬ ଘର ଯାତ୍ରୀ ଜଳକଷ୍ଟ ଭୋଗ କରିବାର ଦେଖି ସ୍ୱକରଦ୍ୱାରା ଏବଂ ଅନ୍ୟ ହାତରେ ଜଳକାଢ଼ି ଅନେକ ଲୋକଙ୍କୁ ଜଳ ଯୋଗାଇଥିବାର ଲେଖିଅଛନ୍ତି ।

ଶ୍ରୀ ଯଥାର୍ଥବାଦୀ—ଗତ ତା ୧୦ ଇଣ ର ଦୀପିକାରେ ପ୍ରକାଶିତ ଅନୁସନ୍ଧାନଙ୍କ ପତ୍ରର ଉତ୍ତରରେ ଲେଖିଅଛନ୍ତି ଯେ ବାବୁ ପରଶୁରାମ ସାହୁ ଡିଷ୍ଟ୍ରିକ୍ଟବୋର୍ଡରେ ଦେଶ ମିଶ୍ରଣ କରିବାରେ ; ସଭା ଦେଇ ନାହାନ୍ତି ଏବଂ ଭାଇସଚେୟାରମ୍ୟାନଙ୍କ ଉକ୍ତ କାହିଁକି ଅଧିବେଶନରେ ୬ଷ୍ଠ ପ୍ରସ୍ତାବ ଅନୁମୋଦନ କରିବାକୁ ଜାଣି କରି ନାହାନ୍ତି ତୋଧ ନିଜେ ଲେଖିଦେଲେ ଯଥାର୍ଥ ବାଦୀ ଶାନ୍ତ ହେବେ ।

ଶ୍ରୀ ଛୁଟୁ—ଆଗାମୀରେ ଅଗାମୀରେ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ହେମଲାଲ | ବଙ୍କିକିଶୋର କଟକ | ଟ ୨ |
| ମୁନ୍ସି ଇଶାକ ଖାଁ | ଖଳିଦା | ଟ ୨ |
| ବାବୁ ଶ୍ରୀ ହରିଚରଣ ଦାସ | ହେଃ ମାଃ କଲିଅନପ୍ରସାଦ-ସ୍କୁଲ ଅନୁଗୁଳ | ଟ ୩ |
| ମୁନ୍ସି ଓଁକାରୁଲ | କଟକ | ଟ ୧ |
| ବାବୁ ଶ୍ରୀ ରାଧାଚରଣ କୋଲ୍ହାର ସଃ ଇଃ ପୋଲିସ | କାମଡ଼ା | ଟ ୩ |
| ,, ଲକ୍ଷ୍ମୀଧର ମିହାର | କଟକ | ଟ ୨ |
| ,, ଜଗନ୍ନାଥ ସାହୁ ଓକେଶନ | ସୁତାହଟର | ଟ ୩ |
| ,, ପରମାନନ୍ଦ ଦାସ | କଟକଚଣ୍ଡୀ କଟକ | ଟ ୧ |
| ମହନ୍ତ ସନ୍ତ ଭଗମାନ ଦାସ | ଟିଗିରିଆ | ଟ ୧ |
| ବାବୁ ଶ୍ରୀ ସଜନଦାସ ଚୌଧୁରୀ ମୁନସଫ ଭଦ୍ରକ | | ଟ ୩ |
| ,, କପିଳ ମିଶ୍ର | ଜଗତସିଂହପୁର | ଟ ୩ |
| ,, ସଦାନନ୍ଦ ବେହୁରା ମଙ୍ଗଳାବାଗ କଟକ | | ଟ ୩ |
| ,, ଚକ୍ରଧର ଦାସ ଡାକ୍ତର ଗୁଲଟିପାଲଙ୍କ କଟକ | | ଟ ୨ |
| ,, ରଙ୍ଗନାଥ ରଥ ହେଡକ୍ଲର୍କ ହାଇସ୍କୁଲ କଟକ | | ଟ ୨ |

---

# ବିଜ୍ଞାପନ ।

ଜଗଦ୍‌ବିଖ୍ୟାତ ଉତ୍କୃଷ୍ଟଦେଶୀୟ ସ୍ୱର୍ଣ୍ଣର ଅଳଙ୍କାର ନକଲ ରୋଲ୍‌ଡ ଗୋଲ୍‌ଡ ବା ଅଷ୍ଟଧାତୁ—ଟ୍ରେସ୍ ବ୍ରଦରସ ଓ କମ୍ପାନୀ

ଅସ୍ମାନଙ୍କର ବିଖ୍ୟାତ ଉତ୍କୃଷ୍ଟ ଦେଶୀୟ ସୁବର୍ଣ୍ଣାଳଙ୍କାର ଅଳ୍ପ ମୂଲ୍ୟରେ ମିଳୁଥିବା ସକ୍ତେ କାହିଁକି ତୁମ୍ଭେମାନେ ବହୁ ମୂଲ୍ୟ ସୁବର୍ଣ୍ଣାଳଙ୍କାର କ୍ରୟ କରିବାଦ୍ୱାରା ଆପଣାର ଟଙ୍କା ବୃଥା ନଷ୍ଟ କରିବ ।

ଅସ୍ମାନଙ୍କର ଜହରତମାନ, ଅଙ୍ଗୁଠି, ଗଠନ ଓ ଉଜ୍ଜ୍ୱଳତା ର ଅତି ଉତ୍କୃଷ୍ଟ ପ୍ରକୃତ ଜହରତ ଅପେକ୍ଷା କୌଣସି ପ୍ରକାରେ ନିକୃଷ୍ଟ ନୁହେ । ଅସ୍ମାନଙ୍କର ନକଲ ଅଳଙ୍କାର ମାନ ପ୍ରକୃତ ସ୍ୱର୍ଣ୍ଣାଳଙ୍କାର ସହିତ ତୁଳନୀୟ ହୋଇପାରେ ସୁଦକ୍ଷ ଜହୁରିମାନେ ମଧ୍ୟ ଉଭୟରେ କୌଣସି ଦୋଷ ଦେଖାଇବାକୁ ଅକ୍ଷମ, ।

ସମ୍ଭ୍ରାନ୍ତ ବ୍ୟକ୍ତି ଓ ମହିଳାମାନଙ୍କର ଉପହାର ମୁଦି



| | |
|---|---|
| ୧ ନର ମର୍ଦ୍ଦନାଙ୍କିତ ମୁଦି | ଟ ୧। |
| ୨ ମୋହର ଯୁକ୍ତ ମୁଦି | ଟ ୧( |
| ୨ ନବାବ ଅଙ୍ଗୁଷ୍ଠ | ଟ ୧( |
| ୩ ମୋହର ଯୁକ୍ତ ମୁଦି; ଓ ୪ ସହାସ ପଦ୍ମ-ବାସ୍ପ ଅଳଙ୍କୃତ ଓ ଛଅ ଛଡ଼ ଯୁକ୍ତ | ଟ ୧। |
| ୫ ଏକଖଣ୍ଡ ସ୍ଥାନକ ଯୁକ୍ତ ନକ୍ଷତ୍ରାକାର ମୁଦି | ଟ ୧। |
| ୬ ସର୍ପଫଣାରେ ଏକଖଣ୍ଡ ହୀରକ ଯୁକ୍ତ ମୁଦି | ଟ ୧। |
| ୭ ଫଣାରେ ସ୍ଥାନକ ଓ ନୀଳକାନ୍ତ ମଣିବସା ସୁନ୍ଦର ସର୍ପଯୁକ୍ତ ମୁଦି | ଟ ୨ |
| ୮ ଓ ୨ ଗ୍ର ସ୍ଥାନକ ଓ ଏକଖଣ୍ଡ ଚନ୍ଦ୍ରବସା ଜଗତ ଛସ ଯୁକ୍ତ ମୁଦି | ୨ |
| ୯ ଏକଖଣ୍ଡ ନୀଳକାନ୍ତ ମଣି ଓ ଓ ୨ ଗ୍ର ଚୂନୀ ବସା ମୁଦି | ଟ ୨ |
| ୧୦ ଦୁଇ ସୁନ୍ଦର ମଧ୍ୟସ୍ଥିତ ପାନଯୁକ୍ତ ମୁଦି, | ଟ ୧। |
| ୧୧ ମୋହର ଯୁକ୍ତ ଚକ୍ରାକାରଚିତ୍ରା ମୁଦି | ୧( |
| ୧୨ ଗ୍ରନ୍ଥ ମୁକ୍ତାକାର ମୋହର ଯୁକ୍ତ ମୁଦି | ୧( |

କଲାମଲେଁ ଉପହାର

ଏକ ଟଙ୍କାର ଏକ ଡଜନ ମୁଦିର ନେଲା ଏକଗୋଟ ପ୍ରତ୍ୟେକ କ୍ରେତା ନୋଟ ମୁଦି ଘଡ଼ିର ଯୁକ୍ତ ଲକେଟ ଚମିତ ସହ ଚେନ ଅଦ୍ଭୁତ ଉପହାର ପାଇବେ । କର୍ମାନ ବ ୨ ବା ଦ୍ୱାରା ଚଟ୍ଟିତ କରିବ ଦେବେ, ପତ୍ରଦ୍ୱାରା ଟ୍ରପ୍ ଅତେ ପ୍ରାର୍ଥନା କରୁଅଛୁଁ । ଆବଶ୍ୟକ ହେଲେ ସମସ୍ତ ଜିନିଷ ଷ୍ଟାମ୍ପରେ ମଧ୍ୟ ପଠାଇ ଦେଇପାରୁଁ । ପ୍ୟାକିଂ, ଡାକଖର୍ଚ୍ଚ ଓ ଭି, ପି, କମିଶନ ଇତ୍ୟାଦି ମୂଲ୍ୟ ସଙ୍ଗେ ଯୋଗ ହେବ ଇଂରାଜୀରେ ନାମ ଓ ଠିକଣା ଲେଖି ପଠାଇବା ଆବଶ୍ୟକ ଜନ୍ମଦିନ ଠିକଣାକୁ ଅବଶ୍ୟ ପଠାଇବା ହେବେ ।

Apply to The Manager—
The Inland Agency & Co.
21 Kupalitollah Un.
Bowbazar Calcutta

---

# ବିଜ୍ଞାପନ ।

# ଯାଦୁର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମଦୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଯାଦୁଦୋଷର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ବୃଥା ହତାଶ ବା ଉପଲମନୋରଥ ହୋଇଅଛନ୍ତି, ତାହା ଜ୍ୱାଳା ଯନ୍ତ୍ରଣାରେ ନିର୍ଦ୍ଦୋଷରୂପେ, ସ୍ଥାୟୀରୂପେ ଏ ରୋଗ ହାତରୁ ମୁକ୍ତି ପାଇବାର ଅଭିଳାଷ କରନ୍ତି ସେମାନେ ଏହି ସର୍ବକାଳର ସୁପରୀକ୍ଷିତ ସହ, ୨ ଲୋକଙ୍କର ପ୍ରଶଂସିତ ମହୌଷଧକୁ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ମନୁଷ୍ୟ ଦେହର ଯାଦୁ କ୍ୟାରାଡ଼ ପଶୁ ଦେହରେ ମାଡ଼ସବା ଯାଦୁ ପର୍ଯ୍ୟନ୍ତ ଭଲ ହୋଇ ଯାଉଅଛି । ଏହାର ଏପରି ଗୁଣକୁ ଦେଖି ପ୍ରକୃତରେ ବଡ଼ ଲୋକ ଆଶ୍ଚର୍ଯ୍ୟାନ୍ୱିତ । ଏ ଔଷଧରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡବା ଟ ୦।୯/, ୩ ଟ ୧, ୭ ଟ ୧୩, ୧୨ ଟ ୩

# କାଟୁର ମହୌଷଧ ।

ସବପ୍ରକାର କାଟୁ ବା ଶାଳସ୍ତ, ବ୍ରଣ୍ଶଣ, ନାନାପ୍ରକାର ଦଗ୍ଧିଘାତ ରୋଗ, ସୀ ଉପରେ ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅତଦିନ ମଧ୍ୟରେ ରୋଗ ନାଶଶକ୍ତିପର ହୁଏ ଯାଇଥାଏ । ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବିସ୍ମିତ ହୋଇ ଧନ୍ୟ ବାଦ ଦେଉଅଛନ୍ତି । ଅଦ୍ୟାବଧି ମଧ୍ୟରେ ଏହା ସାମାନ୍ୟ ପର୍ଣ୍ଣକୁଟୀ ବାସିନ୍ଦାଠାରୁ ରାଜାଧିରାଜଙ୍କଠାରେ ସମାନ ଆଦର ପାଇଅଛି ପରୀକ୍ଷା ଏକାନ୍ତ ବାଞ୍ଛନୀୟ ଏହାହିଁ କହୁଅଛୁଁ ।

ମୂଲ୍ୟ ୧ଡବା ଟ ୩, ୩ ଟ ୧।୯/, ୬ ଟ ୨୬, ୧୨ ଟ ୪ ।

ଗ୍ରାହକମାନେ ଚଳନରେ ନାମ, ଗ୍ରାମ, ଡାକଘର, ଜିଲା ଏବଂ କାହାର କେଉଁ ଔଷଧରୁ କେତେ ଡବା ଆବଶ୍ୟକ ସ୍ପଷ୍ଟରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।

ଶ୍ରୀ ରାମଚାନ୍ଦ ସେନ

କେୟା ଉତ୍କଳପ୍ରେସ, ବା ମାଜିଷ୍ଟ୍ରେଟ ଷ୍ଟ୍ରୀଟ; ବାଲେଶ୍ୱର ।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଦେଖନ୍ତୁ ! ଦେଖନ୍ତୁ ! ଦେଖନ୍ତୁ !

### ପ୍ରତ୍ୟେକ ଗୃହସ୍ଥର ପ୍ରୟୋଜନରେ

ଲଭର ଔଷଧ, ଅଜୀର୍ଣ୍ଣ, ଅମ୍ଳଶୂଳ, କଲେରା, ଘୁଙ୍ଗ୍ରିଦସ୍ତର ଟ ୩ ; ଜ୍ୱରଜର ଔଷଧ ଟ ୩୵ ; ନେଇଲ୍‌ବସ୍ଥ ରେଗୁଲେଟର ଔଷଧ ଟ ୪ । ; ଟ ୫୵ ଓ ଟ ୧ ; କୋରଣ୍ଡଳଗର ତୋଂ ଔଷଧ ଟ [illegible] ଏକକ ରୌପ୍ୟ ଦୃଢ଼ିଂ ଟ ୧୩ ଓ ୧୫ ; ଲଣ୍ଠ [illegible] ୧୨ ; ୫, ୬, ଟ ୩ ଟଙ୍କା ; ଏକସୋଲେସ୍ତ ଔଷଧ ଟ [illegible] ଟଙ୍କା ଥାଇମଷ୍ଟ (ସଖା ଓ ଅଧସଖା ବାକ୍ସକାର) [illegible] ଟଙ୍କା । ପ୍ରତ୍ୟେକ ଘରର ସେଟେଣ୍ଡି ତଥ ଯାଏ [illegible] ଲ ପୃଥକ୍ ଲଗେ । ଭି, ପି, ନାହିଁ ।

ଅଭି ଔଷଧାଳ ଷଡରେ ରଖନ୍ତୁ (୧) "ସଲଫର୍", ଏ ହିକାର, ଅଣ୍ଠ ଓ ଚିଟିବାର ଦସ୍ତର ଦୂରକ ସବ ପ୍ରକାର ଚର୍ମ ଓ ସୁଜନ ବାତରୋଗର ଅତି ସବୁଜ ଅରୋଗ୍ୟ କରେ । (୨) "ହିଲନ୍" ଏ ସବପ୍ରକାର ଘା, କ୍ଷତ, ନାଲି ଘାର ଏକମାତ୍ର ଔଷଧ । (୩) "ଅଲନ୍" ଏ ସବପ୍ରକାର ଅର୍ଶ, ଅଗ୍ନିମାନ୍ଦ୍ୟାଦର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଟଙ୍କା ମାତ୍ର । ମାଶୁଲଦ ଟ ୦ ।୵ ଅଣାର ଅଧିକା ପରୀକ୍ଷା ପ୍ରାର୍ଥନୀୟ ।

ଏମଲ ଷାର, ନୋଂ ୫ ୧୯, କଲୁଟୋଲା ଷ୍ଟ୍ରୀଟ, ସାଁକଲୀଆ କଲିକତା

---

ଗଭର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ

ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବାବୃଷ୍ଟ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଖାଲି, ନେତ୍ରିଶୂ ଦୌର୍ବଲ୍ୟ ସ୍ନାୟବିକ ଦୁର୍ବଳତା ଜନିତ ମୁଣ୍ଡ ଘୂରା, ଉଜାଗର, ବୁଦ୍ଧି ଦୌର୍ବଲ୍ୟ ଏ ସାରୁର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପାଙ୍କଂ ଓ ଡାକମାଶୁଲ ଟ ୦ ।୵

# ପ୍ରମେହ ବିନ୍ଦୁ ।

ସବପ୍ରକାର ମେହ ବା ଗନୋରିୟାର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସଲ୍ଫଣ୍ଡୁସ୍ରାବ ଫୁଲ ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସ୍ପଷ୍ଟ ବିଶେ ଉନ୍ନତିର ଅରୋଗ୍ୟ ଲାଭ କରନ୍ତି । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରିଷ ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷ ଡାକମାଶୁଲ ଟ ୦ ।୵

# ଅଶୋକାରିଷ୍ଟ ।

ସବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ପେଟର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବାନ୍ତରେ ଦୁର୍ବଳ ରୋଗର ଅବସ୍ଥା ଦୂରୀଭୂତ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷ ଡାକ ମାଶୁଲର ଟ ୦ ।୵

## ଅମୃତ ବଲ୍ଲୀ କଷାୟ ।

ପାରଦୋକ୍ଷତ ଜାଣିବ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୷ ଡାକମାଶୁଲର ଟ ୦ ।୵

## ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅଶ୍ୱ ଦୂରକାରକ ଅବ୍ୟର୍ଥ ମହୌଷଧ । ଷୁଦ ସପ୍ତାହ ବ୍ୟବହାରେପରେ ଶୀ ଔଷଧର ମୂଲ୍ୟ ଟ ୪ ଡାକମାଶୁଲର ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନସ୍ୱମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ ବୃତ୍ତର ଅପରିମିତ ସହବାସ ହେତୁ ସ୍ମୃତି ଶକ୍ତି ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପଚୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଗୁଳ କୌଟା ବଟିକା ଟ ୪ ଡାକମାଶୁଲ ପ୍ରଭୃତ ଟ ୦୵

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତ

ମୂଲ୍ୟ ଟ ୧ ଡାକମାଶୁଲର ଟ ୦ ।୵

### ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ

କଟକର ଏକମାତ୍ର ଏଜେଣ୍ଟ

ବାଲୁବଜାର, ଚାନ୍ଦନୀଚୌକ, କଟକ

ଅବା ନଗେନ୍ଦ୍ରନାଥ ସେନ କବିରାଜ

୧୮।୧ ଓ ୧୯ ଲୋୟରଚିତ୍ପୁର ରୋଡ

କଲିକତା

---

# ବିଜ୍ଞାପନ ।



## ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପେଟେଣ୍ଟ ବ୍ୟାପ୍ତ

# ସର୍ବଜ୍ୱର ଗଜସିଂହ ।

୪୮ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୷ ମଧ୍ୟମ ଟ ୧୧ ଛୋଟ ଟ ୦ ୵ ଡାକମାଶୁଲ ୧ଠାରୁ ୭ ଶିଶି ଟ ୦ ।୵

# କଣ୍ଡୁ ଦାବାନଳ ।

ଖାଜୁ ଆଦି ଚର୍ମରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାଶୁଲ ୧ଠାରୁ ୭ ଶିଶି ଟ ୦ ।୵

# ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଜାବୁଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାଶୁଲ ୧ଠାରୁ ୧୨ ଶିଶି ଟ ୦ ।୵

ଏହି ନକଲ ହୋଇଅଛି ଏଥିପାଇଁ ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି କିଣିବ କରିବେ । ଏହା ସକଳ ନଗର ବଡ଼ ଦୋକାନରେ ପାଇବେ ନ ପାଇଲେ ମୁଦ୍ରାକାର ଯେ କୌଣସି ଷ୍ଟାନକୁ ଯେ କେହି ଷ୍ଟାମ୍ପ ସ୍ଥାନରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱେଲରେ ପଠାଇବୁଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେବୁଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି

ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଧାରବାତ୍ରପାତ କବିରାଜ ଟେଲି ଗୁପ୍ତ ଭଣ୍ଡାର ।

Lal Mohan Saha Sankhanidhi
Baburbazar, Dacca.

---

## ଦୀପଦବନ୍ଧୁ ଔଷଧାଳୟ ।

କଟକ ଚାନ୍ଦିନୀଚୌକ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେଁ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ସ୍ଥଳ ଭିନ୍ନ ରେଲ୍‌ୱେପେବଲ ପାର୍ଶ୍ୱେଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜବାବପଳପିଆ ଭାକଟୀକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍‌ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ଦୀପଦବନ୍ଧୁ ଔଷଧାଳୟ
ଚାନ୍ଦିନୀଚୌକ ବଜାର, କଟକ
୩୦।୬।୧୯୦୪

ଶ୍ରୀ ବାଲକୃଷ୍ଣ ଦାସ
କବିରାଜ
ଶ୍ରୀ ରାମକୃଷ୍ଣ ସେନ

---

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholerol, specific-tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S. Worli—Dadar Bombay and everywhere.

At Re. 1 per bottle Discount to the Trade.

Digitized by srujanika@gmail.com

# ନବରତ୍ନ ।



ଏହା ନବରତ୍ନ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବାହୁଲ୍ୟ ଅନାବଶ୍ୟକ ।

୧ । ଧନ୍ୱନ୍ତରୀ ବଟିକା—ପ୍ରକୃତରେ ଧନ୍ୱନ୍ତରୀ । ଏହା କାଶ, ଶ୍ୱାସ, ଜ୍ୱର, ପେଟ ଓ ଗର୍ଭିଣୀ, ସୂତିକା ପ୍ରଭୃତି ସମସ୍ତ ରୋଗ, ସୁଶୁନି ଓ ପଥରୀ, ବାତ ରୋଗରେ ଓ ସ୍ତ୍ରୀଲୋକଙ୍କ ସମସ୍ତ ରୋଗ ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—୧ ନମ୍ବର ଡବା ( ୨୫ ବଟିକା ) ଟ ୦ ।୵ ୨ ନମ୍ବର ଡବା ( ୫୦ ବଟିକା ) ଟ ।୵ । ୩ ନମ୍ବର ଡବା ( ୧୦୦ ବଟିକା ) ଟ ୧।୵ ।

୨ । ଦଦ୍ରୁ ଦାବାନଳ—ଏହା ଦାଦ, ଉକୁଣି, କୋଡ଼ ବା ଚର୍ମରୋଗ ଓ ଖାଜି ପ୍ରଭୃତି ସର୍ବପ୍ରକାର ଚର୍ମରୋଗର ପରୀକ୍ଷିତ ଓ ଅମୋଘ, ଜ୍ୱାଳା ଯନ୍ତ୍ରଣା ଶୂନ୍ୟ, ଅଶ୍ଚର୍ଯ୍ୟ ଫଳ ଓ ସୁଲଭ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରିବାର ଭୟ ନାହିଁ । ମୂଲ୍ୟ—୧ ଡବା ଟ ୦ । ଡଜନ ଟ ୨।

୩ । ଦନ୍ତ ଦାବାନଳ—ଏଥିରେ ଦାନ୍ତ ଯନ୍ତ୍ରଣା ପ୍ରଭୃତି ଦାନ୍ତର ସମସ୍ତ ରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ ଦାନ୍ତରେ ଥିବା ଦୁର୍ଗନ୍ଧ ଦୂରହୁଏ ଓ ଦାନ୍ତ ଦୃଢ଼ ହୁଅନ୍ତି । ମୂଲ୍ୟ ପ୍ରତି ଡବା ଟ ୦ ।, ପ୍ରତି ଡଜନ ଟ ୨ ।

୪ । ଶତଗୁଳାନ୍ତକ—ଏଥିରେ ସର୍ବପ୍ରକାର ଗୁଳା ଅର୍ଥାତ୍ ଶୂଳି, ପେଟ ଫୁଲା ଓ ଅଜୀର୍ଣ୍ଣ ପ୍ରଭୃତି ଶୀଘ୍ର ଆରୋଗ୍ୟ ହୁଏ । [illegible] ମୂଲ୍ୟ—୧ ଡବା ଟ ୦ । ଓ ଡଜନ ଟ ୨।

୫ । ଶୂଳଗଜାଙ୍କୁଶ—ଏଥିରେ ବାତଶୂଳ, ପିତ୍ତଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡବା ଟ ।; ପ୍ରତି ଡଜନ ଟ ୧୨ ଣା ।

୬ । ପ୍ରମେହକୁଠାର—ଯୌବନର ପ୍ରଥମାବସ୍ଥାରେ ପ୍ରମେହ ରୋଗର ପରିଣାମ । ଏହା ସେବନ କଲେ ରୋଗ ଆରୋଗ୍ୟ ହୁଏ । [illegible] ଔଷଧ ପ୍ରମେହକୁଠାର । ଏହାର ସେବନରେ ୭ ଦିନ ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ଦୂର ହୁଏ । ଏହା ସେବନ ଧାତୁଦୌର୍ବଲ୍ୟ ଓ ଅନ୍ୟାନ୍ୟ ରୋଗ ଦୂର କରେ । [illegible] ମୂଲ୍ୟ—ପ୍ରତି ଡବା ଟ ୧।୵; ପ୍ରତି ଡଜନ ଟ ୧୨।୵ ।

୭ । ଲକ୍ଷ୍ମୀବିଳାସ ତୈଳ—ଏହା ମୁଣ୍ଡ ଓ ମସ୍ତିଷ୍କର ସର୍ବପ୍ରକାର ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ପ୍ରତି ଶିଶି—ଟ ୦ ।୵; ଡାକବ୍ୟୟ ଟ ।୵ ଣା ।

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ । ଦୁର୍ବଳତା ଓ ଶୀର୍ଣ୍ଣତା ରୋଗର ଅତ୍ୟନ୍ତ ଉପକାରୀ ଔଷଧ । ଅଜୀର୍ଣ୍ଣ ପ୍ରଭୃତି ଏଥିରେ ଆରୋଗ୍ୟ, ଗର୍ଭିଣୀ, ପ୍ରସୂତି, ଦୁର୍ବଳ, ବୃଦ୍ଧ, ପ୍ରଭୃତି ସେବନ କରିପାରନ୍ତି । ମୂଲ୍ୟ—ପ୍ରତି ଶିଶି ଟ ୧ ଓ ଡଜନ ଟ ୧୦ ଣା ।

୯ । ଭାସ୍କର ତୈଳ—ଏହା ଅପସ୍ମାର, ଅର୍ଦ୍ଧାଙ୍ଗ ପ୍ରଭୃତି ଓ ଅସାଧ୍ୟ ବାତ ରୋଗ ଓ ଅନ୍ୟ ସର୍ବପ୍ରକାର ଦୁର୍ବଳ ଓ ସ୍ନାୟବିକ ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୧।; ଡାକ ଖର୍ଚ୍ଚ ଟ ।୵ ଣା ।

ଏତଦ୍ଭିନ୍ନ ନିମ୍ନଲିଖିତ ଔଷଧମାନ ଏଠାରେ ମିଳେ, ଯଥା—

| | | | | |
|---|---|---|---|---|
| ମହାନାରାୟଣ ତୈଳ | ପ୍ରତି ଶିଶି | ଟ ୨ | ଡାକବ୍ୟୟ | ଟ ।୵ |
| ପାନମହୁରିର ଅର୍କ | „ | ଟ ୧ | „ | ଟ ।୵ |
| ଅମୃତାଦି ଶାଳସା | „ | ଟ ୧। | „ | ଟ ୧।୵ |
| ମାଲକାଙ୍ଗୁନି ତୈଳ | „ | ଟ ୦।୵ | „ | ଟ ।୵ |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାପତି ଦାସ ବାଲେଶ୍ୱର

## ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାତ୍ରା ଟ ୦ ।୵

ରକ୍ତାମାଶୟର ମହୌଷଧ ସେବନରେ ସେହିକ୍ଷଣି ପେଟ ବନ୍ଧ ହୋଇ ଓ ଭଲ ଲାଭ ହୁଏ । ଏହା ସର୍ବଦା ଶୀଘ୍ର ଆରୋଗ୍ୟ ହୁଏ ।

ଗନୋରିଆ ବା ପ୍ରମେହ ମେହ । **ସୁଧାରତ୍ନ** ଅମୋଘ ଔଷଧ

ସେବନରେ ପ୍ରଥମ ଦିନରୁ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଆଦି ଦୂର ହୁଏ । ଗନୋରିଆ ବା ପ୍ରମେହ ଅତି ଅଳ୍ପ ସମୟରେ ଆରୋଗ୍ୟ ହୁଏ, ୭ ଦିନ ମଧ୍ୟରେ ବିଶେଷ ଫଳ ଦେଖାଯାଏ ।

ମୂଲ୍ୟ ଏକଫାଇଲ ୧୪ ଣା ଡା. ଟି ୦ ।୵ ।

## ସର୍ବଶ୍ୱାସାନ୍ତକ ମହୌଷଧ

( ଶ୍ୱାସକାଶ ବ୍ୟାଧିର ଅବ୍ୟର୍ଥ ଔଷଧ )

ମୂଲ୍ୟ ଏକ କୌଟା ୧୨ ଣା ଡା, ଟି ୦ ।୵

କଠିନ ଶ୍ୱାସକାଶ ରୋଗ ଓ ପୁରାତନ ଶ୍ୱାସ ଏହା ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ନପୁଂସକ ପୁରୁଷ ହୁଅନ୍ତି, ଶୁକ୍ରର ତାରଲ୍ୟ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ । କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ । ଦୀର୍ଘକାଳ ସେବନ କଲେ ଅଲୌକିକ ଶକ୍ତି ଓ ଦୀର୍ଘ ସ୍ୱାସ୍ଥ୍ୟ ଲାଭ କରିବ । । । ମୂଲ୍ୟ ଏକ କୌଟା ଟ ୧୧ ଣା ଡା: ମାସୁଲ ଟ ୦ ।୵ ।

ଶ୍ରୀ ଦେବୀପ୍ରସାଦ ଜ୍ୟୋତିଷୀ
ବୈଦ୍ୟ, ଦେବଘର ୯ କାଶୀଧାମ

ଆମ୍ଭ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ଦର୍ଘାବଜାର ଟ୍ରେନିଂ ସ୍କୁଲ ଓ ଭୂତ ଏଜେଣ୍ଟ ବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଏବଂ ରେଭେନ୍ସା କଲେଜ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ବଡ଼ ସୁବିଧା ସହିତ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭି ପେଲ୍ୟୁପେବଲ [illegible] ବହି ନେଲେ ତାଙ୍କ ନିକଟକୁ [illegible] ହେବ ।

| | |
|---|---|
| ଶାବକଚମ୍ପୂ (ପଦ [illegible] ସ୍ୱରଣ) | ଟ ୦ । ୬ |
| ସଙ୍ଗୀତସାଗର ପ୍ର[illegible] ତରଙ୍ଗ | ଟ ୦ ।୵ |
| ଏକତ ଦ୍ୱିତୀୟ ତରଙ୍ଗ | ଟ ୦ ।୵ |
| ଏକତ ତୃତୀୟ ତରଙ୍ଗ | ଟ ୦ ।୵ |
| ଏକତ ଚତୁର୍ଥ ତରଙ୍ଗ | ଟ ୦ ।୵ |
| ଏକତ ପଞ୍ଚମ ତରଙ୍ଗ | ଟ ୦ ।୵ |
| ଏକତ ଷଷ୍ଠ ତରଙ୍ଗ | ଟ ୦ ।୵ |
| ସଙ୍ଗୀତ ସୁଧାସାର | ଟ ୦ ।୵ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ।୵ |
| ପାରିଜାତମାଳା (ଶ୍ରୀମତୀ ସୁଲକ୍ଷଣା ଦେବୀ କୃତ) | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ।୵ |
| ବର୍ଣ୍ଣବୋଧ ବର୍ଣ୍ଣିକା | ଟ ୦ ୵୯ |
| ସମରତରଙ୍ଗ | ଟ ୦ ।୵ |
| ବାଲ୍ୟଶିକ୍ଷା | ଟ ୦ / |

ଶ୍ରୀ ଦାମୋଦର ପଟ୍ଟନାୟକ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛି ଆମ୍ଭ ନିକଟରେ ନିମ୍ନଲିଖିତ ସବାଇ ଓ ତାମ୍ବ ଯାବତୀୟ ବଡ଼ା ତିଆରି ପ୍ରସ୍ତୁତ ହେଉଅଛି । ଯଥା:—

ବଡ଼ ସବାଇ ଫୁ ୭୧ × ୩, ଦୋହର ଦରଜ ମଇଳ ଓ ଦଳଦ୍ରାଗୋଡ଼ଥ ରଙ୍ଗୀନ, ଏବ ଓ ଶୀତଳ ସବୁଜ ଏହା ଉତ୍ତର ଓ ଉତ୍ତମ

ଷାଠିଏ ଲୁଗା ମଡ଼ା ଟ ୨୦୦୯

ଏକତ ଛୋଟ ଲୁଗା ମଡ଼ା ଟ ୧୦୦୯

ସାଧାରଣ ସବାଇ ଗମ୍ଭୀର ତାଠର ସ୍ୱରକ୍ଷି

| | |
|---|---|
| ଲମ୍ବ ଫୁ ୫ ୧୦ ଇ × ଫୁ ୨-୯ ଇ | ଟ ୨୬୯ |
| „ ୫ ୭ × ୨-୭ | ଟ ୨୦ ୯ |
| „ ୫ × ୨-୭ | ଟ ୧୬ ୯ |

ଏହା ଛଡ଼ା ଅନ୍ୟ କାଠର ସବାଇ ଏହି ମାପର ନେଲେ ଟ ୨୫ ସ୍ଥଳେ ଟ ୮୯ ଟ ୨୦ ସ୍ଥଳେ ଟ ୧୬୯ ଏବଂ ଟ ୧୬ ସ୍ଥଳେ ଟ ୧୩୯ ରେ ମିଳିବ । ଅଧିକ ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାଇ ଓ ତାମ୍ବଜାତ ଫରମାସ ଦେବେ ସେପରି ଶୀଘ୍ର ତିଆରି ହୋଇ ଦେବୁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୧୯୦୪ } ଶ୍ରୀ ମାଗୁଣି ମହାରଣା
କଟକ ଟ୍ରେନିଂସ୍କୁଲ ଅଫିସ
ନିକଟ ଦରଘାବଜାର
କଟକ

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C 81

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

| ୪୦ ଭାଗ<br>୨୮ ସଂଖ୍ୟା | CUTTACK, SATURDAY THE 15ht July 1905.<br>ତା ୧ ମ ଶ୍ରାବଣ ସନ ୧୩୧୨ ସାଲ ଶନିବାର<br>ସହର କଟକ ଚଉଧୁରିବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ | ଅଗ୍ରୀମ ଟ ୩୧<br>ପଶ୍ଚାଦ୍‌ଦେୟ ଟ ୬୧ |
|---|---|---|

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ସକାଶେ ଧାଡ଼ିପ୍ରତି ଟ ୦ ।୬ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୧ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ, ହେଲେହେଁ ତହିଁର ଦର ଟ ୦ ୫ ଅଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE

Is here-by given that some Uriya knowing Entrance passed apprentices are to be entertained in the Balasore Collectorate.

The successful candidates should furnish certificates of health and moral character.

Applications are to be received up to the 22nd July 1905.

Balasore Collectorate, The 23rd June, 1905. } M. SENAPATI, For Collector.

---

Wanted an Inspecting Pandit for the Ganja Sub-Circle, in Thana Aul, under the Sub-Inspector of Schools, Patamundai Circle, on a salary of Rs. 10 with the usual allowance. Preference will be given to one who has passed the final examination of the Cuttack Training School or who has experience in the inspection of Primary Schools under the new scheme of Vernacular Education.

Applications with copies of testimonials should reach this office on or before the 15th July 1905.

Cuttack Dist. Board's office, 30—6—1905. } J. C. CHUNDER, *Vice Chairman.*

---

## ପ୍ରଜାବନ୍ଧୁ ।

ଉତ୍କଳ ଭାଷାରେ ସମ୍ପାଦିତ, ସବଜଜ ପ୍ରଶଂସିତ ସ୍ୱଳ୍ପ ମୂଲ୍ୟ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ଦ୍ୱିତୀୟ ବର୍ଷ ଅତିକ୍ରମ କରି ଏବେ ତୃତୀୟବର୍ଷରେ ପଦାର୍ପଣ କରିଅଛି । ପ୍ରାକୃତିକ ଉତ୍କଳରେ ଏହାର ଗ୍ରାହକ ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତନାମା ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଂଖ୍ୟା ନମୁନା ସ୍ୱରୂପ ପଠାଯିବ। ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଉତ୍କଳମଧ୍ୟ ମାତ୍ରିକ ପଶ୍ଚାତ ଅଗ୍ରୀମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

---

# ହରିବଂଶ
# ମହାଭାରତାନ୍ତର୍ଗତ
# ଖିଳ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ଉତ୍ତମ ଓଡ଼ିଆ ପଦ୍ୟରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ଡାକମାଶୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

---

# ଉପନିଷଦ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଳବକାର କେନ, ତୈତ୍ତିରୀୟ, ମାଣ୍ଡୂକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷଦ୍ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୫ ଡାକମାଶୁଲ ୦ / କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ ଦୋକାନରେ ମିଳେ

---

# ବିଜ୍ଞାପନ ।

ଆମ୍ଭର ମଣ୍ଡଳାଇ ବଜାରରେ ଥିବା ନଜ ଭୂସ୍ୱତ୍ୱ ଏକମହଲ ଓ ଦୋମହଲ ପକ୍କା ଓ କଚ୍ଚା ଘର ବିକ୍ରୀ କରିବାର ସ୍ଥିର କରିଅଛୁଁ ଏତଦ୍ୱାରା ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଉଅଛୁ ଯେଉଁ ଖରିଦଦାରମାନେ ଉପରୋକ୍ତ ଘର କିଣି କରିବାକୁ ଇଚ୍ଛା କରିବେ ସେମାନେ ଆମ୍ଭ ନିକଟକୁ ନିଜେ ଆସିଲେ ବା ପତ୍ର ଲେଖିଲେ ତହିଁର ମୂଲ୍ୟ ଓ ଅନ୍ୟାନ୍ୟ ବିଶେଷ ବିବରଣମାନ ଜାଣି ପାରିବେ ।

ମଣ୍ଡଳାଇ, କଟକ ୨୨।୬।୦୫ } ଶ୍ରୀ ଅନ୍ନଦାପ୍ରସାଦ ଦାସ

---

# ବିଜ୍ଞାପନ ।

## ଦେଖନ୍ତୁ ! ଦେଖନ୍ତୁ ! ଦେଖନ୍ତୁ !

### ପ୍ରତ୍ୟେକ ଗୃହସ୍ଥର ପ୍ରୟୋଜନରେ

ଧଳର ଓ୍ୟାଚ, ଅନାବ୍ରଜନ୍ସ, ନିକେଲ, ଗ୍ରୀନକ୍ଲକ ଟ ୩ ; ଇମ୍ପ୍ରୁଭ ଓ୍ୟାଚ ଟ ୩ ; ରେଲଓ୍ୱେ ରେଗୁଲେଟର ଓ୍ୟାଚ ଟ ୪ ।; ଟ ୪ ଓ ଟ ୯ ; କୋରଗ୍ଲାସର ଷ୍ଟୋନ ଓ୍ୟାଚ ଜକେଟ ଟ ୮ ଏଣ୍ଡ ଟୋପା ହଣ୍ଟିଂ ଟ ୧୩ ଓ ୧୫; ଭର୍ମି ଆଲାର୍ମ କ୍ଲକ ଟ ୧୩; ୬, ୬, ଟ ୩ ଙ୍କା; ଏନହୋଲଡ୍‌ସ୍ ଓ୍ୟାଚ ଟ ୩ ଟ ୪; ବାଜା ଆଲାର୍ମ ସ୍ (ଘଣ୍ଟା ଓ ଅର୍ଗାନ ବାଜିବାର) ଟ ୫ ଓ ଟ ୬ ଙ୍କା । ପ୍ରତ୍ୟେକ ଘଡ଼ିର ଗ୍ୟାରେଣ୍ଟି ଦଶ ବର୍ଷ ଓ ମାସୁଲ ସ୍ୱତନ୍ତ୍ର ଲାଗେ । ଭି, ପି, ନାହିଁ ।

ଅଳ୍ପ ଓ୍ୟାଚ ଖରିଦ ଭିନ୍ନରୁ (୧) "ସଲଫିକ୍", ଏ କ୍ରିକାଟ, ଅଣ୍ଡା ଓ ଚିଠିବାଲ ଭଷକାଳ ଦ୍ରବ୍ୟ ସ୍ୱର୍ଣ ପ୍ରକାର ମେହ ଓ ପ୍ରସ୍ରାବ ବ୍ୟାଧିମାନଙ୍କର ଅତି ଅବ୍ୟର୍ଥ ଅଭେଦ୍ୟ କରେ । (୨) "ହୁଲ୍‌କ୍" ଏ ସର୍ବପ୍ରକାର ଘା, ଖଟ, ନାଲି ଘାଆ ଏକମାତ୍ର ଔଷଧ । (୩) "ଅଯ୍ରନ" ଏ ସର୍ବପ୍ରକାର ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଙ୍କା ମାତ୍ର । ମାସୁଲ ଟ ୦ ।୬ ଅଣାର ଅଧିକ ପରୀକ୍ଷା ପ୍ରାର୍ଥନୀୟ !

ମେଲ ସା ନ, ନୋ° ନ ୧୯, କଲୁଟୋଲା ଷ୍ଟ୍ରିଟ, ଗାରଫାର କଲିକତା

Digitized by srujanika@gmail.com

Split by PDF Splitter



# FOR SALE.

The House of Rai Hurry Ballabh Bose Bahadur in Umraobanpatna, Gangamandir, near the Civil Court, with the stables, out-houses and compound for Rs. 20,000. This should include the rayati right in the Khasmahal land, permission to sell such right will be obtained from the Collector no sooner the name of the purchaser is known.

# TO LET.

The whole of the above premises for three years at a monthly rent of Rs. 125, but if a purchaser should appear in the meantime the tenancy should expire.

For further particulars the intending purchaser, or lessee may apply to the Editor of the Utkal Dipika or to the undersigned.

HURRY BALLABH BOSE.
14-7-05

# ଘରବିକ୍ରୀ

ଏହି ସହର କଟକ ଅଧୀନସ୍ଥ କଲେଜ ନିକଟ ଗଙ୍ଗାମନ୍ଦିର ଉମରାଓବନ ପାଟଣାରେ ସ୍ଥିତ ରାୟ ହରିବଲ୍ଲଭ ବୋଷ ବାହାଦୁରଙ୍କର ଘର କୋଠାଘର ଏବଂ ଅଫିସ୍‌ଘର ଅସ୍ତବଲ ବାଗିଚାମାନ ଓ ହତା ଟ ୨୦୦୦୦୲ ଙ୍କା ମୂଲ୍ୟରେ ବିକ୍ରି ହେବ । ଖାସମାହାଲ ଜମିର ରୟତ ସତ୍ତ୍ୱ ମଧ୍ୟ ଏହି ମୂଲ୍ୟ ମଧ୍ୟରେ ଧରା ଯାଇଅଛି । ଖରିଦଦାର ଠିକ୍ ମାତ୍ରେ କଲେକ୍ଟର ସାହେବଙ୍କର ଅନୁମତି ମିଳିଯିବ ।

# ଭଡ଼ାଦିଆଯିବ ।

ଉପରଲିଖିତ ସମସ୍ତ ସ୍ଥାବର ତିନି ବର୍ଷ ନିମନ୍ତେ ମାସିକ ଟ ୧୨୫ ଙ୍କା ହିସାବରେ ଭଡ଼ା ଦିଆଯିବ ମାତ୍ର ଏହି ମିଆଦ ମଧ୍ୟରେ ଖରିଦଦାର ବାହାରିଲେ ଭଡ଼ାର ମିଆଦ ଶେଷ ହେବ ।

ଯେଉଁମାନେ ଖରିଦ କିମ୍ବା ଭଡ଼ା ନେବାକୁ ଇଚ୍ଛା କରିବେ ସେମାନେ ଅଧିକ ଜାଣିବାକୁ ଇଚ୍ଛା କଲେ ଉତ୍କଳଦୀପିକା ସମ୍ପାଦକ କିମ୍ବା ଅମ୍ଭ ନିକଟକୁ ପତ୍ର ଲେଖିବେ ।

ଶ୍ରୀ ହରିବଲ୍ଲଭ ବୋଷ
୧୪.୭.୦୫

# ବିଜ୍ଞାପନ ।

ଅତି ସୁଲଭ ମୂଲ୍ୟରେ ଓ ପୋଷ୍ଟେଜରେ ସର୍ବ ସ୍ଥାନକୁ ହରତାଲ ଭସ୍ମର ବହି ଓ ନମୁନା ଦେବୁଁ । ବଙ୍ଗଳା ବା ଇଂରାଜୀରେ ପତ୍ର ଲେଖନ୍ତୁ ।

ଗଣ୍‌ବିଦ୍ୟ ଶ୍ରୀ ମତିଲାଲ ଦେବ
ପୋଃ ଘାଟାଲ, । ଜି । ମେଦନୀପୁର

# ଉତ୍କଳଦୀପିକା ।

ବଙ୍ଗୀୟ ସରକାର ଜଣାଇଛନ୍ତି ସନ ୧୮୭୫ ସାଲର ଅ ୫ ଇନର ଧା ୩ ସ ଅନୁସାରେ ବଙ୍ଗର ଲେଫଟନାଣ୍ଟ ଗବର୍ଣ୍ଣର ଆଦେଶ ଦେଇଅଛନ୍ତି କି ଅନୁକୂଳ ତଳ ଅନ୍ତର୍ଗତ ଅନୁକୂଳ ସରକାରୀ ମାହାଲର ସମସ୍ତ ଜମି ସରକାର ବା ଜରିପ ହେବ ଏବଂ ଜରିପ ହେବା ସମସ୍ତ ମାହାଲ, ପିକମି ମାହାଲ, ମୌଜା ଏବଂ ଜମିର ଚୌହଦୀ ଚହ୍ନିତ ହେବ ।

ଗତ ସପ୍ତାହର ବୃଷ୍ଟି ଭାରତର ଅନେକ ସ୍ଥାନରେ ପ୍ରଚୁର ପରିମାଣରେ ହୋଇଥିଲା ମାତ୍ର ବର୍ଷାକାଳର ଆରମ୍ଭରୁ ଗତ ଶନିବାର ପର୍ଯ୍ୟନ୍ତ ବରମାଉପକୂଳ, କାଲିକଟ, ବେଲ୍ଗାଉ ଓ ହାଇଦରାବାଦ ସବଡିଭିଜନମାନ ଛଡ଼ା ବୃଷ୍ଟିର ପରିମାଣ ଭାରତର ଅନ୍ୟ ସକଳ ସ୍ଥାନରେ ଊଣା ଥିଲା ମାତ୍ର କରାଚି, ଉପର ଓ ମଧ୍ୟଭାରତ, ଏବଂ ଗୁଜରାଟର ;ଗଙ୍ଗକୋଟ ସବଡିଭିଜନରେ ନିତାନ୍ତ ଊଣା ଥିଲା ।

ଗତ ତା ୧ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୬୬୦୧ ମୃତ୍ୟୁ ହୋଇଥିଲା । ତହିଁ ମଧ୍ୟରେ ପଞ୍ଜାବରେ ୧୬୫୩ ଯୁକ୍ତ ପ୍ରଦେଶରେ ୩୯୭ ବମ୍ବେଇରେ ୩୧୯ ବଙ୍ଗରେ ୧୦୭ ବରମାରେ ୧୭୩ ଏବଂ ଅବଶିଷ୍ଟ ମାନ୍ଦ୍ରାଜ, ମହୀଶୂର ଏବଂ ରାଜପୁତାନାରେ ଘଟିଥିଲା । ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୪୫୬୩ ତୁଳନାରେ ଏ ସପ୍ତାହର ଫଳ ଶୁଭଦ ଅଟେ ।

କୋଚିନ ରାଜ୍ୟର ଜଙ୍ଗଲର ଉତ୍ପନ୍ନ ଆମଦାନୀ କରିବା କାରଣ ସେଠା ରାଜା ଜଙ୍ଗଲ ମଧ୍ୟରେ ବହୁ ବ୍ୟୟରେ ଟ୍ରାମବାଟ ନିର୍ମାଣ କରିଅଛନ୍ତି । ସେହି ବାଟ ଖୋଲିବା କାରଣ ମାନ୍ଦ୍ରାଜର ଗବର୍ଣ୍ଣର ଆଗାମୀ ସେପ୍ଟେମ୍ବର ମାସରେ କୋଚିନ ରାଜ୍ୟରେ ଉପସ୍ଥିତ ହେବେ । ରାଜାମାନେ ଜଙ୍ଗଲରକ୍ଷା ଓ ତଦୁତ୍ପନ୍ନ ଆମଦାନୀ କରିବାରେ ବିଶେଷ ମନୋଯୋଗୀ ହେଲେ ଦେଶର ଅବସ୍ଥା ବଦଳିଯିବ ।

କଲିକତା ହାଇକୋର୍ଟର ଏଟର୍ଣ୍ଣିବାବୁ ଗଣେଶଚନ୍ଦ୍ରଚନ୍ଦ୍ରଙ୍କର ଦୌହିତ୍ର ବି, ଏମ, ଏନ, ବସୁ ବିଲାତରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଇତିହାସ ପରୀକ୍ଷାରେ ସର୍ବୋଚ୍ଚସ୍ଥାନ ଅଧିକାର କରିଅଛନ୍ତି । ଏପର୍ଯ୍ୟନ୍ତ ଅନ୍ୟ କେହି ଭାରତବାସୀ ଇତିହାସ ପରୀକ୍ଷାରେ ଏଡ଼େ ଉଚ୍ଚସ୍ଥାନ ପାଇ ନ ଥିଲେ । ଏହା ଦେଖି ବିଲାତର ଲୋକମାନେ ଅବଶ୍ୟ ବୁଝିବେ ଯେ ଭାରତବାସୀ ଇଂରାଜଙ୍କଠାରୁ ବୁଦ୍ଧିରେ ଊଣା ନୁହନ୍ତି ଏବଂ ସୁଯୋଗ ପାଇଲେ ସମକକ୍ଷତା ଦେଖାଇ ପାରନ୍ତି । ମାତ୍ର ଲର୍ଡ଼ କର୍ଜନ ସେ ସୁଯୋଗ ନ ଦେଇ ସରକାରୀ କାର୍ଯ୍ୟକ୍ଷେତ୍ରରେ ଦେଶୀୟଲୋକଙ୍କୁ ଇଂରାଜଙ୍କଠାରୁ ନ୍ୟୂନ ଥିବାର ପ୍ରକାଶ କରୁଅଛନ୍ତି । ଏହା କୋଟିଏ କୁସଂସ୍କାର ନୁହେ କି ?

ସନ୍ଧିର କଥା ଚାଲୁଥିଲେହେଁ ରୁଷ ଯାପାନ ଯୁଦ୍ଧ ଏପର୍ଯ୍ୟନ୍ତ ବନ୍ଦ ହୋଇ ନାହିଁ । ଗତ ସପ୍ତାହରେ ଯୁଦ୍ଧ ହୋଇଥିବାର ଏବଂ ରୁଷିଆର ହାର ଯାଇ ପଛକୁ ହଟି ଯାଇଥିବାର ସମ୍ବାଦ ଆସିଅଛି । ସନ୍ଧିର ସର୍ତ୍ତମାନ ବିବେଚନା କରି ସ୍ଥିର କରିବା କାରଣ ଉଭୟ ପକ୍ଷରୁ ଯେଉଁମାନେ ମନୋନୀତ ହୋଇଅଛନ୍ତି ସେମାନେ ପୋର୍ଟସମାଉଥରେ ପହୁଞ୍ଚିଅଛନ୍ତି । ସେଠାରୁ ନିଉୟର୍କ ଓ ଅନ୍ୟସ୍ଥାନର ପରିଭ୍ରମଣ କରି ପୁନରାୟ ପୋର୍ଟସମାଉଥକୁ ଫେରି ଆସିବେ । ସେହି ନଗରଠାରେ ସଭା ହେବ । ସନ୍ଧିପତ୍ରର ଖସଡ଼ା ବାହାରିଅଛି । ଉଭୟପକ୍ଷ ସ୍ୱାଭାବତଃ ଆପଣା ସ୍ୱାର୍ଥ ରକ୍ଷାର ଚେଷ୍ଟା କରୁଅଛନ୍ତି । ଏଥିରେ ଶାଳିସମାନେ ଯେ ବିଚାର କରିବେ ।

କଲିକତାଠାରୁ ସମୁଦ୍ରପଥରେ ବିଦେଶକୁ ସନ ୧୯୦୩ ସାଲରେ ୯୦୮୪ କୁଲି ପଠା ଯାଇ ଥିଲେ । ସନ ୧୯୦୪ ସାଲରେ ପ୍ରେରିତ ହେବା କୁଲି ସଂଖ୍ୟା ୭୪୫୧ ଥିଲା । ଫସଲ ଉତ୍ତମ ଏବଂ ପ୍ଲେଗ ଭୟ ହେତୁ ବିଦେଶକୁ କୁଲି ଯିବାର ଊଣା ପଡ଼ିଅଛି । ସର୍ବାପେକ୍ଷା ଅଧିକ କୁଲି ଡେମାରାକୁ ଏବଂ ତହୁଁ କିଛି ଊଣା ମରିଚଦ୍ୱୀପକୁ ଯାଇଥିଲେ । ଅନ୍ୟାନ୍ୟ ଟାପୁରେ କୁଲିର ଅଧିକ ଦରକାର ନାହିଁ । ଗତବର୍ଷ ଅର୍ଥାତ୍ ସନ ୧୯୦୪ ସାଲରେ ୪୩୭୨ କୁଲି ମୋଟରେ ଟ ୨୨,୪,୩୨୨ ଙ୍କା ନେଇ ଏ ଦେଶକୁ ଫେରି ଆସିଅଛନ୍ତି । ଜଣପିଛା ହାରାହାରି ୧୭୪ ଙ୍କା ପଡ଼ୁଅଛି । ପୂର୍ବବର୍ଷ ଜଣପିଛା

Digitized by srujanika@gmail.com

Split by PDF Splitter



ଟ ୧୬୬୧ ଙ୍କା ରୋଜଗାର କରି ଆଣିଥିଲେ । କେବଳ ୨୧୯ ଜଣ ( ଶତକଡ଼ା ୧୬.୨୫ ) ଖାଲିହାତରେ ଫେରି ଆସିଥିଲେ ।

ପୁରୀ ମିଉନିସିପାଲିଟୀର ବ୍ୟୟରେ ସେଠା ମିଉନିସିପଲ ହାଟ ନିମନ୍ତେ ୧ ଏକର ୩୧୭ ଡେସିମିଲ ଜମି ଖରିଦ ହେବା ଲାଗିଣ ସନ ୧୮୯୪ ସାଲର ଏକ୍‌ଟ ଅନୁସାରେ ମାଜିଷ୍ଟ୍ରେଟ କଲେକ୍ଟରଙ୍କର ବିଜ୍ଞାପନ ଗତ ତା ୫ ରିଖର ଉତ୍କଳଗେଜେଟରେ ବାହାରିଅଛି । ସେହି ଜମିର ସୀମା ଏହିପରି ଲେଖାଅଛି ଯଥା ଉତ୍ତରରେ ଦଇତାପଡ଼ା ସାହି, ଦକ୍ଷିଣ ଓ ପୂର୍ବରେ ବଳଭଦ୍ରବର୍ଷ ଗଳି ଏବଂ ପଶ୍ଚିମରେ ବଡ଼ଦାଣ୍ଡ ଓ ଧର୍ମଶାଳା । ଧର୍ମଶାଳା ପଣ୍ଡିତ ମହାଶୟମାନେ ଲେଖା ହେବାଦ୍ୱାରା ବୋଧ ହେଉଅଛି ଯେମନ୍ତ ମିଉନିସିପାଲିଟୀ ତାହା ଛାଡ଼ିଦେଇଅଛନ୍ତି । ମାତ୍ର ଜଣାଇ ଦେଉଥିବା ସ୍ଥଳେ ସେ ଅନୁମାନ ସମ୍ଭବ ହେଉ ନାହିଁ । ପୁରୀର ହିତୈଷୀମାନେ ଏ ବିଷୟ ତଦନ୍ତ କରି ଯାହା କର୍ତ୍ତବ୍ୟ ତାହା କରିବେ ।

ଓଡ଼ିଶା ବିଭାଗର ସ୍କୁଲ ସମୂହର ଇନସ୍ପେକ୍ଟରଙ୍କର ଅନୁରୋଧକ୍ରମେ ଜଣାଉଅଛୁ ଯେ ଓଡ଼ିଶା ବିଭାଗ ଏବଂ ଗଡ଼ଜାତର ସରକାରୀ ଓ ସାହାଯ୍ୟପ୍ରାପ୍ତ ସ୍କୁଲରେ ଇଂରାଜୀ ପଢ଼ାଉଥିବା ଶିକ୍ଷକମାନଙ୍କର ଶିକ୍ଷାଦାନ ବିଷୟର ଶାସ୍ତ୍ରୀୟ ପରୀକ୍ଷା କଟକ ମିଶନ ହାଇସ୍କୁଲଠାରେ ଆସନ୍ତା ଅଗଷ୍ଟମାସ ତା ୨୮ ରିଖ ପୂର୍ବାହ୍ନ ଘ ୧୧ ଟା ସମୟରେ ହେବ । ସେହି ଶ୍ରେଣୀର ସ୍କୁଲମାନଙ୍କରେ ଭର୍ଣ୍ଣାକ୍ୟୁଲର ବା ଦେଶୀୟ ଭାଷାରେ ଶିକ୍ଷା ଦେଉଥିବା ଶିକ୍ଷକମାନଙ୍କର ପରୀକ୍ଷା କଟକ ଟ୍ରେନିଂ ସ୍କୁଲରେ ସେହି ମାସ ତା ୨୯ ରିଖ ସେହି ସମୟରେ ହେବ । ଅନୁତ୍ତୀର୍ଣ୍ଣ ଶିକ୍ଷକମାନେ ଅଥବା ଯେଉଁମାନେ ଅନ୍ତତଃ ଏଣ୍ଟ୍ରାନ୍ସ ପାସ କରିଅଛନ୍ତି ସେମାନେ ପ୍ରଥମ ଲିଖିତ ପରୀକ୍ଷା ଏବଂ ଯେଉଁମାନେ ମଧ୍ୟଇଂରାଜୀ ବା ମଧ୍ୟଭର୍ଣ୍ଣାକ୍ୟୁଲର ପାସ କରିଅଛନ୍ତି ସେମାନେ କେବଳ ଲିଖିତ ପରୀକ୍ଷା ଦେବାକୁ ଯୋଗ୍ୟ ଅଟନ୍ତି । ଯେଉଁମାନେ ପରୀକ୍ଷା ଦେବେ ସେମାନେ ସେହି ଅଗଷ୍ଟମାସ ତା ୨୦ ରିଖ ମଧ୍ୟରେ ଆବେଦନ କରିବେ । ଅନ୍ୟାନ୍ୟ ବିଷୟ ଇନସ୍ପେକ୍ଟର ମହୋଦୟଙ୍କ ଅଫିସରୁ ବୁଝିବେ ।

କାଙ୍ଗଡ଼ା ଭୂମିକମ୍ପ ସାହାଯ୍ୟ ନିମନ୍ତେ ବଙ୍ଗପ୍ରଦେଶରେ ଆଦାୟ ହେବା ଚାନ୍ଦାର ୬ଷ୍ଠ ତାଲିକା ବାହାରିଅଛି ଏବଂ ପ୍ରଥମ ତାଲିକାଠାରୁ ଏ ତାଲିକା ସହିତ ତହିଁର ମୋଟ ଟ ୫୬,୭୯୬ ଙ୍କା ହୋଇଅଛି । ଓଡ଼ିଶାରୁ ନିମ୍ନଲିଖିତ ଚାନ୍ଦା ପ୍ରାପ୍ତ ହୋଇଥିବାର ଆମ୍ଭେମାନେ ଦେଖିଲୁଁ; ଯଥା;—

| | |
|---|---|
| ବାଲେଶ୍ୱର ସବ କମିଟି ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କଦ୍ୱାରା | ଟ ୩୫୦୧ |
| ରାଜା ତାଳଚେର | ଟ ୫୦୦୧ |
| କଟକ କମିଟି ପ୍ରଥମକିସ୍ତି | ଟ ୨୬୮୪ |
| ରାୟ ହରିବଲ୍ଲଭ ବୋଷ ବାହାଦୁର | ଟ ୫୦୦୧ |
| ପୁରୀ ସବକମିଟି | ଟ ୪୦୦୧ |
| ରାଜା ତାଳଚେର ୨ୟ ଥର | ଟ ୨୦୦୧ |
| ରାଜା ବଉଦ୍ଧ | ଟ ୧୦୦୧ |
| ରାଜା ହିନ୍ଦୋଳ | ଟ ୧୦୦୧ |
| ରାଜା ଢେଙ୍କାନାଳ | ଟ ୫୦୦୧ |
| ରାଜା ନୟାଗଡ଼ | ଟ ୨୦୦୧ |
| ରାଜା ରଣପୁର | ଟ ୧୦୦୧ |

ଆମ୍ଭେମାନେ ଗତ ସପ୍ତାହରେ କଟକ କଲେକ୍ଟରଙ୍କ ପେସ୍କାର ବାବୁ ଦ୍ୱାରିକାନାଥ ସାହୁ, ନାଗଣୀ, ବାବୁ ମଧୁସୂଦନ ଦାସ ଓ ସବ ଡେପୁଟୀ କଲେକ୍ଟର ବାବୁ ବାଳମୁକୁନ୍ଦ କାନୁନଗୋଙ୍କ ଗୃହମାନଙ୍କରେ ଚୋରୀ ହେବା ଓ ସେହି ସମୟରେ ଉଠିଥିବାର ପାଠକମାନଙ୍କୁ ଜଣାଇଅଛୁଁ । ଏଣିକି ପୋଲିସରେ ଚୌକିଦାରମାନେ ପ୍ରବଳ ଥିଲେ ସୁଦ୍ଧା ଚୋରୀ ପଡ଼ିବାରେ ତ୍ରୁଟି ନାହିଁ । ଯେଉଁ ଚୌକିଦାର ଚୋରୀ ପଡ଼ାଉଥିବାର ଧରା ଥିଲା ସେ ପୋଲିସଦ୍ୱାରା ଚାଲାଣ ହେବାରୁ ଗତ ବୁଧବାର ମୋକଦ୍ଦମା ଦାଏର ହୋଇ ତାକୁ ସଜାଇ ଦେଇଅଛି । ତଥାପି ଚୋରୀ ପଡ଼ିବାର ବନ୍ଦ ନାହିଁ । ଆମ୍ଭେମାନେ ଶୁଣିଲୁଁ ଯେ ଗୋଟିଏ ଚୋରୀ ଦେଖାଯିବାରୁ ଶ୍ରୀଙ୍କ ମୁଣ୍ଡରେ ପଡ଼ି ଖତ ହୋଇଅଛି । ବଡ଼ ଦୁଃଖର କଥା ପୋଲିସ ଏପର୍ଯ୍ୟନ୍ତ କୌଣସି କିନାରା କରି ପାରୁ ନାହାନ୍ତି ପୁଣି ଦୋଷୀଙ୍କୁ ଧରିଆଣି ଦେବାକୁ ଗୃହସ୍ୱାମୀମାନଙ୍କୁ କହନ୍ତି । ସେଥିରୁ ଯେବେ ଅଧ୍ୟକ୍ଷ ଧରିଆଣିଦେବେ ପୋଲିସର ଆବଶ୍ୟକତା ନାହିଁ ରହିଲା ? ସହର ମଧ୍ୟରେ ପ୍ରାୟ ମାସାବଧିକାଳ ଏ ପ୍ରକାର ଅତ୍ୟାଶ୍ଚର୍ଯ୍ୟ କାର୍ଯ୍ୟ ପୁଣି ଗଣ୍ୟମାନ୍ୟ ଲୋକଙ୍କ ଘରରେ ହେଉଅଛି ଅଥଚ ପୋଲିସ କୌଣସି ଉପାୟଦ୍ୱାରା ଅସାମୀ ଧରି ପାରୁ ନାହାନ୍ତି । ଏହା ପୋଲିସର ଅପଟୁତାର ପ୍ରମାଣ ନୁହେ କି ?

ଇଂଲଣ୍ଡର ଯୁବରାଜଙ୍କର ଭାରତଭ୍ରମଣର ସରକାରୀ ଅନୁଷ୍ଠାନପତ୍ର ବାହାରିଅଛି । ତହିଁର ସଂକ୍ଷେପ ବିବରଣ ଏହି ଯେ ଯୁବରାଜ ମହୋଦୟ ଆସନ୍ତା ନଭେମ୍ବରମାସ ତା ୧୦ ରିଖରେ ବମ୍ବେଇରେ ପହଞ୍ଚି ତା ୧୫ ରିଖ ପର୍ଯ୍ୟନ୍ତ ସେଠାରେ ରହି ଆଜମିର, ଉଦୟପୁର, ଜୟପୁର ଓ ବିକାନିରରେ ସ ... ରହି ତା ୨୮ ରିଖରେ ଲାହୋରରେ ପହଞ୍ଚିବେ । ସେଠାରୁ ପେଷୋୟାର ଓ ଜମ୍ମୁ ଭ୍ରମଣ କରି ଦିଲ୍ଲୀରେ ଡିସେମ୍ବର ତା ୨ ରିଖଠାରୁ ତା ୧୫ ରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ । ଆଗ୍ରା, ଭରତପୁର, ଗ୍ୱାଲିଅର ଓ ଲକ୍ଷ୍ନୌ ବୁଲି ତା ୨୯ ରିଖରେ କଲିକତାରେ ପହଞ୍ଚି ଜାନୁଆରୀମାସ ତା ୭ ରିଖ ପର୍ଯ୍ୟନ୍ତ ରହିବେ ଓ ତା ୭ ଓ ୮ ରିଖରେ ଦାର୍ଜିଲିଂରେ ମୁକାମ କରି ପୁଣି ତା ୧୧ ରିଖରେ କଲିକତାକୁ ଆସି ତା ୧୬ ରିଖ ପର୍ଯ୍ୟନ୍ତ ରହି ତା ୧୭ ରିଖରେ ରେଙ୍ଗୁନକୁ ଯାତ୍ରା କରିବେ ଓ ସେ ପ୍ରଦେଶରେ ତା ୨୩ ରିଖ ପର୍ଯ୍ୟନ୍ତ ଭ୍ରମଣ କରି ତା ୨୪ ଠାରୁ ୨୮ ରିଖ ପର୍ଯ୍ୟନ୍ତ ମାନ୍ଦ୍ରାଜରେ କଟାଇବେ । ପରେ ମହୀଶୂର ଓ ହାଇଦ୍ରାବାଦରେ ଏକ ସପ୍ତାହ ରହି ଫେବୃଆରୀ ତା ୧୮ ରିଖରେ ବନାରସରେ ପହଞ୍ଚି ତତ୍ପରେ ନେପାଳକୁ ଯାତ୍ରା କରି ମାର୍ଚ୍ଚ ମାସ ତା ୨ ରିଖରେ ସେଠାରୁ ଲେଉଟି ସମ୍ଭବତଃ ହିମାଳୟ ପ୍ରଦେଶ ଦେଖି ତା ୧୭ ରିଖରେ କରାଚିରେ ପ୍ରବେଶ କରିବେ ଏବଂ ମାର୍ଚ୍ଚ ମାସ ତା ୧୯ ରିଖରେ କରାଚିଠାରୁ ଜାହାଜରେ ସ୍ୱଦେଶକୁ ପ୍ରତ୍ୟାଗମନ କରିବେ ।

ଏଠା ରାଭେନ୍ସା କଲେଜର ପ୍ରଫେସର ବାବୁ ଶଶିଭୂଷଣ ମଜୁମଦାର ବିହାରର ପୁସାଠାରେ କୃଷି ଅନୁସନ୍ଧାନ ଓ କଲେଜର ସରକାର ଶିକ୍ଷାର୍ଥେ ବଦଳିଥିବା ନୂତନ ରାଭେନ୍ସା ... ପ୍ରଫେସରମାନଙ୍କୁ ବଦଳ ହେବାରେ ତାହାଙ୍କୁ ବିଦାୟ ଦେବା ଉପଲକ୍ଷରେ ଗତ ଶନିବାର ରାତ୍ରରେ ମହାନଦୀ କୂଳର ଏକ ... ଙ୍କ କୋଠିରେ ରାଭେନ୍ସାର ଏକ ... ଛାତ୍ରମାନଙ୍କର ଏକ ବୈଠକ ହୋଇଥିଲା । ପ୍ରିନ୍ସିପାଲ ... ଅଧ୍ୟକ୍ଷ ବାବୁ ... ଚକ୍ରବର୍ତ୍ତୀ ସଭାପତି ସ୍ୱରୂପ ଶଶୀ ବାବୁଙ୍କର ସଚ୍ଚରିତ୍ର ସାମାଜିକତା, ସୌଜନ୍ୟତା ଧର୍ମବିଶ୍ୱାସ ଇତ୍ୟାଦି ଗୁଣ ଗାୟନ କରି ତାହାଙ୍କ ସଙ୍ଗ ଛାଡ଼ିବା ହେତୁ ସମସ୍ତ ପକ୍ଷରୁ ଦୁଃଖ ପ୍ରକାଶ କରିଥିଲେ । ମଜୁମଦାର ମହାଶୟ ତହିଁର ଉତ୍ତରରେ ଉତ୍ତମ ସ୍ୱରରେ କୃତଜ୍ଞତା ଏବଂ ଦୁଃଖିତ ହେବା ପ୍ରକାଶ ଏବଂ କଲେଜ ଦେଖି ଦୁଃଖିତ ଥିବାର ବ୍ୟକ୍ତ କରିଥିଲେ । ପରେ ବନ୍ଧୁ ବର୍ଗର ସ୍ମରଣର ଚିହ୍ନ ସ୍ୱରୂପ ବାବୁ ସଦାନନ୍ଦ କେଉଟଙ୍କ ଗୋଟିଏ ରୌପ୍ୟ ନିର୍ମିତ

Digitized by srujanika@gmail.com

Split by PDF Splitter



ଘଟ ମଜୁମଦାର ମହାଶୟଙ୍କ ହସ୍ତରେ ଅର୍ପଣ କରିଥିଲେ । ପରଶେଷରେ ଧର୍ମ ସଙ୍ଗୀତ ପ୍ରାର୍ଥନା ଗ୍ରାମୋଫୋନ ବାଦ୍ୟ ଏବଂ ଜଳପାନ ଉତ୍ତାରୁ ସଭା ଭଙ୍ଗ ହୋଇଥିଲା । ବାବୁ ଶଶୀଭୂଷଣ ମଜୁମଦାର ଜଣେ ନିଷ୍ଠାବାନ୍ ବ୍ରାହ୍ମ ଏବଂ ପ୍ରେମିକ ବ୍ୟକ୍ତି ଅଟନ୍ତି । ତାହାଙ୍କର ସନ୍ତାନ ସନ୍ତୋଷର ବିଷୟ ଅଟେ ।

---

କଲିକତା ୟୁନିଭରସିଟି (ବିଶ୍ୱବିଦ୍ୟାଳୟ)ର ରେଜିଷ୍ଟ୍ରାର ବିଜ୍ଞାପନ ଦେଇଅଛନ୍ତି ଯେ ମାନ୍ୟବର ଲେଫ୍ଟେନାଣ୍ଟଗବର୍ଣ୍ଣର ସନ ୧୯୦୪ ସାଲର ଏମ୍, ଏ, ପରୀକ୍ଷାରେ ଏବଂ ସନ ୧୯୦୫ ସାଲର ବି, ଏ, ଓ ବି, ଏସ ସି, ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁମାନେ ପ୍ରାଧାନ୍ୟ ଲାଭ କରିଅଛନ୍ତି ସେମାନଙ୍କମଧ୍ୟରୁ ସନ୧୯୦୫ ସାଲର ପ୍ରାଦେଶିକ ସିଭିଲ ସରଭିସ ( ଡେପୁଟି କଲେକ୍ଟରୀ ) ପଦରେ ନିଯୁକ୍ତ ହେବା କାରଣ ବାଛି ଦେବାକୁ ସିଣ୍ଡିକେଟଙ୍କୁ ଅନୁରୋଧ କରିଅଛନ୍ତି । ଅତଏବ ଯେଉଁମାନେ ସେହି କାର୍ଯ୍ୟର ପ୍ରାର୍ଥୀ ହେବାକୁ ଇଚ୍ଛା କରନ୍ତି ସେମାନେ ବୟସ, ସ୍ୱାସ୍ଥ୍ୟ ଏବଂ ସଚ୍ଚରିତ୍ର ଯୋଗ୍ୟତାପତ୍ରମାନ ସହିତ ଆସନ୍ତା ଅଗଷ୍ଟ ମାସ ତା୧୫ରିଖରେ ଆବେଦନ ପତ୍ର ପଠାଇବେ । ଯେଉଁମାନେ ବି, ଏ, ଓ ବି, ଏସସିରେ କେବଳ ପାସ କରିଅଛନ୍ତି ସେମାନଙ୍କର ଆବେଦନ କରିବାର ପ୍ରୟୋଜନ ନାହିଁ । ମାନ୍ୟବର ସର ଫ୍ରେଜର ବାହାଦୁର ବିଶ୍ୱବିଦ୍ୟାଳୟର ଉତ୍କୃଷ୍ଟ ପରୀକ୍ଷୋତ୍ତୀର୍ଣ୍ଣ ନ ୭ ଣ ଡେପୁଟି ପଦରେ ନିଯୋଗ କରିବାକୁ ସ୍ଥିର କରିଅଛନ୍ତି ଏଥିପାଇଁ ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ମାତ୍ର ନିଯୋଗର କ୍ଷେତ୍ର କେବଳ ସନ ୧୯୦୪ ସାଲର ଏମ୍, ଏ ଏବଂ ସନ ୧୯୦୫ ସାଲର ବି, ଏ, ଓ ବି, ଏସ୍, ସିଙ୍କ ସପକ୍ଷରେ ସୀମାବଦ୍ଧ କରିବାର ତାତ୍ପର୍ଯ୍ୟ ବୁଝା ଯାଉ ନାହିଁ । ବୟସର ସୀମା ବ ୨୫ ବର୍ଷ ଧାର୍ଯ୍ୟ ହୋଇଥିବା ସ୍ଥଳେ ସେହି ବୟସ ଅତିକ୍ରମ କର ନ ଥିବା ଇହିଁପୂର୍ବ ବ ୨।୩ ବର୍ଷର ଉତ୍ତୀର୍ଣ୍ଣ ବ୍ୟକ୍ତିଙ୍କୁ ସୁଯୋଗ ଦେଇଥିଲେ ନିର୍ବାଚନର କ୍ଷେତ୍ର ପ୍ରଶସ୍ତ ହୋଇଥାନ୍ତା ଏବଂ ସର୍ବାଧିକ ଯୋଗ୍ୟବ୍ୟକ୍ତିମାନେ ସୁବିଧାର ଲଭିଥାନ୍ତେ ।

---

ଗତ ସୋମବାର ଅପରାହ୍ନରେ କଲିକତା ୟୁନିଭରସିଟି ଇନଷ୍ଟିଚ୍ୟୁଟ ନାମକ ସମିତିର ଅଟ୍ଟାଳିକାରେ ସ୍ୱର୍ଗୀୟ ପୂଜ୍ୟପାଦ ପ୍ରତାପଚନ୍ଦ୍ର ମଜୁମଦାରଙ୍କର ସ୍ମରଣାର୍ଥ ଏକ ସଭା ହୋଇଥିଲା । ମାନ୍ୟବର ବଙ୍ଗେଶ୍ୱର ସର ଫ୍ରେଜର ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ସର ଗୁରୁଦାସ ବାନୁର୍ଯ୍ୟା, ରାଜା ପ୍ୟାରୀମୋହନ ମୁଖୁର୍ଯ୍ୟା, ଶ୍ରୀଯୁକ୍ତ ବି, ଏଲ, ଗୁପ୍ତ, ଶ୍ରୀଯୁକ୍ତ ଏ, ପେଡଲର ଏବଂ ଅନ୍ୟାନ୍ୟ ମାନ୍ୟ ଗଣ୍ୟ ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ମାନ୍ୟବର ସଭାପତି କାର୍ଯ୍ୟାରମ୍ଭ ବକ୍ତୃତାରେ କହିଲେ ଯେ ସ୍ୱର୍ଗୀୟ ମଜୁମଦାର ଏହି ସମିତିର ପ୍ରତିଷ୍ଠାପନକର୍ତ୍ତା ଥିଲେ ଏବଂ ଶିକ୍ଷିତ ଯୁବାମାନଙ୍କର ନୀତି ଏବଂ ଧର୍ମର ଉନ୍ନତି ସାଧନ ଏହାର ଅଭିପ୍ରାୟ ଅଟେ । ମୃତ ମହାତ୍ମାଙ୍କର ଅନେକ ଅମୂଲ୍ୟ ଗୁଣ ମଧ୍ୟରେ ଯୁବକବୃନ୍ଦର ଏ ପ୍ରକାର ହିତ ସାଧନ ଚେଷ୍ଟା ତାହାଙ୍କର ଜୀବନର ପ୍ରଧାନ ବ୍ରତ ଥିଲା ଏବଂ ଏହି ହେତୁ ସେ ବିଶ୍ୱବିଦ୍ୟାଳୟର ଗୋଟିଏ ପ୍ରଧାନ ଉଦ୍ଦେଶ୍ୟ ପୂରଣର ସାହାଯ୍ୟ କରୁଥିଲେ । ତାହାଙ୍କର ସ୍ମୃତିରକ୍ଷା ସମ୍ବନ୍ଧରେ କିଛି କଳ୍ପନା ହୋଇ ନାହିଁ । ଏହି ସଭା ଗୃହରେ ତାହାଙ୍କର ଖଣ୍ଡିଏ ଚିତ୍ରପଟ ରଖାଯିବ ଯେ ଭବିଷ୍ୟତର ଛାତ୍ରମାନେ ଆଦର୍ଶ ସ୍ୱରୂପ ମନେ କରୁଥିବେ ଏବଂ ତାହାଙ୍କ ନାମରେ ଆଉ କିଛି କରାଯିବ । ଲେଫ୍ଟେନାଣ୍ଟ କର୍ଣ୍ଣେଲ ଆର, ଏଲ, ଦତ୍ତ ତହିଁ ନିମନ୍ତେ ଏକସହସ୍ର ଟଙ୍କା ଦେବା ଅଙ୍ଗୀକାର କରିଅଛନ୍ତି ଏବଂ ଆଶା ହୁଏ ଏହି ଉତ୍କୃଷ୍ଟ ଉଦାହରଣର ପଶ୍ଚାତ୍‌ଗାମୀ ହେବାକୁ ଅନେକ ଭଦ୍ରଲୋକ ବାହାରିବେ । ଅତଃପର ମୃତ ମହାତ୍ମାଙ୍କର ମୃତ୍ୟୁରେ ସଭାର ଶୋକ ପ୍ରକାଶ ତାହାଙ୍କର ପରିବାର ବର୍ଗଙ୍କୁ ତାହା ଜଣାଇବା ଏବଂ ସ୍ମୃତି ରକ୍ଷା କାର୍ଯ୍ୟ ସମ୍ପାଦନ ଏବଂ ଚନ୍ଦା ସଂଗ୍ରହ ନିମନ୍ତେ ଗୋଟିଏ କମିଟୀ ଗଠିତ ହେବାର ପ୍ରସ୍ତାବମାନ ଧାର୍ଯ୍ୟ ହେଲା ଉତ୍ତାରୁ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହୋଇଥିଲା ।

---

### ରୁଷିଆରେ ଅଶାନ୍ତି ।

ରୁଷିଆର ବିଦ୍ରୋହାଗ୍ନି କ୍ରମେ ଭୀଷଣ ଆକାର ଧାରଣ କରୁଥିବାର ସମ୍ବାଦ ମିଳଇ । ସେଣ୍ଟପିଟର୍ସବର୍ଗଠାରେ କାରଖାନା ଓ ଦୋକାନମାନଙ୍କରେ କାର୍ଯ୍ୟ କରୁଥିବା ମୂଲିଆମାନେ ମେଳ ବାନ୍ଧିଅଛନ୍ତି ଏବଂ କାର୍ଯ୍ୟ ଏକାବେଳକେ ବନ୍ଦ ହୋଇଅଛି । ଏମାନଙ୍କୁ ଦମନ କରିବା କାରଣ ଅଧିକ ସେନା ଏକତ୍ରିତ ହେଉଅଛି । ଓଡେସାର ମେଳ ନିବାରଣ କରିବା କାରଣ କଳର ବନ୍ଧୁକ ଗୁଳିର ହୋଇଥିଲା ଏବଂ ସେଠାରେ ଜୁନମାସର ଶେଷ ସପ୍ତାହରେ ନ ୬୦୦୦ ଣ ହତ ହୋଇଥିଲେ । ଲିବାଉଠାରେ ରିଜର୍ଭ ସେନା ମାନଉଠି ଦୋକାନମାନ ଲୁଟି ନେଇଅଛନ୍ତି ଏବଂ ଭିଲ୍ନାଠାରେ ଏକ ପଲଟନ ରିଜର୍ଭ ସେନା ମେଳ ବାନ୍ଧିଅଛନ୍ତି । ଚେଣ୍ଡ୍ରୋବୋ ଉପସାଗରସ୍ଥ ପ୍ରାଉଟ ଜାହାଜର ସେନା ମେଳ ହୋଇ ନ ୬ ଣ କର୍ମଚାରୀଙ୍କି ହତ ଏବଂ ଅନ୍ୟ କର୍ମଚାରୀଙ୍କି ବନ୍ଦୀ କରିଅଛନ୍ତି । ପୋଟେମକିନ ଜାହାଜର ସେନା ମେଳ ବାନ୍ଧିଥିବାରୁ ତାକୁ ବୁଡାଇଦେବାର ଉପକ୍ରମ ହୋଇଥିଲା । ସେ ଜାହାଜ ପ୍ରଥମେ ବଶତା ସ୍ୱୀକାର କରି ଖସି ଚାଲିଯାଇଅଛି ଏବଂ ପ୍ରାଉଟ ଲୋକମାନଙ୍କୁ ମଧ୍ୟ ବିଦ୍ରୋହ ବଢାଇବାର ଉଦ୍ୟୋଗ କରୁଅଛି । ଥିଓଡୋସିଆଠାରେ ଖାଦ୍ୟାଦ ଯୋଗାଇବା କାରଣ ମିଉନିସିପାଲିଟି ଏବଂ କର୍ତ୍ତୃପକ୍ଷମାନଙ୍କ ଉପରେ ଦାବି କରି ନଗରର ପ୍ରାଉଟ ଯୁଦ୍ଧ ବନ୍ଦ କରିବା ଏବଂ କେମଷ୍ଟ୍ରସଙ୍କ ସଭା ବସାଇବା କାରଣ ବିଜ୍ଞାପନମାନ ଜାରି କରିଥିଲେ । ଲୋକେ ଭୟରେ ପଳାଇଯିବାରୁ ମିଉନିସିପାଲଟୀ ବାଧ୍ୟ ହୋଇ ଉକ୍ତ ଜାହାଜକୁ ଖାଦ୍ୟ ଯୋଗାଇବାର ସ୍ଥିର କରିଅଛନ୍ତି । ପୋବେଡୋନୋଜ ନାମକ ଜାହାଜର ସେନା ବିଦ୍ରୋହୀ ହୋଇଥିଲା ଏବଂ ସେଥିର ସରଦାର ନ ୬୭ ଣ ଧୃତ ହୋଇଅଛନ୍ତି । କଥିତ ହୁଏ ତାଙ୍କୁ ଗୁଳି ଦାଗି ମାରିବାର ସ୍ଥିର ହୋଇଅଛି । ପୋଟେମକିନ ଜାହାଜର ଭୟରେ କର୍ତ୍ତୃପକ୍ଷମାନେ ସେନା ଅଉ ପୁଲିସ ଛଡ଼ା ନଗର ବାସୀମାନଙ୍କୁ ସ୍ଥାନାନ୍ତରିତ କରିଅଛନ୍ତି । ସେ ଜାହାଜ ରୁଷିଆର ଗୋଟିଏ ବାଣିଜ୍ୟ ଜାହାଜକୁ ଧରି କେତେକ ଗୋ ମେଷାଦ ପଶୁ, ଖାଦ୍ୟ ଏବଂ ଟଙ୍କା ନେଇଅଛନ୍ତି । କୃଷ୍ଣ ସାଗରର ବାଣିଜ୍ୟ ଏକାବେଳକେ ବନ୍ଦ ହୋଇଯାଇଅଛି । ପ୍ରାଉଟ ଜାହାଜରେ ବିଦ୍ରୋହିଙ୍କ ମଧ୍ୟରୁ ଦେଢ଼ଶତ ଲୋକ ଧୃତ ହୋଇ ସିବାଷ୍ଟପୋଲ ଦୁର୍ଗରେ ବନ୍ଦୀ ହୋଇଅଛନ୍ତି ।

---

### ସହରରେ ବାଘ ।

କେନ୍ଦ୍ରାପଡ଼ାଠାରୁ ସମ୍ବାଦ ପାଇଅଛୁଁ ଯେ ଗୋଟିଏ ବଡ଼ ଚିତାବାଘ ଲୁଚି ପଶିଥିଲା । ଗତ ଶନିବାର ସକାଳେ ଗୌଡ଼ ସାହିରେ ଜଣେ କେଉଟଙ୍କୁ ଧରି ମୁଣ୍ଡ ଓ ବାହୁରେ ଆଘାତ କରନ୍ତେ ବସ୍ତିବାଲାମାନେ ଜାଣିପାରି ପ୍ରାୟ ନ ୫୦୦ ଣ ବାଡ଼ି, ବରଛା, ତରବାରି ଇତ୍ୟାଦି ଘେନି ଜମା ହେଲେ । ସବଡିଭିଜନର ଡେପୁଟି ମାଜିଷ୍ଟ୍ରେଟ ଏବଂ ଇଞ୍ଜିନିୟର ବାବୁମାନେ ବନ୍ଧୁକ ନେଇ ଉପସ୍ଥିତ ହେଲେ । ମାତ୍ର କେହି ପାଖରେ ପଶି ପାରିଲେ ନାହିଁ । ବାଘ ସବଲରେ ଡିଆଁ ମାରନ୍ତେ ଇଞ୍ଜିନିୟର ବାବୁ ଓ ତାହାଙ୍କର ଦୁଇ ଗୁଳିର ବନ୍ଧୁକ ନେଇ ଗୋଡ଼ାଇଲେ ମାତ୍ର ଜଣେ ଗୁଳିର ଭୟରେ ଗଛରେ ଚଢ଼ି ଗଲା । ବାଘ ଭୁଲି ଇଞ୍ଜିନିୟର ଶ୍ରୀଯୁକ୍ତ ସମ୍ପୃକ୍ତଙ୍କୁ ଆକ୍ରମଣ କଲା । ସେ ବନ୍ଧୁକ ଫାୟର କଲେ ମାତ୍ର କିଛି ହେଲା ନାହିଁ । ତାହାଙ୍କର ଅନ୍ୟ

Digitized by srujanika@gmail.com

ବୃକ୍ଷର ଡାଳରେ ବନ୍ଧୁକ ଥିଲା ମାତ୍ର ସେ ଭୟରେ ଫାଏର କରିପାରିଲା ନାହିଁ । ରାୟମହାଶୟ ଅଗତ୍ୟା ବାଘ ସଙ୍ଗେ ବାହୁଯୁଦ୍ଧ କରି ଆପଣା ଜାନୁଣିକୁ ବାଘ ମୁହଁରେ ଦେଇ ସବଳରେ ଗୋଇଠା ମାଇଲେ । ତହିଁରେ ବାଘ ଭୟଙ୍କର ଟିକିଏ ପଛକୁ ଘୁଞ୍ଚା ଦେଲାମାତ୍ରକେ ରାୟ ମହାଶୟ ତତ୍‌କ୍ଷଣାତ୍ ରକ୍ତାକ୍ତ ହୋଇ କୋଠିକୁ ଚାଲି ଗଲେ । ବାଘ ଜଣେ ବ୍ରାହ୍ମଣକୁ ଆଘାତ କଲା ଉତ୍ତାରୁ ଡେପୁଟି ବାବୁ ସାହସ ପୂର୍ବକ ଦୁଇଥର ଗୁଳି ମାରି ବାଘର ପ୍ରାଣ ନେଲେ । ଏତେ ମନୁଷ୍ୟ ଜମା ହୋଇ କେହି କିଛି କରିପାରିଲେ ନାହିଁ । ରାୟମହାଶୟ ଭୟଙ୍କରରୂପେ ଆହତ ହୋଇଅଛନ୍ତି । ତାହାଙ୍କର ଦୁଇହାତ, ମୁଣ୍ଡ ଓ କପାଳ କଣା ହୋଇଯାଇଅଛି । ଡାକ୍ତରଙ୍କ ସହିତ ଅନ୍ୟାନ୍ୟ ବାବୁମାନେ ତାହାଙ୍କର ଚିକିତ୍ସା ଓ ସେବା କରୁଅଛନ୍ତି । ସହର ମଧ୍ୟରେ ଏପରି ଉତ୍ପାତ ବଡ଼ ଭୟଙ୍କର । ଆଉ ଲୋକଙ୍କର ସାହସ କାହୁଁ ଆସିବ ? ଅସ୍ତ୍ର ସମ୍ବନ୍ଧୀୟ ଆଇନ ଲୋକଙ୍କୁ ଅକର୍ମଣ୍ୟ କରିଦେଲାଣି ।

## ପୁରୀ-ରଥଯାତ୍ରା ।

ଗତ ତା ୫ ଇଣ ବୁଧବାରଠାରୁ ତା ୧୧ ଇଣ ମଙ୍ଗଳବାର ପୁର୍ବା ଶ୍ରୀଜୀଉଙ୍କର ଗୁଣ୍ଡିଚା ମଣ୍ଡପରେ ଶାସ୍ତ୍ରାନୁସାରେ ପୂର୍ଣ୍ଣ ଦ ୭ ଦ ଅବସ୍ଥାନ ହୋଇଥିଲା । ଯାତ୍ରୀ ଓ ସାଧାରଣଲୋକେ ଗୁଣ୍ଡିଚା ମଣ୍ଡପରେ ଶ୍ରୀପ୍ରଭୁଙ୍କର ସପ୍ତାହାବଧି ଦର୍ଶନ ଓ ଅନ୍ନମହାପ୍ରସାଦ ପ୍ରାପ୍ତହୋଇ ମେନେଜର ବାବୁଙ୍କୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ ।

ଗତ ରବିବାର ତା ୯ ଇଣ ସନ୍ଧ୍ୟା ତିନିରଥର ଦକ୍ଷିଣମୂର୍ତ୍ତି କାର୍ଯ୍ୟ ଶେଷ ହୋଇଥିଲା ।

ସନ୍ଧ୍ୟା ଦର୍ଶନହେତୁ ପୁରୀବାସୀ ଆବାଳବୃଦ୍ଧ ସମସ୍ତେ ଗୁଣ୍ଡିଚା ମନ୍ଦିରରେ ପ୍ରବାସକର ଦର୍ଶନାଦ କରିବାର ଦୃଷ୍ଟଥାଅଛି । ଏବଂ ଅନେକେ ଗୁଣ୍ଡିଚାମନ୍ଦିରରେ ନବଦିନ ରହିବା ସହାଶେ ବସାଘର କରିଥାନ୍ତି । ଏବର୍ଷ ତା ୧୦ ଇଣ ସୋମବାର ସନ୍ଧ୍ୟା ଦର୍ଶନ ଦିନ ଅପରାହ୍ନରେ ବର୍ଷା ହେବାରୁ ଲୋକେ ବିଶେଷ କଷ୍ଟ ଭୋଗ କରି ବସାଘର ଓ ଦୋକାନମାନଙ୍କରେ ଆଶ୍ରୟ ନେଇଥିଲେ ।

ତା ୧୨ ଇଣ ବୁଧବାର ବଡ଼ ଏକାଦଶୀ ଦିନ ଠାକୁରମାନେ ପ୍ରାୟ ଘ ୧୦ ଘା ସମୟରେ ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ା ବିଜେ କରି ଘ ୧୨ ଘା ଠାରେ ରଥାରୂଢ ହେଲେ ଏବଂ ଅଳ୍ପକ୍ଷଣପରେ ତିନି ରଥ ଏକସଙ୍ଗେ ଚଳିଲା । ଏଥର ବର୍ଷା ନ ଥିବାରୁ ଲୋକେ ଆନନ୍ଦରେ ରଥ ଟାଣିଥିଲେ । ଅପରାହ୍ନ ଘ ୫ ଘାଠାରେ ତିନି ରଥ ସିଂହଦ୍ୱାରରେ ଲାଗିଲା ।

ଶାସନୀୟ ବ୍ରାହ୍ମଣମାନେ ପ୍ରତିବର୍ଷ ରଥ ଟଣା ଦେବାର ପୂର୍ବରୁ ନିୟମ ଅଛି । କଲିକତାରୁ ଦଉଡ଼ି ଆସିବାରୁ ସମ୍ଭବତଃ ବ୍ରାହ୍ମଣମାନେ ଟଣା ଦେଇ ନ ଥିବାରୁ ସେମାନଙ୍କୁ ଏବର୍ଷ ଗୁଣ୍ଡିଚା ମନ୍ଦିର ବାସନ୍ଦ ହୋଇଥିଲା । ସୁତରାଂ ମନ୍ଦିର ପ୍ରହରୀମାନେ ବ୍ରାହ୍ମଣ ଦେଖିଲେ ସେମାନଙ୍କଠାରୁ ପ୍ରକୃତ ପରିଚୟ ନେଇ ଛାଡୁଥିଲେ ।

ପ୍ରାୟ ସମସ୍ତ ଯାତ୍ରୀ ଚାଲି ଯାଇଅଛନ୍ତି । ଅତ୍ୟଳ୍ପ ସଂଖ୍ୟକ ଯାତ୍ରୀ ଶ୍ରୀଜୀଉଙ୍କର ନୀଳାଦ୍ରି ବିଜେ ଦେଖି ପ୍ରସ୍ଥାନ କରିବେ । ରଥଯାତ୍ରା ଶେଷ ହୋଇ ଯାଉଥିବାରୁ ଆଜିକାଲି ପଞ୍ଚକୋଶୀ ଏବଂ ଅନ୍ୟାନ୍ୟ ଉତ୍କଳୀୟ ଯାତ୍ରୀ ଅନେକ ଆସୁଅଛନ୍ତି । ଶେଷ ଦିନ ଅର୍ଥାତ୍ ବାହୁଡ଼ାରେ ରଥ ଚଳିବା ସମୟେ ପ୍ରାୟ ହ ୮୦ ଜାର ଉତ୍କଳୀୟ ଯାତ୍ରୀ ହୋଇଥିଲେ ।

## ଯୁବରାଜଙ୍କର ଅଭ୍ୟର୍ଥନା ।

ଇଂରାଜ ସାମ୍ରାଜ୍ୟର ଯୁବରାଜ ସପତ୍ନୀକ ଆଗାମୀ ଡିସେମ୍ବର ମାସ ଶେଷଭାଗରେ ଭାରତର ରାଜଧାନୀ କଲିକତା ନଗରରେ ଉପଗମନ ହେବାକାଳରେ ସେମାନଙ୍କର ଯଥାଯୋଗ୍ୟ ସମ୍ମାନ ଏବଂ ଅଭ୍ୟର୍ଥନା ପ୍ରଦାନ ପ୍ରସଙ୍ଗ ବିବେଚନା କରିବାକାରଣ ଗତ ପୂର୍ବ ଶୁକ୍ରବାର ଅପରାହ୍ନ କାଳରେ କଲିକତା ମହାନଗରବାସୀ ଇଉରୋପୀୟ ଏବଂ ଦେଶୀୟଙ୍କର ଏକ ସଭା ହୋଇଥିଲା । ଉଭୟ ସମ୍ପ୍ରଦାୟର ଅନେକ ମାନ୍ୟ ଗଣ୍ୟ ସରକାରୀ ଓ ବେସରକାରୀ ବ୍ୟକ୍ତି ଉପସ୍ଥିତ ଥିଲେ । ମହାରାଜା ବାହାଦୁର ସର୍ ଯୋତୀନ୍ଦ୍ରମୋହନ ଠାକୁରଙ୍କର ପ୍ରସ୍ତାବ ଏବଂ ମାନ୍ୟବର ଜୁମାଇ ଅମ୍ବା ଡାଦର ସପୃତ ଉଅମିଫ ଅଲି ମିରଜା ବାହାଦୁରଙ୍କର ଅନୁମୋଦନମତେ ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମାନ୍ୟବର ସର୍ ଫ୍ରେଜର ବାହାଦୁର ସଭାପତିର ଆସନ ଗ୍ରହଣ କରି ସଭାର ଅଭିପ୍ରାୟ ବୁଝାଇଦେଲେ । ପରେ ମହାମାନ୍ୟ ଯୁବରାଜ ଓ ତାହାଙ୍କର ସହଧର୍ମିଣୀଙ୍କୁ ସମୁଚିତ ସମ୍ମାନ ଓ ଅଭ୍ୟର୍ଥନା ପ୍ରଦାନ କରିବା, ତହିଁର ଆୟୋଜନ କାର୍ଯ୍ୟ ସମ୍ପାଦନ ନିମନ୍ତେ ଗୋଟିଏ ସାଧାରଣ କମିଟୀ ଏବଂ ଗୋଟିଏ କାର୍ଯ୍ୟକାରୀ କମିଟୀ ଗଠନ ହେବା ଏବଂ କାର୍ଯ୍ୟକର କମିଟିକୁ ଏତଦର୍ଥେ ଚାନ୍ଦା ସଂଗ୍ରହ କରିବାର ଅଧିକାର ଦିଆଯିବାର ପ୍ରସ୍ତାବମାନ ବିଧିମତେ ଉପସ୍ଥିତ ଓ ଧାର୍ଯ୍ୟ ହୋଇଥିଲା । ବଙ୍ଗର ପ୍ରଧାନ ବିଚାରପତି ମାନ୍ୟବର ସର୍ ଫ୍ରାନ୍ସିସ ମାକଲିନ, ବର୍ଦ୍ଧମାନର ମହାରାଜା ଅଧିରାଜ ଶ୍ରୀଯୁକ୍ତ ଡି, ଏମ, ହାମିଲଟନ ଏବଂ ମହାରାଜା କାସିମବଜାର ଯଥାକ୍ରମେ ପ୍ରସ୍ତାବମାନ ଅର୍ପଣ କରିଥିଲେ । ପରିଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେବାର ପ୍ରସ୍ତାବ ସ୍ୱୀକୃତ ହେଲା ଉତ୍ତାରୁ ସଭାପତି ମହାଶୟ କାର୍ଯ୍ୟ ଶେଷ କରିବାବେଳେ ସଭାକୁ ଧନ୍ୟବାଦ ଦେଇ ବ୍ରିଟିଶ ଇଣ୍ଡିୟାନ ଏସୋସିଏସନଦ୍ୱାରା ସଂଗୃହୀତ ହୋଇଥିବା ଚାନ୍ଦା ତାଲିକା ପାଠ କଲେ । ତହିଁରୁ ଜଣାଗଲା ପ୍ରାୟ ଟ ୮୬୦୦୦୯ ଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଥିଲା ଏବଂ ତହିଁମଧ୍ୟରୁ ଦେଶୀୟମାନେ ଟ ୬୬୦୦୦୯ ଏବଂ ଇଉରୋପୀୟମାନେ ଅବଶିଷ୍ଟ ଟ୨୦୦୦୦୯ ଲେଖିଥିଲେ । ଦେଶୀୟଙ୍କ ମଧ୍ୟରେ ଦରଭଙ୍ଗାର ମହାରାଜା ଟ ୧୦୦୦୦୯ ଙ୍କା ହାତୁଆର ମହାରାଣୀ ଟ ୬୦୦୦ ୯ ଙ୍କା, କୁଚବିହାର, କାସିମବଜାର, ଡୋମରାଓଁ ଏବଂ ବର୍ଦ୍ଧମାନର ମହାରାଜାମାନେ, ଢାକାର ନବାବ ବାହାଦୁର ଏବଂ ମହାରାଜା ବାହାଦୁର ଠାକୁର ପ୍ରତ୍ୟେକେ ଟ ୫୦୦୦୯ଙ୍କା ଲେଖାଏଁ ଲେଖିଅଛନ୍ତି । ଇଉରୋପୀୟଙ୍କ ମଧ୍ୟରେ ଆପହାର କମ୍ପାନି, ରଲି-ବ୍ରଦର୍ସ, ଗ୍ରେହାମ କମ୍ପାନି ପ୍ରଭୃତି ବଡ଼ ବଡ଼ କମ୍ପାନିମାନେ ଏକହଜାର ଟଙ୍କା ଲେଖାଏଁ ସ୍ୱାକ୍ଷର କରିଅଛନ୍ତି । ଏଥିଉତ୍ତାରୁ ସଭା ଭଙ୍ଗ ହୋଇଥିଲା । କମିଟିର ଯତ୍ନରେ ଅନେକ ଟଙ୍କା ଚାନ୍ଦା ହେବ ଏବଂ ମୋଟ ଏକଲକ୍ଷ ଟଙ୍କାରୁ ଅଧିକ ହେବାର ଆଶା ଅଛି ।

## ହିନ୍ଦୁର ଆକ୍ଷେପ ।

ଏଥରର ପ୍ରେରିତପତ୍ର ସ୍ତମ୍ଭରେ 'ଶ୍ରୀ ହିନ୍ଦୁ' ସ୍ୱାକ୍ଷରିତ ଗୋଟିଏ ପତ୍ର ପ୍ରକାଶ କଲୁଁ । ପାଶ୍ଚାତ୍ୟ ଶିକ୍ଷାର ଉପକାରିତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ତଦ୍ୱାରା ଅନେକ ଯୁବକର ମତି ଗତି ଅଯଥା ରୂପେ ପରିବର୍ତ୍ତନ ହେବା ସମ୍ବନ୍ଧରେ ପତ୍ର-ପ୍ରେରକ ଯାହା ଲେଖିଅଛନ୍ତି ତାହା ଅମୂଳକ ବୋଲି ଆମ୍ଭେମାନେ କହି ନ ପାରୁଁ । ବାସ୍ତବରେ ତାହା ଗୋଟିଏ ସାଧାରଣ ଗୁହାରି ଏବଂ ଗଭର୍ଣ୍ଣମେଣ୍ଟ ମଧ୍ୟ ତାହା ଅନୁଭବ କରି ସରକାରୀ ଓ ବେସରକାରୀ ନାନାଶ୍ରେଣୀର ବିଦ୍ୟାଳୟରେ ସୁନୀତି ଶିକ୍ଷାଦାନ ପ୍ରତି ଦୃଢ଼ରୂପେ ଯତ୍ନବାନ୍ ହୋଇଅଛନ୍ତି ଏବଂ ସ୍କୁଲ ଛାତ୍ରର ଅଭିଭାବକମାନଙ୍କୁ ସେ ବିଷୟରେ ଦୃଷ୍ଟି ରଖିବାପାଇଁ ପୁନଃ ପୁନଃ ଅନୁରୋଧ କରୁଅଛନ୍ତି । ନୀତିର ବିଶେଷ ସମ୍ବନ୍ଧ ଧର୍ମ ସଙ୍ଗରେ ରହିଅଛି ଏବଂ ତାହା ଶିକ୍ଷାର ପ୍ରଧାନ ସ୍ଥାନ ଘର ଅଟେ ଅଧିକାଂଶ ସ୍ଥଳେ ଦେଖାଯାଏ ଯେ ଘରର କର୍ତ୍ତାମାନେ ପିଲାଙ୍କର ଧର୍ମନୀତି ଶିକ୍ଷା ବିଷୟରେ

Digitized by srujanika@gmail.com

Split by PDF Splitter



331

ମନୋଯୋଗୀ ନ ହୋଇ କେବଳ ସେମାନେ କପଟ ବିଦ୍ୟାଳୟ ଦ୍ୱାରା ଅର୍ଥ ଉପାର୍ଜନଦ୍ୱାରା ବୈଷୟିକ ବ୍ୟାପାର ସୂତ୍ରରେ ନିର୍ବାହ କରି ପାରିବେ ସେହି ଚେଷ୍ଟାରେ ମଗ୍ନ ହୁଅନ୍ତି ଏବଂ ତହିଁରେ ପିଲାମାନଙ୍କୁ ସଫଳ ହେବାର ଦେଖି ନିଶ୍ଚିନ୍ତ ହୁଅନ୍ତି । ହିନ୍ଦୁ କର୍ତ୍ତାମାନଙ୍କ ମଧ୍ୟରେ ଏ ଦୋଷ ଅଧିକ ଦେଖାଯାଏ । ଇଂରେଜ ଗବର୍ଣ୍ଣମେଣ୍ଟ ନାନା ଧର୍ମାବଲମ୍ବୀଙ୍କର ପ୍ରତିନିଧି ହେବାରୁ ସରକାରୀ ବିଦ୍ୟାଳୟରେ ଧର୍ମ ବିଶେଷର ଶିକ୍ଷା ଦେବାକୁ ନ୍ୟାୟସଙ୍ଗତ ରୂପେ ସ୍ଥାନ ଦେଉଅଛନ୍ତି । ସୁତରାଂ ନୈତିକ ଧର୍ମ ଶିକ୍ଷାର ଭାର ଘରର କର୍ତ୍ତାମାନଙ୍କ ଉପରେ ସମ୍ପୂର୍ଣ୍ଣରୂପେ ପଡ଼ୁଅଛି । ପତ୍ରପ୍ରେରକ ହିନ୍ଦୁଧର୍ମ କ୍ଷୟ ହେବାର ଆକ୍ଷେପ କରୁଅଛନ୍ତି । କିନ୍ତୁ ହିନ୍ଦୁଧର୍ମ ଶିକ୍ଷା ଦେବାପାଇଁ କେହି ଯତ୍ନବାନ୍ ଥିବାର ଦେଖା ଯାଉଅଛି କି ? ଏତେବଡ଼ ଏହି କଟକସହରରେ ଗୋଟିଏ ହିନ୍ଦୁ ଧର୍ମସମାଜ ନାହିଁ କି ଯେଉଁଠାରେ ହିନ୍ଦୁ ଶିକ୍ଷିତ ଲୋକମାନେ ଏକତ୍ର ବସି ଧର୍ମଚର୍ଚ୍ଚା କରନ୍ତି ଏବଂ ପିଲାମାନଙ୍କୁ ଉପଦେଶ ଦିଅନ୍ତି । ଏ ଅବସ୍ଥାରେ କେହି କେହି ଶିକ୍ଷିତ ହିନ୍ଦୁସନ୍ତାନ ଧର୍ମାନ୍ତର ଗ୍ରହଣ କରିବା ଆଶ୍ଚର୍ଯ୍ୟ ନୁହେ । ପୁଣି ଲେଖକ ଯେ ଏଥିପାଇଁ ବ୍ରାହ୍ମସମାଜର ଦୋଷ ଦେଇଅଛନ୍ତି ଏହା ନ୍ୟାୟସଙ୍ଗତ ନୁହେ । ବ୍ରାହ୍ମସମାଜ ସ୍ଥାପନ ପୂର୍ବେ ଶିକ୍ଷିତ ଯୁବାମାନଙ୍କର ମନ ଖ୍ରୀଷ୍ଟିୟାନ୍ ଧର୍ମକଡ଼କୁ ଝୁଙ୍କିଥିଲା ଓ କେତେକଜଣ ଖ୍ରୀଷ୍ଟିୟାନ ହୋଇଥିଲେ । ବ୍ରାହ୍ମସମାଜ ସେ ଗତି ଫେରାଇଅଛି ଏବଂ ବେଦ ଉପନିଷଦାଦିର ମର୍ମ ବୁଝାଇ ଦେବାଦ୍ୱାରା ହିନ୍ଦୁଧର୍ମର ଅନେକ ସାହାଯ୍ୟ କରିଅଛି । ଜ୍ଞାନ ଭକ୍ତି ଓ କର୍ମକାଣ୍ଡ ଭେଦରେ ହିନ୍ଦୁ ଧର୍ମର ଶାଖା ପ୍ରଶାଖା ବିସ୍ତର ଏବଂ ବ୍ରାହ୍ମଧର୍ମକୁ ଗୋଟିଏ ଶାଖା ବୋଲିବା ଅତ୍ୟୁକ୍ତି ନୁହେ । ଅତଏବ ବ୍ରାହ୍ମଧର୍ମକୁ ହିନ୍ଦୁ ଧର୍ମର ଘାତକର ବିବେଚନା କରିବା ଉଚିତ ନୁହେ । ବ୍ରାହ୍ମମାନେ ଧର୍ମ ପ୍ରଚାରର ଯେପରି ଚେଷ୍ଟା କରୁଅଛନ୍ତି ହିନ୍ଦୁମାନେ ନିଜେ ସାମ୍ପ୍ରଦାୟିକ ଧର୍ମ ପ୍ରଚାରର ଚେଷ୍ଟା କଲେ ଏକଦ୍ୱାରା ଅନ୍ୟର ଅନିଷ୍ଟ ଘଟିବ ନାହିଁ । ବରଂ ମୋଟରେ ଫଳ ଭଲ ହେବ । ଘର ନ ଜଗି ଶେଷରଗଲା ବେଳ କାନ୍ଦିବା ଭଲ ନୁହେ ।

---

### ବଙ୍ଗପ୍ରଦେଶର ଭୂମି ବିଭାଗ ।

ବଙ୍ଗୀୟ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଶାସିତ ପ୍ରଦେଶର ଅଧୀନର ଅତ୍ୟନ୍ତ ଅଧିକ ଏବଂ ଆସାମପ୍ରଦେଶର ଅଧୀନର ଅତ୍ୟନ୍ତ ଅଳ୍ପ ହେବା କାରଣରୁ ପ୍ରଥମ ଲକ୍ଷିତ ପ୍ରଦେଶର କେତେକ ଅଂଶ ଶେଷ ଲକ୍ଷିତ ପ୍ରଦେଶରେ ଯୋଗ କରିବା ଏବଂ ତହିଁ ସଙ୍ଗେ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡକୁ ବଙ୍ଗାଧୀନ ଓଡ଼ିଶା ସଙ୍ଗେ ଯୋଗ କରିବା ମର୍ମରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏକବର୍ଷରୁ ଅଧିକ ହେବ ଏକ ନିର୍ଦ୍ଧାରଣ ପତ୍ର ପ୍ରସ୍ତୁତ କରିଥିଲେ । ସେ ସମ୍ବନ୍ଧରେ ଯେତେ ଆନ୍ଦୋଳନ ହୋଇଅଛି ସମସ୍ତଙ୍କୁ ଜଣାଅଛି । ବଙ୍ଗବାସିମାନେ ବଙ୍ଗର ସୀମା ଖର୍ବ ହେବା ବିରୁଦ୍ଧରେ ଘୋର ଆପତ୍ତି କରି ଆସୁଅଛନ୍ତି ଏବଂ ନିକଟରେ ବିଲାତର ଷ୍ଟେଟ ସେକ୍ରେଟେରୀଙ୍କ ନିକଟକୁ ଏକ ଆବେଦନପତ୍ର ପଠାଇଅଛନ୍ତି । ମାତ୍ର ସେହି ଆବେଦନପତ୍ର ବିଲାତରେ ପ୍ରବେଶ ହେବା ପୂର୍ବରୁ ବିଲାତରୁ ସମ୍ବାଦ ଆସିଅଛି ବଙ୍ଗର ବିଭାଗ ପ୍ରସ୍ତାବ ବିଲାତର ଭାରତୀୟ ଷ୍ଟେଟ ସେକ୍ରେଟେରୀ ମଞ୍ଜୁର କରିଅଛନ୍ତି । ଏଥିରୁ ପାଠକମାନେ ଦେଖିବେ ଯେ ମହାମାନ୍ୟ ଲର୍ଡ଼ କର୍ଜନ ବାହାଦୁର ବଙ୍ଗବାସିଙ୍କର ପ୍ରଗାଢ଼ ପ୍ରତିବାଦ ଏବଂ ମନସ୍ତାପ ପ୍ରତି ଅଣଦେଖା କରିବାର ହେତୁ ପାଇଲେ ନାହିଁ ଏବଂ ଭାରତ ଗବର୍ଣ୍ଣମେଣ୍ଟ ପକ୍ଷରୁ ସେ ଯାହା ଲେଖିଲେ ବିଲାତ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କଲେ । ବିଭାଗଟା କିପରି ହୋଇଅଛି ତହିଁର ସରକାରୀ ବିବରଣ ଏ ପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିବାରୁ ଠିକ ବୋଲାଯାଇ ନ ପାରେ । ବୋଧ ହୁଏ ଅତି ଶୀଘ୍ର ପ୍ରକାଶ ହେବ । ଏଥି ମଧ୍ୟରେ ସିମଲାଠାରେ ତହିଁର ଆଭାସ ଏହିପରି ଜଣା ଯାଇଅଛି କି ଚଟ୍ଟଗ୍ରାମ, ଢାକା, ରାଜସାହି ଏବଂ ହିଲଟିପରା ବିଭାଗମାନ ବଙ୍ଗରୁ ବାହାରିଯିବ ଏବଂ ତହିଁ ସଙ୍ଗେ ଆସାମ ଦେଶ ମିଶି ଗୋଟିଏ ନୂତନ ପ୍ରଦେଶ ହେବ । ଏହି ନୂତନ ପ୍ରଦେଶର ନାମ ହେବ ପୂର୍ବବଙ୍ଗ ଏବଂ ଆସାମ ପ୍ରଦେଶ । ଏ ପ୍ରଦେଶ ଏକଜଣ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଶାସନରେ ରହିବ ଏବଂ ତାହାଙ୍କୁ ପୃଥକ ବ୍ୟବସ୍ଥାପକ ସଭା, ରେଭିନ୍ୟୁ ବୋର୍ଡ଼ ଏବଂ ସେକ୍ରେଟେରୀ ପ୍ରଭୃତି ଦିଆଯିବ । କେବଳ ବର୍ତ୍ତମାନ ସହାଶେ କଲିକତା ହାଇକୋର୍ଟର ଅଧିକାର ଏ ପ୍ରଦେଶରେ ରହିବ । ଢାକା ସହର ଏ ପ୍ରଦେଶର ଶୀତକାଳର ଏବଂ ଶିଲଙ୍ଗ ଗ୍ରୀଷ୍ମକାଳର ରାଜଧାନୀ ହେବ । ବଙ୍ଗପ୍ରଦେଶର ଗ୍ରୀଷ୍ମକାଳର ରାଜଧାନୀ ବର୍ତ୍ତମାନ୍ ପରି ଦାର୍ଜିଲିଂରେ ରହିବ ଏବଂ ଏହି ହେତୁ ରାଜସାହି ବିଭାଗ ଅନ୍ତର୍ଗତ ଦାର୍ଜିଲିଂ ଜିଲ୍ଲା ନୂତନ ପ୍ରଦେଶକୁ ନ ଯାଇ ବଙ୍ଗପ୍ରଦେଶରେ ରହିବ । ଏହି ମୂଳ ପରିବର୍ତ୍ତନ ସଙ୍ଗେ ବଙ୍ଗ ଏବଂ ମଧ୍ୟପ୍ରଦେଶରେ ସାମାନ୍ୟ ଦାଖଲ ଖାରଜ ହେବାର ସ୍ଥିର ହୋଇଅଛି । ଯଥା ମଧ୍ୟପ୍ରଦେଶରୁ ସମ୍ବଲପୁର ଓ ସେହି ଜିଲ୍ଲା ଅନ୍ତର୍ଗତ ଉତ୍କଳଭାଷୀ ଗଡ଼ଜାତମାନ ବଙ୍ଗକୁ ଆସିବ ଏବଂ ଛୋଟନାଗପୁରର କେତେକ ଛୋଟ ଛୋଟ ଦେଶୀୟ ରାଜ୍ୟ (ବୋଧ ହୁଏ ହିନ୍ଦିଭାଷୀ) ମଧ୍ୟପ୍ରଦେଶକୁ ବାହାରିଯିବ । ଏହି ପରିବର୍ତ୍ତନରେ ବଙ୍ଗର ଲୋକସଂଖ୍ୟା ୮ କୋଟିରୁ ୫୪ କୋଟିକୁ ଖସି ଆସିବ । ମୋଟ ଫଳ ବଙ୍ଗର କାର୍ଯ୍ୟଭାର ଲାଘବ ହେଲା, ଲର୍ଡ କର୍ଜନଙ୍କର ଜେଦ ରହିଲା ମାତ୍ର ଅନ୍ୟ ଦିଗରେ ବ୍ୟୟବୃଦ୍ଧି ବଢିଲା, ଉଚ୍ଚ ବେତନର ଉପଯୋଗୀ କର୍ମଚାରୀଙ୍କର ସଂଖ୍ୟା ବୃଦ୍ଧି ହେଲା ଅଥଚ ଯେଉଁ ପ୍ରଜାମାନେ ସେ ଅର୍ଥ ଯୋଗାଇବେ ସେମାନଙ୍କର ଦୁଃଖ ଆଦୌ ଶୁଣାଗଲା ନାହିଁ । ଓଡ଼ିଶା ଗଞ୍ଜାମ ଓ ସମ୍ବଲପୁରର ଭାଇମାନଙ୍କୁ ଆପଣା ସଙ୍ଗକୁ ଆଣିବାର ଆଶା କରିଥିଲା । ସେ ଆଶା ସମ୍ପୂର୍ଣ୍ଣ ସଫଳ ନ ହୋଇ ଏକ ଅଂଶରେ ସଫଳ ହୋଇଅଛି । ଭାଗ୍ୟର କଥା ବୋଲିବାକୁ ହେବ ଏବଂ ଏଥିପାଇଁ କୃତଜ୍ଞତା ସ୍ୱୀକାର କରୁଅଛୁଁ ।

---

### ଜଗନ୍ନାଥବଲ୍ଲଭ ମଠ ।

ପୁରୀ ଜଗନ୍ନାଥବଲ୍ଲଭ ମଠ ଗୋଟିଏ ପ୍ରାଚୀନ ମଠ । ଏହାକୁ ଜଗନ୍ନାଥଦେବଙ୍କର ଖାସ ମଠ ବୋଲି ଅନେକ ଲୋକ କହନ୍ତି । ଅନ୍ତତଃ ଏହି ମଠର ବଗିଚା ମହାପ୍ରଭୁଙ୍କର ଫୁଲବଗିଚା ଅଟେ । ପ୍ରତିବର୍ଷ ଦଶହରା ଯାତ୍ରା ଉପଲକ୍ଷରେ ମହାପ୍ରଭୁଙ୍କର ପ୍ରତିନିଧି ଏଠାକୁ ବିଜେ କରନ୍ତି । ବଗିଚାଟି ବୃହତ ଏବଂ ନାନା ପ୍ରକାର ଫୁଲ ଓ ଫଳବାନ୍ ବୃକ୍ଷରେ ପରିପୂର୍ଣ୍ଣ । ଜଳର ସୁବିଧା ସହାଶେ କେତୋଟି ପୁଷ୍କରିଣୀ ମଧ୍ୟ ଅଛି । ଜଗଦ୍ଗୁରୁ ଭୂତନାଥ ଏହି ମଠର ଅଧିକାରୀଥିବା ସମୟରେ ମଠର ନାନା ଉନ୍ନତି ସଙ୍ଗେ ବଗିଚା ପ୍ରତି ବିଶେଷ ଦୃଷ୍ଟି ରଖି ଅନେକ ଗୁଆ ନଡ଼ିଆ ଇତ୍ୟାଦି ଅପୂର୍ବ ବୃକ୍ଷ ରୋପଣ କରିଥିଲେ ଏବଂ କ୍ରମାଗତ ରୋପଣ କରିବା ଅଭିପ୍ରାୟରେ ସେହି ସବୁ ବୃକ୍ଷର ବିସ୍ତର ଚାରା ପକାଇଥିଲେ । ସେ ମୃତ୍ୟୁକାଳରେ ଉଇଲଦ୍ୱାରା ମଠର କୋଠାରୀଙ୍କୁ ଅଧିକାରୀ ନିଯୁକ୍ତ କରିବାରୁ ତାହାଙ୍କର ପରଲୋକାନ୍ତେ କୋଠାରୀ ମଠର କାର୍ଯ୍ୟଭାର ଗ୍ରହଣ କଲେ । ମାତ୍ର ସେ ବନ୍ଦୋବସ୍ତ ମଠର ତତ୍ତ୍ୱାବଧାନ କମିଟିର ମନକୁ ନ ଆସିବାରୁ କମିଟିର ମେମ୍ବରମାନେ କୋଠାରୀକୁ ବହିଷ୍କୃତ କରି ଏବଂ ସେ ପ୍ରତିବାଦ କଲାରୁ ପୁରୀର ଡିଷ୍ଟ୍ରିକ୍ଟମାଜିଷ୍ଟ୍ରେଟଙ୍କୁ ଜଣାଇ ତାହାଙ୍କର

Digitized by srujanika@gmail.com

ଅନେକସମୟରେ କୋଠାରିଙ୍କୁ ପୂଜାରିଦ୍ୱାରା ମଠରୁ ବାହାର କରିଦେଇ ଏକଜଣ ମାନେଜର ନିଯୁକ୍ତ କରି ତାହାଦ୍ୱାରା ମଠର କାର୍ଯ୍ୟ ଚଳାଉଅଛନ୍ତି ଏବଂ ଆପଣା ନାମରେ ଟ୍ରଷ୍ଟି ସ୍ୱରୂପ ମଠର ସକଳ ସମ୍ପତ୍ତି ସମ୍ବନ୍ଧେ ନାମ ରେଜିଷ୍ଟ୍ରୀ କରିବା କାରଣ ଦାଖଲଖାରଜ — ଆଇନାନୁସାରେ କଲେକ୍ଟରୀ ମହକୁମାରେ ମୋକଦ୍ଦମା ଦାଏର କରିଅଛନ୍ତି । ଏହିପରି ଫଉଜଦାରି ଏବଂ କଲେକ୍ଟରି ଉଭୟ ଅଦାଲତରେ କୋଠାରି ଓ ମେମ୍ବରମାନଙ୍କ ମଧ୍ୟରେ କେତେମାସହେଲା ମାମଲା ଚାଲୁଅଛି ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନାହିଁ । ମାମଲା ସମ୍ବନ୍ଧରେ ହାକିମଙ୍କର ନିଷ୍ପତ୍ତି ନ ବାହାରିବା ପର୍ଯ୍ୟନ୍ତ ଭଲମନ୍ଦ କିଛି କହି ନ ପାରୁଁ । ବର୍ତ୍ତମାନ ଅମ୍ଭେମାନେ ଏତିକି କହୁଅଛୁଁ କି ଅଧିକାରୀଙ୍କ ଯୋଗେ ବିବାଦ ହେତୁ ବଗିଚାର ବିଶେଷ ଅନିଷ୍ଟ ହେଉଅଛି । ଜଳ ଅଭାବରୁ ଅନେକ ଗଛ ମରିଯାଇଅଛି ଏବଂ ଅନେକ ଗଛ ପ୍ରତି ବାଧା ହୋଇଅଛି ଏବଂ ଅଯତ୍ନରେ ଘାସ ଜଙ୍ଗଲ ବଢ଼ି ବଗିଚାର ଶ୍ରୀ ନଷ୍ଟ କରୁଅଛି । ଶୁଣିଲୁଁ ଯେ ସ୍ୱାମୀଙ୍କ ମାନ ଛଡ଼ା ପ୍ରାୟ ୨୦ ଜଣ ମାଳୀ ବା ମଜୁରିଆ ବଗିଚାରେ ଖଟୁଥିଲେ । ସେମାନେ ନିଯୁକ୍ତ ଖୋରାକ ନ ପାଇବାରୁ କାର୍ଯ୍ୟ ଛାଡି ଆପଣା ଆପଣା ଘରକୁ ଚାଲିଗଲେ । ସୁତରାଂ ଅଳ୍ପଲୋକରେ ଏଡ଼େ ବଡ଼ ବଗିଚା ସୁରକ୍ଷିତ ହେବା ଅସମ୍ଭବ ହୋଇଅଛି । ମାଲମୋକଦ୍ଦମା ଶୁଣା କରିବାର ଉପଯୁକ୍ତ କାରଣ କମିଟିର ଥାଇପାରେ । ମାତ୍ର କମିଟୀ ଯେତେବେଳେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ସେସ୍ଥଳେ ବଗିଚାର ଦୁରବସ୍ଥା ସକାଶେ କମିଟୀ ଦାୟୀ ଏକଥା ଅନାୟାସରେ କହିବାକୁ ହେବ ଏବଂ ପ୍ରକୃତରେ ଯେବେ ଜଗନ୍ନାଥବଲ୍ଲଭମଠର ବଗିଚାରେ ଶ୍ରୀ ଜଗନ୍ନାଥ ଦେବଙ୍କର ଗୋଟିଏ ବିଶେଷ ଯାତ୍ରା ବା ସେବା ଶାସ୍ତ୍ରା ହୋଇଥାଏ ତେବେ ପୂଜା ମନ୍ଦିରର ମାନେଜରଙ୍କର ସେହି ବଗିଚାର ସୁରକ୍ଷା ବିଷୟରେ କିଛି କର୍ତ୍ତବ୍ୟ ବା ଦାୟିତ୍ୱ ନାହିଁ ଏମନ୍ତ ବୋଲାଯାଇ ନ ପାରେ । ବର୍ତ୍ତମାନର ସୁଯୋଗ୍ୟ ମାନେଜରଙ୍କର ବିଚକ୍ଷଣ ବନ୍ଦୋବସ୍ତରେ ମହାପ୍ରଭୁଙ୍କର ସକଳ ନୀତି ଯାତ୍ରା ଇତ୍ୟାଦି ଅତି ସୁନ୍ଦରରୂପେ ସମ୍ପାଦିତ ହେବାର ଦେଖି ସର୍ବସାଧାରଣ ତାହାଙ୍କର ପ୍ରଶଂସା କରୁଅଛନ୍ତି ଏବଂ ମନ୍ଦିରର ଭଣ୍ଡାରର ଅର୍ଥର ଅଭାବ ଘୁଞ୍ଚି ଯାଇଅଛି । ଏପ୍ରକାର ଅବସ୍ଥାରେ ମହାପ୍ରଭୁଙ୍କର ବଗିଚାର ଉନ୍ନତି ପ୍ରତି ତାହାଙ୍କର ଯତ୍ନବାନ୍ ହେବା ଉଚିତ ଏବଂ ସେଦିଗକୁ ଅମ୍ଭେମାନେ ତାହାଙ୍କର ମନୋଯୋଗ ଆକର୍ଷଣ କରୁଅଛୁଁ ।

ଏ ପ୍ରବନ୍ଧ ଲେଖିବା ଉତ୍ତାରୁ ଗତ ତା ୧ ର: ଖର ଜଗନ୍ନାଥ ସମାଚାରରେ ଦେଖିଲୁଁ କି ମଠର ଦାଖଲଖାରଜ ମୋକଦ୍ଦମାରେ ପୂଜା ରାଜାଙ୍କପକ୍ଷରୁ ଆପତ୍ତି ହୋଇଅଛି ଏବଂ ଲେଖକଙ୍କ ମତରେ ଉକ୍ତ ମଠ ମନ୍ଦିରର ଅଧୀନ ଅଟେ ।

---

## କଟକ ମିଉନିସିପାଲିଟିର ଟିକସ ବନ୍ଦୋବସ୍ତ ।

ଏହି ମିଉନିସିପାଲିଟିର ଟିକସ ବନ୍ଦୋବସ୍ତର ମିଆଦ ଗତ ହେବାରୁ ଗବର୍ଣ୍ଣମେଣ୍ଟଙ୍କ ପ୍ରେରିତ ଏକଜଣ ଆସେସରଙ୍କଦ୍ୱାରା ନୂତନ ବନ୍ଦୋବସ୍ତ ହେବାର ମିଉନିସିପାଲିଟିର ବିଜ୍ଞାପନରୁ ନଗରବାସିମାନେ ଜାଣିଅଛନ୍ତି ଏବଂ ସଙ୍ଗେ ସଙ୍ଗେ ବିଲ ଜାରି ହେବାରୁ ବନ୍ଦୋବସ୍ତ ବିରୁଦ୍ଧରେ ଅପିଲ ହେଉଅଛି । ମିଉନିସିପାଲ କମିଶନରମାନେ ମଧ୍ୟ ସମୟାନୁସାରେ ଅପିଲକମିଟୀ ନିଯୁକ୍ତ କରିବାରେ ଅପିଲ ବିଚାର ଆରମ୍ଭ ହୋଇଅଛି । ଗତ ସୋମବାର ଅପିଲ କମିଟିର ପ୍ରଥମ ଓ ଗୁରୁବାର ୨ୟ ବୈଠକରେ ପ୍ରାୟ ତିନିଶତ ଅପିଲ ମଧ୍ୟରୁ ୧୩୧ଟା ନିଷ୍ପତ୍ତି ହୋଇଥିଲା । କେବଳ ୨୭ଟା ଅପିଲ ସଫଳ ଏବଂ ଅବଶିଷ୍ଟ ସମସ୍ତ ବିଫଳ ହୋଇଥିଲା । ଶତକଡ଼ା ୮୦ ଅପିଲ ଅଗ୍ରାହ୍ୟ ହୋଇଥିବାର ଜଣାଯାଏ । ବନ୍ଦୋବସ୍ତ କାର୍ଯ୍ୟ ଶୀଘ୍ର ଶେଷ କରିବା ପ୍ରତି ମିଉନିସିପଲ କମିଶନରମାନେ ବିଲ ଉପାୟ କରିଅଛନ୍ତି ଏବଂ ଅପିଲ କମିଟୀ ମଧ୍ୟ ଶୀଘ୍ର ନିଷ୍ପତ୍ତି କରୁଅଛନ୍ତି । ଏଥିରୁ ଆଶା ହେଉଅଛି ଯେ ଆପତ୍ତିକାରୀମାନେ ଦୁର୍ଭାବନାରୁ ଶୀଘ୍ର ଅବ୍ୟାହତି ପାଇବେ ଏବଂ ଏତାବେଳେ ଏତାଧିକ ଟଙ୍କା ଏକ ଥରରେ ଦେବାର କଷ୍ଟ ଭୋଗ କରିବେ କି ନାହିଁ ମାତ୍ର ସ୍ଥିରକରି କହି ପାରୁଁ ନାହୁଁ ।

ବର୍ତ୍ତମାନ ବନ୍ଦୋବସ୍ତ ଘରର ବାର୍ଷିକ ମୂଲ୍ୟ ବା ଭଡ଼ା ଉପରେ ଧରାଯିବା କଥା ଅନେକଲୋକଙ୍କ ଜଣା ନାହିଁ । ଅଧିକାଂଶ ଲୋକ କେବଳ ନିଜ ନିଜ ଆୟ ବା ଅବସ୍ଥାର ଆପତ୍ତି କରୁଅଛନ୍ତି । ଏ ନଗରରେ ମିଉନିସିପାଲିଟି ଜାରି ହେଲା ଦିନରୁ ବହୁକାଳ ଅବସ୍ଥା ଉପରେ ଟିକସ ନିଆଯାଉଥିବାରୁ ଲୋକଙ୍କ ମନରେ ସେହି ସଂସ୍କାର ରହିଅଛି । ଘର ଭଡ଼ା ଉପରେ ଟିକସ ଧାର୍ଯ୍ୟ ହେବା ସେମାନଙ୍କ ପକ୍ଷରେ ନୂତନ ଏବଂ ଅଧିକାଂଶ ଲୋକ ମୂର୍ଖ ଥିବା ହେତୁ ଶୀଘ୍ର ସେ ସମସ୍ତ କଥା ବୁଝିବା ସହଜ ନୁହେ । ପୁଣି ଆପଣା ଘରେ ଆପେ ରହି ତହିଁର ଭଡ଼ା ଉପରେ ଟିକସ ଦେବା କଥାଟା ବୁଝିବାକୁ ଅଭ୍ୟାସ । ଏଥିପାଇଁ ନୂତନ ବିଧି କୋହଳ ଭାବରେ ପ୍ରଥମେ ଚଳାଇବା ଉଚିତ । ଆଇନରେ ଅଛି ଘରର ବାର୍ଷିକ ଭଡ଼ା ଉପରେ ଶତକଡ଼ା ୫ ୬ୟ ରୁ ଅଧିକ ନ ହେବା କୌଣସି ଦରରେ ଟିକସ ନେବାର କମିଶନରମାନେ ସଭାରେ ଧାର୍ଯ୍ୟ କରିବେ । ଯଦ୍ୟପି ପୂର୍ବାପେକ୍ଷା ଟିକସ କମିଯିବା ଆଶଙ୍କାରେ କମିଶନରମାନେ ଏହାବେଳେ ସର୍ବୋଚ୍ଚ ଦର ନେବାର ସ୍ଥିର କଲେ ତେବେ ଏପରି ବିଚାର କରିବା ଉଚିତ କି ଯହିଁରେ ପୂର୍ବଠାରୁ ଅନର୍ଥକ ବାହାର ଟିକସ ଉଣା କିମ୍ବା ଅତିରିକ୍ତ ବୃଦ୍ଧି ନ ହେବ । ବାହାରସ୍ଥଳ କର ଅଧିକ ବାଢ଼ି ହେଲେ ତାହାକୁ ଅବଶ୍ୟ କମେଇ ଦେବାର ଶକ୍ତି ଆଇନରେ ଦିଆ ଅଛି । ମୁକ୍ତହସ୍ତରେ ଏ ବିଧି ଚଳାଇବା ଉଚିତ । ଘରଭଡ଼ା ନିରୂପଣ ଆସେସର ଅନେକ ସ୍ଥଳରେ ଅଧିକ ପରିମାଣରେ କରିଅଛନ୍ତି । ସେ ବଙ୍ଗଳାର ଲୋକ । ଏ ସ୍ଥାନର କଥା ତାହାଙ୍କୁ ଜଣା ନାହିଁ । ଅଳ୍ପକାଳ ନିମନ୍ତେ ବାଣିଜ୍ୟ ବ୍ୟବସାୟ ବା ଚାକିରି ଉପଲକ୍ଷରେ ଅନ୍ୟ ସ୍ଥାନରୁ ଲୋକେ ଆସି ଯେତେ ଘରଭଡ଼ା ଦେଉଅଛନ୍ତି ସେହି ଅନୁପାତରେ ଚିରକାଳ ବାସିନ୍ଦାଙ୍କର ଘରଭଡ଼ା ଲଗାଇଅଛନ୍ତି । ଏହା ନ୍ୟାୟସଙ୍ଗତ ନୁହେ । ପୁଣି ଆଇନରେ ଅଛି ଗୋଟିଏ ହୋଲଡିଂ ଅର୍ଥାତ ଏକସୀମା ମଧ୍ୟରେ ଥିବା ଘର ବାଡ଼ିର ମୋଟ ସମ୍ପତ୍ତିଙ୍କର ଭଡ଼ା ଧରିବାକୁ ହେବ । ମାତ୍ର ଅନେକ ସ୍ଥଳେ ଆସେସର ଏକ ୨ କୋଠରି ଭଡ଼ା ଧରି ମୋଟ ସଙ୍ଗେ ମିଶାଇଅଛନ୍ତି ଏବଂ କେତେସ୍ଥଳରେ ନିକଟସ୍ଥ ଭୋଗାନଗର ଭଡ଼ା ଦରରେ ବାସିନ୍ଦାର ଘରଭଡ଼ା କଷିଅଛନ୍ତି । କେତେସ୍ଥଳେ ଘରର ଅବସ୍ଥା ଓ ଚତୁର୍ଦ୍ଦିଗସ୍ଥ ଲୋକର ଅବସ୍ଥାର ବିଚାର ହୋଇ ନାହିଁ । ଏଥିପୂର୍ବେ ପାଇଖାନା ଟିକସ ସକାଶେ ଘରଭଡ଼ା ଯାହା କଟ ଧରାଯାଇଥିଲା ଅନେକ ସ୍ଥଳେ ଆସେସର ଅଢ଼ାଇଗୁଣ ବଢ଼ାଇ ଦେଇଅଛନ୍ତି । ଏମନ୍ତ କି ବାର୍ଷିକ ୫୬୧ଙ୍କା ପର୍ଯ୍ୟନ୍ତ ଭଡ଼ା ଆଇନରେ ଛାଡ଼ ଥିବାରୁ ପୂର୍ବେ ଯେଉଁ ଘରର ଭଡ଼ା ୫ ୧୮ ଙ୍କା ଥିଲା ତାହାର ଭଡ଼ା ୫ ୬ କରିଦେଇଅଛନ୍ତି । ପୁଣି ୧୦ ରୁ ୧୫ ବା ୨୦ କୁ ୨୫ ବା ୩୦ ଟଙ୍କା ମନୋଜ ମତେ ବଢ଼ାଇ ଦେଇଅଛନ୍ତି ଏହି ଦୃଷ୍ଟ ତାରତମ୍ୟର ହେତୁ ଦେଖାଇବା ଯେମନ୍ତ କଠିନ ଖଣ୍ଡନ କରିବା ମଧ୍ୟ ତଦ୍ରୂପ ଅଟେ । ଏବଂ ସନ୍ଦେହର ଫଳ କରଦାତା ପାଇବାର ଉଚିତ । ମାତ୍ର

Split by PDF Splitter
Digitized by srujanika@gmail.com

Split by PDF Splitter



ଅପିଲ ବିଫଳ ହୋଇଅଛି । ସେହିଁଠାରେ ଘର ନିର୍ମାଣର ଯଥାର୍ଥ ଅଥବା ଅନୁମାନିକ ଖରଚ ଜଣାଯିବ ସେଠାରେ ସେହି ଘରର ଭଡ଼ା ଖରଚ ହୋଇଥିବା ଟଙ୍କାର ଶତକଡ଼ା ୭ ॥ ହିସାବରେ ଯାହା ପଡ଼ିବ ତହିଁରୁ କୌଣସିମତେ ଅଧିକ ନ ହେବାର ଆଇନରେ ବିଧାନ ଅଛି । ଏ ବିଧିର ଅର୍ଥ ଏମନ୍ତ ନୁହେ ଯେ ସକଳ ସ୍ଥଳରେ ସର୍ବୋଚ୍ଚ ଶତକଡ଼ା ୭ ॥ ଧରିବାକୁ ହେବ । ଏପରି ସ୍ଥଳେ ଘରର ଅବସ୍ଥା ଏବଂ ପୂର୍ବେ ଆଦାୟ ହେଉଥିବା ଟିକସ ବିବେଚନା କରି ବନ୍ଦୋବସ୍ତ କରିବାର ଅଛି । ମାତ୍ର ସେପରି ତ ହୋଇ ସର୍ବୋଚ୍ଚ ଦର ଧରାଯାଇଅଛି । ଆମ୍ଭେମାନେ ଆଶା କରୁଁ ଅପିଲର ମର୍ମ ଅବଗତ ହୋଇ ଯେଉଁମାନେ ଅଧିକ ଟିକସ ଧାର୍ଯ୍ୟ ହୋଇଥିବାର ବୁଝନ୍ତି ସେମାନେ ତହିଁର ହେତୁ ଦେଖାଇ ଆପତ୍ତି କଲେ ଏବଂ ଅପିଲ କମିଟୀ ସକଳ ଦିଗ ଦୃଷ୍ଟି କରି ବିଚାର କଲେ କରଦାତାମାନେ ସୁବିଚାର ପାଇବେ । ମିଉନିସିପାଲିଟି ପକ୍ଷରୁ ଚେଆରମାନ, ଭାଇସ୍‌ଚେଆରମାନ ଓ ଅଫିସର ନଗି କମି-ଅଛନ୍ତି ଏବଂ ଶୁଣିବାରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଦୃଷ୍ଟି ରହିଅଛି । ମାତ୍ର ଅପିଲକାରୀମାନେ ଅଧିକାଂଶ ଗରିବ ଏବଂ ମୂର୍ଖ ସେମାନଙ୍କର ଦୁଃଖ ଜଣାଇବାକୁ କେହି ବଡ଼ କେହି ନାହିଁ । ଅତଏବ ଅପିଲକମିଟିର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱ, ଅପିଲକମିଟୀ ତାହା ଅନୁଭବ କରୁ ନାହାନ୍ତି ଏପରି ଆମ୍ଭେମାନେ କହୁ ନାହୁଁ । ଅନେକ ଅପିଲ ପଡ଼ିଲେ ତାଲେ ଶୀଘ୍ର ଫଇସଲ କରିବାକୁ ଉଚିତ ହେବେ ଏଥିପାଇଁ ସ୍ମରଣ କରାଇଦେଲୁଁ । ଲୋକଙ୍କର ଅସନ୍ତୋଷ କ୍ରମଶଃ ବଢ଼ିବା ଦୁଃଖର ବିଷୟ ଅଟେ ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ବାଲେଶ୍ୱରର ଡେପୁଟୀ କଲେକ୍ଟର ବାବୁ ଯୋଗେନ୍ଦ୍ର ନାଥ ଦର ସେହି ଜିଲ୍ଲାରେ ୧୮୯୪ ସାଲର ୧ ଆଇନାନୁସାରେ କଲେକ୍ଟରର କ୍ଷମତା ପାଇଲେ ।

କଟକର ମୁନସଫ ବାବୁ ଦେବେନ୍ଦ୍ରନାଥ ସରକାର ଗତ ଜୁନମାସ ତା ୧୦ ରୁ ୧୯ ଦିନ ଅଧିକା ଅନୁଗ୍ରହ ଛୁଟୀ ପାଇଲେ ।

ବାବୁ ମାଧବଲାଲ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ଓଡ଼ିଶାର ନାଳ ଉଲବାର ସଜମ୍ୱ ଦରଗରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

୧୮୭୫ ସାଲର ବେଙ୍ଗଲ ସବେ ୫ ଆଇନାନୁସାରେ ରାୟ ମାୟାଶଙ୍କର, ନାୟକ ବାହାଦୁର ଡେପୁଟୀ କଲେକ୍ଟର ଓ ବାବୁ ଯଜ୍ଞେଶ୍ୱରନାଥ ମହାନ୍ତି ଦରଖୁଲକଲ୍ଲୁ ସରବେ କାର୍ଯ୍ୟ କରିବା କାରଣ ଅଣ୍ଟିଷ୍ଟାଣ୍ଟ ସୁପ୍ରିଣ୍ଟ ଅଫ ସରଭେ ପଦରେ ନିଯୁକ୍ତ ହେଲେ ।

ଓଡ଼ିଶାର ନିମ୍ନଲିଖିତ ସବ୍‌ଡେପୁଟୀ ମାଜିଷ୍ଟ୍ରେଟମାନେ ଦ୍ୱିତୀୟ ଶ୍ରେଣୀରେ ଫୌଜଦାରୀ ଆଇନାନୁସାରେ ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପାଇଲେ ।

| | |
|---|---|
| ବାବୁ ରଥୀକୃଷ୍ଣ ବସୁ | କଟକ |
| ବାବୁ ଭଗବାନ ଦାସ | „ |
| ବାବୁ ଅନନ୍ତକୁମାର ଘୋଷ | ବାଲେଶ୍ୱର |
| ବାବୁ ମୋହିନୀମୋହନ ସେନାପତି | „ |
| ବାବୁ ଗୋପୀନାଥ ଦାସ | ପୁରୀ |
| ବାବୁ କେଶବଚନ୍ଦ୍ର ମିତ୍ର | „ |

ଗୁରୁବାରର ଟେଲିଗ୍ରାମ ଯୋଗୁଁ ଜଣାଯାଏ ଯେ କାର୍ଯ୍ୟୋପଲକ୍ଷେ କଟକରେ ଥିଲେ ଗତ କାଲି ଦିବା ୧୦ ଘଣ୍ଟା ସମୟରେ ଘୋଡ଼ାଗାଡ଼ିରେ ନିକଟସ୍ଥ ଗ୍ରାମଦର ସ୍ତୁଭିଣ୍ଡା ଫେରିବା ସମୟରେ ରାସ୍ତାରେ ପାହାଡ଼ରୁ ଖସିଥିବା ବାଙ୍କ ହଠାତ ଭାଙ୍ଗିପଡ଼ିବାରୁ ସେ ତହିଁରେ ଚାପାପଡ଼ି ପ୍ରାଣ ହରାଇଅଛନ୍ତି । ଅନ୍ୟ ଦୁଇ ଜଣ ଆହତ ହୋଇଅଛନ୍ତି ।

ଗତସପ୍ତାହରେ ଏଠାରେ ପ୍ରଚୁର ବୃଷ୍ଟି ହୋଇଥିଲା । ନଦୀ ବଢ଼ିଅଛି ।

ଏ ନଗରର ସ୍ୱାସ୍ଥ୍ୟ ଏ ସମୟ ପ୍ରତି ଏକପ୍ରକାର ଭଲ ଅଛି । ଜ୍ୱର ଓ ଡାଇରିଆ ଓ କଥ କେତେକ ଲୋକଙ୍କୁ କଷ୍ଟ ଦେଉଅଛି ।

ଗତ ସପ୍ତାହର ଶେଷ ବର୍ଷା ଓଡ଼ିଶାର ଅଧିକାଂଶ ସ୍ଥାନରେ ହୋଇଥିଲା । ଗତ ମଙ୍ଗଳବାର ଏବଂ ବୁଧବାର ସମ୍ବଲପୁରରେ ୭ ଇଞ୍ଚ ଏବଂ ସମ୍ବଲପୁରରେ ୨ ଇଞ୍ଚ ଜଳ ପଡ଼ିଥିଲା । ନଦୀବଢ଼ି ଅଧିକ ହେବାର ସମ୍ଭବ ।

କାଙ୍ଗଡ଼ା ଭୂମିକମ୍ପ ସାହାଯ୍ୟ ଭଣ୍ଡାରରେ ପ୍ରାୟ ଦଶଲକ୍ଷ ଟଙ୍କା ଜମା ହୋଇଅଛି । ସୁତରାଂ ପଞ୍ଜାବ ଗବର୍ଣ୍ଣମେଣ୍ଟ ଯାହା ଲୋକମାନେ ତାହା ପାଇଅଛନ୍ତି ଏବଂ ଏଣିକି ରେଡ ସାହାଯ୍ୟ ବନ୍ଦ ହୋଇଅଛି ।

## ଷଣ୍ଢହାସ-ସମ୍ବାଦ ।

ଧାନଗରପଡ଼ାର ଅମୃତ ମୋକଦ୍ଦମାଟି ଫୌଜଦାରୀରୁ ହଜିଯିବାକୁ ଗଲା ।

ବର୍ଷା ଅଟେ ଖୁବ ନାହିଁ, ନୂଆ କୃଷକେ ନବାଣୀ ପାଇଗଲେଣି ।

ଏ ଅଞ୍ଚଳରେ ଘୋଡ଼ୁମାନେ କ ହେତୁ ପାଗଳ ହୋଇ ଯାଉଅଛନ୍ତି ।

ଅଷ୍ଟତ୍ରିଂଶ କେନିକ ବ୍ରାହ୍ମଣ ଭୂଷଣି ପଣ ବସୁଡ଼ାରୁ ସୁନ୍ଦର ଭୂଇଁ ଭିକ୍ଷା କରି ଉନ୍ନତ ପୋଷାକ କଟେଷ୍ଟର ଭୂଇଁ କରି ଅଣିଅଛନ୍ତି ।

କଟୁପା ନଗରର ନଟରଠାରୁ ରେଲଷ୍ଟେସନ ନିକଟ ପର୍ଯ୍ୟନ୍ତ ଭଲର ଗାଇଲେ ଉଦଳ ବନ୍ଦ ହେଲେ ଜଗଦ୍ଗୁରୁ ନଦୀ-ବନ୍ଧର ଅଣଚାରୁ ଉଦ୍ଧାର ମୁକ୍ତ ଲଭନ୍ତା ।

ହାକୁଆ ଚୋରା ମୂଳରୁ ଗତ ଶୁକ୍ରବାର ସହରେ କେହି ଜଡ଼ମାସ ଭକ ସ୍ୱର୍ଗ ମାଷ୍ଟରଙ୍କ ବାକ୍ସଟି ଉଠାଇନେଇ-ଥିଲ । ନଗଦ କଷ୍ଟ ନ ପାଇ ଫିଙ୍ଗି ଦେଇ ପଳାଇଅଛି ।

ନକ୍ଷତ୍ରବର୍ତ୍ତୀ ସ୍ୱଭାବ ନଗରେ କ୍ଷୀରଭକ୍ଷ ହୋଇଅଛି ।

ପୋଷ୍ଟ ବସାଇବା 'ଲେଟର ବକ୍ସ' ପ୍ରାର୍ଥନାରେ ପୋଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ନାରଜ ହେବାର ହେତୁ କି ?

ଏ ବର୍ଷ ଏଠାର ଭଲେଜ ସେଇଟି ମଞ୍ଜୁର ନ ହେଲେ ରକ୍ଷା ନାହିଁ ।

ଜଗଦ୍ଗୁରୁ ଲକ୍ଷ, ପୋଷ୍ଟ ଓ ଟେଲିଗ୍ରାଫ ଅଫିସମାନ ଏକ ସାମିଲ ହୋଇଯାଉଅଛି ।

କଟୁପା ନଗର ଅନକଟ ନବନିର୍ମିତ ସୁନ୍ଦର ଗୋଲି ହୋଇଅଛି ।

ନଗର ଭିତର ଗାଡ଼ରେ ଗୋଟିଏ ଦୃଢ଼ ବନ୍ଧ ନ ଥିବା ବିଗ୍ରାମ ପାଡ଼ିବାଶଙ୍କା ହେଉଅଛି ।

ହେଲ୍ଥାଫିସର ଆଃ ମାନେଜର ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ ସବ୍‌ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ କଟକରେ ଅବସ୍ଥାପିତ ହେଲେ ଓ ତାଙ୍କ ସ୍ଥାନରେ ଅନର ମାନେଜର ବାବୁ ଜଗନ୍ନାଥ ଦତ୍ତ ନିଯୁକ୍ତ ହୋଇ ହେଲ୍ଥାଫିସର କାର୍ଯ୍ୟରେ ଉପସ୍ଥିତ ହୋଇଅଛନ୍ତି ।

ମୌଲମିନଠାରେ ଗୋ ୨ ଟି ନୌକା ବୁଡ଼ି ଯିବାରୁ ନ ୧୯ ଣ ଲୋକ ହତ ଏବଂ ନ ୫ ଣ ଲୋକେ ଆହତ ହୋଇଅଛନ୍ତି ।

ତ୍ରିବାଙ୍କୁରର ମହାରାଜା ଆଗାମୀ ଅଗଷ୍ଟ ମାସରେ ୫୦ ବର୍ଷ ବୟସ ପୂର୍ଣ୍ଣ କରିବେ । ତଦୁପଲକ୍ଷରେ ସେ ରାଜ୍ୟରେ ଦଶେଷ ଆମୋଦପ୍ରମୋଦର ବ୍ୟବସ୍ଥା ହେଉଅଛି ଏହାଙ୍କ ପୂର୍ବେ ୧୭୫୮ ସାଲରୁ ଆଉ କେହି ୫୦ ବର୍ଷ ରାଜତ୍ୱ କରି ନ ଥିଲେ ।

ଆଗାମୀ ଶୀତ କାଳରୁ ଉତ୍ତରପଶ୍ଚିମ ରେଳ ଗାଡ଼ିମାନଙ୍କରେ ବୈଦ୍ୟୁତିକ ଆଲୋକ ଓ ପଙ୍ଖା ଚଳାଇବା ନିୟମ ହୋଇଅଛି ।

ବୃଷ୍ଟି ଜନ୍ୟରେ ଗତ ଜନମ୍ୱର ମାସ ତା ୧୫ ଦିନରୁ ତାଙ୍କ ସ୍ଥାପିତ ହୋଇଅଛି । ଗତ ମାସ ଶେଷ ସୁଦ୍ଧା କେବଳ ଲକ୍ଷ ୫ ୧୮,୭୨୩୩/୫ ହୋଇଥିଲା ।

ସୁବରକଙ୍କ ଆଗମନ ହେତୁ ମାନ୍ଦ୍ରାଜର ଲାଟ ଆମ୍ପଥିଲଙ୍କର ଶାସନକାଳ ଆଗାମୀ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବଢ଼ାଇ ଦିଆ ଯାଇଅଛି ।

ବୋମ୍ବାଇର ଏକ ଦୋକାନରେ ସିନ୍ଧ କରି ଚୋରମାନେ ଅଧଲକ୍ଷ ଟଙ୍କାର ଅଳଙ୍କାର ନେଇ ଯାଇଥିବାର ସମ୍ବାଦ ମିଳିଲା ।

କଲିକତାଠାରେ ଗୋଟିଏ ନ ୧୫ ବର୍ଷ ବୟସର ବାଳକ ଭିକ୍ଷା କରି ପେଟ ପାଳୁଥିଲା । ଅଳ୍ପଦିନ ହେଲେ ଦଳେ ପଶ୍ୟ ଚୋରି କରିବା ଅପରାଧରେ ଚାଲାଣ ହେବାରୁ ବିଚାର ଅଦାଲତରେ ଜବାବ ଦେଲା ଯେ କ୍ଷୁଧା ନିବାରଣ ହେବ ବୋଲି ଚୋରି କରିଥିଲା । ବିଚାରପତି ଦଣ୍ଡ ଦେଇ ତାକୁ ଛାଡ଼ି ଦେଇଅଛନ୍ତି । ଜେଲଖାନାରୁ ଯାଇଥିଲେ ବୁଭୁକ୍ଷା ନିବୃତ୍ତି ହୋଇ ପାରିଥାନ୍ତା ।

ପୂର୍ବେ ୧୧ ଥର ଚୋରି କରିଥିବା ଗୋଟିଏ ଦାଗୀ ଚୋର କଟକଠାରେ ଧରା ହୋଇ ଏକ ଫୌଜଦାରୀ ମୋକଦ୍ଦମାରେ ଛଅମାସ ଗୁରୁଭୁକ୍ତ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଲା ।—ଅଭ୍ୟାସ ଛାଡ଼ିବା କଡ଼ ଦୁସ୍ତର ।

ଜାପାନ ଏବଂ ରୁଷିଆ ମଧ୍ୟରେ ସନ୍ଧି ସ୍ଥାପନ ସକାଶେ ମାର୍କିନ ରାଜ୍ୟର ଓ୍ୱାସିଙ୍ଗଟନଠାରେ ଯେଉଁ ବୈଠକ ହେବ ତହିଁରେ ରୁଷିଆ ପକ୍ଷରୁ ଆମ୍ବାସାଡ଼ର ଏବଂ ବାରନ ରୋଜେନ ଓ ଜାପାନ ପକ୍ଷରୁ ବାରନ କାମିମୁରା ଏବଂ ଏମ ଟାକାହିରା ମହୋଦୟମାନେ ଉପସ୍ଥିତ ହେବାର ସ୍ଥିର ପାଇଅଛନ୍ତି ।

## ପତ୍ରପ୍ରେରକଙ୍କ ଉକ୍ତି ।

ଶ୍ରୀ ଶ୍ୟାମସୁନ୍ଦର ଘୋଷ ଓ ଶ୍ରୀ ଭଗବତ ବେହେରା—ପୁଲିସ ଇନସ୍ପେକ୍ଟର ଓ ଗବର୍ଣ୍ଣମେଣ୍ଟରୁ ପଠାଯିବା ତଦାରସମ୍ଭାବ ଜବଲ ଦେଖିଲା ପାଇଁ ଏଥି ନିମନ୍ତେ ଜଣାଇଥିଲୁଁ । ସେ ସବୁ ନ ଦେଖି କରି ପ୍ରକାଶ କରିବା ଅକର୍ତ୍ତବ୍ୟ ବିବେଚନାରେ ଉପେକ୍ଷିତ ହେଲା ।

ଜଣେ ଅନୁସନ୍ଧାନ—ଯାହାଙ୍କ ସମ୍ବନ୍ଧରେ ଉତ୍ତରଦାତା ଲେଖିଅଛି "ଯଥାର୍ଥ ବାର୍ତ୍ତା" ତାହାଙ୍କର ନିକଟ ଉତ୍ତର

Digitized by srujanika@gmail.com

ହେଉଥିବାରୁ ଆପଣଙ୍କ ପତ୍ର ପ୍ରକାଶ କରିବା ଅନାବଶ୍ୟକ ।

ଶ୍ରୀଗୋବିନ୍ଦ ତ୍ରିପାଠୀ—ବୈତିଳସର ବଳ ବନ୍ଧବାର ଅଂଶେଷ ସରକାର ପ୍ରଚାର କରିଥିଲେ କାର୍ଯ୍ୟରେ କେତେ ହେବାର କାରଣ ବାବୁକର୍ତ୍ତାଙ୍କର ଏଲକାରେ ଅନୁସନ୍ଧାନ କରି ପତ୍ର ଲେଖିଲେ ପ୍ରକାଶ କରନ୍ତୁ । କେବଳ ଶୁଣା କଥା ଉପରେ ନିର୍ଭର କରିବା ଭଲ ନୁହେ ।

ଶ୍ରୀବୃନ୍ଦାବନ ମହାପାତ୍ର—ଢେଙ୍କାନାଳ ବେଉଳସାହର ଉତ୍କଳର ଶ୍ରୀହୋରସ୍ ନାମରେ ଗୋଟିଏ ସମିତି ସେମାନଙ୍କର ଲେଖାପଢା ଓ ଆନ ଶିକ୍ଷା ଉଦ୍ଦେଶ୍ୟରେ ସ୍ଥାପନ କରି ଅଛନ୍ତି । ସମିତିର ପ୍ରାର୍ଥନାମତେ ବସୁନ୍ଧରଙ୍କର ମହାରାଜା ତାହାଙ୍କର ପ୍ରକାଣ୍ଡ ମହାଲରର ଅବ ଓ ସଂସ୍ଥାପନ ପ୍ରଦାନ କରିଥିବାରୁ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ
ସମୀପେଷୁ

ଭକ୍ତିଭାଜନ ସମ୍ପାଦକ ମହାଶୟ !

ପାଶ୍ଚାତ୍ୟ ସଭ୍ୟତା ଆମ୍ଭମାନଙ୍କୁ ଅନେକ ସଦ୍‌ଗୁଣ ଶିକ୍ଷା ଦେଇଅଛି, ପାଶ୍ଚାତ୍ୟ ବିଜ୍ଞାନ ଆମ୍ଭମାନଙ୍କର ଉନ୍ନତିପଥ ଦିନକୁ ଦିନ ପ୍ରଶସ୍ତତର କରିଦେଉଅଛି, କିନ୍ତୁ ଏପରି ଆପତ୍ତି ଉତ୍ଥାପିତ ହୁଏ ଯେ ଅଧୁନାତନ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଯୁବକବୃନ୍ଦ ଟିକିଏ ଉଚ୍ଛୃଙ୍ଖଳ । ଏ ଆପତ୍ତି ଯେ ଏକାବେଳକେ ଭିତ୍ତିଶୂନ୍ୟ ଏହା କୋହିଯାଇ ନ ପାରେ । ଅଧୁନାତନ ଶିକ୍ଷାପ୍ରାପ୍ତ ଯୁବକମାନଙ୍କର କାର୍ଯ୍ୟକଳାପ ଟିକିଏ ଆଲୋଚନା କଲେ ଏହା ପ୍ରତୀୟମାନ ହୁଏ ଯେ ପାଶ୍ଚାତ୍ୟ ଶିକ୍ଷା ମଧ୍ୟ ମହାବକ୍ତ୍ର—ଅନେକ ପ୍ରାଚୀନ ପ୍ରଥା ଏହି ଶିକ୍ଷା ଉଠାଇ ଦେଉଅଛି । କି ଧର୍ମ, କି କର୍ମ ସମସ୍ତ ବିଷୟରେ ଅଧୁନାତନ ଯୁବକ ଆପଣାର ସ୍ୱାଧୀନ ଇଚ୍ଛାରେ ପ୍ରବୃତ୍ତ ହୋଇ ନିଜର ମତ ପ୍ରକାଶ କରିବାକୁ ବ୍ୟାକୁଳ । "Old order changeth yielding place to new", ଏ ବାକ୍ୟ ଦେଇ ସେ ବର୍ତ୍ତମାନ ପୂର୍ବର ସମାଜ, ଧର୍ମ, ସମସ୍ତ ଅବଜ୍ଞା କରି ଆପଣାର ସମାଜ ଗଠନରେ ବ୍ୟସ୍ତ । ମର୍ତ୍ତ୍ୟ ପିତାମାତାଙ୍କ ଆଜ୍ଞାର ବ୍ୟତିକ୍ରମ, ସମାଜ, ଧର୍ମ ବର୍ତ୍ତମାନତାର ମାର୍ଜିତ (?) ରୁଚିକୁ ତୃପ୍ତି ପ୍ରଦାନ କରିପାରୁ ନାହିଁ । ସେ ବର୍ତ୍ତମାନ ସ୍ୱାଧୀନ ଜୀବ । ସ୍ୱାଧୀନତାର ଛାୟା ଦେଖି ନ ଥିଲେହେଁ ସେ ଆପଣାକୁ ସ୍ୱାଧୀନ ବୋଲି ଅହଂକାର କରିପାରେ ।

ଦେଖନ୍ତୁ ଆମ୍ଭମାନଙ୍କର ଏହି ଉତ୍କଳରେ କେତେକ ଗୋଟି ପାଶ୍ଚାତ୍ୟଶିକ୍ଷାପ୍ରାପ୍ତ ଯୁବକ ହିନ୍ଦୁଧର୍ମ ପରିତ୍ୟାଗ କରି ବ୍ରାହ୍ମଧର୍ମର ସୁଶୀତଳ ଛାୟା ତଳେ ଆଶ୍ରୟ ନେଲେଣି, କେତେକ ମଧ୍ୟ ନିକଟରେ ଆଶ୍ରୟ ନେବେ, ଏହାର ବିଜ୍ଞାପନ ବନ୍ଧୁବାନ୍ଧବଙ୍କ ପଉଷ୍ଟଲଚ ଖବରକାଗଜରେ ପ୍ରଚାର କଲେଣି । ନିକଟରେ ସେ ଦଳ ଆମ୍ଭମାନଙ୍କର ସୁପରିଚିତ ସେନାପତିଙ୍କର ପୁନଃ ବ୍ରାହ୍ମଧର୍ମରେ ଦୀକ୍ଷିତ ହେଲେ । ବୃଦ୍ଧ ହିନ୍ଦୁ ସେନାପତି ଜୀବବଧୂ ନମସ୍କାର କରି ସାହିତ୍ୟ ରାଜ୍ୟରେ ବିହାର ଲଦସି ଉଠାଇଲେ—"ନଯ୍ମନ ପ୍ରତିମା" କି "ବଳାଉ" ଘରକୁ ନେଲେ । ଆମ୍ଭେମାନେ ତାଙ୍କ କବିତା-ସୁଧା ପାନ କରି ଏତେ ମୁଗ୍ଧ ହୋଇଗଲୁଁ ଯେ ସମାଜ ଦଗକୁ ଆମ୍ଭମାନଙ୍କର ଦୃଷ୍ଟି ପଡିଲା ନାହିଁ । ଆପଣ ଓ ଆପଣଙ୍କର ସହଯୋଗିମାନେ ବିବାହ ସମ୍ବାଦ ସାଡମ୍ବରରେ ପ୍ରଚାର କଲେ । ଅଳ୍ପ ଦିନ ହେଲା ଶ୍ରୀଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ବି, ଏ, ଆପଣାର ସୁଶିକ୍ଷିତ ବନ୍ଧୁ ସଂସର୍ଗ ଦ୍ୱାରା, ଆତ୍ମୀୟସ୍ୱଜନଙ୍କୁ ତ୍ୟାଗ କରି ବ୍ରାହ୍ମ ଧର୍ମର ଆଶ୍ରୟ ନେଲେ । ଆପଣଙ୍କର କୌଣସି ସହଯୋଗୀ ଏ ସମ୍ବାଦ ପ୍ରଚାର କରି ବନ୍ଧୁଙ୍କ ଅନୁରୋଧ ରକ୍ଷା କଲେ । ବର୍ତ୍ତମାନ ଆମ୍ଭେମାନେ ପ୍ରଶ୍ନ କରୁଁ ଶିକ୍ଷିତ ବ୍ୟକ୍ତିମାନେ ଏପରି ଭିନ୍ନ ଧର୍ମର ଆଶ୍ରୟ ନେବାକୁ ଆମ୍ଭମାନଙ୍କର ହିନ୍ଦୁ ସମାଜ ସ୍ନାନବଳ ହୋଇଯାଉ ନାହିଁ କି ? ବଙ୍ଗଦେଶରେ ଶ୍ରୀ ମୃଣାଳିନୀ ଧର୍ମାନ୍ତର ଗ୍ରହଣ କରିବାରୁ ସେ ଦେଶରେ କେତେ ଆନ୍ଦୋଳନ ହେଉଅଛି । କେତେ ସମ୍ପାଦକ ତାଙ୍କ କାର୍ଯ୍ୟର ସମାଲୋଚନା କରୁଅଛନ୍ତି । ଗତ ସପ୍ତାହର "ବସୁମତୀ" କାଗଜରେ ବଙ୍ଗର ଜଣେ ଖ୍ୟାତନାମା ସାହିତ୍ୟସେବକଙ୍କର "ସଜାର ରାଣୀ ନା ବାରୁ ଘରଣୀ" ପ୍ରବନ୍ଧ ପାଠ କଲେ କେଉଁ ହିନ୍ଦୁର ହୃଦୟ ନ ଢାଳିବ ! କିନ୍ତୁ ଉତ୍କଳ, ଭୂ ସବୁ ବିଷୟରେ ସମଦଶାପନ୍ନ । ହା ହିନ୍ଦୁ ଧର୍ମ, ତୁ ବର୍ତ୍ତମାନ ଅରକ୍ଷିତ, ଅନାଥ । ତାହା ନୋହିଲେକି ଏପରି ଗର୍ହିତ କାର୍ଯ୍ୟର ଆଲୋଚନା ଟିକିଏ ନ ହୁଅନ୍ତା । ଦେଖ କଣ୍ୟାଣ ପଣ୍ଡିତ ଜାନ୍ତିର ନଶିକାନ୍ତ ଚଟ୍ଟୋପାଧ୍ୟାୟ ନିଜାମ ରାଜ୍ୟରେ ମୁସଲମାନ ଧର୍ମ ଗ୍ରହଣ କରି "why have I accepted Islam?" ନାମରେ ଖଣ୍ଡିଏ ପୁସ୍ତକ ପ୍ରଚାର କରି ଧର୍ମାନ୍ତର ଗ୍ରହଣର କାରଣ ପ୍ରଦର୍ଶନ କରିଅଛନ୍ତି । ବ୍ରାହ୍ମଧର୍ମ ଗ୍ରହଣେଚ୍ଛୁ ଓ ବ୍ରାହ୍ମଧର୍ମରେ ଅଧୁନା ଦୀକ୍ଷିତ ଉତ୍କଳଯୁବକମାନେ ସେପରି ଯୁକ୍ତି ପ୍ରଦର୍ଶନ କରି ଜଣ ସାଧାରଣଙ୍କର ସନ୍ଦେହ ଭଞ୍ଜନ କରିବେ ନାହିଁ ? ସମ୍ପାଦକ ମହାଶୟ, ଆପଣ ହିନ୍ଦୁ, ଆପଣଙ୍କ କାଗଜ ଉତ୍କଳର ମୁଖପତ୍ର । ଆପଣମାନେ କଅଣ ଏପରି ସ୍ୱରୁଚିର କଥାମାନଙ୍କୁ ଅବହେଳାରେ ଛାଡି ଦେବେ ?

* * * *

କଟକ } ଶ୍ରୀ ହିନ୍ଦୁ ।
୪।୭।୦୫ }

## ମୂଲ୍ୟପ୍ରାପ୍ତି ।

ଶ୍ରୀ ମହନ୍ତ ରଘୁନାଥ ଦାସ ଗୋପାଳଦରମଠ କଟକ ଟ ୩
ଶ୍ରୀ ବାବୁ ନାରାୟଣପ୍ରସାଦ ମହାନ୍ତି ଡ଼ଃ ଇଃ ସ୍କୁଲ " ଟ ୧ ୨
" ଦାମୋଦର ପଟ୍ଟନାୟକ ଜେଲଖାନାର " ଟ ୧
" ଭଗବାନ ଦାସ " ଟ ୧
" ଦୟାନିଧି ଦାସ କାନନ୍‌ଗୋ ପଞ୍ଚାମଣ୍ଡାଇ ଟ ୩
" ଜାନଗୋଡଲର ଦତ୍ତ ବାଲେଶ୍ୱର ଟ ୩
" ଗଜେନ୍ଦ୍ର ଦାସ ଗୁପ୍ତ ପୁରୀ ଟ ୫
" ବଡ଼ ଜଗନ୍ନାଥ ପଣ୍ଡା " ଟ ୩
" ହରିହର ମିଶ୍ର ଟ୍ରେନିଂସ୍କୁଲ କଟକ ଟ ୧ ୨
" ମୃତ୍ୟୁଞ୍ଜୟ ରଥ କଟକ ଟ ୧
" ଶ୍ୟାମସୁନ୍ଦର ଦାସ କଟକ ଟ ୧
" ଗୋପୀନାଥ ମିଶ୍ର ଅଠମଲ୍ଲିକ ଟ ୨
" ଉଦ୍ଧବ ବସୁ ଉଦ୍ଧବ୍‌ପୁର ଟ ୨
" ସାଧୁଚରଣ ପଟ୍ଟନାୟକ ସୁନ୍ଦରଦେବପୁର ଟ ୩
ଶ୍ରୀଯୁକ୍ତ କମିଶନର ଓଡ଼ିଶା ଡିଭିଜନ କଟକ ଟ ୩
ଶ୍ରୀଯୁକ୍ତ କଲେକ୍ଟର " ଟ ୩
ଶ୍ରୀ ବାବୁ ଦ୍ୱାରକାନାଥ ଦାସ ସବରେଜିଷ୍ଟ୍ରାର " ଟ ୧
" ଜଗନ୍ନାଥ ସତ୍ପଥୀ ହେଃ ପଃ ଜଗତସିଂହପୁର ଟ ୧
" ଦାମୋଦର ରଥ ସ୍କୁଃ ଇଃ ପୋଲସ କଟକ ଟ ୧
ରାଜା । ବା । ପାଳଲହଡା ଟ ୩
ଶ୍ରୀ ବାବୁ ବନମାଳୀ ବନ ହେଃ ପଃ ଦଲିକଟା ଟ ୨
" କାଶୀନାଥ ପ୍ରଧାନ ଢେଙ୍କାନାଳ ଟ ୩
" ପ୍ରକାଶଚନ୍ଦ୍ର, ସର୍ବେ ମଇକଲାଗ ବରଗା ଟ ୩

## ବିଜ୍ଞାପନ ।

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିସମାନ ଅତି ସୁଲଭ ଦରରେ ବିକ୍ରୀ ହୁଅଇ । ଗ୍ରାହକମାନେ ପରୀକ୍ଷାକରି ଦେଖିଲେ ସନ୍ତୁଷ୍ଟ ହେବେ । ଦର ସବୁଦିନେ ସମାନ ନ ଥାଏ । ବର୍ତ୍ତମାନର ଦର ପ୍ରତ୍ୟେକ ଦ୍ରବ୍ୟ ପାଖରେ ଲେଖାଗଲା ।

### ତଫସିଲ

| | | |
|---|---|---|
| ମଠିକିରିଚ | ମ ୧ ଟ ୪।୬୨ | ଟ ୧ ଟାକୁ ସେ ୦ ୩ |
| ଗୁଆ ଚିନ | ମ ୧ ଟ ୫୦ | ଟ ୧ ଟାକୁ ସେ ୦ ୩ |
| ଲୁଚବାରିଚ | ମ ୧ ଟ ୭୦ | ଟ ୧ ଟାକୁ ସେ ୧ |
| ନ ୧ ଖର ମହତା ଏକେ | | ଟ ୧ ଟାକୁ ସେ ୪ ୨ / ଟ ୭ ମ ୧ |
| ନ ୨ ଖର ମହତା ଏକେ | | ଟ ୧ ଟାକୁ ସେ ୪ ୨ / ଟ ୬୨ ମ ୧ |
| ନ ୧ ଖର ଅଷ୍ଟୀ ଏକେ | | ଟ ୧ ଟାକୁ ସେ ୪ / ଟ ୭ ମ ୧ ୨ |
| ନ ୨ ଖର ଅଷ୍ଟୀ ଏକେ | | ଟ ୧ ଟାକୁ ସେ ୩ / ଟ ୫ ମ ୧ |
| ଚଟଣ ଏକେ | | ଟ ୧ ଟାକୁ ସେ ୩ / ଟ ୧ ୩ ଲୁ ମ ୧ |
| କଳକତା ଗୋଧୂମ ତେଲ | | ଟ ୧।/୫ ଲୁ ସେ ୨ |
| କାଶିଆ ଗୋଧୂମ ତେଲ | | ଟ ୧।/୭ ଲୁ ସେ ୨ ୨ |
| ମିଶ୍ରି ବିଲାତି ଏକେ ଦେଶି | | ଟ ୦ ।/ ସେ ୧ / ଟ ୦ ୨ ଲୁ ସେ ୧ |
| ମିଶ୍ରି ଚିନି | | ଟ ୦ ୨/ ସେ ୧ |
| ଦୁଗ୍ଧ ଭାଜେଲ ଏକେ | | ଟ ୨୧( ମ ୧ / ଟ ୦ ୨/ ସେ ୧ |
| ଗଙ୍ଗାଜଳ ନ ୧ ଖର " | | ଟ ୨୨( ମ ୧ |

Split by PDF Splitter

Digitized by srujanika@gmail.com

Split by PDF Splitter



| | | |
|---|---|---|
| ଚଉଅଟଲ ଚାଉଳ | ଟ ୧୦ ।୵ | ସେ ୧ |
| ଏକର | ଟ ୭ | ମ ୧ |
| ବମ୍ବଇ ହାଗ୍‌ମାର୍କା | ଟ ୧।୵୭ | ଛ ୧ |
| „ ସର୍ଷମାର୍କା | ଟ ୧।୵୭ | ଛ ୧୪ |
| „ ଘଣ୍ଟିମାର୍କା | ଟ ୧।୭ | ଛ ୧୪ |
| „ ସାପମାର୍କା | ଟ ୧।୭ | ଛ ୧୪ |
| କେରଶିନ | ଟ ୧ | ସେ ୨।୵ |
| ଏକର | ୨୧୪ | ମ ୧ |
| ସୁତା | ଟ ୦। | ସେ ୧ |
| ଏକର | ଟ ୧ | ମ ୧ |
| ଗୁଡ ମରସ | ଟ ୧ | ସେ ୬୲ |
| ଚୋବଗ କମା ଗୁଡ଼ଚିନି | ଟ ୦।୵୧ | ସେ ୧ |
| ଏକର | ଟ ୧୩୬ | ମ ୧ |
| ଡାଲିକନ | ଟ ୦ ।୵ | ସେ ୧ |
| ଏକର | ଟ ୧୪୬ | ମ ୧ |
| ହରଡ ଡାଲି | ଟ ୦ ୵୧ | ସେ ୧ |
| ଏକର | ଟ ୬୩୵ | ମ ୧ |
| ମୁଗ ଡାଲି | ଟ ୦ ୵୬ | ସେ ୧ |
| ଏକର | ଟ ୫ | ମ ୧ |
| ଲୁଣମରିଚ | ଟ ୦ ୵୭ | ସେ ୧ |
| | ଟ ୫୩୵ | ମ ୧ |
| ଲୁହା | ଟ ୦ ।୵ | ପା୧ଭର |
| ଡାକ୍ତରଖାନାର ଏକ କଟକ | ଶ୍ରୀ ସଦୋଦର ଦେଲେଇ | |

ମାଲ୍‌ଡିମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ

ଶ୍ରୀଯୁକ୍ତ ଜଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବୀନ୍ଦ୍ରୀୟ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବ ସରେସ ହୁଏ. କେଶ ବହୁଳ ପରିମାଣରେ କଡ଼େ କେଶ କୁଞ୍ଚିତ ହୁଏ, ମସ୍ତକର ରୁକ୍ଷ ନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଚାନ୍ଦି, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବିକ ଦୁର୍ବଳତା ଇତ୍ୟାଦି ମୁଣ୍ଡ ବୁଲା ଇତ୍ୟାଦି ଶୀଘ୍ର ଦୌର୍ବଲ୍ୟ ଏ ସାଗର ଦେବତା ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପାକ୍‌ଂ ଓ ଡାକମାସୁଲ ଟ ୦ ।୵

## ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ପ୍ରମେହରୋଗର ମହୌଷଧ, ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ଇତ୍ୟାଦି ଫଳ ଏକ ଶତ ପ୍ରତିଶତ ପ୍ରଧାନ ଔଷଧ । ରୋଗୀ ଯଦି ବଡ଼ି ଦ୍ୱାରା ଆରୋଗ୍ୟ ନହୁଏ । ସେପରି ସଙ୍କଟାପନ୍ନ ବିବରଣ ଲେଖିଲେ ପରୀକ୍ଷା । ଉପଯୁକ୍ତ ଔଷଧ ପଠାଯିବ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୳ ଡାକମାସୁଲ ଟ ୦ ୵୶

## ଅଶୋକାରିଷ୍ଟ ।

ସକଳ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମିତ ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରଦରରୋଗରେ ଏହା ଦେବନ ଅତ୍ୟନ୍ତ ଉପକାର କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୳ ଡାକ ମାସୁଲ ଟ ୦ ।୶

### ଅମୃତ ବଲ୍ଲୀ କଷାୟ ।

ପାରଦଦୋଷ ନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୳ ଡାକମାସୁଲ ଟ ୦ ୵୶

### ଶୋଣିତ ଶୋଧକ ।

ଜାତି ରକ୍ତ ଓ ଦୂଷିତ ରକ୍ତର ଅଶୁଦ୍ଧତାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରରେ ଏ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ ବାହ୍ୟକର ଅପରିମିତ ସହବାସ ହେତୁ ସ୍ୱପ୍ନ ଗମନ ପ୍ରଭୃତି ପୀଡ଼ାର ବେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦୳

## ପୁନର୍ନବାସବ ।

ଶୋଥ ଓ ଉଦରର ମହୌଷଧ ଏକ ବୋଉ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ୵୶

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ କଟକର ଏକମାତ୍ର ଏଜେଣ୍ଟ:
ବାଲୁବଜାର, ଚାନ୍ଦନୀଚୌକ, କଟକ
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋୟରଚିତପୁର ରୋଡ଼
କଲିକତା

## ବିଜ୍ଞାପନ ।



## ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପେଟେଣ୍ଟ ବ୍ୟାଘ୍ର

## ସର୍ବଜ୍ୱର ଗଜସିଂହ ।

୬ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୳ ମଧ୍ୟମ ଟ ୧୯ ଛୋଟ ଟ ୦ ୵ ଡାକମାସୁଲ ୧ଠାରୁ ୩ ଶିଶି ଟ ୦ ୶

## କଣ୍ଡୁ ଦାବାନଳ ।

ଖାଲୁ ଅଦ ସବୁରୋଗ ଯେତେ ଥିଲେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୶ ଡାକମାସୁଲ ୧ଠାରୁ ୫ ଶିଶି ଟ ୦୶

## ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ନାହୁଅଦ ଉନ୍ମତରୋଗ ସମସ୍ତ ଉଷ୍ମଜରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୶ ଡାକମାସୁଲ ୧ଠାରୁ ୨ ଶିଶି ଟ ୦୶

ଏହି ନକଲ ହୋଇଅଛି ଏଥିରଭାବ ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଗ୍ରହଣ କରିବେ । ଏହା ସକଳ ସ୍ଥଳର ବଡ଼ ଦୋକାନରେ ପାଇବେ ନ ପାଇଲେ ପୁନର୍ବାର ଯେ କୌଣସି ଦୋକାନରୁ ଯେ କୌଣସି ବ୍ୟକ୍ତି ଆମ୍ଭମାନଙ୍କୁ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର ।

ଏଜେଣ୍ଟ କଟକ ଚାଲ୍ଟିବଜାର ଶ୍ରୀଯୁକ୍ତ ଧାରଣୀପ୍ରସାଦ ବଢ଼-ଉଣ୍ଡଳ ଫେନ ଗୁପ୍ତ କବିରାଜ

Lal Mohan Saha Sankhanidhi
Baburbazar, Dacca.

### ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରି ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ଉଚିତ ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପଇସାର ସ୍ଥଳ ଭିନ୍ନ ଭେଲ୍ୟୁପେବଲ ପାର୍ଶ୍ୱଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଡୁଲପଇସିଆ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍‌ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ଦରଖ ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ ଚଉଧୁରୀବଜାର, କଟକ ୩୦।୫।୧୯୦୪ — ଶ୍ରୀ ବାଲକୃଷ୍ଣଦାସ କବିରାଜ, ଶ୍ରୀ ରାମକୃଷ୍ଣ ମିଶ୍ର

### IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholerol, specific-tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA's. Worli—Dadar Bombay and everywhere.

At Re. 1 per bottle Discount to the Trade.

Digitized by srujanika@gmail.com

Split by PDF Splitter



# ନବରତ୍ନ ।



ଏହା ବହୁଯତ୍ନରେ ଓ ବହୁକାଳ ପରୀକ୍ଷିତ, ସୁଲଭ ଏହାର ଉପକାରିତା ବିଷୟରେ ବର୍ଣ୍ଣନର ଅଧିକର ବହୁଲୋକ ।

୧ । ଅଗ୍ନିମୁଖ ବଟିକା—ପ୍ରକୃତରେ ଯଥାଗୁଣ । ଏହା କ୍ଷୁଧା ନାଶ, ଏକୁଅ, ଜ୍ୱର, ପେଟ ଓ ଶରୀରଭାର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଦୁଃଖ, ଶୂଳରୋଗ ଓ ପରିଣାମ ଶୂଳରୋଗରେ ଓ ଅନ୍ୟାନ୍ୟ ସବଶ୍ରେଣୀର ଦୂର କରିବାର ମହୌଷଧ ଅବ୍ୟର୍ଥ ହୁଏ । ମୂଲ୍ୟ—୧ ନମ୍ବର ଡବା ( ୨୫ ବଟିକା ) ଟ ୦ ।୵ ୨ ନମ୍ବର ଡବା ( ୫୦ ବଟିକା ) ଟ ।୵ ୩ ନମ୍ବର ଡବା ( ୫୦ ବଟିକା ) ଟ ।୵ ।

୨ । ଦନ୍ତ ଦାନ୍ତବେଦନ୍ତ—ଏହା ଦାନ୍ତର, ଦନ୍ତମୂଳ, କୋଡ଼ ବା ରକ୍ତସ୍ରାବ ଓ ଅଧସାସ ପ୍ରଭୃତି ସର୍ବପ୍ରକାର ଯନ୍ତ୍ରଣା ପରୀକ୍ଷିତ ଓ ଅମୋଘ, ତାହା ଲକ୍ଷଣ ଦୂର, ଅଶୁଫଳ ଗୁଣ ଓ ମୂଳର ଔଷଧ । ଏଥିରେ ସେବନ ପରେ ସମ୍ପୂର୍ଣ୍ଣ ଭଲ ହେଲେ ଫେରାଇ ହୁଏ ନାହିଁ । ମୂଲ୍ୟ—୧ ଡବା ଟ ୦ । ଡାକ ଟ ୨୵

୩ । ଚକ୍ଷୁ ତାଳ୍ପାକଳ—ଏଥିରେ ଚକ୍ଷୁ ଭୁଣ ଓ ପ୍ରଭୃତି ନାନା ପ୍ରକାର ସମସ୍ତେ ଅତି ସହଜରେ ଅବ୍ୟର୍ଥ ହୁଏ ଓ ବାହୁରେ ଥିବା ଦାଗ ଅଦଳେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତି ଡବା ଟ ୦ ।, ଡାକ ଖର୍ଚ୍ଚ ଟ ୨୵ ।

୪ । ଶୀତଜ୍ୱରାନ୍ତକ—ଏଥିରେ ସର୍ବପ୍ରକାର ଜ୍ୱର ସଦ୍ୟ ଭଲ, ବିଷମଜ୍ୱର ପ୍ରଭୃତି ଦୂଷିତ ଅତି ସହଜରେ ଓ ତାହା ଲକ୍ଷଣରେ ଅବ୍ୟର୍ଥ ହୁଏ । ଚିରକାଳରୁ ପ୍ଲୀହାବୃଦ୍ଧି ଯା ବଡ଼ ବା କଥା ଯା ଓ ରୋଗ ଯା ଜୀବନରେ ନଷ୍ଟ କରେ । ମୂଲ୍ୟ—୧ ଡବା ଟ ୦ । ଓ ଡାକ ଟ ୨

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଅବ୍ୟର୍ଥ ହୁଏ । ମୂଲ୍ୟ—ପ୍ରତି ଡବା ଟ ୦ ।, ଡାକ ଖର୍ଚ୍ଚ ଟ ୨ ଆ

୬ । ପ୍ରମେହସୁଧା—ନୌତିକାଳ ପ୍ରମେହରୋଗ ପ୍ରମେହ ରୋଗର ପରମ ଔଷଧ । ଏହା ସେବନ ଅନୁମାନ ତିନି ଦିନ ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ମୂତ୍ରରୋଧ ଅଶମନ ଓ ଅନ୍ୟ ଦିନ ରହେ ଏବଂ ପ୍ରଚୁର ପୁଷ୍ଟି ସେବନ କରନ୍ତୁ ସେ ସବୁ ଉପକାରୀ ଏବଂ ଶୀଘ୍ର ସମ୍ପୂର୍ଣ୍ଣ ପ୍ରମେହ ଦୂର ହୁଏ । ଏଥିରେ ସେବନ ଦିନ ସମ୍ପୂର୍ଣ୍ଣ ଜ୍ୱାଳା ଓ ୨୧ ଦିନ ମଧ୍ୟରେ ସ୍ୱାସ୍ଥ୍ୟ ଲାଭ କରନ୍ତି ଓ ନୂଆ ନୂଆ ଉପକାର ହୁଏ । ଏହା ସେବନ ଧାତୁଦୌର୍ବଲ୍ୟ ଓ ବଳକ୍ଷୟ ଉପକାର ହୁଏ । ଏହା ସେବନ ଧାତୁ ଦୌର୍ବଲ୍ୟତାର ଏକ ଅବ୍ୟର୍ଥ ଓ ଅନ୍ୟ ବ୍ୟାଧିର ପକ୍ଷେ ଉପକାରୀ । ମୂଲ୍ୟ—ପ୍ରତି ଡବା ଟ ୧, ଡାକଖର୍ଚ୍ଚ ଟ ୦ ।

୭ । ଲକ୍ଷ୍ମୀବିଳାସ ତୈଳ—ଏହା ନୂତନ ଓ ସର୍ବପ୍ରକାର ଶିରୋରୋଗ ଓ ବାତରୋଗର ଅବ୍ୟର୍ଥ ଔଷଧ । ମୂଲ୍ୟ ୧ ଶିଶି—ଟ ୦ ।, ଡାକଖର୍ଚ୍ଚ ଟ ୦ । ଆ

୮ । ଅମୃତରସ—ସେପରି ନାମ ସେହିପରି ଗୁଣ । ଦୁର୍ବଳତା ଓ ଶୀର୍ଣ୍ଣତା, ସେବନ ଅତ୍ୟନ୍ତ ଅଶ୍ରୁଫଳପ୍ରଦ ଔଷଧ । ଅଳ୍ପ ମଧ୍ୟ ଏଥିରେ ଅମଳଙ୍କ ଶାନ୍ତି ପାଇବ ଶୀଘ୍ର, କ୍ଷୟରୋଗ, ଅବସାଦ, ଜ୍ୱର, ପଟି ପ୍ରଭୃତି ରୋଗ ଅବ୍ୟର୍ଥ ହୁଏ । ମୂଲ୍ୟ—ପ୍ରତି ଶିଶି ଟ ୦ । ଓ ଡାକ ଟ ୨ ଆ

୯ । ଚନ୍ଦ୍ରସୁଧା ତୈଳ—ଏହା ଅର୍ଶରୋଗ, ଅଶ୍ମରୀ ଅମ୍ଳବାତ ଓ ଅଶାର ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର କଠିନ ଓ ସ୍ୱଳ୍ପକାଳ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦ ।, ଡାକ ଖର୍ଚ୍ଚ ଟ ୨ ଆ

ନବରତ୍ନ ବ୍ୟତୀତ ଅନ୍ୟ ଉଚିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ଚିରଞ୍ଜୀବ ଅର୍କ ପ୍ରତି ଶିଶି | | ଟ ୦ । | ଡାକଖର୍ଚ୍ଚ | ଟ ୨( |
| ପାଚନମିଶ୍ର ଅର୍କ | " | ଟ ୦ । | " | ଟ ୨( |
| ଅମୃତାଦି ପାଚନ | " | ଟ ୧। | " | ଟ ୨( |
| ମାଳତୀକୁସୁମ ତୈଳ | " | ଟ ୦ ।୵ | " | ଟ ୨( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକରଚନ୍ଦ୍ର ଦାସ ବାଲେଶ୍ୱର

## ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାସୁଲ ଟ ୦ ।୵

ରକ୍ତାମାଶୟର ମହୌଷଧ ସେବନରେ ପେଟକାମୁଡ଼ା ପେଟ କଳକଳ କରିବା ଓ ଶୂଳ ଘନ ଘନ ଦାସ୍ତ ରକ୍ତାମାଶୟ ଶୀଘ୍ର ଅବ୍ୟର୍ଥ ହୁଏ ।

ଗନୋରିୟା ବା ସଦ୍ୟ ମେହ । **ସୁଧାରତ୍ନ** ଅମୋଘ ଔଷଧ

ସେବନରେ ପୂଜ ପଡ଼ିବା ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଅତି ଶୀଘ୍ର ଶାନ୍ତ ହୁଏ, ଏ ସମସ୍ତ ଗନୋରିୟା ବ ପୁରୁଣା ମେହ ସର୍ବାବସ୍ଥାରେ ଅଚିରେ ଆରୋଗ୍ୟ ହୁଏ, ୩ ।୵ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାତ୍ର ୧୫ ଦିନ ପାଇଁ ଟ ୨ ।୵ ।

## ସର୍ବ ଜ୍ୱରାନ୍ତକ ମଲମ

( ପାରଦାଦି ଦୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟା ୧୧ ଦିନ ପାଇଁ ଟ ୨ ।୵

କଠିନ ଉପଦଂଶ ବ୍ୟାଧି ଓ ସର୍ବବିଧ ଘାଆ ଶୀଘ୍ର ଅବ୍ୟର୍ଥ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ଅତୁଳ ଇନ୍ଦ୍ରିୟ ଶକ୍ତି, ସ୍ୱପ୍ନଦୋଷ ମେହ ଶାନ୍ତ, ଶୁକ୍ର ତାରଲ୍ୟ ଓ ଧାରଣା ଶକ୍ତି ବୃଦ୍ଧି ହୁଏ ଧ୍ୱଜଭଙ୍ଗ ( ମୋହ ) ଓ ନଷ୍ଟ ହୁଏ । ସ୍ତ୍ରୀ ପୁରୁଷଙ୍କ ସେବନ କଲେ ଅଲୌକିକ ଶକ୍ତି ଓ ବଳାଧିକ୍ୟ ଲାଭ କରିବେ । । । ମୂଲ୍ୟ ଏକ ଡବା ୧୧ ଦିନ ପାଇଁ ମାସୁଲ ଟ ୦ ।୵ ।

ଶ୍ରୀ ଭବାନୀପ୍ରସାଦ ଚକ୍ରବର୍ତ୍ତୀ
ବିଦ୍ୟାରତ୍ନ, ମେଡ଼ିକାଲ ୯ କାଶୀଧାମ

ଅମ୍ଭ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକମାନ କଟକ ଚାନ୍ଦିନୀଚୌକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଭେଙ୍କାଳାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଉକ୍ତ ବଡ଼ ପ୍ରକାଶ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ବ ଭେଲ୍ୟୁପେଏବଲରେ ପାଇଲେ ବାହି ଲେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବନଚରିତ (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ । ୬ |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ।୵ |
| ଏଜନ ଦ୍ୱିତୀୟ ତରଙ୍ଗ | ଟ ୦ ।୵ |
| ଏଜନ ତୃତୀୟ ତରଙ୍ଗ | ଟ ୦ ।୵ |
| ଏଜନ ଚତୁର୍ଥ ତରଙ୍ଗ | ଟ ୦ ।୵ |
| ଏଜନ ପଞ୍ଚମ ତରଙ୍ଗ | ଟ ୦ ।୵ |
| ଏଜନ ଷଷ୍ଠ ତରଙ୍ଗ | ଟ ୦ ।୵ |
| ସଙ୍ଗୀତ ସଂସାର | ଟ ୦ ।୵ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ |
| ପାରିଜାତମାଳା (ଶ୍ରୀମତୀ ସୁଲକ୍ଷଣା ଦେବୀ କୃତ) | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ।୵ |
| ବର୍ଣ୍ଣମାଳ ବର୍ତ୍ତିକା | ଟ ୦ ୧୯ |
| ସମରତରଙ୍ଗ | ଟ ୦ ।୵ |
| ବାଲ୍ୟଶିକ୍ଷା | ଟ ୦ / |

ଶ୍ରୀ ଦାମୋଦର ପଟ୍ଟନାୟକ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛି ଅମ୍ଭ ନିକଟରେ ନିମ୍ନଲିଖିତ ସବାରୁ ଓ ତାହା ଯାନମାନ ବିକ୍ରୀ ନିମନ୍ତେ ପ୍ରସ୍ତୁତ ଅଛି । ଯଥାଃ—

କଳ୍ପ ସବାରି ଫୁ ୬୨ × ୩, ଦୋହର କବାଟ ମଉଳ ଓ ଚକ୍ରଗୋଡ଼ ଲଗା, ଗଦି ଓ ହ୍ୱିଲର ସହିତ ଏହା ଭଲର ଓ ଭଲରେ ସାଟିନ ଲୁଗା ମଡ଼ା ଟ ୬୦୯
ଏଜନ ଛିଟ ଲୁଗା ମଡ଼ା ଟ ୧୦୯

ସାଧାରଣ ସବାରି ଗମ୍ଭାର କାଠର ସବାରି

| | |
|---|---|
| ଲମ୍ବ ଫୁ ୫ ୧୦ଇ × ପୁ ୨-୯ଇ | ଟ ୬୫୯ |
| " ୫-୨ × ୨-୨ | ଟ ୬୦ ୯ |
| " ୫ × ୨-୨ | ଟ ୧୬ ୯ |

ଏହା ଛଡ଼ା ଅନ୍ୟ କାଠର ଭିନ୍ନ ଉତ୍ତର ଏହି ମାପର ହେଲେ ଟ ୬୫୯ ସ୍ଥଳେ ଟ ୫୯, ଟ ୬୦୯ ସ୍ଥଳେ ଟ ୧୬୯ ଏବଂ ଟ ୧୬୯ ସ୍ଥଳେ ୧୩୯ ଟଙ୍କାରେ ମିଳିବ । ଅଧିକନ୍ତୁ ଯାହାଙ୍କର ଯେଉଁ ପ୍ରକାର ସବାରି ଓ ଯାନମାନ ଦରକାର ହେବ ସେପରି ଶୀଘ୍ର ତିଆରି କରି ଦେବୁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୧୦୪ } ଶ୍ରୀ ମାଝି ନାରାୟଣ
କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ
ନିକଟ ଚାନ୍ଦିନୀଚୌକ
କଟକ

Digitized by srujanika@gmail.com

[illegible] ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED No. C 81



# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.


ଖ ୪୦ ଶ | ସ ୨୯ ସଂଖ୍ୟା

CUTTACK, SATURDAY THE 22nd July 1905.

୨୮ ଶ ଶ୍ରାବଣ ସନ ୧୩୧୨ ସାଲ ଶନିବାର

ସହର କଟକ ଦରଘାଟଠାର ପ୍ରିଣ୍ଟିଂକମ୍ପାନି ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରିମ ଟ ୩୲ | ପଶ୍ଚାଦ୍ଦେୟ ଟ ୬୲


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ° ୵ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୲ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ° ୵ ଠାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

### District Board, Cuttack.

Tenders are hereby invited for the execution of the under mentioned works and intending Contractors can obtain information respecting them from the office of the District Engineer, and from the sub-overseer stationed at Ranihat, Manpur, Gorapur and Baruan.

| No. | Name of work. |
|---|---|
| 1 | Annual repairs to Roads and Buildings during the year 1905-06. |
| 2 | Spreading and Consolidation of metal on metalled roads. |

RULES.

1 All tenders which must be on Form No. 1 obtainable at this office (price 0-1-0 each) must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 31st July 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

CUTTACK, The 18th July 1905. — NAGENDRA NATH MITRA, *District Engineer,* CUTTACK.

Wanted a Peshkar on Rs. 18-0-0, a Treasurer and a Nazir on Rs. 15 each per mensem for the Narsingpur Raj office. None need apply who has no sufficient knowledge of English and experience of the office work. The selected candidates for the last two posts will have to deposit a cash security of Rs. 250 and Rs. 150 respectively.

Applications will be received by the undersigned up to 30th instant.

Narsingpur Raj office, The 12th July 1905. — JAGMOHAN GHOSE, *Dewan.*

## FOR SALE.

The House of Rai Hurry Ballabh Bose Bahadur in Umraobanpatna, Gangamandir, near the Civil Court, with the stables, out-houses and compound for Rs. 20,000. This should include the rayati right in the Khasmahal land, permission to sell such right will be obtained from the Collector no sooner the name of the purchaser is known.

## TO LET.

The whole of the above premises for three years at a monthly rent of Rs. 125, but if a purchaser should appear in the meantime the tenancy should expire.

For further particulars the intending purchaser, or lessee may apply to the Editor of the Utkal Dipika or to the undersigned.

HURRY BALLABH BOSE,
14-7-05

## ଘରବିକ୍ରୀ

ଏହି ସହର କଟକ ଅଦାଲତ କଚେରି ନିକଟ ଗଙ୍ଗାମନ୍ଦିର ଉମରାଓବନ ପାଟଣାରେ ଥିବା ରାୟ ହରିବଲ୍ଲଭ ବୋଷ ବାହାଦୂରଙ୍କର ଘର କୋଠାଘର ଏବ ତତ୍ସଂଲଗ୍ନ ଅସ୍ତାବଲ ବାହେଲଘରମାନ ଓ ହତା ଟ ୨୦୦୦୦୲ ଙ୍କା ମୂଲ୍ୟରେ ବିକ୍ରି ହେବ । ଖାସମହାଲ ଜମିର ରୟତ ସତ୍ୱର ମୂଲ୍ୟ ଏହି ମୂଲ୍ୟ ମଧ୍ୟରେ ଧରା ଯାଇଅଛି । କ୍ରେତାର ନାମ ମାତ୍ରେ କଲେକ୍ଟର ସାହେବଙ୍କର ଅନୁମତି ମିଳିବ ।

## ଭଡ଼ା ଦିଆଯିବ ।

ଉପରଲିଖିତ ସମସ୍ତ ଘରଦ୍ୱାର ତିନି ବର୍ଷ ନିମନ୍ତେ ମାସିକ ଟ ୧୨୫ ଙ୍କା ଖଜଣାରେ ଭଡ଼ା ଦିଆଯିବ ମାତ୍ର ଏହି ମିଆଦ ମଧ୍ୟରେ ଖରିଦଦାର ମିଳିଲେ ଭଡ଼ାର ମିଆଦ ରହିତ ହେବ ।

ଯେଉଁମାନେ ଖରିଦ କିମ୍ବା ଭଡ଼ା ନେବା ଇଚ୍ଛା କରିବେ ସେମାନେ ଅଧିକ ଯାହା ଜାଣିବାକୁ ଇଚ୍ଛା କରିବେ ତହିଁପାଇଁ ଉତ୍କଳ ଦୀପିକାର ସମ୍ପାଦକ କିମ୍ବା ଅମ୍ଭ ନିକଟକୁ ପତ୍ର ଲେଖିବେ ।

ଶ୍ରୀ ହରିବଲ୍ଲଭ ବୋଷ
୧୪।୭।୦୫

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

## ଆରବ୍ୟକୁସୁମ

ବା

### ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ।

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ଗ୍ରାହକମାନଙ୍କ ସୁବିଧାର୍ଥେ ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହେଉଅଛି ।

୧ ମ ଖଣ୍ଡର ମୂଲ୍ୟ ଟ ୦। ଡାକମାସୁଲ ଟ ୦ ୵ ଏପରି ପୁସ୍ତକ ଓଡ଼ିଆଭାଷାରେ ଏହି ପ୍ରଥମ । ଗଳ୍ପଗୁଡ଼ିକ ଯେପରି ମନୋହର ସେହିପରି ଶିକ୍ଷାପ୍ରଦ, ଥରେ ଆରମ୍ଭ କଲେ ଶେଷ ନ କରି ରହିପାରିବେ ନାହିଁ । ଏହା ବାଳକ, ବାଳିକା, ସ୍ତ୍ରୀ, ପୁରୁଷ, ବୃଦ୍ଧ, ଯୁବା ସମସ୍ତଙ୍କର ପାଠ୍ୟ । ୨ୟ ଖଣ୍ଡ ଶୀଘ୍ର ପ୍ରକାଶିତ ହେବ ।

ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ

Digitized by srujanika@gmail.com

Split by PDF Splitter



## NOTICE

Wanted an Inspecting Pandit for the Ganja Sub-Circle, in Thana Aul, under the Sub-Inspector of Schools, Patamundai Circle, on a salary of Rs. 10 with the usual allowance. Preference will be given to one who has passed the final examination of the Cuttack Training School or who has experience in the inspection of Primary Schools under the new scheme of Vernacular Education.

Applications with copies of testimonials should reach this office on or before the 15th July 1905.

Cuttack Dist. Board's office, 30—6—1905.　　J. C. CHUNDER, *Vice Chairman.*

## ବିଜ୍ଞାପନ ।

ବିନା ମୂଲ୍ୟରେ ଓ ପୋଷ୍ଟେଜରେ ସବ ରୋଗର ହରିତାଳ ଭସ୍ମର ବହି ଓ ନମୁନା ଦେଉଁ । ବଙ୍ଗଳା ବା ଇଂରାଜୀରେ ପତ୍ର ଲେଖନ୍ତୁ ।

ରାଜବୈଦ୍ୟ ଶ୍ରୀ ମତିଲାଲ ଦେବ
ପୋଃ ଘାଟାଲ, । ଜି । ମେଦନୀପୁର

ନିମ୍ନଲିଖିତ ଜଙ୍ଗଲମାନଙ୍କରେ ଥିବା ଜାଳେଣି କାଠ ଓ ବୃକ୍ଷ ଓଗେରେ ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ଦିନରେ ଖୋରଧା ମୁକାମ ଜଙ୍ଗଲ ଅଫିସଠାରେ ନୀଲାମ ହେବଯିବ ତହିଁର ସରତମାନ ସେହି ତାରିଖରେ ଶୁଣାଇ ଦିଆଯିବ ।—

| | | |
|---|---|---|
| ଚୁଡଙ୍ଗ | ୪୨ | ଏକର |
| ଟଣ୍ଡା | ୨୪୨ | ” |
| ବାଲୁଦିହା | ୨୪୨ | ” |
| ଦକ୍ଷଣାଇ | ୩୦ | |
| ପାଟଗଡ଼ | ୪୮ | ” |
| ମତ୍ତିଆ | ୪୪ | ” |
| ମୁଣ୍ଡିଆ | ୧୨୭ | ” |
| ଭରତପୁର | ୯୫ | ” |
| ଦମପୁର | ୩୭ | ” |
| ରମ୍ପୁର | ୨୭ | ” |
| ମେଣ୍ଢାଶାଳ | ୨୪,୭ | ” |
| ମଂଜଣା | ୯୦ | ” |
| କଏମଙ୍ଗଳ | ୧୦ | ” |
| ବାଲିପଟ୍ଟୀ | ୪୭ | ” |
| ଘରବଇ | ୪୯ | ” |

ଯେଉଁମାନେ ନୀଲାମହାକ ଖରିଦ କରିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ଦିନ ପୂର୍ବରୁ ଉପରୋକ୍ତ ସ୍ଥାନମାନଙ୍କରେ ଥିବା ଜଙ୍ଗଲମାନ ଦେଖି ପାରନ୍ତି । ଫରେଷ୍ଟ ଡିଭିଜନ ଅଫିସର ସର୍ବୋଚ୍ଚ କିମ୍ବା କୌଣସି ନୀଲାମଡାକ ମଞ୍ଜୁର କରିବାକୁ ବାଧ୍ୟ ନୁହନ୍ତି ।

T. H. MONTEATH.
*Deputy Conservator of Forests*
*Puri Division*
23 3-05.

## ଉତ୍କଳଦୀପିକା ।

ଗତ ତା ୮ ରଖରେ ଶେଷ ହେବା ସପ୍ତାହର ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ବମ୍ବେଇ ପ୍ରଦେଶର ଖଏରା ଏବଂ ବେଲଗାମରେ ୨୦୨୭ ଅହମଦାବାଦରେ ୧୧୧୪ ଓ ପାଞ୍ଚମାହାଲରେ ୪୪୯ ଗାଏ ୩୫୮୯ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ଅନାବୃଷ୍ଟି ହେତୁ ସେ ଅଞ୍ଚଳରେ ଅନ୍ନକଷ୍ଟ ପଡ଼ିଅଛି ।

ମୌସୁମି ବୃଷ୍ଟି ଅବଧି ନିୟମିତରୂପେ ଦେଖା ଦେଇ ନାହିଁ । ଆରବ ସାଗରର ବୃଷ୍ଟିର ଧାର ଏପର୍ଯ୍ୟନ୍ତ ନିତାନ୍ତ ଦୁର୍ବଳ ଅଛି । କେବଳ ବଙ୍ଗ ଉପସାଗରର ଧାର ବଙ୍ଗ, ମଧ୍ୟପ୍ରଦେଶ, ମଧ୍ୟ ଓ ଉତ୍ତର ଭାରତବର୍ଷକୁ ବାହାର ଯାଇ କିଛି ଜଳ ଦେଇଅଛି । ଦେଶର ଅଧିକାଂଶ ସ୍ଥାନରେ ଜଳର ଅଭାବ ଘଟିଅଛି ।

ଭାରତରେ ପ୍ଲେଗର ଉତ୍ପାତ କମି ଆସୁଅଛି । ଗତ ତା ୮ ରଖରେ ଶେଷ ହେବା ସାପ୍ତାହିକ ତାଲିକାରୁ ପ୍ରକାଶ ଯେ ବମ୍ବେଇରେ ୩୨୯, ମାନ୍ଦ୍ରାଜରେ ୧୩, ବଙ୍ଗରେ ୭୯, ଯୁକ୍ତ ପ୍ରଦେଶରେ ୨୮, ପଞ୍ଜାବରେ ୧୧୧୨, ବରମାରେ ୧୫୭, ମହୀଶୂରରେ ୪୭ ଓ ରାଜପୁତାନାରେ ୩ ଗାଏ ୧୭୪୨ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୨୨୦୯ ଥିଲା । ସୁତରାଂ କେବଳ ପଞ୍ଜାବ ଓ ତହିଁ ତଳେ ବମ୍ବେଇରେ ରୋଗ କିଛି ପ୍ରବଳ ଥିଲା ।

ବାବୁ ମୋହିନୀମୋହନଧର ଏମ. ଏ, ବି. ଏଲ, ମୟୂରଭଞ୍ଜର ଦେବାନ ପଦରେ ନିଯୁକ୍ତ ହେବାର ସ୍ଥିର ହୋଇଅଛି । ମୋହିନୀ ବାବୁ ଅନେକ ବର୍ଷ ମୟୂରଭଞ୍ଜର ଷ୍ଟେଟ ଜଜର କାର୍ଯ୍ୟ ସୁଖ୍ୟାତି ସହିତ ନିର୍ବାହ କରି କର୍ମଚାରୀବାସିଙ୍କର ପ୍ରିୟ ହୋଇଅଛନ୍ତି । ତାହାଙ୍କୁ ପ୍ରଦାନ କରିବାରେ ମହାରାଜା ଯଥାର୍ଥ ଗୁଣର ଆଦର କରିଅଛନ୍ତି ଅବଶ୍ୟ ସ୍ୱୀକାର କରିବାକୁ ହେବ ଆଶା କରୁଅଛୁ ଅନ୍ୟାନ୍ୟ ଯୋଗ୍ୟ କର୍ମଚାରୀମାନେ ଏହି ସୁଯୋଗରେ ଉନ୍ନତି ପାଇବେ ଏବଂ ରାଜ୍ୟ ଉତ୍ତରୋତ୍ତର ଉନ୍ନତ ହୋଇପାରିବ ।

ଇଲାହାବାଦର ଏକ ପତ୍ରରୁ ଅବଗତ ହେଲୁଁ ଯେ ମାନ୍ଦ୍ରାଜ ୟୁନିଭରସିଟି କମିଶନ ସେ ଅଞ୍ଚଳର କଲେଜମାନ ପରିଦର୍ଶନାର୍ଥେ ଆସି ପାରଲାଖେମଣ୍ଡି କଲେଜ, ବରହମପୁର, ଖଲିକୋଟ ଏବଂ ଭିଜାନଗର ମହାରାଜାଙ୍କ କଲେଜମାନ ପରିଦର୍ଶନ କରି ଯାଇଅଛନ୍ତି । ପରିଦର୍ଶନର ଫଳ କମିଶନର ରିପୋର୍ଟ ବାହାରିଲେ ଜଣାଯିବ । ମାତ୍ର ଅନ୍ୟସ୍ତ୍ରରୁ ବୋଧ ହେଲା କମିଶନ ପାରଲାଖେମଣ୍ଡି କଲେଜ ଦେଖି ସନ୍ତୁଷ୍ଟ ଏବଂ ଖଲିକୋଟ ପ୍ରତି ଅସନ୍ତୁଷ୍ଟ ହୋଇଥିଲେ । ଭିଜାନଗର କଲେଜରେ ଛାତ୍ରାବାସର ଅଭାବ ପ୍ରତି ସେମାନଙ୍କର ଅବଶ୍ୟ ଦୃଷ୍ଟି ପଡ଼ିଥିବ ।

ସଞ୍ଜୀବନୀରେ ପାଠ କଲୁଁ କି ବନାରସର ଦୁଇଜଣ ଯୁବା ବିଜ୍ଞାନ ଶିକ୍ଷା ନିମନ୍ତେ ଆମେରିକାକୁ ଯାଉଅଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ବଙ୍ଗାଳୀ ଓ ଅନ୍ୟ ଜଣକ ହିନ୍ଦୁସ୍ଥାନୀ । ଅନ୍ୟ ଦେଶକୁ ନ ଯାଇ ଆମେରିକାକୁ ଯିବାର ହେତୁ ଏହି କି ଶରୀର ନିଅଣ୍ଟ ହେଲେ ସେମାନେ ସେଠାରେ କୌଣସି ପ୍ରକାର କାର୍ଯ୍ୟ କରି କିଛି ଉପାର୍ଜନ କରି ପାରିବେ । ଆମେରିକାରେ ସେପରି ସୁବିଧା ଥିବାର ସେମାନେ ଶୁଣିଅଛନ୍ତି । ସେହି ଯୁବାମାନଙ୍କର ଏପରି ଉଦ୍ୟମ ଅବଶ୍ୟ ବଡ଼ ପ୍ରଶଂସାର ବିଷୟ ଅଟେ । ପ୍ରକୃତରେ ଉଦ୍ୟମଶୀଳ ଲୋକ ସିନା ପୁରୁଷାର୍ଥ ଲାଭ କରି ପାରେ ।

ଏ ସପ୍ତାହରେ ରୁସିୟାର ବିଦ୍ରୋହର ଯେଉଁ ସମ୍ବାଦମାନ ଆସିଅଛି ତହିଁରୁ ପ୍ରକାଶ ଯେ ଓଡ଼େସ ନଗରରେ ସୈନିକ ଅଇନ ଜାରି ହୋଇଅଛି ଏବଂ ସେଠାରେ ଡାଇନାମାଇଟର କାମ ପ୍ରସ୍ତୁତ କରିବାର ଗୋଟିଏ କାରଖାନା ପିଟି ବାର ଜଣା ଯିବାରୁ ନ ୮ ଜଣ ଲୋକ ଏବଂ ଅନେକ ଗୁଳି ବନ୍ଧୁକ ଇତ୍ୟାଦି ଧରାଯାଇଅଛି । କାରଖାନାର ଅଧିକାଂଶ ଜେଲଖାନାରେ ବିଷପାନ କରି ଆତ୍ମହତ୍ୟା କରି ଅଛି । ମସ୍କୋ ନଗରର ଶାସନକର୍ତ୍ତା କାଉଣ୍ଟ ସୁଭାଲପ ଦରଖାସ୍ତମାନ ଗ୍ରହଣ କରିବା ସମୟରେ ଜଣେ ଲୋକ ତାଙ୍କୁ ଗୁଳିଦାଗି ମାରିପକାଇଲା । ସେ ବ୍ୟକ୍ତି ଧରାପଡ଼ି ବନ୍ଦୀ ଅଧୀନରେ ଅଛି ।

ମହାମାନ୍ୟ ଭାରତଯୁବରାଜ ଏବଂ ତାହାଙ୍କର ପତ୍ନୀଙ୍କର ଅଭ୍ୟର୍ଥନା ନିମନ୍ତେ ଯେଉଁ ଚାନ୍ଦା ସଂଗୃହୀତ ହେଉଅଛି ତହିଁର ଖଣ୍ଡିଏ ତାଲିକା ପ୍ରକାଶିତ ହୋଇଅଛି । ସେହି ତାଲିକାର ତାରିଖ ଗତମାସ ତା ୧୭ ରଖ ଅଟେ । ତହିଁରେ ପ୍ରକାଶ ଯେ ସେହି ତାରିଖ ପର୍ଯ୍ୟନ୍ତ ରାଜା, ମହାରାଜା, ଦେଶୀୟ ଏବଂ ଇଉରୋପୀୟ ବଣିକ ଓ ଭଦ୍ରଲୋକ ନ ୮୯ ଜଣ ମୋଟରେ ଟ ୧୨୯୩୭୯ ଙ୍କା ଚାନ୍ଦା ଦେଇଥିଲେ । ତହିଁମଧ୍ୟରେ ଓଡ଼ିଶାର ଦେବାଦାତାଙ୍କର ନାମ ଓ ପରିମାଣ ନିମ୍ନେ ପ୍ରକାଶ କଲୁଁ ଯଥା—

| | |
|---|---|
| ରାଜା ବୈକୁଣ୍ଠନାଥ ଦେ ବାହାଦୁର | ଟ ୫୦୦୦ |
| „ ଢେଙ୍କାନାଲ | ଟ ୫୦୦୦ |
| ମହାରାଜା ମୟୂରଭଞ୍ଜ | ଟ ୫୦୦୦ |
| ରାଜା ବୌଦ | ଟ ୫୦୦୦ |

Digitized by srujanika@gmail.com

ଭାରତର ସେକ୍ରେଟେରୀ ଶ୍ରୀ ବ୍ରାଡରିକ ସାହେବ ପାରଲିଆମେଣ୍ଟକୁ ଜଣାଇଅଛନ୍ତି କି ସୈନିକ ବିଭାଗର ବନ୍ଦୋବସ୍ତ ସେନ ମହାମାନ୍ୟ ରାଜପ୍ରତିନିଧି ଲର୍ଡ କର୍ଜନ ଏବଂ ମହାମାନ୍ୟ ପ୍ରଧାନ-ସେନାପତି ଲର୍ଡ କିଚନରଙ୍କ ମଧ୍ୟରେ ଯେଉଁ ମତାନ୍ତର ଘଟିଥିଲା ତାହା ଭାଙ୍ଗି ଯାଇ-ଅଛି । ଭାରତ ଗବର୍ଣ୍ଣମେଣ୍ଟ ମୂଳରେ ନିଜ ବ୍ୟବସ୍ଥା ଠିକ ରଖି ଲର୍ଡ କର୍ଜନଙ୍କର ପରାମର୍ଶ-ମତେ କେତେକ ପରିବର୍ତ୍ତନ କରିଅଛନ୍ତି ଏବଂ ଲର୍ଡ କିଚନର ତହିଁରେ ସମ୍ମତ ହୋଇଅଛନ୍ତି । ଶିମଲାଠାରେ ବ୍ୟବସ୍ଥାପକ ସଭାରେ ଗତ ଅଧି-ବେଶନରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏକ ବକ୍ତୃତାରେ ବିସ୍ତାରିତ ବିବରଣ ବୁଝାଇ-ଦେଇ ସନ୍ତୋଷ ଜନକ ମୀମାଂସା ହେବାର ପ୍ରକାଶ କରିଅଛନ୍ତି । ସହଜରେ ମତଭେଦ ଭାଙ୍ଗି-ଗଲା ବଡ଼ ସୁଖର ବିଷୟ ଅଟେ ।

---

ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ମେଦିନାପୁରର ଛାତ୍ର ଶ୍ରୀ ସୁରେନ୍ଦ୍ରନାଥ ଦେ ଯେ କି ସରକାରୀ ବୃତ୍ତିରେ ବିଲାତକୁ ପଢ଼ିବାକୁ ଯାଇ କେମ୍ବ୍ରିଜର ସେଣ୍ଟଜନ୍ସ କଲେଜରେ ଗତବର୍ଷ ପ୍ରଥମ ପରୀକ୍ଷାରେ ଗଣିତରେ ପ୍ରଥମ ସ୍ଥାନ ପାଇ ଥିଲେ ସେ ଏଥର ଦ୍ୱିତୀୟ ପରୀକ୍ଷାରେ ମଧ୍ୟ ଗଣିତରେ ପ୍ରଥମ ସ୍ଥାନ ଅଧିକାର କରି ତହିଁ ନିମନ୍ତେ ରଖା ଥିବା ସର୍ବୋଚ୍ଚ ବୃତ୍ତି ୮୦ ପାଉଣ୍ଡ (ଟ ୧୨୦୦ ଙ୍କା) ପାଇଅଛନ୍ତି । ସେ ଆଗାମୀ ଅଗଷ୍ଟ ମାସରେ ସିଭିଲସରଭିସ ପରୀକ୍ଷା ଦେବେ ଏବଂ ଆଶା କରୁଁ କୃତକାର୍ଯ୍ୟତା ଲଭିବେ । ଇଂରେଜଙ୍କ ସଙ୍ଗେ ଦେଶୀୟମାନେ ବିଦ୍ୟାବୁଦ୍ଧିରେ ସରି ନ ଥିବାର କହି ଯେଉଁ-ମାନେ ଭାରତବାସିଙ୍କୁ ସ୍ୱଦେଶରେ ରାଜକାର୍ଯ୍ୟରୁ ବଞ୍ଚିତ କରୁଅଛନ୍ତି ଆଶାକରୁଁ ସେମାନଙ୍କର ଭ୍ରମ ଦୂରିଯିବ ।

---

ରୁଷ ଜାପାନ ଯୁଦ୍ଧର ସନ୍ଧିମାନ ସ୍ଥିର କରିବା ନିମନ୍ତେ ନିଯୁକ୍ତ ହୋଇଥିବା ପ୍ରତିନିଧି-ମାନେ ସ୍ୱ ସ୍ୱ ଦେଶରୁ ପ୍ରସ୍ଥାନ କରିଅଛନ୍ତି । ଆଗାମୀ ଅଗଷ୍ଟରେ ଆମେରିକାରେ ଠୁଳ ହେବେ । ଏଣେ ଯୁଦ୍ଧର ବିରାମ ନାହିଁ । ଜାପାନି ସୈନ୍ୟ ଉତ୍ତରକୁ ଅଗ୍ରସର ହେଉଅଛନ୍ତି । ରୁଷ ଭ୍ଲାଡ଼ିଭୋଷ୍ଟୋକ ଉତ୍ତର ଦିଗକୁ ନିଶ୍ଚିତ ହୋଇଅଛନ୍ତି ଓ ଦୁଇଗୋଟି ସ୍ଥାନ ପୁଣି ଓ ମୋର୍ସେନ ରକ୍ଷା କରିଅଛନ୍ତି । ଭ୍ଲାଡ଼ିଭୋଷ୍ଟୋକରେ ଅଧିକ ସେନା ପଠାଇଅଛନ୍ତି ଓ ସେମାନେ ଜାପାନକୁ ଆଉ ବଢ଼ିବାକୁ ଦେବେ ନାହିଁ ବୋଲି ଦୃଢ଼ ସଂକଳ୍ପ କରିଅଛନ୍ତି । ବର୍ତ୍ତମାନ ମଧ୍ୟ ଉପସ୍ଥିତ ପ୍ରବଳ ଯୁଦ୍ଧରେ ଅଗ୍ରସର ହେବାର ବାଧା ଉପସ୍ଥିତ ହୋଇଅଛି । କାଲି ଗତ ତା ୧୭ ରଖର ରୁଷ ସେନାପତି ଲିନେଭିଚଙ୍କ ତାରସମ୍ବାଦରୁ ପ୍ରକାଶ ଯେ ଜାପାନ ଯୁଦ୍ଧଜାହାଜ ସବୁ ଭ୍ଲାଡିଭଷ୍ଟୋକର ଉତ୍ତର ଦିଗରେ ଓ ଲଗା ଉପସାଗର ମଧ୍ୟରେ ପ୍ରବେଶ କରୁଅଛି ।

---

ଆମ୍ଭେମାନେ ଗତସପ୍ତାହରେ ଜଣାଇଥିଲୁଁ ଯେ ଏକ ଟାଉନ ଚୌକିଦାର ଏ ସହର ବାଖରାବାଦ ସବ-ଇନ୍ସପେକ୍ଟର ପ୍ରଭୃତିଙ୍କ ବସା ଗୃହରେ ଟେକା ପକାଇବା ଅପରାଧରେ ଧରା ପଡ଼ି ଚାଲାଣ ହୋଇଥିଲା । ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମଣ୍ଡି ସାହେବ ଗତ ତା ୧୯ ରଖ ଦିବସ ଜମିର ନାମକ ଅସାମୀଠାରୁ ସଫାଇ ସାକ୍ଷୀ ନେଇ ତାହା ବିରୁଦ୍ଧରେ ଦୋଷ ସାବ୍ୟସ୍ତ ହେବାରୁ ଦଣ୍ଡବିଧି ଆଇନର ଧାରାଅନୁସାରେ ତାହାପ୍ରତି ଛଅ ସପ୍ତାହର କଠିନ ପରିଶ୍ରମସହ କାରାବାସ ଦଣ୍ଡର ଆଦେଶ ଦେଇଅଛନ୍ତି । ଏ ଦଣ୍ଡ ଅପର ଦୁଷ୍ଟ ଜନ ପ୍ରତି ଶିକ୍ଷାପ୍ରଦ ହେବ । ମାତ୍ର ଏପର୍ଯ୍ୟନ୍ତ ଟେକା ପଡ଼ିବା ବନ୍ଦ ହୋଇ ନାହିଁ ଓ ପୋଲିସ ଏହା ନିବାରଣ ପକ୍ଷରେ କୌଣସି ଉପାୟ ଅବଲମ୍ବନ କରିବାର ମଧ୍ୟ ଦେଖାଯାଉ ନାହିଁ । ଅନ୍ୟପକ୍ଷରେ ଚୌକିଦାର-ମାନେ ଯାହା କରୁଥିଲେ ତାହା ଏଣିକି ପ୍ରକୃତ ହେବାର ବୋଧ ହେଉଅଛି । ଏହାକି ଜଣେ ଚୌକିଦାର ଅସାମୀ ହେବାର ଫଳ ? ଉଚିତ ହୋଇ ଥିଲେ ହେଲେ ଆମ୍ଭେମାନେ ଆଉ ତାହାଠାରୁ ଶାନ୍ତି ପାଇବାର ଆଶା କରୁଁ !

---

କେବଳ ସୁନ୍ଦର ହେବା ଯଥେଷ୍ଟ ନୁହେ ଜିନିଷଟି ଏମନ୍ତ ହେବା ଉଚିତ ଯେମନ୍ତ କ ସୁନ୍ଦର ହୋଇଅଛି ବୋଲି ମତ ମାନିବ । ଏହା ଗୋଟିଏ ମୂଲ୍ୟବାନ୍ ମହତ୍ ବାକ୍ୟ । ମ୍ୟୁନିସିପଲ ଅପିଲକମିଟୀ ଏହି ବାକ୍ୟକୁ ଅନୁସାର ଯେବେ କାର୍ଯ୍ୟ କରନ୍ତେ ତେବେ ସେମାନଙ୍କର ବିଷୟ ଅନ୍ତର ଉତ୍ତମ ଥିଅନ୍ତା ଏବଂ କରୁ ଶୁଣ ନାହାନ୍ତି ବୋଲି ଦାଣ୍ଡରେ ଯେ ରବ ଉଠିଅଛି ତାହା ଉଠି ନ ଥାନ୍ତା । ବିଶେଷତଃ ଆପତ୍ତି ଦରଖାସ୍ତ ଦେବା ବାଲା ଅଧିକାଂଶ ଗରିବ ଏବଂ ମୂର୍ଖ ଏବଂ ଅପିଲ କମିଟି ଏମନ୍ତ ଗୂଢ଼ନ୍ତି ଯେ ତହିଁ ବିରୁଦ୍ଧରେ ଅନ୍ୟ ପ୍ରତିକାର ନାହିଁ । ଏପରି ସ୍ଥଳେ ଆପତ୍ତିକାରୀର କଥା ସମସ୍ତ ଧୀରଭାବରେ ଶୁଣି ତହିଁର ଉତ୍ତର ବୁଝାଇ ଦେଇ ମାମଲା ନିଷ୍ପତ୍ତି କରିବା ଉଚିତ ତାହା ତ କରି ତୋର ଓଜର କରୁ ନୁହେଁ କାମଛୁଟ ହେଲା । ଏପରି ଭାବରେ ଫଏସଲ କଲେ ତାହାର ମତ ଅସ୍ତ ହେବ ? ତରଳୁର ହେଲୁ ସୁନ୍ଦର ହେଉ ନାହିଁ ଏବଂ ସାଧାରଣ ଅସନ୍ତୋଷ ବଢ଼ୁଅଛି ।

---

ବମ୍ବେଇର ଜଣେ ସୁପରିଚିତ ଫଟଗ୍ରାଫର (ଗ୍ରସ୍ୟା ତନ୍ତ୍ରକର) ରଜା ଗୀନଦୟାଲ ପର-ଲୋକଗମନ କରିଅଛନ୍ତି ଏବଂ ସେପ୍ରଦେଶର ସମ୍ପାଦକମାନେ ତାହାଙ୍କର ଶିକ୍ଷାପ୍ରଦ ଜୀବନୀ ଭଲ ଦୁଃଖ ପ୍ରକାଶ କରିଅଛନ୍ତି । ସେ ହାଇଦରାବାଦର ଜଣେ ରଜା ଏବଂ ଉଚ୍ଚ ବଂଶୀୟ ସମ୍ଭ୍ରାନ୍ତ ବ୍ୟକ୍ତି ଥିଲେ । ସେ ଆପଣାର ପଦମର୍ଯ୍ୟାଦା ସେନ ଅଳସ ଭାବରେ ଦିନ ନ କଟାଇ ଗ୍ରସ୍ୟାତନ୍ତ୍ର କାର୍ଯ୍ୟ ଶିକ୍ଷା ଓ ତହିଁରେ ପଟୁତା ଲାଭ କରି ବମ୍ବେଇରେ ବ୍ୟବସାୟ ଆରମ୍ଭ କଲେ । ଅଳ୍ପ କାଳରେ ବିସ୍ତର ସଫଳତା ଲାଭ କଲେ ଏବଂ ଅନେକ ସୁଖ୍ୟାତି ଏବଂ ଅର୍ଥ ଅର୍ଜ୍ଜନ କରି ସଂସାରରେ ଗୋଟିଏ ଅନୁକରଣୀୟ ଆଦର୍ଶ ରଖି ଯାଇଅଛନ୍ତି । ଏ ଦେଶର ପ୍ରଜାସ୍ୱତା ଏବଂ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବାଣିଜ୍ୟ ଶ୍ରମ ଓ ବ୍ୟବସାୟକୁ ପଦ-ମର୍ଯ୍ୟାଦାର ଅଯୋଗ୍ୟ ନ ମଣି ଅବଲମ୍ବନ କଲେ ସୁଖ୍ୟାତି ଏବଂ ଧନଅର୍ଜ୍ଜନ କରିବେ ଏବଂ ତହିଁ ସଙ୍ଗେ ଦେଶର ହିତ ସାଧନ କରିବାକୁ ସମର୍ଥ ହେବେ ଏହି ଆଶାରେ ଗୀନଦୟାଲଙ୍କର ଆଦର୍ଶ ସେମାନଙ୍କ ସମ୍ମୁଖରେ ସ୍ଥାପନ କଲୁଁ ।

---

ଗତ 'ଷ୍ଟାର ଅଫ୍ ଉତ୍କଳ'ରେ ଲେଖାଅଛି କି ଗଞ୍ଜାମର ଜ ୪ ଣ ବି, ଏ, ଉପାଧିଧାରୀ ଯୁବା ସ୍ଥାନୀୟ ଜଜ ଏବଂ କଲେକ୍ଟରଙ୍କ କଚେରୀରେ ସାମାନ୍ୟ କେରାଣୀର ଭରତି ହୋଇଥିଲେ । କେତେ ବର୍ଷ ପଡ଼ିରହି ଉନ୍ନତି ନ ପାଇ କେହି୨ ଦୁଃଖରେ ଚାକରି ଛାଡ଼ିଦେଇଅଛନ୍ତି ଏବଂ କେହି୨ ହତାଶ ହୋଇ ଦିନ କାଟୁଅଛନ୍ତି । କଚେରୀର ସରଦାରମାନେ ତେଲଙ୍ଗା ଏବଂ ଓଡ଼ିଆଙ୍କ ପ୍ରତି ସେମାନଙ୍କର ସହାନୁଭୂତି ନ ଥିବା ତହିଁର କାରଣ ବୋଲି ସହଯୋଗୀ ଲେଖି ଅଛନ୍ତି । ଏହି କାରଣରୁ ଗଞ୍ଜାମର ଓଡ଼ିଆମାନେ ଓଡ଼ିଶା ସଙ୍ଗେ ମିଶିବାକୁ ଏତେ ଆବେଦନ ଓ ଯତ୍ନ କରୁଥିଲେ । ମାନ୍ଦ୍ରାଜର ଗବର୍ଣ୍ଣର ମହା-ମାନ୍ୟ ଲର୍ଡ ଆମଥିଲ ଯେ କୌଣସି କାରଣରୁ ସେ ସେ ପ୍ରାର୍ଥନା ଅଗ୍ରାହ୍ୟ କରି ଥାଉନ୍ତୁ ପଛକେ ଗଞ୍ଜାମ ଓଡ଼ିଆଙ୍କର ଦୁଃଖ ଉପଶମରୂପେ ହସ୍ତ-କ୍ଷେପ କରିଅଛନ୍ତି ଏବଂ ଏପର୍ଯ୍ୟନ୍ତ ତହିଁର ପ୍ରତିକାର ନ ହେବା ଦୁଃଖର ବିଷୟ ଅଟେ ଏ ବିଷୟରେ ମହାମାନ୍ୟ ମହୋଦୟଙ୍କର ଶୀଘ୍ର ମନୋଯୋଗ ପ୍ରାର୍ଥନା କରୁଅଛୁଁ ।

---

Split by PDF Splitter

Digitized by srujanika@gmail.com

ଆମ୍ଭେମାନେ କଲିକତାସ୍ଥ ଟେଲିଗ୍ରାଫ ନାମକ ଇଂରାଜୀ ପତ୍ରିକାରେ ପାଠକଲୁଁ ଯେ ନବଦ୍ୱୀପର ପଣ୍ଡିତମାନେ ଗୋଟିଏ ସଭା ଆହ୍ୱାନ କରି ସ୍ଥିର କରିଅଛନ୍ତି ଯେ କାୟସ୍ଥମାନେ କ୍ଷତ୍ରିୟ ନୁହନ୍ତି ସୁତରାଂ ଉପବୀତ ଗ୍ରହଣ କରିପାରନ୍ତି ନାହିଁ । କ୍ରମେ ସେହି ସମ୍ବାଦ ଅନ୍ୟାନ୍ୟ କାଗଜରେ ପ୍ରଚାର ହୋଇଗଲା ଓ ତହିଁ ଉପରେ ନିର୍ଭର କରି କେତେ ମତାମତ ବାହାରିଗଲା । ବର୍ତ୍ତମାନ ପ୍ରକୃତ କଥା ଆନନ୍ଦବଜାର ପତ୍ରିକାରେ ବାହାରିଅଛି । ତାହା ଏହି କି ଗତ ଜ୍ୟେଷ୍ଠ ମାସରେ ନବଦ୍ୱୀପର ପଣ୍ଡିତମଣ୍ଡଳର ସଭା ହୋଇଥିଲା ଏବଂ ତହିଁରେ ପ୍ରସ୍ତାବ ହୋଇଥିଲା ଯେ ଆଷାଢ଼ ମାସରେ ଗୋସ୍ୱାମୀ କୃଷ୍ଣନଗରର କେତେକ କାୟସ୍ଥଙ୍କ ଉପନୟନ ହେବ ଓ ପଣ୍ଡିତ ମହୋଦୟଗଣ ଉକ୍ତ କାର୍ଯ୍ୟରେ ଯୋଗଦାନ କରିବେ । ଏହି ପ୍ରସ୍ତାବର ଉତ୍ତରରେ ସଭାର ସମ୍ପାଦକ କହିଅଛନ୍ତି କି ଯେପର୍ଯ୍ୟନ୍ତ କାୟସ୍ଥଗଣର ଉପନୟନ ଶାସ୍ତ୍ରାନୁମୋଦିତ ବୋଲି ବୁଝିପାରୁ ନାହୁଁ ସେ ପର୍ଯ୍ୟନ୍ତ ଯୋଗଦାନ କରିବା ସଙ୍ଗତ ହେଉ ନାହିଁ । ଅତଃପର ଅନ୍ୟ ସଭାରେ ବିଶେଷରୂପେ ଶାସ୍ତ୍ର ଆଲୋଚନା କରାଯାଇ ସିଦ୍ଧାନ୍ତ କରାଯିବ ବୋଲି ଅନ୍ୟ ସଭାରେ ଧାର୍ଯ୍ୟ ହୋଇଅଛି ।

---

### ମନ୍ଦିରରେ ତାଡ଼ିତାଲୋକ ।

ସ୍ଥାନାନ୍ତରେ ପ୍ରକାଶିତ 'ପାଠକ' ସ୍ୱାକ୍ଷରିତ ପ୍ରେରିତପତ୍ରରୁ ପାଠକମାନେ ଅବଗତ ହେବେ ଯେ ପୁରୀ ଶ୍ରୀମନ୍ଦିରରେ ତାଡ଼ିତାଲୋକ ପ୍ରଦାନର ବନ୍ଦୋବସ୍ତ ହୋଇଅଛି ଏବଂ ତହିଁ ସଙ୍ଗେ ୨ ମହନ୍ତ ସେବକ ପ୍ରଭୃତିଙ୍କର ଘୋର ପ୍ରତିବାଦ ଉପସ୍ଥିତ ହୋଇଅଛି । ଗତ ନବେମ୍ବର ମାସରେ ଏହି ଆଲୋକ ଚର୍ଚ୍ଚା ହୋଇ ମତାନ୍ତର ଘଟିଥିଲା । ତହିଁ ଉତ୍ତାରୁ ଏତେକାଳ କିଛି କଥା ନ ହୋଇ ଏକାବେଳେ କାର୍ଯ୍ୟାନୁଷ୍ଠାନ ମହାମାନ୍ୟ ଲାଟ କର୍ଜନଙ୍କର ବଙ୍ଗଦେଶ ବିଭାଗ ନୀତି ପରି ହୋଇଅଛି ଏବଂ ସେପରି ନୀତି ଭଲ ନୁହେ ବୋଲି ସମସ୍ତେ କହୁଅଛନ୍ତି । ପ୍ରତିବାଦ ମୀମାଂସା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖି ମାନେଜର ବିବେଚନାର କାର୍ଯ୍ୟ କରିଅଛନ୍ତି । କିନ୍ତୁ ଏତେକାଳ ନୀରବ ନ ରହି ମହନ୍ତ ସେବକ ପ୍ରଭୃତିଙ୍କ ସଙ୍ଗେ ଯୁକ୍ତି କରି ବୁଝାଇ ସେମାନଙ୍କ ସମ୍ମତି ନେଇ କାର୍ଯ୍ୟ କରିଥିଲେ ଏତେ ଗଣ୍ଡଗୋଳ ହୋଇ ନ ଥାନ୍ତା । ଏକାବେଳେ ରତ୍ନବେଦୀ ପର୍ଯ୍ୟନ୍ତ ଆଲୋକ ନ ନେଇ ସିଂହଦ୍ୱାର ସମ୍ମୁଖ ଏବଂ ସ୍ନାନ ମଣ୍ଡପଠାରୁ ବେଢ଼ା ଭିତରେ ଆଲୁଅ ଦେଇଥିଲେ ଲୋକେ ଦେଖି ତାହା ନିର୍ଦ୍ଦୋଷ ଏବଂ ହିତକର ଥିବାର ଅନୁଭବ କଲେ ଉତ୍ତାରୁ କ୍ରମେ ୨ ପ୍ରସାରର ବିବେକତାର କାର୍ଯ୍ୟ ହୋଇଥାନ୍ତା । ତାହା ହୋଇ ନ ଥିବାରୁ ଅନର୍ଥ ଘଟିଅଛି । ବୋଲିବା ବାହୁଲ୍ୟ ଯେ ଆମ୍ଭେମାନେ ଆଦ୍ୟରୁ ମନ୍ଦିରରେ ତାଡ଼ିତାଲୋକ ପ୍ରଦାନ ସମ୍ବନ୍ଧରେ ଯେଉଁ ମତ ପ୍ରକାଶ କରିଅଛୁଁ ତାହା ପରିବର୍ତ୍ତନ କରିବାର ଉପଯୁକ୍ତ କାରଣ ଅଦ୍ୟାପି ପାଇ ନାହୁଁ ଏବଂ ପତ୍ରପ୍ରେରକଙ୍କ ସହିତ ଏକମତ ହୋଇ କହୁଅଛୁଁ ଯେ ମନ୍ଦିରର ତହବିଲରେ ଯେବେ ଉଦ୍ବର୍ତ୍ତ ଟଙ୍କା ରହିଅଛି ତେବେ ଅଗ୍ରେ ମନ୍ଦିରର ଜୀର୍ଣ୍ଣ ସଂସ୍କାରରେ ତାହା ବ୍ୟୟ ନ କରି ତାଡ଼ିତାଲୋକ ବିଳାସିତାରେ ଲଗାଇବା ସୁବିବେଚନାର କାର୍ଯ୍ୟ ନୁହେ । ଶୁଣିଅଛୁଁ ଏହି ଆଲୋକ ବ୍ୟାପାରରେ ପ୍ରାୟ ଟ ୨୫୦୦୦ ଙ୍କା ମୂଳଧନ ଲାଗିବ । ଏଥି ଉପରେ କାର୍ଯ୍ୟ ଚଳାଇବାର ବ୍ୟୟ ଅଛି ।

---

### ଜିଲ୍ଲା ବୋରଡ଼ସମୂହକୁ ସରକାରୀ ସାହାଯ୍ୟ ।

ପାଠକମାନଙ୍କର ସ୍ମରଣ ଅଛି ଯେ ଗତ ବଜେଟରେ ଭାରତ ଗବର୍ଣ୍ଣମେଣ୍ଟ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ଜିଲ୍ଲା ବୋରଡ଼ ସମୂହକୁ ୧୨୫ ଲକ୍ଷ ଟଙ୍କା ସାହାଯ୍ୟ କରିଥିଲେ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତାହାଙ୍କର ଅଧୀନ ୯ ବିଭାଗର କମିଶନରମାନଙ୍କ ମଧ୍ୟରେ ପ୍ରତ୍ୟେକ ବିଭାଗର ଆୟତନ ଲୋକସଂଖ୍ୟା ଏବଂ ପଥକରର ଆୟ ଦୃଷ୍ଟିରେ ବିଭାଗ କରିଦେଇଅଛନ୍ତି ଏବଂ ଓଡ଼ିଶା ଭାଗରେ ଟ ୪୯,୦୦୦ ଙ୍କା ପଡ଼ିଅଛି । ଓଡ଼ିଶାର କମିଶନର ତାହାଙ୍କର ଅଧୀନ ତିନି ଜିଲ୍ଲା ମଧ୍ୟରେ ଉକ୍ତ ଟଙ୍କା ଏହିପରି ବାଣ୍ଟି ଦେଇ ଅଛନ୍ତି ଯଥା କଟକ ଟ ୨୪,୦୦୦ ଙ୍କା ପୁରୀ ଟ ୧୦,୦୦୦ ଓ ବାଲେଶ୍ୱର ଟ ୭,୦୦୦ ଙ୍କା । କଟକ ଓ ପୁରୀ ବୋରଡ଼ମାନ ନାନା ପ୍ରଯୋଜନବଶତଃ ରୋଡସେସଦ୍ୱାରା ପ୍ରାପ୍ତ ହୋଇଥିବା ଟଙ୍କା ସଡ଼କ ପୋଲ ଇତ୍ୟାଦି କାର୍ଯ୍ୟରେ ସମସ୍ତ ବ୍ୟୟ କରିବାକୁ ଅକ୍ଷମ ହେବାର ଦେଖି କମିଶନର ମହୋଦୟ ସେହି ଦୁଇ ଜିଲ୍ଲାକୁ କିଛି ଅଧିକ ଏବଂ ବାଲେଶ୍ୱରକୁ ଅଳ୍ପ ଦେଇଅଛନ୍ତି । ମାତ୍ର ତହିଁସଙ୍ଗେ ସ୍ପଷ୍ଟ ବୁଝାଇଦେଇଅଛନ୍ତି କି ଭବିଷ୍ୟତକୁ ଏପରି ନ କରି ପ୍ରତ୍ୟେକ ଜିଲ୍ଲାର ରୋଡସେସ ଆୟ ଦୃଷ୍ଟିରେ ଯାହା ଭାଗ ପଡ଼ିବ ତାହାହିଁ ଦେବେ ଗବର୍ଣ୍ଣମେଣ୍ଟ ଦୃଢ଼ରୂପେ ସମସ୍ତ ଜିଲ୍ଲା ବୋରଡ଼କୁ ବୁଝାଇ ଦେଇଅଛନ୍ତି କି ରୋଡ଼ସେସର ସମସ୍ତ ଆୟ ଓ ତହିଁର ଚତୁର୍ଥାଂଶ ହିସାବରେ ଗବର୍ଣ୍ଣମେଣ୍ଟ ଯେତେ ସାହାଯ୍ୟ ଦେବେ ତହିଁରୁ କିଛି ସଡ଼କ, ପୋଲ, ଜଳାଶୟ ପ୍ରଭୃତିରେ ଖରଚ କରିବାକୁ ହେବ । ରୋଡସେସର ଆୟ ରୋଡସେସ ଆଇନର ବହିର୍ଭୂତ କୌଣସି କାର୍ଯ୍ୟରେ ବ୍ୟୟ ହେବ ନାହିଁ । ଏହି ଆଦେଶ ନିତାନ୍ତ ନ୍ୟାୟସଙ୍ଗତ ଅଟେ ଏବଂ ଏହା ଦୃଢ଼ରୂପେ ପ୍ରତିପାଳିତ ହେବା ବିଷୟରେ ତାଗିଦ ହୋଇଥିବାରୁ ବଙ୍ଗେଶ୍ୱର ଏବଂ ସ୍ଥାନୀୟ କମିଶନରଙ୍କୁ ବିଶେଷ ଧନ୍ୟବାଦ ଦେଉଅଛୁଁ । କମିଶନର ସାହେବଙ୍କର ଆଦେଶାନୁସାରେ ଏଠା ଜିଲ୍ଲା ବୋରଡ ସାହାଯ୍ୟ ସ୍ୱରୂପ ପାଇଥିବା ଟ ୨୪,୦୦୦ ଙ୍କା ମଧ୍ୟରୁ ସଡ଼କ ଇତ୍ୟାଦିରେ ଟ ୧୯,୦୦୦ ଙ୍କା ଚିକିତ୍ସା ବିଭାଗରେ ଟ ୨,୫୦୦ ଙ୍କା ପଶୁ ଚିକିତ୍ସାରେ ଟ ୧,୨୦୦ ଙ୍କା ଏବଂ ଗ୍ରାମ୍ୟସ୍ୱାସ୍ଥ୍ୟ ଇତ୍ୟାଦିରେ ଅବଶିଷ୍ଟ ଟଙ୍କା ବ୍ୟୟ କରିବାର ବରାଦ କରିଅଛନ୍ତି । ଏପରି ବରାଦର ଫଳ ଏହି କି ଏ ବର୍ଷ ସଡ଼କ ଇତ୍ୟାଦି କାର୍ଯ୍ୟରେ ୮୦ ହଜାର ଟଙ୍କାର ଊର୍ଦ୍ଧ୍ୱ ଖରଚ ହେବ ଏବଂ ତହିଁରେ ଏ ଜିଲ୍ଲାର ଅଭାବ କିଛି ଦୂରିଯିବାର ଆଶା ହେଉଅଛି । ବାସ୍ତବରେ ଜିଲ୍ଲା ସଡ଼କ ବିଷୟରେ ପୁରୀ ଓ ବାଲେଶ୍ୱରର ତୁଳନାରେ କଟକର ଅବସ୍ଥା ନିତାନ୍ତ ମନ୍ଦ ବୋଲିବାକୁ ହେବ । ତିନି ଜିଲ୍ଲାର ପକ୍କା କଞ୍ଚା ଜିଲ୍ଲାସଡ଼କ ଓ ଗ୍ରାମ ସଡ଼କର ମାପ ନିମ୍ନେ ପ୍ରଦର୍ଶିତ ହେଲା ଯଥାଃ—

| ଜିଲ୍ଲା ସଡ଼କ | କଟକ | ପୁରୀ | ବାଲେଶ୍ୱର |
|---|---|---|---|
| ପକ୍କା ମାଇଲ | ୩୨ | ୧୦୮ | ୪୧ |
| କଞ୍ଚା " | ୩୫୦ | ୧୧୪ | ୨୭୮ |
| ଗ୍ରାମ୍ୟ " " | ୩୮୨ | ୧୦୮ | ୧୦୭ |

ଏଥିରୁ କଟକ ଜିଲ୍ଲାର ଭୂମିପରିମାଣ ୩,୬୧୦ ବାଲେଶ୍ୱରର ୨,୦୫୩ ଏବଂ ପୁରୀର ୨,୪୦୦ ବର୍ଗମାଇଲ ଅଟେ । ସୁତରାଂ କେବଳ ଗ୍ରାମ୍ୟ-ରାସ୍ତା କଟକ ପ୍ରତି ଅନୁକୂଳ ଅଟେ ମାତ୍ର କଞ୍ଚା ପକ୍କା ଉଭୟ ପ୍ରକାରର ଜିଲ୍ଲା ସଡ଼କରେ ପୁରୀ ଓ ବାଲେଶ୍ୱରଠାରେ କଟକ ଲଜ୍ଜିତ ହେଉଅଛି । ଅତଏବ ଅଧିକ ସଡ଼କ ନିର୍ମାଣ କରିବା ପକ୍ଷରେ କଟକ ଜିଲ୍ଲା ବୋରଡ଼ର ବିଶେଷ ଚେଷ୍ଟା କରିବା ଆବଶ୍ୟକ ।

---

### ବଙ୍ଗର ଶାସନବିଭାଗ ।

ଢାକା ପ୍ରଭୃତି ପୂର୍ବ ବଙ୍ଗୀୟ ଜିଲ୍ଲାମାନ ବଙ୍ଗୀୟ ଲେପ୍‌ଟନାଣ୍ଟ ଗବର୍ଣ୍ଣରଙ୍କ ଅଧୀନରୁ ବାହାରିଯିବା ସମ୍ବାଦ ଶୁଣି ବଙ୍ଗବାସିଙ୍କ ମଧ୍ୟରେ ମହା ଆନ୍ଦୋଳନ ଉପସ୍ଥିତ ହୋଇଅଛି ଏବଂ ସମସ୍ତ ଲୋକ ଏଥିରେ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । କଲିକତାର ଇଂରାଜୀ ଓ ବଙ୍ଗଳା ସମ୍ବାଦପତ୍ରମାନ ପ୍ରାୟ ଏକବାକ୍ୟରେ ମହାମାନ୍ୟ ଲର୍ଡ଼ କର୍ଜନ ବାହାଦୁରଙ୍କର ଏହି ବିଭାଗ ନୀତିର ନିନ୍ଦା କରୁଅଛନ୍ତି । ଇଂରାଜ ଚାଳିତ ଦୈନିକ ସମ୍ବାଦପତ୍ର ମଧ୍ୟରେ କେବଳ

Split by PDF Splitter

Digitized by srujanika@gmail.com

Split by PDF Splitter



ଇଣ୍ଡିଆନ ଡେଲିନ୍ୟୁସ୍ ଏହି ନୀତିର ସମର୍ଥନ କରୁଅଛନ୍ତି । ମାତ୍ର କଲିକତାର ପ୍ରଧାନ ସମ୍ବାଦପତ୍ର 'ଇଂଲିସମ୍ୟାନ' ଏବଂ ପ୍ରବୀଣ 'ଷ୍ଟେଟସମ୍ୟାନ' ପ୍ରବଳ ପ୍ରତିବାଦ କରୁଅଛନ୍ତି । ସେମାନେ ବଙ୍ଗର ଏହି ବର୍ଜନ ବ୍ୟାପାରକୁ ଅକାରଣ ପୀଡ଼ାଦାୟକ ଏବଂ ଅନିଷ୍ଟକର ବୋଲି ନିର୍ଦ୍ଦେଶ କରୁଅଛନ୍ତି । ଦେଶୀୟ ଇଂରାଜୀ ଏବଂ ବଙ୍ଗଳା ସମ୍ବାଦପତ୍ରମାନେ ସମସ୍ବରେ କହା କହି କହୁଅଛନ୍ତି ଯେ ଦେଶ ବିଭାଗରେ ଲାଭ କିଛି ନାହିଁ ଏବଂ ସମ୍ପୂର୍ଣ୍ଣ କ୍ଷତି ଅଛି । ଏହି ବିଚ୍ଛେଦରେ ଜାତୀୟତା, ଶିକ୍ଷା, ଶାନ୍ତି, ଭାଷା ଓ ବୈଷୟିକ ସକଳ ବିଷୟରେ ଅବନତି ଘଟିବ ଏବଂ ବଙ୍ଗର ଦେହ ଖଣ୍ଡ ହେବ । ଏ ଉପାୟରେ ଏହି ଦାରୁଣ ଦୁଃଖ ଘୁଞ୍ଚିବ ତାହାର ଚିନ୍ତା ମଧ୍ୟ ବଙ୍ଗ ସମ୍ପାଦକ ଏବଂ ଦେଶର ମାନ୍ୟଗଣ୍ୟ ଲୋକମାନେ କରୁଅଛନ୍ତି । 'ବଙ୍ଗବାସୀ' କହନ୍ତି ଯେ ରାଜକର୍ମଚାରୀମାନେ ଯେଉଁ ଆଦେଶ ଦେଲେ ସେଥିରେ ପ୍ରତିବାଦ ବା ସ୍ତୁତି ମିନତି କଲେ ପ୍ରତ୍ୟାହାର ହେବ ନାହିଁ । ସୁତରାଂ ବୃଥା ଆନ୍ଦୋଳନରେ ନ ମାତି ସ୍ୱଦେଶରେ ସରକାରୀ ସମ୍ବନ୍ଧରେ ଦୁଇଭାଗରେ ଭିନ୍ନ ହେବା ବଙ୍ଗାଳୀମାନେ ପରସ୍ପର ମଧ୍ୟରେ ସଦ୍ଭାବ ରକ୍ଷିବାକୁ ଦୃଢ଼ରୂପେ ଚେଷ୍ଟା କଲେ କିଛି କ୍ଷତି ହେବ ନାହିଁ । ଆନ୍ତରିକ ପ୍ରେମ ଓ ସହାନୁଭୂତି ଥିଲେ ଦୂରେ ୨ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ମେଳ ରହିବ । ଏକଥା ଅଯଥାର୍ଥ ନୁହେ ମାତ୍ର ଅକ୍ଷିରୁ ଅନ୍ତର ହେଲେ ମନରୁ ଅନ୍ତର ହେବା ସ୍ୱାଭାବିକ । ବସ୍ତୁ କାର୍ଯ୍ୟ ଉପଲକ୍ଷରେ ଯେତେ ଦେଖା ଶୁଣା ହୁଅଇ ଭିନ୍ନ ଶାସନରେ ରହିବା ହେତୁ ସେହି ସୁଯୋଗ ଊଣା ପଡ଼ିବାରୁ ହ୍ରାସ ଘଟିବାର ଆଶଙ୍କା ହେଉଅଛି । ସରକାରଙ୍କ ଆଦେଶ ଉପରେ ବଳ ନ ଥିଲେହେଁ ଇଂରାଜ ରାଜନୀତି ଓ ଶାସନପ୍ରଣାଳୀ ଏପରି ନ୍ୟାୟ ଭିତ୍ତିରେ ଗଠିତ ହୋଇଅଛି ଯେ ଉଚ୍ଚ ରାଜକର୍ମଚାରୀର ଅନ୍ୟାୟ କାର୍ଯ୍ୟ ବିରୁଦ୍ଧରେ ଇଂରାଜ ଜାତି ଏବଂ ତାହାର ପ୍ରତିନିଧି ପାର୍ଲିଆମେଣ୍ଟ ସଭା ସମ୍ମୁଖରେ ନାଳିଶ କରିବାର ସୁବିଧା ଅଛି ଏବଂ ସୁବାସୀ ନ୍ୟାୟସଙ୍ଗତ ବୋଲି ଦେଖାଇ ପାରିଲେ ପ୍ରତିକାର ପ୍ରାପ୍ତିର ଆଶା ଅଛି । ଏହି ବିଶ୍ୱାସ ଉପରେ ନିର୍ଭର କରି ଯଥାସାଧ୍ୟ ଆନ୍ଦୋଳନ କରିବାର ଦରକାର ଲାଗିଅଛି । ଏହି ଆନ୍ଦୋଳନରେ ବଙ୍ଗର ପୂର୍ବ ଓ ପଶ୍ଚିମାଞ୍ଚଳର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏକପ୍ରାଣରେ ଯୋଗ ଦେବେ ଏବଂ ଦୁଃଖ ଜଣାଇବାର ଯଥାସାଧ୍ୟ ଚେଷ୍ଟା କରିବେ । ସେପ୍ରକାର ଆନ୍ଦୋଳନ ହେବ ତାହାର ବିଷୟ ଆଲୋଚ-

ସଞ୍ଜୀବନୀରେ କହାଯାଇଅଛି । ତାହା ଏହି ଯେ ବଙ୍ଗଳାରୁ ଅନ୍ୟୂନ ୫୦ ଶ ପ୍ରତିନିଧି ଇଂଲଣ୍ଡକୁ ପ୍ରେରିତ ହେବେ । ସେମାନେ ଉପସ୍ଥିତ ହୋଇ ଇଂଲଣ୍ଡର ରାଜପୁରୁଷ, ସଭାସମିତି ଏବଂ ସହୃଦୟ ଲୋକଙ୍କୁ ଉତ୍ତମରୂପେ ବୁଝାଇ ଦେବେ । ଅନ୍ୟାୟପ୍ରିୟ ଇଂରାଜମାନେ ଉତ୍ତମରୂପେ ବୁଝିପାରିଲେ ତାହା ନିବାରଣର ଚେଷ୍ଟା ନ କରିବା ଇଂରାଜଙ୍କର ଜାତିଧର୍ମ ନୁହେ ସୁତରାଂ ସୁଫଳ ଲାଭର ଆଶା ଅଛି । ସହଯୋଗୀ ଆହୁରି କହୁଅଛନ୍ତି ଯେ ଯେପର୍ଯ୍ୟନ୍ତ ଏ ଦୁଃଖ ଦୂର ନ ହେବ ସେ ପର୍ଯ୍ୟନ୍ତ ବଙ୍ଗାଳିମାନେ ଅଶୌଚ ହେଲାପରି ଶୋକଚିହ୍ନ ଧାରଣ କରିବେ ଏବଂ ଅଶୌଚକାଳ ଗତ ନ ହେବା ଅର୍ଥାତ୍ ବିଭାଗ ଆଦେଶ ରହିତ ନ ହେବା ପର୍ଯ୍ୟନ୍ତ କୌଣସିପ୍ରକାର ବିଦେଶୀୟ ଦ୍ରବ୍ୟ ବ୍ୟବହାର କରିବେ ନାହିଁ, କରକଚ ବା ଗୋଡ଼ା ଲବଣ ବିନା ଅନ୍ୟ କୌଣସି ଲବଣ ଖାଇବେ ନାହିଁ, ବିଦେଶୀ ଚିନି ବ୍ୟବହାର କରିବେ ନାହିଁ ଏବଂ ସରକାରୀ କର୍ମଚାରୀଙ୍କର ଅନୁରୋଧରେ କୌଣସି କାର୍ଯ୍ୟ ସକାଶେ ଚେନ୍ଦା ଦେବେ ନାହିଁ କିମ୍ବା କଲି ବୋର୍ଡର ମେମ୍ବର ମିଉନିସିପାଲ କମିଶନର ଅନରେରି ମାଜିଷ୍ଟ୍ରେଟ ପ୍ରଭୃତି କାର୍ଯ୍ୟ କରିବେ ନାହିଁ । ପୁଣି କୌଣସିପ୍ରକାର ଆମୋଦ ପ୍ରମୋଦ କରିବେ ନାହିଁ । ଏତେ କଠୋର ବ୍ରତ ପାଳନ ସମ୍ଭବ ହେବ ବୋଲି ଆମ୍ଭେମାନେ ବୋଧ କରୁ ନାହୁଁ । ଏକମାତ୍ର ବିଦେଶୀ ଦ୍ରବ୍ୟର ବ୍ୟବହାର ଯେବେ ବଙ୍ଗାଳିମାନେ ଦୃଢ଼ତା ସହିତ ତ୍ୟାଗ କରି ସ୍ୱଦେଶୀୟ ଦ୍ରବ୍ୟ ବ୍ୟବହାର କରିବେ ତେବେ ପରମ ଉପକାର ହେବ ଏବଂ ବିଲାତି ବଣିକମାନଙ୍କର ସ୍ୱାର୍ଥରେ ବାଧା ହେଲେ ନିଶ୍ଚୟ ସେମାନଙ୍କର ଆସନ ଟଳିବ ।

---

## କେନ୍ଦ୍ରାପଡ଼ା ପୁଲିସ ।

ପାଠକମାନଙ୍କର ସ୍ମରଣ ଥିବ ଯେ କେନ୍ଦ୍ରାପଡ଼ାର ଜଣେ ପୁଲିସ ସବଇନସ୍ପେକ୍ଟର ସୁରେନ୍ଦ୍ରନାଥ ଗୁହ ଏକ ମୋକଦ୍ଦମାରେ ଫଉଜଦାରୀ ଦଣ୍ଡବିଧି ଆଇନର ଦ ୨୨୬ ଧା ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇ ଏଠାର ଡେପୁଟୀ ମେଜିଷ୍ଟ୍ରେଟ ଶ୍ରୀଯୁକ୍ତ ମସ୍ତି ଓ ସାହେବଙ୍କଦ୍ୱାରା ବ ୧ ୬ ସକାଶେ କାରାବାସ ଦଣ୍ଡ ପାଇଥିଲେ । ସେ ଦଣ୍ଡ କଟକ ଜଜର ଶ୍ରୀଯୁକ୍ତ ସେସନ ଜଜସାହେବ ଓ ପରଶେଷରେ ମହାମାନ୍ୟ ହାଇକୋର୍ଟ ବାହାଲ ରଖିଅଛନ୍ତି । ଶ୍ରୀଯୁକ୍ତ ଜଜସାହେବ ତାହାଙ୍କର ରାୟରେ ପୁଲିସ ଇନସପେକ୍ଟରଙ୍କ ସମ୍ବନ୍ଧେ ଲେଖିଥିଲେ ଯେ "But it appears from evidence on the record that the investigating Inspector of Police was doing his best to extricate his brother officer from the trouble into which he had fallen and his attitude is apparent from his statement to the Lower Court that he did not notice any mark * * * *. Under the circumstances it would not be at all strange if the Inspecfor had intentionally recorded a statement which the woman as a matter of foct did not make to him"

ଏଥିର ମର୍ମ ଏହି ଯେ ପୁଲିସ ଇନ୍ସପେକ୍ଟର ସବଇନସ୍ପେକ୍ଟରଙ୍କୁ ଖଲାସ କରାଇବା ସକାଶେ ବିଶେଷ ଚେଷ୍ଟିତ ଥିଲେ ଓ ଏହା ଆଶ୍ଚର୍ଯ୍ୟ ନୁହେ ଯେ ସେ ଜାଣି ଶୁଣି ଏରୂପ ଏଜାହାର ଲେଖିଅଛନ୍ତି ଯାହା କି ତାହାଙ୍କ ନିକଟ ଏଜାହାର କରାଯାଇ ନାହିଁ । ଏହା ଅପେକ୍ଷା ଅଧିକ ଦୁର୍ନାମ ଆଉ କି ହୋଇ ପାରେ ? ଇନ୍ସପେକ୍ଟରଙ୍କ ଏରୂପ କାର୍ଯ୍ୟ ପ୍ରତି କର୍ତ୍ତୃପକ୍ଷମାନେ କି ଆଦେଶ କରୁଅଛନ୍ତି ତାହା ଅଦ୍ୟାପି ଆମ୍ଭମାନଙ୍କ ଅଗୋଚର । ଯେଉଁ ଇନ୍ସପେକ୍ଟରଙ୍କ ବିରୁଦ୍ଧେ ଏରୂପ ଗୁରୁତର ଅଭିଯୋଗ ତାହାଙ୍କ ହାତରେ ପୁଲିସର ରକ୍ଷିବା କେତେଦୂର ନ୍ୟାୟସଙ୍ଗତ ତାହା ଅବଶ୍ୟ କର୍ତ୍ତୃପକ୍ଷମାନେ ବିଚାର କରିବେ । ଏପରି ଗତ ମହରମ ସମୟରେ କେନ୍ଦ୍ରାପଡ଼ାଠାରେ ଭୂଲ ଅଖଡ଼ା ମଧ୍ୟରେ ଏକ ଦଙ୍ଗାହଙ୍ଗାମା ହୋଇଥିଲା । ଉକ୍ତ ମୋକଦ୍ଦମାରେ ପୁଲିସ କେତେକ ଲୋକଙ୍କୁ ଚାଲାଣ କରିଥିଲେ । ସେଥିମଧ୍ୟରେ ସେଠାର ସବରେଜିଷ୍ଟ୍ରାର ମଉଲବୀ ସୟଦ ମହବୁଲ ଅଲି ନ ୧ ମ୍ବର ମୁଦାଲା ଥିଲେ ଓ କେନ୍ଦ୍ରାପଡ଼ାର ତତ୍କାଳୀନ ଡେପୁଟୀ ମେଜିଷ୍ଟ୍ରେଟ ଶ୍ରୀଯୁକ୍ତ ଡେଭିଡସନ୍ ସାହେବ ମହବୁଲ ମିଆଁଙ୍କ ବିରୁଦ୍ଧେ ଆଗତ ହୋଇଥିବା ପ୍ରମାଣ ଅବିଶ୍ୱାସ କରି ମହବୁଲ ମିଆଁଙ୍କୁ ଛାଡ଼ିଦେଇଥିଲେ ଓ ଅପର ମୁଦାଲାମାନଙ୍କର ବିଚାର ଡେପୁଟୀ ମେଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାବୁ ଉପେନ୍ଦ୍ରଚନ୍ଦ୍ର ସେନଙ୍କଠାରେ ହୋଇଥିଲା । ବାବୁ ମହୋଦୟ ଗତ ମଇମାସ ତା ୨୯ ଖରେ ଯେଉଁ ରାୟ ପ୍ରକାଶ କରିଅଛନ୍ତି ତହିଁରେ ଲେଖାଅଛି ଯେ :—"It can not be denied that the investigating officer showed an amount of zeal in this matter out of proportion to the importaace or reliability of the evidence" ଅର୍ଥାତ୍ ତଦନ୍ତକାରୀ

Digitized by srujanika@gmail.com

Split by PDF Splitter



କର୍ମଚ୍ୟୁତ ଏ ବିଷୟରେ ପ୍ରମାଣଙ୍କୁ ଡେଓଁସାଜ ବିଶେଷ ଅଗ୍ରାହ୍ୟ ଦେଖାଇଥିଲେ । ଏ ମୋକଦ୍ଦମାରେ ଶ୍ରୀଯୁକ୍ତ ଜଜସାହେବଙ୍କ ରାୟ ଗତ ମାସ ତା ୫ ରିଖରେ ପ୍ରକାଶ ହୋଇଅଛି ଓ ତାହା ଅମ୍ଭେମାନେ ପାଠ କରିଅଛୁଁ ଓ ତହିଁର କେତେକାଂଶ ନିମ୍ନେ ଉଦ୍ଧୃତ କଲୁଁ । ସାହେବ ମହୋଦୟ ଲେଖିଅଛନ୍ତି "It strikes me that the Police have sought to magnify the affair with the object ef putting into trouble Makbul Ali, Sub Registrar against whom they have a grudge." ଅର୍ଥାତ୍ ମକବୁଲ ଅଲିଙ୍କ ଉପରେ ପୁଲିସର ଅସନ୍ତୋଷ ଅଛି ଓ ମକବୁଲ ଅଲିଙ୍କୁ ବିପଦରେ ପକାଇବା ମାନସରେ ପୁଲିସ ମୋକଦ୍ଦମାକୁ ପ୍ରକାଣ୍ଡ କରିପକାଇଅଛନ୍ତି, ଅନ୍ୟ ସ୍ଥାନରେ ଲେଖା ଅଛି "Bhikari Singh is a chaprasi of the Sub Registrar and it was no doubt his presence at the fight and the fact that he then made use of his master's name which suggested to the Police a good opportunity foı implicating Makbul Ali by the production of some got-up evidence which has rightly been rejected by the learned Dy. Magistrate" ଏଥିର ମର୍ମ ଏହି କି ମକବୁଲ ଅଲିଙ୍କୁ ପକାଇବା ସକାଶେ ପୁଲିସ ସାକ୍ଷ୍ୟ ତିଆର କରିଥିଲେ ଓ ସେ ସାକ୍ଷ୍ୟଙ୍କୁ ଡେପୁଟୀ ମେଜିଷ୍ଟ୍ରେଟ ଅବିଶ୍ୱାସ କରି ଉଚିତ କରିଅଛନ୍ତି ।

ମକବୁଲ ମିଆଁ ଜଣେ ଗଣ୍ୟ ମାନ୍ୟ ବ୍ୟକ୍ତି ଅଟନ୍ତି ସେ ଜଣେ ବହୁକାଳର ୨ୟ ଶ୍ରେଣୀର ଅବୈତନିକ ମେଜିଷ୍ଟ୍ରେଟ ଓ ତାହା ଛଡ଼ା ସେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟୀର ଭାଇସ ଚେୟାରମେନ, ଲୋକାଲ ବୋର୍ଡର ଭାଇସ ଚେୟାରମେନ, ଡାକ୍ତରଖାନା କମିଟୀର ଭାଇସ ଚେୟାର ମେନ, କଟକ ଜିଲ୍ଲା ବୋର୍ଡର ମେମ୍ବର ଓ ଅନ୍ୟାନ୍ୟ କେତେକ ଅବୈତନିକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ମଧ୍ୟ ଗତ ଜୁବିଲି ସମୟରେ ସେ ଗବର୍ଣ୍ଣମେଣ୍ଟଙ୍କଠାରୁ ସାର୍ଟିଫିକେଟ ପ୍ରାପ୍ତ ହୋଇଅଛନ୍ତି । ଅତଏବ ବସ୍ତୁତଃ ପୁଲିସ ତାହାଙ୍କୁ ହଇରାଣ କରୁଅଛନ୍ତି ଏହା ଶ୍ରୀଯୁକ୍ତ ଜଜ ସାହେବଙ୍କ ରାୟରୁ ସ୍ପଷ୍ଟ ପ୍ରକାଶ ପାଉଅଛି । ଏଥିରୁ ଅନୁମାନ ହେଉଅଛି ଯେ ପୁଲିସ ଇଚ୍ଛା କଲେ ବିନାଦୋଷରେ ବଡ଼, ବ୍ୟକ୍ତିମାନଙ୍କୁ ବିପଦରେ ପକାଇବାକୁ କୁଣ୍ଠିତ ନୁହନ୍ତି ଆଶା କରୁଁ ଉପର ଉକ୍ତ ବିଷୟମାନ ଅମ୍ଭମାନଙ୍କର ଶ୍ରୀଯୁକ୍ତ କମିଶନର ଓ ମେଜିଷ୍ଟ୍ରେଟ ସାହେବଙ୍କର ଦୃଷ୍ଟି ଆକର୍ଷଣ କରିବ ଓ ସେ ଅବିଳମ୍ବେ ତହିଁର ଉଚିତ ପ୍ରତିକାର କରିବାରେ ତ୍ରୁଟି କରିବେ ନାହିଁ ।

---

### କଟକ ମ୍ୟୁନିସିପାଲିଟିର ଟିକସ ବନ୍ଦୋବସ୍ତ ।

ଏଥର ଏ ନଗରର ଘରଟିକସ ଯେପରି ଅନ୍ୟାୟରୂପେ ବନ୍ଦୋବସ୍ତ ହୋଇଅଛି ଏବଂ ତହିଁ ବିରୁଦ୍ଧରେ ଲୋକଙ୍କର ଗୁହାରି ଯେପରି ତରତସ୍ଥା ଏବଂ ଅସହାନୁଭୂତିରୂପେ ନିଷ୍ପତ୍ତି ହେଉଅଛି ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ଗରିବଠାରୁ ବଡ଼ଲୋକ ପର୍ଯ୍ୟନ୍ତ ଅନେକ ଲୋକ ଅନ୍ୟାୟ କରବୃଦ୍ଧିରେ ବିରକ୍ତ ଏବଂ ସନ୍ତାପିତ ହୋଇଅଛନ୍ତି ଏବଂ ଅପିଲର ଫଳ ଆଶାନୁରୂପ ସନ୍ତୋଷଜନକ ନ ହେଲେହେଁ ଅପିଲ ଦରଖାସ୍ତ କ୍ରମାଗତ ବୃଦ୍ଧି ହେବାଦ୍ୱାରା ଅନେକ କରଦାତା ପ୍ରପୀଡ଼ିତ ହେବାର ଜଣା ଯାଉଅଛି । ବାସ୍ତବରେ ନଗରର ଗୃହଅଡ଼େ ଏହି ଚର୍ଚ୍ଚା କରି ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଅଛନ୍ତି ଏବଂ ନ୍ୟାୟ ବିଚାର ସଂସାରରୁ ଉଠିଗଲା ବୋଲି କହୁଅଛନ୍ତି । ପାଠକମାନଙ୍କୁ ଜଣାଅଛି ଯେ ଗବର୍ଣ୍ଣମେଣ୍ଟ ବାର୍ଷିକ ମନ୍ତବ୍ୟରେ ଟିକସ ବନ୍ଦୋବସ୍ତ ପ୍ରକୃତ ହେଉ ନ ଥିବାର ସେ କାର୍ଯ୍ୟ ମ୍ୟୁନିସିପଲ କମିଶନରଙ୍କ ହାତରେ ନ ରଖି ପୃଥକ ଆସେସରଦ୍ୱାରା କରାଇବାର ଆଦେଶ ଦେଇଅଛନ୍ତି ଏବଂ ଜିଲ୍ଲାମାଜିଷ୍ଟ୍ରେଟ ତାହା କରିବାପାଇଁ ମ୍ୟୁନିସିପାଲିଟୀକୁ ବାରବାର ତାଗିଦ କରୁଅଛନ୍ତି । ଏଥିପୂର୍ବ ବନ୍ଦୋବସ୍ତ ଯାହା ନ ବର୍ଣ୍ଣ ତଳେ ହୋଇଥିଲା ତହିଁରେ ମ୍ୟୁନିସିପଲ କମିଶନରମାନେ ଜଣେ ବେସରକାରୀ ଭଦ୍ରଲୋକଙ୍କୁ ଆସେସର ନିଯୁକ୍ତ କରିଥିଲେ । ସେ ମନୋଜ୍ଞରୂପେ ଅତ୍ୟନ୍ତ ଟିକସ ବୃଦ୍ଧି କରି ଲୋକଙ୍କୁ ଏହପରି ବ୍ୟସ୍ତ ଓ ବ୍ୟାକୁଳ କରିଥିଲେ ଯେ ଅନେକ ଅପିଲ ହେବାରୁ ଜନତା ଅପିଲକମିଟୀ ବସି ସୁବିଚାର କରି ଲୋକଙ୍କର କଷ୍ଟ ଦୂର କରିଥିଲେ ଏବଂ ତହିଁପାଇଁ ଜନସାଧାରଣରେ ଆସେସର ଏବଂ ସେ ସମୟର ଚେଅରମାନ ନିତାନ୍ତ ନିନ୍ଦାଭାଜନ ହୋଇଥିଲେ । ଚେଅରମାନ ଏକ ଅପିଲକମିଟି–ରେ ରହି ଆସେସରଙ୍କ ବନ୍ଦୋବସ୍ତ ସ୍ଥିର ରଖିବାକୁ ପ୍ରଥମେ ଯତ୍ନ କରିଥିଲେ ପଶ୍ଚାତକୁ ତାହା ଅନ୍ୟାୟ ଥିବାର ଜାଣିପାରି ଅପିଲ କମିଟୀକୁ ଅଭି ନ ଅସିବାଦ୍ୱାରା ଅସ୍ୱସ୍ଥତ ରକ୍ଷା କରିଥିଲେ । ଏଥର ଜଣେ ସରକାରୀ ଯୁବକ ଆସେସର ହୋଇଅଛନ୍ତି ଏବଂ ଜିଲ୍ଲାମାଜିଷ୍ଟ୍ରେଟଙ୍କ ଉପଦେଶ ଓ ମ୍ୟୁନିସିପାଲିଟିର ବର୍ତ୍ତମାନ ଚେଅରମାନଙ୍କର ପରାମର୍ଶରେ ଟିକସ ଧାର୍ଯ୍ୟ କରିଅଛନ୍ତି । ଅପିଲକମିଟୀ ମଧ୍ୟ ଗୋଟିଏ ହୋଇଅଛି ଏବଂ ଚେଅରମାନ ତହିଁର ପ୍ରଧାନ ମେମ୍ବର ହୋଇଅଛନ୍ତି । ଯେତେ ଥର ଅପିଲ ବୈଠକ ହେଲାଣି ବରାବର ଦେଖା ଯାଉଅଛି ଯେ ଆସେସରଙ୍କ ଜମା ଠିକ ରଖିବାପାଇଁ ସେ ଆଗସାର । ପ୍ରତ୍ୟେକ ଅପିଲରେ ଆସେସରଙ୍କଠାରୁ କଇଫିୟତ ନିଆଯାଉଅଛି ଏହା ଭଲ କଥା, ମାତ୍ର ସେ ଯେଉଁଠାରେ ଭ୍ରମ ହୋଇଥିବାର ସ୍ୱୀକାର କରୁଅଛନ୍ତି କେବଳ ସେହିଠାରେ ସେ ଟିକସ ଊଣା କରିବାକୁ ଅଗତ୍ୟା ପ୍ରସ୍ତୁତ ହେଉଛନ୍ତି ଆପତ୍ତିକାରୀର କଥାର କୌଣସି ଅନୁସନ୍ଧାନ ବା ପ୍ରମାଣ ନେବାକୁ ଏକାନ୍ତ ନାରାଜ । ଅନ୍ୟାନ୍ୟ ମେମ୍ବର ଯୋଗେ ଯାହା କିଛି ସୁବିଧା ହେଉଅଛି । ପୁଣି ଆସେସରଙ୍କୁ ସେ ସର୍ବଦା ପାଖରେ ବସାଇବା ଏବଂ ପ୍ରତ୍ୟେକ ନିଷ୍ପତ୍ତିରେ ଆସେସର ସମ୍ମତ ଥିବାର ଲେଖିବାଦ୍ୱାରା ଜଣା ଯାଉଅଛି ଯେମନ୍ତ ଆସେସର ଅପିଲକମିଟିର ଜଣେ ସଭ୍ୟ ଏବଂ ସେ ଅସମ୍ମତ ହେଲେ ଯେମନ୍ତ କମିଟିର କଥାର ଅକର୍ମଣ୍ୟ ହୋଇଯିବ । ଆସେସର ସରକାରୀ ଚାକର । କର ବୃଦ୍ଧି ଦେଖାଇ ପାରିଲେ ଜିଲ୍ଲା ହାକିମ ଓ ଗବର୍ଣ୍ଣମେଣ୍ଟଙ୍କୁ ସନ୍ତୁଷ୍ଟ କରି ପଦୋନ୍ନତି ଲଭିବେ । ସୁତରାଂ ତହିଁରେ ତାହାଙ୍କର ସାକ୍ଷାତ ସ୍ୱାର୍ଥ ଅଛି । କିନ୍ତୁ ଚେଅରମାନ ବେସରକାରୀ ବ୍ୟକ୍ତି ଓ ସ୍ଥାନୀୟ କରଦାତାଙ୍କ ପ୍ରତିନିଧି । ସରକାରଙ୍କର ସନ୍ତୋଷ ବା ଅସନ୍ତୋଷରେ ତାହାଙ୍କର କିଛି ଯାଏ ଆସେ ନାହିଁ । ଆସେସର ବିଦେଶୀ ଏବଂ ଘରଭଡ଼ା ସମ୍ବନ୍ଧରେ ତାହାଙ୍କର ମତ ଭ୍ରମରୂପ ହେବା ବିଚିତ୍ର ନୁହେ । ମାତ୍ର ସେହି ମତକୁ ମୂଳ କରି ଏଠା କମିଶନରମାନଙ୍କର ପୂର୍ବନିରୂପିତ ଭଡ଼ାକୁ ଏକାବେଳେ ଅବିଶ୍ୱାସଯୋଗ୍ୟ ବୋଲିବା, ସଙ୍ଗୀ କମିଶନରମାନଙ୍କ ପ୍ରତି ଅଶ୍ରଦ୍ଧା ଏବଂ ଆସେସରଙ୍କ ପ୍ରତି ବିଷମ ଭୂସଂସ୍କାର ପ୍ରକାଶ ଭିନ୍ନ ଅନ୍ୟ କିଛି ବୋଲି ଯାଇ ନ ପାରେ । ଯେବେ ବାସ୍ତବରେ ବସି ମ୍ୟୁନିସିପାଲିଟୀ ଓ ଆସେସରଙ୍କର ମମତା ଛାଡ଼ି ନିରପେକ୍ଷ ବିଚାର କରିବାକୁ ଚେଅରମାନ ଅକ୍ଷମ ନୁହନ୍ତି ( ଲୋକଙ୍କ ମନରେ ଯେପରି ଧାରଣା ହୋଇଅଛି ) ତେବେ ଅପିଲ କମିଟିରୁ ଅନ୍ତର ରହିବା ତାହାଙ୍କର ଉଚିତ ହେଉଅଛି । ଭ୍ରମ ଛଡ଼ା ମନୁଷ୍ୟ ନାହିଁ । ଯେତେ ବିଦ୍ୱାନ ଓ ବୁଦ୍ଧିମାନ ବ୍ୟକ୍ତି ହେଲେ

Digitized by srujanika@gmail.com

ସ୍ପଷ୍ଟ ତାହାର ଭ୍ରମ ଅଛି । ଏଥିରୁ କମିଶନର-ମାନଙ୍କର ଜମା ଧାର୍ଯ୍ୟରେ ଭୁଲ ଏବଂ ସ୍ଥଳେ ଭ୍ରମ ପ୍ରକାଶ ହେଲା ବୋଲି ସେମାନଙ୍କ ବିଚାର-ରେ ସକଳ ସ୍ଥଳରେ ଅବିଶ୍ୱାସ ଯୋଗ୍ୟ ଆଉ ଅସେସରଙ୍କ ଜମାରେ ତାହାଙ୍କର ସ୍ୱୀକାର ମତେ ଅନ୍ତତଃ ଶତକଡ଼ା ୨୦ ସ୍ଥଳରେ ଭ୍ରମ ଦେଖାଗଲେହେଁ ସର୍ବଦା ବିଶ୍ୱାସଯୋଗ୍ୟ ଏପରି ଭ୍ରମ ନିତାନ୍ତ ଅସାଧାରଣ ଓ ଭୟଙ୍କର ଅଟେ ଏବଂ ଏହିଁରୁ ଆପଣାକୁ ରକ୍ଷା କରିବାର ସାଧ୍ୟ ମତେ ଚେଷ୍ଟା କରିବା ଏକାନ୍ତ କର୍ତ୍ତବ୍ୟ । ଅନେକ ସ୍ଥାନରେ ଅସେସର ଦୋକାନଦାରି ନ୍ୟାୟରେ ୨୦ ବା ୧୦୦ ଟଙ୍କା ମାସିକ ଭତ୍ତା ବଢ଼ାଇଦେଇଥିବାର ସାଧାରଣ ଲୋକେ ଅଭି-ଯୋଗରେ ଶୁଣି ପାରୁଥିଲେ ଏବଂ କମିଟିର ମେମ୍ବରମାନଙ୍କ ମଧ୍ୟରେ ମତାନ୍ତର ଘଟୁଅଛି । ଚେଅରମାନ ତଥାପି ବୁଝି ନ ପାରି ଅଧିକା ମତ ( Casting Vote ) ଦ୍ୱାରା ନିଜ କଥା ରଖୁ-ଅଛନ୍ତି । ଏହି କମିଟିରେ ଅଧିକା ମତ ଥାଇବ ହିତ କି ନା ତାହା ଅଙ୍କଟିତ ଫଳ ହେଲେ ମଧ୍ୟ ଲୋକଙ୍କର ରକ୍ଷା ଦିଗକୁ ଦୃଷ୍ଟି କରି ଏହିଁରୁ ଶାନ୍ତ ହେବା ଏବଂ ନିତାନ୍ତ ସନ୍ଦେହ ହେଲେ ଅନ୍ୟ ଦଳକୁ ରକ୍ଷିଦେବା ସ୍ୱବିଶ୍ୱରର କାର୍ଯ୍ୟ ଅଟେ । ମାତ୍ର ଏହିଁରେ ବିଲମ୍ବ ହେବାର କଥା । ମୂଳରେ ଆମ୍ଭେମାନେ ଯାହା ଦେଖିଲୁଁ ଓ ଶୁଣିଲୁଁ ଏହିଁରୁ ଏହି ଧାରଣା ହେଲା ଯେ ସାଧ୍ୟ ମତେ ଅସେସରଙ୍କ ଜମାବନ୍ଦି ସ୍ଥିର ରଖି ଅତି ବେଗରେ ଅପିଲ ନିଷ୍ପତ୍ତି କରିବା ଚେଅର-ମାନଙ୍କର ଏକମାତ୍ର ଲକ୍ଷ୍ୟ ହୋଇଅଛି ଏବଂ ଗରିବ ମୂର୍ଖଲୋକମାନେ ଭଲକରି କହି ବୁଝି ନ ପାରିବାର ଫଳ ଅଯଥାରୂପେ ପ୍ରଦାନ କର-ଯାଉଅଛି । କମିଟିର ଅନ୍ୟ ମେମ୍ବରମାନଙ୍କୁ ବେଳେ୨ ନିଜ୨ ମତ ବ୍ୟକ୍ତ କରିବାର ସୁଯୋଗ ଦିଆଯାଉ ନାହିଁ । କାର୍ଯ୍ୟ ଅଧିକ ହେଲେ ଗଞ୍ଜାମ ପଦ୍ଧତିବାଟାକୁ ଗତ ଥର ପରି ୨ଟା କମିଟି ବସାଇବା ଶ୍ରେୟସ୍କର । ଯେବେ ଚେଅରମାନ-ଙ୍କର ତାହା ଇଚ୍ଛା ନୁହେଁ ତେବେ କମିଟିର ଅନ୍ୟ ମେମ୍ବରମାନଙ୍କର ସେ କଥା ଲେଫ୍ଟି-କମିଶନରମାନଙ୍କର ବିଶେଷ ସ୍ଥଳରେ ପଚା-ରିବା କର୍ତ୍ତବ୍ୟ ହେଉଅଛି । ଲୋକଙ୍କର ପ୍ରତି-କାର୍ଯ୍ୟ ଗ୍ରହଣ କରି ସେମାନଙ୍କର ଦୁଃଖ ଏବଂ ଅସନ୍ତୋଷର ମହତ ଉଦ୍ଦେଶ୍ୟ ବିଫଳ କରିବା କୌଣସି ମତେ ଭଲ ନୁହେ ।

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଓଡ଼ିଶା ବିଭାଗରୁ ନିମ୍ନଲିଖିତ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ।

୨ୟ ଗ୍ରେଡ

| | | | |
|---|---|---|---|
| ୧ । ସୁଶୀଲକୁମାର ଦେ | ରେଭେନସା କ: | ସ୍କୁଲ | କଟକ |
| ୨ । ରମେଶଚନ୍ଦ୍ର ମଜୁମଦାର | " | " | " |
| ୩ । ଯଜ୍ଞେଶ୍ୱର ମିଶ୍ର | " | " | " |
| ୪ । ଶିବାନନ୍ଦ ଦାସ | ମିଶନ | " | " |

୩ୟ ଗ୍ରେଡ

| | |
|---|---|
| ୧ । ନୀଳକଣ୍ଠ ଦାସ | ପୁରୀ ଜିଲା ସ୍କୁଲ |
| ୨ । ଭୁଜଙ୍ଗ ଭୂଷଣ ମୁଖୋପାଧ୍ୟାୟ | ରେଭେନସା କ: ସ୍କୁଲ |
| ୩ । ଚନ୍ଦ୍ରମଣି ଚାଟାର୍ଜ୍ଜୀ | କଟକ ମିଶନ |
| ୪ । ଶଶୀଭୂଷଣ ଚଟ୍ଟୋପାଧ୍ୟାୟ | ବାଲେଶ୍ୱର ଜିଲା ସ୍କୁଲ |
| ୫ । ହେମନ୍ତକୁ ସତପଥୀ | ରେଭେନସା କ: ସ୍କୁଲ |
| ୬ । ସୁରେଶଚନ୍ଦ୍ର ବର୍ଦ୍ଧନ | ବାଲେଶ୍ୱର ଜିଲା ସ୍କୁଲ |

ମଇମନସିଂହର ଡେପୁଟୀ ମାଜିଷ୍ଟ୍ରେଟ ଏବଂ ଡେ: କଲେକ୍ଟର ବାବୁ ଅଜୟଚନ୍ଦ୍ର ଦାସ ଯଶୋହର ଚାଲୁ ବଦଳି ହେଲେ ।

ଡେପୁଟୀ ମାଜିଷ୍ଟ୍ରେଟ ଏବଂ ଡେ: କଲେକ୍ଟର ବାବୁ କାଳିସୁଣଚନ୍ଦ୍ର ନାୟକ ତାହାଙ୍କର ଦୁଇ ମାସର ଅନୁମିତ ଛୁଟୀ ପ୍ରାପ୍ତ ହେଲେ ।

ମହାନଦୀ ଡିଭିଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଷ୍ଟାଇପ ଅଧିକା ସ୍ୱାଧୀନର ଅନୁମିତ ଛୁଟୀ ପ୍ରାପ୍ତ ହେଲେ ।

ଓଡ଼ିଶା ଟ୍ରେନିଂ ମାଷ୍ଟ୍ରେଲ ସ୍କୁଲ ସୁପରିଣ୍ଟେଣ୍ଡେଣ୍ଟର ବାବୁ ମଣିଚରଣ ମହାପାତ୍ର ମାର୍ଚ୍ଚ ମାସ ତା ୩ ରିଖଠାରୁ ଦୁଇମାସର ଅନୁମିତ ଛୁଟୀ ପ୍ରାପ୍ତ ହେଲେ ।

[illegible] ଦାତବ୍ୟ ଚିକିତ୍ସାଳୟର କାର୍ଯ୍ୟ ନିର୍ବାହକ କମିଟିରେ ନିମ୍ନଲିଖିତ ବ୍ୟକ୍ତିମାନେ ସଭ୍ୟ ପଦରେ ନିଯୁକ୍ତ ହେଲେ ।

| | |
|---|---|
| ଉକ୍ତ ଯେ ମେମ୍ବର ଏ ସ୍କ୍ୱାୟର | ସଭାପତି |
| ଡେ: ଏନ୍ ଯେ କଲେକ୍ଟର | ସମ୍ପାଦକ |
| ଏଚ ସେ ବୃଦ୍ଧ ଏସ୍କ୍ୱାୟର; ବାବୁ ଜଗନ୍ନାଥ ଦାସ; ହରବନ୍ଧୁ ଚୌଧୁରୀ; ମୁନ୍‌ସି ଅବୁ ଲୁକାର ଖାଜଲ ହୁସେନ; ମିଃ ଗର୍ଲିସ ଶେଠ | ସଭ୍ୟ |

ଅସ୍ମାନଙ୍କର ଯୁବରାଜ ଭାରତରେ ଅବସ୍ଥାନ ସମୟ କାଳରେ ରାଓଲପିଣ୍ଡି ମେଳାର ପରେଡ ହେବାର ସ୍ଥିର ହୋଇଅଛି ଏବଂ ସେଥି ସକାଶେ ୬୦ ହଜାର ସୈନ୍ୟ ଏକତ୍ରିତ କରିବାର ଆୟୋଜନ ଲାଗିଅଛି ।

ଏ ସପ୍ତାହରେ ଏ ନଗରରେ ପ୍ରତ୍ୟହ ମେଘଗର୍ଜନ ଓ ଟିକେ୨ ବୃଷ୍ଟି ହୋଇଅଛି । ମାତ୍ର ପଧାନ ନଦୀମାନ ଭିଣା । ମୋଫସଲରେ ଏହିପରି ବୃଷ୍ଟି ହେବାର ସମ୍ବାଦ ଅଛି ।

ପ୍ରଚୁର ଜଳ ନ ହେବାରୁ ଧାନ ବୁଣା କେତେହୁଡ଼ା ପ୍ରାୟ କୌଣସି ଠାରେ ଆରମ୍ଭ ହୋଇ ନାହିଁ ।

ଡେପୁଟି ମାଜିଷ୍ଟ୍ରେଟ ବାବୁ କ୍ଷୀରୋଦଚନ୍ଦ୍ର ସରକାର କଟକାର କଲେକ୍ଟରି ପଦରେ ନିଯୁକ୍ତ ହୋଇ ଆସିଅଛନ୍ତି । ବାବୁ ମହୋଦୟ ଓଡ଼ିଶା ବନ୍ଦୋବସ୍ତରେ କାର୍ଯ୍ୟ କରି ଏଠା କଲେକ୍ଟରୀ ମହକୁମାରେ ନାନାଦି ମହାଲର ଭାର ନେଇଥିଲେ । ଏ ଜଣେ ସୁଶୀଳ ଓ ନ୍ୟାୟବାନ୍ ହାକିମ ଅଟନ୍ତି ।

ଅସ୍ମାନଙ୍କର କମିଶନର ସାହେବ ଗତ ମଙ୍ଗଳବାର ରାତ୍ରିରେ ବାଲେଶ୍ୱର ଗମନ କରିଅଛନ୍ତି । ଦୁଇ ଏକଦିନ ମଧ୍ୟରେ ପ୍ରତ୍ୟାଗମନ କରିବେ ।

ପାଲସଗେନଣ୍ଡିର ନାବାଲଗ ରାଜାଙ୍କୁ ଶିକ୍ଷା ଦେବା କାରଣ ନାଜ୍ରାନକୁ ପଠାଇବାର ବନ୍ଦୋବସ୍ତ କଲେକ୍ଟର ସାହେବ କରୁଅଛନ୍ତି । ଏଥିରେ ଖାଲାସ୍ ଅନେକ ଲୋକ ଅସନ୍ତୁଷ୍ଟ । ମାତ୍ର ସାଂଡ ଅନ୍ତରରେ ଯୋଗ୍ୟ ଶିକ୍ଷକ ଅଧୀନରେ ଶିକ୍ଷା ଦେବା ହିତକର ସନ୍ଦେହ ନାହିଁ ।

କଡ଼ଗେମଣ୍ଡିର ରାଜା ଅଯୋଗ୍ୟର ବାଳକ ବାଳିକାମାନଙ୍କର ଶିକ୍ଷାଦାନ ଏବଂ ସ୍ତ୍ରୀଲୋକଙ୍କର ଚିକିତ୍ସା ନିମନ୍ତେ ଡାକ୍ତରଖାନା ସ୍ଥାପନ ପ୍ରତି ମନୋଯୋଗୀ ହୋଇଅଛନ୍ତି ।

ବାମଣ୍ଡା ଏବଂ ସୋନପୁରର ରାଜାମାନେ ଏବଂ ସ୍ୱୟଂ ପ୍ରଥା-ନାଥ ଦେବ ବାହାଙ୍କର ଦେଶଭ୍ରମଣରେ ବାହାରି କଲିକତା ମେଳର ଅମାନଙ୍କର ଦୋକାନ ଦେଖି ସନ୍ତୁଷ୍ଟ ହୋଇଥିଲେ । ସେଠାରୁ ସେମାନେ ବମ୍ବାଇ ଯାତ୍ରା କରିଅଛନ୍ତି ।

## ଜଗତ୍ସିଂହପୁର-ସମ୍ବାଦ ।

ଗତ ଜୁନ ମାସ ତା ୨୧ ରିଖଠାରୁ ଜୁଲାଇ ତା ୧୮ ରିଖ ପର୍ଯ୍ୟନ୍ତ ଏ ଅଞ୍ଚଳରେ ୧୨.୭୩ ଇଞ୍ଚ ବୃଷ୍ଟି ହୋଇଅଛି, କିନ୍ତୁ ଧାନଗଛ ବଡ଼ ହୋଇ ନ ଥିବାରୁ ବେଉଡ଼ା କାର୍ଯ୍ୟ ହୋଇ ପାରୁ ନାହିଁ ।

କଟକ ମାଇଗ୍ରାଁ ରାସ୍ତାରେ ଯେଉଁ ଲୋକମାନେ ଲୋକ ଭଡ଼ାଟିଆ କରୁଥିଲେ ଏପରି କ ଦାଦରା ଓ ମନ୍ଦିର ପ୍ରତିନି-ଧିର ଲୁଗାପଟା ଓ ଟଙ୍କାଏ ପର୍ଯ୍ୟନ୍ତ ନେଉ ନଥି ନେଉ-ଥିଲେ । ଗୋବିନ୍ଦପୁର ଥାନା ପୋଲିସ ମହକିଲା ଧରି ଏହିପରି କିଛି ଲୋକମାନଙ୍କୁ ତଳ୍ପି ଅନୁସନ୍ଧାନ କରି ଧରି ଗୁଡ଼ିଏ ଦେଇଅଛନ୍ତି ଇତ୍ୟାଦି ମନ୍ଦିର ମହୋଦୟଙ୍କର ସ୍ୱଭାବ ବାହାରିଲା ଅଛି । ଏଣିକି କଟକ ରାସ୍ତା ନିରାପଦ ହେଲା ପରି ବୋଧ ହୁଏ ।

ସୁଲଗର ଅବନଶୋଚା ଜଳ ଦିନ ବୃଦ୍ଧି ପାଉଅଛି । ସବ୍‌ଇନସ୍‌ପେକ୍ଟର ମହୋଦୟଙ୍କ ବଦଳି ହେବାର ଦରୋଜା ପଣସ ଲୋକ ଭଲ କରୁ ସେ ଲଜ୍ଜାରେ ସୁଲଗରେ ଏପରି ପର୍ଯ୍ୟନ୍ତ ଦେଲେ ନାହିଁ, ଏବା ଛଡ଼ା ନଡ଼ିଆ, କଦଳୀ ଓ ପଣସ ଇତ୍ୟାଦି ଲୋକ ନାନା ଜାଗାରୁ ନଉଅଛି । ଚୌକିଦାର ସୂଚନାରେ ମୂଳ ପରେ ବୃକ୍ଷରେ ତାହାର ଅବେଶ ନାହିଁ । ଏହିଠି ବାବୁ ମନୋହର ଶିକା ଡାକିଲେ ଲୋକମାନଙ୍କର ଚାମଲାଜ୍ୟ ପଡ଼ିଅଛି ।

ଓଡ଼ିଶାର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସାହେବ ମହୋଦୟ ଗତ ମାସ ତା ୧୫ ରିଖଠାରୁ ତା ୧୮ ରିଖ ପର୍ଯ୍ୟନ୍ତ ଏଠାରେ ରହି ଏ ଅଞ୍ଚଳର ବାଣିଜ୍ୟାଦି କାର୍ଯ୍ୟମାନ ଓ ଅଫିସ ପରିଦର୍ଶନ କରି ତା ୧୯ ରିଖରେ ମହିଷଗୋଡ଼ ଦେଇ ବାହାରି କଟକାକୁ ଫେରିଅଛନ୍ତି ।

ଖାଲସ୍ କମିଟିର ଶ୍ରୀଯୁକ୍ତ ବାବୁ ଗୋପୀନାଥ ସାହି ମହୋଦୟଙ୍କର କାର୍ତ୍ତିକ ରଥଯାତ୍ରା ପରି ସମାରୋହରେ ହୋଇ ଯାଉଅଛି ।

ରଂଲୋକମାନଙ୍କ ପ୍ରତି ଗାହାର ବର୍ତ୍ତମାନ ଫ୍ରାନ୍ସର ରାଜ୍ୟ ଶାସନ ବ୍ୟବସ୍ଥାରେ ଉପସ୍ଥିତ ହୋଇଅଛି । ଅତଏବ ଏବେ ଫ୍ରାନ୍ସର ପ୍ରତି ଜାହାଜ ବନ୍ଦରରୁ ଆଇବା ସମୟରେ କଲକତାରେ ରହିବ ଉତ୍ସବ, ଅଭ୍ୟର୍ଥନା ଓ ଆମୋଦ ପ୍ରମୋଦର ବ୍ୟବସ୍ଥା ହୋଇଥିଲା । ବର୍ତ୍ତମାନ ଫ୍ରାନ୍ସ ଦେଶରୁ ବଗସ ପ୍ରତି ଜାହାଜକୁ ଅଭ୍ୟର୍ଥନା କରିବାର ସମସ୍ତ ବ୍ୟବସ୍ଥା ହୋଇଅଛି ।

କୋଟିଏ ପଞ୍ଚିମା ଟିକ ଦଇବତାକୁ ଲକ୍ଷ ଅନ୍ବେଷଣରେ ଅଛିଥିଲା । ତାହାକୁ ବ ୧୨ ଫିଟ ଅର କୋଟିଏ ପିଠ ଉପୁଡ଼ିବ ଉପରେ ସହିତରେ ଗୃହଛୁ ମିଳିବାର କଥା ଶୁଣି ଭଣିବା ସକାଶେ ୫ ୨ ଘଣ୍ଟା ତାହାଠାରୁ ନେଇ ଚଳାଇ ଗଲା । ମାତ୍ର ଧର ହୋଇ କମ୍ବଳରେ ୧୨ ବେଳାପାଦ ଦଣ୍ଡ ପାଇଅଛି ।-ଟିପ୍ପଣୀକୁ ସାହାର ଚରିତ ସେପରି ସେ ତଦ୍ରୂପ ହେବେ ଫଳ ନ ହେବ ।

Split by PDF Splitter
Digitized by srujanika@gmail.com

ଉତ୍ତର ବ୍ରହ୍ମ ଦେଶର ମଧ୍ୟ ଉପତ୍ୟକାସ୍ଥ ସ୍ଥାନମାନଙ୍କରେ ଅତ୍ୟନ୍ତ ବର୍ଷା ହୋଇ ରେଳବାଟର ଅଧିକାଂଶ ଭାସି ଯାଇଅଛି । ମଇତ୍ରୁଜ ଏବଂ ମଉଲ୍ଲି ଷ୍ଟେସନ ମଧ୍ୟସ୍ଥ ରେଳବାଟର ଏକ ସ୍ଥାନରେ ଫୁ ୨୫୦ ଟ ଭାସିଯିବାରୁ ଯାତାୟାତର ବହୁତ ଅସୁବିଧା ହୋଇଅଛି ।

ଜାପାନ ବଜାରରୁ ଦଶକୋଟି ପାଉଣ୍ଡ ଋଣ କରୁଥିବାର ଠିକ ହୋଇଅଛି । ଯୁଦ୍ଧ ହେତୁ ଜାପାନ ବହୁତ ଋଣଗର୍ତ୍ତରେ ପଡ଼ିଲା ଏବଂ ତାହା ଅପରିହାର୍ଯ୍ୟ ।

କଲିକତା ସଂସ୍କୃତ କଲେଜର ଅଧ୍ୟାପକ ପଣ୍ଡିତ ଆଶୁତୋଷ ଶାସ୍ତ୍ରୀ ଗତମାସ ତା ୧୧ ଦିନରେ ପୋଲିସ ଅଦାଲତରୁ ଗୋଟିଏ ମୋକଦ୍ଦମାର କାର୍ଯ୍ୟ ଶେଷ କରି ଫେରି ଆସିବା ସମୟରେ କେତେକ ଦୁଷ୍ଟ ଲୋକ ତାଙ୍କର ମୁକଉପ୍ର ହାର କଲେ । ପଣ୍ଡିତ ମହାଶୟ ଛଡ଼ାଇବାକୁ ଯାଇ ସ୍ୱୟଂ ପ୍ରହାର ପାଇଅଛନ୍ତି ।

ପୁନାଠାରେ ଗତମାସ ତା ୯ ଦିନରେ ସର୍ ଅଗାଖାଁଙ୍କ ଗାଡ଼ି ରେଳବାଟ ପୋଲଉପରୁ ଯିବା ସମୟରେ ଘୋଡ଼ାମାନେ ଡର ଖାଇ ଏମନ୍ତ ବଳରେ ଦୌଡ଼ିଲେ ଯେ ଶେଷକୁ ଗାଡ଼ି ଓଲଟି ପଡ଼ିଲା ଓ ତହିଁରେ ଥିବା ସ୍ତ୍ରୀମାନେ ଗାଡ଼ି ତଳେ ରହିଗଲେ । ସେମାନଙ୍କର ସାମାନ୍ୟ କ୍ଷତ ଭିନ୍ନ ଈଶ୍ୱରେଚ୍ଛାରେ ଅନ୍ୟ କୌଣସି ଅନିଷ୍ଟ ହୋଇ ନାହିଁ ।

ଜାପାନ ରାଜକୁମାର ଆରିସୁଗାବା ଗତ ମାସ ତା ୧୧ ରିଖରେ ବିଲାତ ପରିତ୍ୟାଗ କରିବା ସମୟରେ ସମ୍ମାନାର୍ଥେ ରାଜକୀୟ ତୋପ ସଲାମି ଦିଆ ଯାଇଥିଲା । ତାଙ୍କ ସଙ୍ଗରେ ଗୋ ୨ ଟି କ୍ଷୁଦ୍ର ଯୁଦ୍ଧ ଜାହାଜ (destroyer) ଯାଇଥିଲା ।

ଡେନମାର୍କର ରାଜକୁମାର ନର୍ୱେ ନଗରେ ରାଜ୍ୟର ରାଜା ହେବାର ପ୍ରସ୍ତାବ ହୋଇଅଛି ।

ବିଲାତରୁ ଆସିଥିବା ତାରସମ୍ବାଦରୁ ପ୍ରକାଶ ଯେ ପ୍ରୁସିଆ ରାଜ୍ୟାନ୍ତର୍ଗତ ଲଶ୍ରା ଉପତ୍ୟକାର ବାଟସ ନଗରର କୋଇଲା ଖଣିରେ ଅଗ୍ନିକାଣ୍ଡ ଉପସ୍ଥିତ ହେବାରୁ ୧୨୭ ଜଣ ମରି ପଡ଼ିଅଛନ୍ତି ।

ଭାରତବର୍ଷରେ ଗତ ଗ୍ରୀଷ୍ମକାଳରେ ସର୍ବୋଚ୍ଚ ଉତ୍ତାପ ଥଟ୍ଟ ନଗରରେ ହୋଇଥିଲା । ସେଠାରେ ଗତ ଜୁନମାସ ତା ୨୮ ଓ ୨୯ ଦିନମାନଙ୍କରେ ତାପମାନ ଯନ୍ତ୍ରରେ ଛାୟାତଳରେ ୧୨୪ ଡିଗ୍ରୀ ପର୍ଯ୍ୟନ୍ତ ପାରା ଉଠିଥିଲା । ଏଠାରେ ପାରା ୧୧୪ ଡିଗ୍ରୀ ପର୍ଯ୍ୟନ୍ତ ଉଠିଥିଲା ।

ବୋମ୍ବାଇଠାରେ ଜାପାନର ଯେଉଁ ବ୍ୟାଙ୍କ ସ୍ଥାପିତ ହୋଇଅଛି ତହିଁର ଗତ ଜୁନ ମାସରେ ଶେଷ ହେବା ଅର୍ଦ୍ଧବର୍ଷର ଲାଭ ୧୭ ଲକ୍ଷ ୟେନ ଅର୍ଥାତ ୨୫ ଲକ୍ଷ ଟଙ୍କା ଅଟେ । ବ୍ୟାଙ୍କ କେତେ ଲାଭକର ପାଠକେ ମନଦେଇ ଭାବିବେ କି ?

ଗତ ଜୁନମାସରେ ଶେଷ ହେବା ଅର୍ଦ୍ଧବର୍ଷରେ ମାନ୍ଦ୍ରାଜ ବ୍ୟାଙ୍କର ନିଟ ଲାଭ ୫୫,୩୮,୦୦୦ ଟଙ୍କା ହୋଇଥିଲା । ଅଂଶୀଦାରମାନଙ୍କୁ ଶତକଡ଼ା ୧୦ ଟଙ୍କା ଡିଭିଡେଣ୍ଡ ଦିଆଯାଉଅଛି ।

ହୁଗ୍‌ଳିର ଇମାମ୍ବାଡ଼ା ସରକାର କାଗଜ ନିର୍ମାଣ ପାଇଁ ଟ ୧୫୦୦୦ ଙ୍କା ବ୍ୟୟ ମଞ୍ଜୁର କରିଅଛନ୍ତି ।

ସ୍ୱେଜ କେନାଲର ଟୋଲ ବା କର ସବୁବର୍ଷ ଅପେକ୍ଷା ଗତବର୍ଷ ଅଧିକ ଅର୍ଥାତ ପାଞ୍ଚଲକ୍ଷ ପାଉଣ୍ଡ ବଢ଼ିଥିଲା । ଜାପାନ ଯୁଦ୍ଧକୁ ବହୁତ କୋଇଲା ଯିବା ଏହି ବୃଦ୍ଧିର କାରଣ ଅଟେ ।

ବିଲାତ, ଆମେରିକା ଏବଂ ଜର୍ମାନୀ ପ୍ରତ୍ୟେକ ରାଜ୍ୟର ଗବର୍ଣ୍ଣମେଣ୍ଟ ଜାପାନକୁ ଦଶକୋଟି ପାଉଣ୍ଡ ଋଣ ଦେଉଥିବାର ସମ୍ବାଦ ମିଳିଲା । ସୁଧର ହାର ଶତକଡ଼ା ୪½ ପାଉଣ୍ଡ ଏବଂ ଡିସକାଉଣ୍ଟ ବା ଛାଡ଼ ଶତକଡ଼ା ଦଶ ପାଉଣ୍ଡ । ୨୦ ବର୍ଷରେ ଋଣ ଆଦାୟ ହେବାର ନିୟମ ହୋଇଅଛି ।

ଫ୍ରାନ୍ସ ଦେଶର ଗୋଟିଏ ଜଳରେ ବୁଡ଼ି ଚଳିବା ଜାହାଜ ବିଜର୍ଟି ହ୍ରଦରେ ବୁଡ଼ି ଯାଇଥିବାର ସମ୍ବାଦ ମିଳିଲା । ଫୁ ୫୦ଟ ଜଳରେ ଜାହାଜ ବୁଡ଼ିଯାଇଥିଲେହେଁ ଖଲାସିମାନେ କେହି ବୁଡ଼ି ମରି ନାହାନ୍ତି ।

ଅନାବୃଷ୍ଟି ହେତୁ ବମ୍ବାଇର ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ପ୍ରଦେଶମାନଙ୍କରେ ଦୁର୍ଭିକ୍ଷର ଆଶଙ୍କା ଉପସ୍ଥିତ ହୋଇଅଛି

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ ।

ମହାଶୟ !

ମୋହର ନିମ୍ନଲିଖିତ କତିପୟ ପଂକ୍ତିଗୁଡ଼ିକୁ ଆପଣଙ୍କ ପତ୍ରିକାସ୍ଥ କରି ଚିରବାଧିତ କରାଇବା ହେବେ ।

ଆଜି ଆପଣଙ୍କ ଦେଶହିତୈଷି ପାଠକବର୍ଗମାନଙ୍କୁ ଟେହଲରାମ ଗଙ୍ଗାରାମଙ୍କଦ୍ୱାରା ଅମୃତସରରୁ ପଠାହୋଇଥିବା ଗୋଟିଏ ଖେଦପତ୍ର ଶୁଣାଇବାକୁ ଇଚ୍ଛା କରୁଅଛି ତାହାର ସାର ମର୍ମ ନିମ୍ନରେ ଦେଲି "ଯଦ୍ୟପି ନାନାସମ୍ପ୍ରଦାୟର ଶିକ୍ଷିତ ସାଧୁମାନେ ଭାରତରେ ଧର୍ମ ଉପଦେଶ ଦେଇ ମଙ୍ଗଳସାଧନା କରୁଥାନ୍ତି ତଥାପି ସେମାନେ ସେମାନଙ୍କର ମାତୃଭୂମିର ରାଜନୈତିକ ଇତ୍ୟାଦି ଯଥା (Political, temperance, moral and social) ସଂସ୍କାର ବିଷୟରେ ଅନେକପରିମାଣରେ ଦାୟୀ ଅଟନ୍ତି ।

ମୁଁ ଗତବର୍ଷ ଗ୍ରୀଷ୍ମସମୟରେ ଲଦାକ୍, ମଣ୍ଡିର ଏବଂ ନିକଟବର୍ତ୍ତି ପାର୍ବତୀୟ ପ୍ରଦେଶ ସକଳ ପରିଦର୍ଶନ କରିଥିଲି ଏବଂ ସେମାନଙ୍କରେ ଭାରତୀୟ ରୋଗମାନଙ୍କର ଅତି ଉତ୍ତମ ଔଷଧ ଉପଯୋଗୀ ବୃକ୍ଷ ଲତାଦ ଦେଖିଥିଲି, କିନ୍ତୁ ଯେବେ ଏହିପରି ଶିକ୍ଷିତ ସାଧୁମାନଙ୍କୁ ଆୟୁର୍ବେଦୀୟ ଶିକ୍ଷାଦି ଦିଆଯାଉଥାନ୍ତା ତାହା ହେଲେ ଏମାନେ ଏହିପରି ଅନେକ ଦେଶର ହିତସାଧନା କରନ୍ତେ ଏବଂ ପ୍ରତ୍ୟେକ ତହସିଲ ତଥା ଜିଲ୍ଲାରେ ଅନେକ ଦେବାଳୟ ଓ ଧର୍ମଶାଳାମାନ ଦେଖାଯାଏ କିନ୍ତୁ ଯଦି ଏ ସ୍ଥଳମାନଙ୍କରେ ଗୋଟିଏ୨ ସାହିତ୍ୟ, ରାଜନୈତିକ ଏବଂ କୃଷିସମ୍ବନ୍ଧୀୟ ପୁସ୍ତକପୂର୍ଣ୍ଣ ପୁସ୍ତକାଗାରମାନ ଖୋଲା ହୁଅନ୍ତା ଏବଂ ଏଠାକୁ ଉତ୍ତମ୨ ଖବରକାଗଜମାନ ଅଣାଇ ହୁଅନ୍ତା ତାହାହେଲେ ଏହି ସାଧୁମାନେ ତହିଁରେ କାର୍ଯ୍ୟଦକ୍ଷ ହୋଇ ଜନ୍ମଭୂମିର ନିଶ୍ଚୟ ଅକଥନୀୟ ମଙ୍ଗଳ ସାଧନା କରନ୍ତେ" ମୋ ମତରେ ଏହିପ୍ରକାର ମଠ ତଥା ଦେବାଳୟମାନଙ୍କ ସ୍ଥଳରେ ପୁସ୍ତକାଗାରମାନ ଖୋଲା ହେବାର ବାଞ୍ଛନୀୟ ଏବଂ ପ୍ରତ୍ୟେକ ଦେଶହିତୈଷୀ ଗ୍ରାମବାସିମାନେ ଏହିପରି ସଦନୁଷ୍ଠାନରେ ଯୋଗଦେବା କର୍ତ୍ତବ୍ୟ ।

ଚନ୍ଦକା
୩୧ । ୫ । ୧୯୦୫

ବଶମ୍ୱଦ
ଶ୍ରୀ ରାଧାମୋହନ ଦାସ
ପୋଃ ଅଃ ଚନ୍ଦକା
ପୁରୀ ଜିଲ୍ଲା ।

---

ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଗତମାସ ତା ୧୬ ରିଖ ଅପରାହ୍ନ ଘ ୪ ଘଣ୍ଟା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ରଥ ସିଂହଦ୍ୱାରରେ ଆସି ଲାଗିଲା । ଅନ୍ୟ ଦୁଇରଥ ତହିଁର କିଛିକ୍ଷଣ ପୂର୍ବରୁ ଆସି ଲାଗିଥିଲା । ସେଦିନ ନୀଳାଦ୍ରିବିଜୟ ନ ହୋଇ ପରଦିବସ ଘ ୨ ଘଣ୍ଟା ସମୟରେ ପହଣ୍ଡି ଆରମ୍ଭ ହେବାର ସ୍ଥିର ହୋଇଥିବାର ଶୁଣିଥିଲୁଁ । ତଦ୍ଧେତୁ ତା ୧୭ ରିଖରେ ସ୍କୁଲ କଚେରୀମାନ ଶୀଘ୍ର ବନ୍ଦ ହୋଇଗଲା । ଛାତ୍ରମାନେ ହାତରେ ପୁସ୍ତକ ଧରି ସିଂହଦ୍ୱାରାଭିମୁଖେ ପ୍ରଧାବିତ ହେଲେ । ଆମ୍ଭମାନେ ମଧ୍ୟ ଗୃହକୁ ନ ଯାଇ ହାତରେ ଛତା ନେଇ ସିଂହଦ୍ୱାରରେ ଉପସ୍ଥିତ ହେଲେ । ଦୁଇଟା ବାଜିବା ପୂର୍ବରୁ ସିଂହଦ୍ୱାର ସମ୍ମୁଖସ୍ଥ ସ୍ଥାନଟି ଯାତ୍ରୀରେ ପୂର୍ଣ୍ଣ ହୋଇଗଲା । ପୋଲିସ କର୍ମଚାରୀମାନେ ସେ ଯାହାର ନିଜ ସ୍ଥାନରେ ରହି ଶାନ୍ତିରକ୍ଷା କରିବାକୁ ଲାଗିଲେ । ସୂର୍ଯ୍ୟଦେବ କ୍ରମେ ପଶ୍ଚିମଦିଗକୁ ଗମନ କରିବାକୁ ଲାଗିଲେ । ଦୁଇଟା ଯଥାସମୟରେ ବାଜିଲା ପରେ ତିନିଟା, ଚାରିଟା ଓ ପାଞ୍ଚଟା ମଧ୍ୟ ବାଜିଗଲା କିନ୍ତୁ ପହଣ୍ଡି ହେବାର କୌଣସି ଆୟୋଜନ ଦେଖାଗଲା ନାହିଁ । ଦର୍ଶକବୃନ୍ଦ ଅଧୈର୍ଯ୍ୟ ହୋଇ ଉଠିଲେ । କେହି କହିଲେ "ବେଳ ଗଲା ଆଜି ପହଣ୍ଡି ହେବ ନାହିଁ ।" କେହି କହିଲେ "ସାହାବ ଆସିଲେ ପହଣ୍ଡି ହେବ ।" ଏହିରୂପେ ନାନା ଲୋକେ ନାନା କଥା କହିବାକୁ ଲାଗିଲେ । ପ୍ରାୟ ସାଢ଼େ ପାଞ୍ଚଘଣ୍ଟା ସମୟରେ ପହଣ୍ଡି ଆରମ୍ଭ ହେଲା । ଭୂରି ଧ୍ୱନି ଶଙ୍ଖଘଣ୍ଟାଶବ୍ଦ ଚତୁର୍ଦ୍ଦିଗରୁ ହରିବୋଲ ଓ ଉଲ୍ଲୁଧ୍ୱନି ଉତ୍ଥିତ ହେଲା । ସନ୍ଧ୍ୟା ଘ ୯ ଘଣ୍ଟା ମଧ୍ୟରେ ତିନି ଠାକୁରେ ମନ୍ଦିର

Split by PDF Splitter

Digitized by srujanika@gmail.com

ମଧ୍ୟରେ ପ୍ରବେଶ କଲେ । ଅମ୍ଭେମାନେ ଅନୁସନ୍ଧାନରେ ବୁଝିଲୁଁ ଯେ ମନ୍ଦିର ମଧ୍ୟରେ ସୌଦାମିନୀଙ୍କ ନିମନ୍ତେ ଆସନ ପ୍ରସ୍ତୁତ ହୋଇଥିବାରୁ ପଣ୍ଡି କାର୍ଯ୍ୟରେ ଏପରି ଅଯଥା ବିଳମ୍ବ ଘଟିଥିଲା ।

ଗତ ଡିସେମ୍ବର ମାସରେ ବଙ୍ଗେଶାଧିପ ପୁରୀକୁ ଶୁଭାଗମନ କରିଥିଲେ । ତାଙ୍କୁ ଅଭ୍ୟର୍ଥନା କରିବା ନିମନ୍ତେ ପୁରୀ ଜଗନ୍ନାଥବଲ୍ଲଭ ମଠରେ ଏକ ସଭା ହୋଇଥିଲା ଓ ସେଠାରେ ତାଙ୍କୁ ଅଭିନନ୍ଦନପତ୍ରମାନ ପ୍ରଦତ୍ତ ହୋଇଥିଲା । ଅମ୍ଭେମାନେ ସେହିଦିନ ଶୁଣିଲୁଁ ଯେ ଶ୍ରୀମନ୍ଦିର ଅଲୋକିତ କରିବା ନିମନ୍ତେ ସୌଦାମିନୀଙ୍କୁ ନିଯୁକ୍ତ କରିବାର ପ୍ରସ୍ତାବ ହେଉଅଛି । ଉକ୍ତ ପ୍ରସ୍ତାବ ସମ୍ବନ୍ଧେ ବଙ୍ଗେଶାଧିପ ଯାହା କହିଲେ ତାହା ଆପଣଙ୍କର ମତାମତ ସହ ଯଥା ସମୟରେ ଦୀପିକାରେ ପ୍ରକାଶିତ ହୋଇଥିଲା । ତାହା ପାଠ କରି "ପ୍ରଜାବନ୍ଧୁ" ଇମ୍ପାରୁ ଇତି ଖଣ୍ଡିଥିଲେ । କେତେକ ଦିନ ପର୍ଯ୍ୟନ୍ତ ଏହିରୂପ ବାଦାନୁବାଦ ହୋଇ ସମସ୍ତେ ନୀରବ ହୋଇଗଲେ । ଅମ୍ଭେମାନେ ଭାବିଲୁଁ ବୋଧହୁଏ ଏ ପ୍ରସ୍ତାବ ଆଉ କାର୍ଯ୍ୟରେ ପରିଣତ ହେବ ନାହିଁ । କିନ୍ତୁ ବର୍ତ୍ତମାନ ଦେଖୁଅଛୁଁ ଅମ୍ଭମାନଙ୍କର ଅନୁମାନ ଯଥାର୍ଥ ନୁହେଁ ।

ଶ୍ରୀଜୀଉ ସ୍ନାନ ଯାତ୍ରା ଗଲା ପରେ ଚପଳାର ଚରମାନେ ଆସି ତାଙ୍କର ଗମନାଗମନ ନିମନ୍ତେ ମନ୍ଦିରମଧ୍ୟସ୍ଥ ପାକଶାଳାଠାରୁ ଭୋଗ ଯିବାର ପଥ ଓ ଜଗମୋହନ ମଧ୍ୟଦେଇ ରତ୍ନବେଦୀ ପର୍ଯ୍ୟନ୍ତ ତାର ବସାଇଦେଲେ । ଏହାହିଁ ପଣ୍ଡି ବନ୍ଦ ହେବାର ପ୍ରଧାନ କାରଣ । ପଣ୍ଡା ପଢ଼ିଆରି ଓ ସେବକ ପ୍ରଭୃତି ଏଥିର ପ୍ରତିବାଦ କରିବାଥେଁ ତା ୧୩ ରଖ ଶ ୧୬ ଘା ସମୟରେ ମନ୍ଦିର ମଧ୍ୟରେ ଏକ ବୃହତ୍ ସଭା କରିଥିଲେ । ପୁରୀର ପ୍ରଧାନ୨ ମଠଧାରୀ ମହନ୍ତମାନେ ମଧ୍ୟ ଉକ୍ତ ସଭାରେ ଯୋଗଦାନ କରିଥିଲେ । ଅନେକ ତର୍କ ବିତର୍କ ପରେ ସ୍ଥିର ହେଲା ମନ୍ଦିର ମଧ୍ୟରେ ବିଜୁଳିବତୀ ଜଳିବା ନୀତି ବହିର୍ଭୂତ କାର୍ଯ୍ୟ ଅଟେ ସୁତରାଂ ଯେଉଁ ତାର ବସିଅଛି ତାହା ଉଠାଇ ଦିଆ ନ ଗଲେ ଠାକୁରେ ମନ୍ଦିରକୁ ଆସି ପାରିବେ ନାହିଁ ଏବଂ ସେବକମାନେ ପଣ୍ଡି କାର୍ଯ୍ୟାରମ୍ଭ କରିବେ ନାହିଁ । ମନ୍ଦିରର ତତ୍ତ୍ୱାବଧାରକ ଏବଂ ସୌଦାମିନୀଙ୍କର ପ୍ରଧାନ ପୃଷ୍ଠପୋଷକ ମେନେଜର ବାବୁ ବାଧ୍ୟ ହୋଇ ରତ୍ନବେଦୀ ସନ୍ନିକଟସ୍ଥ ଯୋଗଶାଳା ମଧ୍ୟରୁ ତାର ଉଠାଇଦେଲେ । ଅନ୍ୟାନ୍ୟ ସ୍ଥାନରେ ତାର ଯେପରି ବସିଥିଲା ସେହିପରି ଅଛି । କିନ୍ତୁ ସେ ସବୁତାର ମଧ୍ୟ ମନ୍ଦିର ମଧ୍ୟରେ ରହିବା ଉଚିତ ନ ତା ସେ ବିଷୟ ଘୋର ଆନ୍ଦୋଳନ ଲାଗିଅଛି । କିନ୍ତୁ ମୀମାଂସା ନୋହିବା ପର୍ଯ୍ୟନ୍ତ ତାଡ଼ିତାଲୋକ ସମ୍ବନ୍ଧୀୟ କାର୍ଯ୍ୟ ସ୍ଥଗିତ ଅଛି । ଯାହା ସିଦ୍ଧାନ୍ତ ହେବ ପରେ ଜଣାଇବ ।

ସମ୍ପାଦକ ମହାଶୟ, ଉପସ୍ଥିତ ଘଟନାରୁ ବୋଧ ହେଉଅଛି ଯେ ମେନେଜର ବାବୁ ପଣ୍ଡା ପଢ଼ିଆରି ଓ ମହନ୍ତମାନଙ୍କ ସଙ୍ଗେ ପରାମର୍ଶ ନ କରି ଗୋଟିଏ ନୂତନ ପ୍ରଥା ମନ୍ଦିର ମଧ୍ୟରେ ପ୍ରବର୍ତ୍ତନ କରିବାକୁ ଉଦ୍ୟତ ହେବାରୁ ତାଙ୍କୁ ଏତେ ହରବରରେ ପଡ଼ିବାକୁ ହେଲା । ଯେଉଁ କାର୍ଯ୍ୟରେ ଆଦ୍ୟରୁ ପ୍ରତିବାଦ ହେଉଅଛି ସେ କାର୍ଯ୍ୟ କରିବାକୁ ତାଙ୍କର ଏତେ ଜିଦ କାହିଁକି ତାହା ଅମ୍ଭେମାନେ କିଛି ବୁଝି ପାରୁ ନାହୁଁ । ମନ୍ଦିର ମଧ୍ୟସ୍ଥ ଅନେକ ସ୍ଥାନର ଜୀର୍ଣ୍ଣସଂସ୍କାର ଆବଶ୍ୟକ ହୋଇଅଛି । ତାଡ଼ିତାଲୋକର ଟଙ୍କାଟା ସେଥିରେ ବ୍ୟୟ କଲେ ଅର୍ଥର ଅପବ୍ୟୟ ନ ହୋଇ ବରଂ ତାଙ୍କର ନାମ ଚିରସ୍ମରଣୀୟ ହୋଇ ରହିବ ।

ଜଗନ୍ନାଥ ଦେବ କାହାର ସ୍ୱତ୍ୱ ହେବତ ନୁହନ୍ତି, ସେ ହିନ୍ଦୁସାଧାରଣଙ୍କର ଦେବତା ସୁତରାଂ ତାଙ୍କର ସେବା ଆଦର କୌଣସି ପରିବର୍ତ୍ତନ କରିବାକୁ ହେଲେ ସାଧାରଣଙ୍କର ମତାମତ ଗ୍ରହଣ କରିବା ଉଚିତ । ପୁଣି ଯେଉଁ ମତ ସର୍ବବାଦୀସମ୍ମତ ହେବ ତଦନୁସାରେ କାର୍ଯ୍ୟ କରିବା ଉଚିତ । ଯେ ସ୍ଥଳେ ମତଦ୍ୱୈଧ ଘଟିବ ସେ ସ୍ଥଳେ "ମହାଜନୋ ଯେନ ଗତଃ ସ ପନ୍ଥା" ଏହି ନୀତି ଅନୁସାରେ କାର୍ଯ୍ୟ କଲେ ସକଳ ଦିଗ ବଜାୟ ରହିବ । ଇତି ।

ପୁରୀ } ବଶମ୍ବଦ
୧୬।୭।୦୫ } ଆପଣଙ୍କର ପୂର୍ବ ପରିଚିତ ପାଠକ,

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀ ସତ୍ୟ ଚରଣବଲ୍ଲଭ ଘୋଷ ଝଁଲାର କଟକ | ଟ ୩ |
| ,, ଚନ୍ଦ୍ରେଶ୍ୱର ହାଜରା ବାଗୀଚେ | ଟ ୧ |
| ,, ଭଗୁନାଥ ମହାନ୍ତି ସଦାମା ହୋଲ | ଟ ୩ |
| ,, ରାମକୃଷ୍ଣ ମହାନ୍ତି ହିନୋଳ | ଟ ୩ |
| ,, ସୁଦର୍ଶନ ଚୌଧୁରୀ ବକେସ୍ୱର | ଟ ୩ |
| ,, ମାଧବଧର କର ଶବରଭଲୀଣ୍ଟ୍ରର ବୋଧ | ଟ ୩ |
| ,, ଗଣେଶ୍ୱର ମହାପାତ୍ର ଶଙ୍ଖପୁର | ଟ ୨ |
| ,, ଗୋପୀନାଥ ନାୟକ ଗୁଡ଼ପାଇଲେ । ଜ । ସୁଗ | ଟ ୩ |
| ,, ଜାଗନ୍ନାଥ ତ୍ରିପାଠୀ ପଦ୍ମନାଭପୁର ଶାସନ । କ । ବର୍ଦ୍ଧନ | ଟ ୪ |
| ମୁନସି ଏଗାରୁ ବକସ ହେଃ ଭୁଣ୍ଡ ରେଃ ଗାଃ କଟକ | ଟ ୧ |
| ଶିବ ମହନ୍ତ ଲକ୍ଷ୍ମଣସ୍ୱାମୀନୁଜଦାସ ଝୁଣ୍ଟିମଠ | ଟ ୩ |
| ବାବୁ ଶ୍ରୀ ସୀତାନାଥ ବସୁ ପଦ୍ମନାଭପୁର ମହାଙ୍ଗା ଜିଲା । କ । ଢାଲଭେର | ଟ ୩ / ଟ ୩ |
| ବାବୁ ଶ୍ରୀ ନେତ୍ରାନନ୍ଦ ବସୁ ମହାପାତ୍ର ରଣରଥପୁର | ଟ ୧ |
| ,, ଧର୍ମ ମହାନ୍ତି ହେଃ ରତ୍ନଭଣ୍ଡାର ଥାନା | ଟ ୩ |
| ,, ବୃନ୍ଦାବନ ଦାସ ଭଣ୍ଡାର ଯାଜପୁର | ଟ ୩ |
| ,, ହରିସିଂହ ମହାପାତ୍ର ବଡ଼ସେଲ | ଟ ୧୫ |

---


## ବିଜ୍ଞାପନ ।

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷମାନ ଅତି ସୁଲଭ ଦରରେ ବିକ୍ରୀ ହୁଅଇ । ଗ୍ରାହକମାନେ ପରୀକ୍ଷାକରି ଦେଖିଲେ ସନ୍ତୁଷ୍ଟ ହେବେ । ଦର ସବୁଦିନେ ସମାନ ନ ଥାଏ । ବର୍ତ୍ତମାନର ଦର ପ୍ରତ୍ୟେକ ଦ୍ରବ୍ୟ ପାଖରେ ଲେଖାଗଲା ।

ତପସିଲ

| | | |
|---|---|---|
| ମଟିତେଲ | ମ ୧ ଟ ୪୮ | ଟ ୧ ଖାରୁ ସେ ୦ ୩/୫ |
| ଭୁଅ ତେଲ | ମ ୧ ଟ ୫୦ | ଟ ୧ ଖାରୁ ସେ ୦ ୩୭ |
| ଲୁଡ଼କାତେଲ | ମ ୧ ଟ ୪୦ | ଟ ୧ ଖାରୁ ସେ ୧ |
| ନ ୧ ନୂଆ ମଇଦା ଏକକ | | ଟ ୧ ଖାରୁ ସେ ୫୦ / ଟ ୭ ମ ୧ |
| ନ ୨ ନୂଆ ମଇଦା ଏକକ | | ଟ ୧ ଖାରୁ ସେ ୫୩/ / ଟ ୭୩/ ମ ୧ |
| ନ ୧ ନୂଆ ଅଟା ଏକକ | | ଟ ୧ ଖାରୁ ସେ ୫।/ / ଟ ୭ ମ ୧ |
| ନ ୨ ନୂଆ ଅଟା ଏକକ ଦଶଉଳ ଏକକ | | ଟ ୧ ଖାରୁ ସେ ୫୩/ / ଟ ୭୩ ମ ୧ / ଟ ୧ ଖାରୁ ସେ ୦/ / ଟ ୧।୨। ମ ୧ |
| ନ ଇଟାଲି ଗୋଲାପ ତେଲ | | ଟ ୧।/୨ ରୁ ସେ ୨୨ |
| କାଶ୍ମୀର ଗୋଲାପ ତେଲ | | ଟ ୧।/୨ ରୁ ସେ ୨୨ |
| ମିଶ୍ରି ଭଲଦାନା ଏକକ ଟେଣି | | ଟ ୦ ।୵ ସେ ୧ / ଟ ୦୩ ରୁ ସେ ୧ |
| ମିଶ୍ରି ଚିନି | | ଟ ୦ ୩/ ସେ ୧ / ଟ ୦ ୩/ ସେ ୧ |
| ନୂଆ ଉଷାଟେଲ ଏକକ | | ଟ ୨୧( ମ ୧ |
| ନଡ଼ିଆତେଲ ନ ୧ ନୂଆ | | ଟ ୦ ୩/ ସେ ୧ ୧ / ଟ ୨୧( ମ ୧ |


Digitized by srujanika@gmail.com

| | | |
|---|---|---|
| କଉଅଟେଲ ନମ୍ବର | ଟଂ ।୵୬ | ସେ ୧ |
| ଏକଳ | ଟ ୧୬୪ | ମ ୧ |
| ଭଦ୍ଦିକ ହାଗମାର୍କା | ଟ ୧।୵୬ | ଡ ୧ |
| " ସବାମାର୍କା | ଟ ୧।୵ | ଡ ୧ ଣ |
| " ଭଗ୍ନୀମାର୍କା | ଟ ୧।୭ | ଡ ୧ ଣ |
| " ସାପମାର୍କା | ଟ ୧।୭ | ଡ ୧ ଣ |
| କେରଡେଲ | ଟ ୧ | ସେ ୬ |
| ଏକଳ | ଟ ୧୬୪ | ମ ୧ |
| ସୁପି | ଟ ୦। | ସେ ୧ |
| ଏକଳ | ଟ ୯ | ମ ୧ |
| ଗୁଡ଼ ମଇସ | ଟ ୧ | ସେ ୪ |
| ବୋହର କମାଣି ଗୁଡ଼ବନ | ଟ ୦।/୧ | ସେ ୧ |
| ଏକଳ | ଟ ୧୩୪ | ମ ୧ |
| ଚନ୍ଦନ | ଟ ୦।୵ | ସେ ୧ |
| ଏକଳ | ଟ ୧୪୪ | ମ ୧ |
| ଚଳଉ ଡାଲି | ଟ ୦ ୵ | ସେ ୧ |
| ଏକଳ | ଟ ୪୪ | ମ ୧ |
| ବୁଟ ଡାଲି | ଟ ୦ ୵୩ | ସେ ୧ |
| ଏକଳ | ଟ ୪ | ମ ୧ |
| ଚନ୍ଦ୍ରମସୁର | ଟ ୦ ୵୧୨ | ସେ ୧ |
| ଏକଳ | ଟ ୭ | ମ ୧ |
| ଗୁହା | ଟ ୦ ।୵ | ପା ୧ ଭଳି |

ଚଉଧୁରୀବଜାର ଛକ କଟକ } ଶ୍ରୀ ସଦେଇ ବଟେଇ


ଗବର୍ଣ୍ଣମେଣ୍ଟ ମେଡିକଲ ଡିପ୍ଲୋମା ପ୍ରାପ୍ତ
ଶ୍ରୀଯୁକ୍ତ ଜଗେନ୍ଦ୍ରନାଥ ସେନ କବିରାଜ ।
କୃତ୍ତ ସହିତ, ପ୍ରତ୍ୟକ୍ଷ ଫଳପ୍ରଦ, କବାନ୍ଧୁର ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବ ସୁଗନ୍ଧ ହୁଏ, କେଶ ବହୁଳ ପରିମାଣରେ ଜାତ କେଶ ଜରୁନ ହୁଏ, ମସ୍ତକର ରୁଷ୍ଟ ବିନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ। ଏତଦ୍ଭିନ୍ନ, ମସ୍ତିଷ୍କ ଦୌର୍ବଲ୍ୟ ସ୍ୱପ୍ନଦୋଷ ସ୍ନାୟବିକତା ଜନିତ ମୁଣ୍ଡ ଘୂର୍ଣ୍ଣନ ଚକ୍ଷୁଦାହ, ଦୃଷ୍ଟି ଦୌର୍ବଲ୍ୟ ଏ ସମସ୍ତର କେବଳ ଅବଶ୍ୟ ହୁଏ
ମୂଲ୍ୟ ଦୁଇତୋଳର ଟ ୧ ପ୍ୟାକିଂ ଓ ଡାକମାସୁଲ ଟ ୦ ।୵

## ପ୍ରମେହ ବିନ୍ଦୁ ।

ସଦ୍ୟପ୍ରାପ୍ତ ମେହ ବା ଗନୋରିଆର ମହୌଷଧ, ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସମୁଦାୟର ଫଳ ଏବ ସତ ପ୍ରତିକାର ପ୍ରଧାନ ଔଷଧ । ରୋଗୀ ସ୍ୱୟଂ ବହି ଚିକିତ୍ସା କର ଅପେକ୍ଷା ସାଦ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପତ୍ରର ପ୍ରତ୍ୟୁତ୍ତର ଉପଯୁକ୍ତ ଔଷଧ ପଠାଯିବ ।
ପ୍ରତିଶିଶି ଓ ଏକ କୌଟା-ବଟିକାର ମୂଲ୍ୟ ଟ ୧୫
ଡାକମାସୁଲ ଟ ୦ ୶୵

## ଅଶୋକାରିଷ୍ଟ ।

ସବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ପେଟର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବକାଳରେ ରକ୍ତ ଶ୍ରାବ ଅଶକ୍ତି ଦୂରୀଭୂତ କରେ ।
ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୫
ଡାକ ମାସୁଲର
ଟ ୦ ।୵

### ଅମୃତ ବଲ୍ଲୀ କଷାୟ ।

ପାରଦୋଷ ନାଶକ ଓ ରକ୍ତ ପରିଷ୍କାରକ ମହୌଷଧ
ପ୍ରତି ଶିଶିର ମୂଲ୍ୟ ଟ ୧୫ ଡାକମାସୁଲ ଟ ୦ ୵

## ଶୋଣିତ ଶୋଧକ ।

ତାଲ ରକ୍ତ ଓ ଦୃଷ୍ଟ ରୋଗର ଅଶ୍ରୁ ଦୂରକାରକ ଅବ୍ୟର୍ଥ ମହୌଷଧ । ଭୂଇ ସପ୍ତାହ ବ୍ୟବହାରେ ସପେ ରୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।
ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ ଶୁକ୍ରପାତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।
ଏକ ତୋଳନ ତୈଳ ଓ ଦୁଇ କୌଟା ବଟିକା ଟ ୪
ଡାକମାସୁଲ ପ୍ରଭୃତି ଟ ୦୫

## ପୁନର୍ନବାସବ ।

ଶୋଥ ଓ ଉଦରର ମହୌଷଧ ଏକ ବୋତଲ
ମୂଲ୍ୟ ଟ ୧ ଡାକମାସୁଲ ଟ ୦ ୵

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ :
ବାଲୁବଜାର, ଚାନ୍ଦନୀଚୌକ, କଟକ
ଅଥବା ଜଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋଅରଚିତପୁର ରୋଡ
କଲିକତା

## ବିଜ୍ଞାପନ ।

## ଶ୍ରୀଲାଲମୋହନ ସାହା ଶଙ୍ଖନିଧିର ପୃଥିବୀ ବ୍ୟାପିତ

## ସର୍ବଜ୍ୱର ଗଜସିଂହ ।

୪୮ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।
ମୂଲ୍ୟ ବଡ଼ ଟ ୧୪ ମଧ୍ୟମ ଟ ୧୯ ଛୋଟ ଟ ୦ ୵
ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ୵

## ଦଦ୍ରୁ ଦାବାନଳ ।

ଦାଦୁ ଅବ ଖଉରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।
ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ୵

## ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଦାଦୁଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।
ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦ ୵
ଏହି ଜାଲ ହୋଇଅଛି ସରବତାର ଲାଲ ମୋହନ ସାହା ଶଙ୍ଖନିଧର ନାମ ଓ ଶଙ୍ଖମାର୍କା ଦେଖି ଖରିଦ କରିବେ। ଏହା ସକଳ ନଗର ବଡ଼ ବଡ଼ ଦୋକାନରେ ପାଇବେ ନ ପାଇଲେ ପୁର୍ବୋକ୍ତ ଠିକଣାରେ ଟିକଟ ପଠାଇଲେ ପଠାଇବୁ ଯେଉଁ ବ୍ୟକ୍ତି ଶିଶିରେ ଟଙ୍କା ପଠାଇବେ ଭି, ପି, ପାର୍ଶ୍ୱଲରେ ପଠାଇବୁଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନହେଲେ ମୂଲ୍ୟ ଫେରତ ଦେବୁଁ ।
ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁବଜାର ।
ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ କବିରାଜ ସେନ ଗୁପ୍ତ କବିରାଜ ।
Lal Mohan Saha Sankhanidhi
Baburbazar, Dacca.

## କୃପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବିଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରିଚିତ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶ୍ୱଲରେ କାହାରି ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜବାବୀ ପୋଷ୍ଟକାର୍ଡ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।
ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

କୃପଦବନ୍ଧୁ ଔଷଧାଳୟ } ଶ୍ରୀ ବାଳକୃଷ୍ଣଦାସ
ଚଉଧୁରୀବଜାର,କଟକ } କବିରାଜ
୩୦।୫।୧୯୦୪ ଶ୍ରୀ ରାମକୃଷ୍ଣ ସେନ

## IT'S SO EASY TO NEGLECT THAT COLD.

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholerol, specific tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.


Digitized by srujanika@gmail.com

Split by PDF Splitter



# ନବରତ୍ନ ।



ଏହା ବହୁପରୀକ୍ଷିତ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅତ୍ୟୁକ୍ତ ଅନୁଲ୍ଲେଖ ।

୧ । **ଅଗ୍ନିକୁମାର ବଟିକା**—ଅଗ୍ନିମାନ୍ଦ୍ୟରେ ଅବ୍ୟର୍ଥ । ଏହା ଖାଇବା ପରେ, ଅଜୀର୍ଣ୍ଣ, ଅମ୍ଳ, ପେଟଫୁଲା ଓ ଗ୍ରହଣୀ, ଡାଇରିଆ ଏବଂ ସ୍ନାୟବିକ ଦୁର୍ବଳତା, ଶୂଳରୋଗ ଓ ପେଟର ରୋଗମାନଙ୍କରେ ଓ ଅନ୍ୟାନ୍ୟ ସର୍ବପ୍ରକାର ରୋଗ ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନଂ ୧ ସ୍ବର ଡିବା ( ୧୬ ବଟିକା ) ୦।୵ ନଂ ୨ ସ୍ବର ଡିବା ( ୩୦ ବଟିକା ) ୦।୵ । ନଂ ୩ ସ୍ବର ଡିବା ( ୪୦ ବଟିକା ) ୦।୵ ।

୨ । **ଦଦ୍ରୁ ଦାବାନଳ**—ଏହା ଦାଦ, ବିଖଣ୍ଡିଆ, ଖୋସ ବା ଉଗରା ଓ ଅଶ୍ୱଲାଗୁ ପ୍ରଭୃତି ସର୍ବପ୍ରକାର ଚର୍ମ ରୋଗର ପରୀକ୍ଷିତ ଓ ଅମୋଘ, ଜ୍ୱାଳା ଯନ୍ତ୍ରଣା ଶୂନ୍ୟ, ଅଶୁଫଳପ୍ରଦ ଓ ସୁଲଭ ଔଷଧ । ଏଥିରେ ଯେଉଁ ଅରେ ସମ୍ପୂର୍ଣ୍ଣ ଭଲ ହେଲେ ପୁନର୍ବାର ହୁଏ ନାହିଁ । ମୂଲ୍ୟ—୧ ଡିବା ୦।୵ ଡାକମାଶୁଲ ୦।୵

୩ । **କର୍ଣ୍ଣଜ୍ୱାଳାନଳ**—ଏଥିରେ କାନ୍ଥ ପୂଜ ଓ ପ୍ରଭୃତି ଜ୍ୱାଳା ଦୂର କରି ତତ୍କ୍ଷଣାତ ଅତ ଅଳ୍ପ ସମୟରେ ଆରୋଗ୍ୟ ହୁଏ ଓ କାନ୍ଥରେ ଥିବା କୀଟାଣୁଗଣ ଅବଲମ୍ବେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତି ଡିବା ୦।୵, ଡାକ ମାଶୁଲ ୦।୵ ।

୪ । **ଶିରଃଶୂଳାନ୍ତକ**—ଏଥିରେ ସର୍ବପ୍ରକାର ମୁଣ୍ଡ ବଥା; ଭଣ୍ଡି, ସିଙ୍ଗାପର ବା ପ୍ରଭୃତି ଦୁଷ୍ଟରୋଗ ଅତି ଅଳ୍ପ ସମୟରେ ଓ ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ତିଳମାନଙ୍କର ଶୀଘ୍ର ଯନ୍ତ୍ରଣାରେ ଅବଶ୍ୟ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡିବା ୦। ଓ ଡାକ ମାଶୁଲ ୦।୵

୫ । **ଶୂଳଗଜାଙ୍କୁଶ**—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡିବା ୦।୵; ଡାକ ମାଶୁଲ ୦।୵ ଟଙ୍କା

୬ । **ପ୍ରମେହସୁଧା**—ଯୌବନର ଦୁଷ୍ଟ ଅଭ୍ୟାସରେ ପ୍ରମେହ ରୋଗ ଜନ୍ମେ । ଏହା ସେବନ କଲେ ଅନେକ ଦିନର ପୁରାତନ ରୋଗ ନଷ୍ଟ କରେ ଓ ଶରୀରକୁ ସୁସ୍ଥ କରେ । ଏଥିରେ ସେବନ କଲେ ସମସ୍ତ ପ୍ରମେହ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କଲେ ଧାତୁଦୌର୍ବଲ୍ୟ ଓ ଅନ୍ୟ ରୋଗ ନଷ୍ଟ ହୁଏ ଓ ଶରୀର ସବଳ ହୁଏ । ଏହା ଶୀଘ୍ର ଫଳପ୍ରଦ ଅମୋଘ ଔଷଧ । ମୂଲ୍ୟ—ପ୍ରତି ଡିବା ୦।୵; ଡାକ ମାଶୁଲ ୦।୵

୭ । **କର୍ପୂରାମୃତ ତୈଳ**—ଏହା ନୂତନ ଓ ପୁରାତନ ସର୍ବପ୍ରକାର ବାତରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ପ୍ରତି ଶିଶି—୦।୵; ଡାକମାଶୁଲ ୦।୵ ଟଙ୍କା

୮ । **ଅମୃତରସ**—ଯେପରି ନାମ ସେହିପରି ଗୁଣ । ଦୁର୍ବଳତା ଓ ଧାତୁଦୌର୍ବଲ୍ୟ ରୋଗର ଅତ୍ୟନ୍ତ ଅଶୁଫଳପ୍ରଦ ପାଚକ ଔଷଧ । ଅଜୀର୍ଣ୍ଣ ମନ୍ଦ ଏଥିରେ ଅମ୍ଳଶୂଳ, ଜୀର୍ଣ୍ଣଜ୍ୱର ପାଚକ ଶୋଥ, ଗ୍ରହଣୀ, ଅତିସାର, କାଶ, ପଦ୍ମ ପ୍ରଭୃତି ରୋଗ ଅରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଶିଶି ୦।୵ ଓ ଡାକ ମାଶୁଲ ୦।୵ ଟଙ୍କା

୯ । **ଲାକ୍ଷାଦି ତୈଳ**—ଏହା ଅସାଧ୍ୟ, ଅଣ୍ଡବୃଦ୍ଧି ଅମ୍ଳବାତ ଓ ଅସାଧ ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ୦।୵, ଡାକ ଶିଶି ୦।୵ ଟଙ୍କା

ନବରତ୍ନ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ଚିପଇ ସୁଅର୍କ ପ୍ରତି ଶିଶି | | ୦।୵ | ଡାକଖର୍ଚ୍ଚ | ୦।୵ |
| ପାନମହୁରୀ ଅର୍କ | " | ୦।୵ | " | ୦।୵ |
| ଅମୃତାଦି ଗୁଗ୍‌ଗୁଳ | " | ୦।୵ | " | ୦।୵ |
| ମାଲତୀକୁସୁମ ତୈଳ | " | ୦।୵ | " | ୦।୵ |

ଡାକମାଶୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉପେନ୍ଦ୍ରଚନ୍ଦ୍ର ଦାସ ବାଲେଶ୍ୱର

# ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାଶୁଲ ୦।୵

ଉଦ୍ଧାରୋଗର ମହୌଷଧ ସେବନରେ ପେଟଜାମୁଡ଼ି ପେଟ କମଳା ଶୂଳ ଓ ଦୁଷ୍ଟ ଜ୍ୱର ପ୍ରଭୃତି ରୋଗ ଶୀଘ୍ର ଆରୋଗ୍ୟ ହୁଏ ।

ଶିରୋରୋଗ ବା ସ୍ୱପ୍ନ ମେହ । **ସୁଧାରତ୍ନ** ଅମୋଘ ଔଷଧ

ସେବନରେ ପୂଜ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ, ସ୍ତ୍ରୀ ପୁରୁଷଙ୍କ ଶିରୋରୋଗ ଓ ସ୍ୱପ୍ନ ମେହ ସହାବସ୍ଥାରେ ଆରୋଗ୍ୟ ହୁଏ, ୬ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକ ପ୍ୟାକେଟ ୧।୵ ଟଙ୍କା ଡା, ମା ୦।୵ ।

## ସର୍ବଷତାନ୍ତକମଲମ

( ଘାଉଦାଦ ଦୂଷିତ ବ୍ରଣ ସ୍ଥାନ )

ମୂଲ୍ୟ ଏକ କୌଟାକୁ ୦।୵ ଟଙ୍କା ଡା, ମା ୦।୵

କଠିନ ଉପଦଂଶ କ୍ଷତ ଓ ସର୍ବବିଧ ଘାଉ ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ଶରୀର ପୁଷ୍ଟ ହୁଏ, ସ୍ମରଣ ଶକ୍ତି ବୃଦ୍ଧି ହୁଏ, ଶୁକ୍ର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ । କୃଶ ଦୁର୍ବଳ ଶରୀର ସ୍ଥୂଳ (ମୋଟା) ଓ ବଳିଷ୍ଠ ହୁଏ । ସାଧ୍ୟଂକାଳରେ ସେବନ କଲେ ଅଲୌକିକ ଫୂର୍ତ୍ତି ଓ ବଳାଧିକ ଲାଭ ହୁଏ । ! ! ମୂଲ୍ୟ ଏକ କୌଟାର ୦।୵ ଟଙ୍କା ଡା: ମା: ମାଶୁଲ ୦।୵ ।

ଶ୍ରୀ ଭବାନୀପ୍ରସାଦ ଭଟ୍ଟାଚାର୍ଯ୍ୟ

ଦ୍ୱିବେଦୀ, ଶ୍ରେଣୀ ୪ କାଶୀଧାମ

# ବିଜ୍ଞାପନ ।

## ପ୍ରଜାବନ୍ଧୁ ।

ଉତ୍କଳର ଭାଷାରେ ସମ୍ପାଦିତ, ସର୍ବଜନ ପ୍ରଶଂସିତ ଓ ଉତ୍କଳର ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ପ୍ରାକୃତିକ ଉତ୍କଳରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତନାମା ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଂଖ୍ୟା ନମୁନା ସ୍ୱରୂପ ପଠାଯିବ । ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଉତ୍କଳମଧୁପ ସାହିତ ପତ୍ରିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକ ଅଣା ମାତ୍ର ।

ମ୍ୟାନେଜର-ପ୍ରଜାବନ୍ଧୁ, ଭଞ୍ଜ ପ୍ରେସ, ଗଞ୍ଜାମ ।

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଘଡ଼ିର ଦାମ, ଅନାବୃଷ୍ଟିରୁ, ଚିହ୍ନେଲ, ସ୍ୱିଜର୍ଲେଣ୍ଡ ୦।୵ ; ଉତ୍କୃଷ୍ଟ ଦାମ ୦।୵ ; ରେଲଓଏ ରେଗୁଲେଟର ଦାମ ୦।୵ ; ୦।୵ ଓ ୦।୵ ; କୋଲଫିଲ୍ଡର ଦାମ ଚେନ୍ ସହିତ ୨୮ ; ଏକଲ ରୌପ୍ୟ ହଣ୍ଟିଂ ୧୦ ଓ ୧୫; ଜର୍ମାନି ଷ୍ଟେନ ଲେସ ୨ ୧; କ, ଲ, ୦।୵ ଟଙ୍କା; "ଏଲଗୋଲଡ୍" ଦାମ ୦।୵ ; ଗାଡ଼ା ଓ ଟାଇମପିସ(ଏଲାରାମ ଓ ଅଧଘଣ୍ଟା ବାଜିବାର) ୧।୵ ଓ ୦।୵ ଟଙ୍କା । ପ୍ରତ୍ୟେକ ଘଡ଼ିର ଗ୍ୟାରେଣ୍ଟି ଦିଆ ଯାଏ ଓ ମାଶୁଲ ସ୍ୱତନ୍ତ୍ର ଲାଗେ । ଭି, ପି, ନାହିଁ ।

ଅଳ୍ପ ଔଷଧର ଦରେ ଉଷ୍ଣରୁ (୧) "ସଲଫର", ଏ ଶୁଷ୍କବାତ, ଅର୍ଶ ଓ ଚିଠିବାତ କଷ୍ଟଦାତ, ଫୁଲିବା ସର୍ବ ପ୍ରକାର ଚର୍ମ ଓ ଶ୍ୱେତକୁଷ୍ଠ ଭାଇରେକ୍ ଅତି ଶୀଘ୍ର ଆରୋଗ୍ୟ କରେ । (୨) "ଲୁଇନ୍" ଏ ସର୍ବପ୍ରକାର ଘା, ଖସ, କାଛୀ ରୋଗ ଏକମାତ୍ର ଔଷଧ । (୩) "ଅର୍ଜନ" ଏ ସର୍ବପ୍ରକାର ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଟଙ୍କା ମାତ୍ର । ମାଶୁଲ ୦।୵ ଅଣା ଅଧିକ । ପରୀକ୍ଷା ପ୍ରାର୍ଥନୀୟ ।

ମେଲ ବ୍ରାଞ୍ଚ, ନଂ ୧୯, ଭଗବତୀ ଷ୍ଟ୍ରୀଟ, ଧାନକୋଠ କଲିକତା

## ଉପନିଷଦ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଲବକାର କେନ, ତୈତ୍ତିରୀୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଦଶଟି ଗୁଡ଼ିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ପଞ୍ଚାନନ ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ୦।୵ ଡାକମାଶୁଲ ୦।୵ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ ମହାଭାରତାନ୍ତର୍ଗତ ଖିଳ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ପଞ୍ଚାନନମୋହନ ସେନାପତି ଦ୍ୱାରା ଭାଗବତ ଛନ୍ଦରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ୧ ଟଙ୍କା ଡାକମାଶୁଲ ସ୍ୱତନ୍ତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

କଟକ ପ୍ରିଣ୍ଟିଂକମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81



ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୪୦ | CUTTACK, SATURDAY THE 29th July 1905. | ଅଗ୍ରିମ ଟ ୩
ସଂଖ୍ୟା ୩୦ | ଦ ୧୪ ଓ ଶ୍ରାବଣ ସନ ୧୩୧୨ ସାଲ ଶନିବାର | ପଶ୍ଚାଦ୍ଦେୟ ଟ ୩

ସହର କଟକ ଉତ୍କଳଦୀପିକା ପ୍ରିଣ୍ଟିଂ କମ୍ପାନି ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା:— ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ ୦।୵ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଖର୍ଚ୍ଚ ଟ ୦।୵ ଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

### District Board, Cuttack.

Tenders are hereby invited for the execution of the under mentioned works and intending Contractors can obtain information respecting them from the office of the District Engineer, and from the sub-overseer stationed at Ranihat, Manpur, Gorapur and Barunan.

| No. | Name of work. |
|---|---|
| 1 | Annual repairs to Roads and Buildings during the year 1905-06. |
| 2 | Spreading and Consolidation of metal on metalled roads. |

RULES.

1. All tenders which must be on Form No. 1 obtainable at this office (price 0-1-0 each) must be enclosed in sealed covers and on the outside the name of the work legibly written.
2. All tenders must specify the rates at which the intending contractor will execute the work.
3. Tenders will be received up to 31st July 1905.
4. Tenders not in the proper Form above mentioned will be rejected.
5. The undersigned does not bind himself to accept the lowest or any tender.

CUTTACK, The 18th July 1905. — NAGENDRA NATH MITRA, *District Engineer*, CUTTACK.

Wanted, 3 Foresters on a salary of Rs. 25 with a fixed Travelling allowance of Rs. 7 each and a mohorir on Rs. 20 per month, for the Dhenkanal State Forest Department.

Applications will be received by the undersigned up to the 10th proximo. Candidates must state their age and if they have knowledge of surveying.

Dhenkanal Manager's Office 19-7-1905. — S. C. BOSE. *Manager.*

## FOR SALE.

The House of Rai Hurry Ballabh Bose Bahadur in Umraobanpatna, Gangamandir, near the Civil Court, with the stables, out-houses and compound for Rs. 20,000. This should include the rayati right in the Khasmahal land, permission to sell such right will be obtained from the Collector no sooner the name of the purchaser is known.

## TO LET.

The whole of the above premises for three years at a monthly rent of Rs. 125, but if a purchaser should appear in the meantime the tenancy should expire.

For further particulars the intending purchaser, or lessee may apply to the Editor of the Utkal Dipika or to the undersigned.

HURRY BALLABH BOSE.
14-7-05

## ଘରବିକ୍ରି

ଏହି ସହର କଟକ ଅଦାଲତ ନିକଟ ଗଙ୍ଗାମନ୍ଦିର ଉମରାଓବନ ପାଟଣାରେ ଥିବା ରାୟ ହରିବଲ୍ଲଭ ବୋଷ ବାହାଦୂରଙ୍କ ଘର କୋଠାଘର ଏବଂ ତହିଁସଲଗ୍ନ ଅସ୍ତବଳ ଖାଲିଘରମାନ ଓ ହତା ଟ ୨୦୦୦୦ ଙ୍କା ମୂଲ୍ୟରେ ବିକ୍ରି ହେବ । ଖାସମହାଲ ଜମିର ରୟତି ସ୍ୱତ୍ୱର ମୂଲ୍ୟ ସେହି ମୂଲ୍ୟ ମଧ୍ୟରେ ଧରା ଯାଇଅଛି । ଖରିଦଦାର ବାହାର ମାତ୍ରେ କଲେକ୍ଟର ସାହେବଙ୍କର ଅନୁମତି ଲଗାଯିବ ।

## ଭଡ଼ାଦିଆଯିବ ।

ଉପରଲିଖିତ ସମସ୍ତ ଘର ମାସିକ ଟ ୧୨୫ ଙ୍କା ହିସାବରେ ଭଡ଼ା ଦିଆଯିବ ମାତ୍ର ଏହି ମିଆଦ ମଧ୍ୟରେ ଖରିଦଦାର ବାହାରିଲେ ଭଡ଼ାର ମିଆଦ ଉଠିବ ।

ଯେଉଁମାନେ ଖରିଦ କିମ୍ବା ଭଡ଼ା ନେବାକୁ ଇଚ୍ଛା କରିବେ ସେମାନେ ଅଧିକ ଖବର ଜାଣିବା ଇଚ୍ଛା କରନ୍ତେ ତହିଁପାଇଁ ଉତ୍କଳ ଦୀପିକାର ସମ୍ପାଦକ କିମ୍ବା ଏହି ନିମ୍ନ ସ୍ୱାକ୍ଷରକାରୀଙ୍କୁ ପତ୍ର ଲେଖିବେ ।

ଶ୍ରୀ ହରିବଲ୍ଲଭ ବୋଷ
୧୪-୭-୦୫

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

## ଆରବ୍ୟକୁସୁମ

ବା

ଅରବ୍ୟଉପନ୍ୟାସର ଓଡ଼ିଆ ଅନୁବାଦ ।

ଅରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ବାଳକମାନଙ୍କ ସୁବିଧାର୍ଥେ ଉତ୍ତମ ରୂପେ ପ୍ରକାଶିତ ହୋଇଅଛି ।

୧ ମ ଖଣ୍ଡ ମୂଲ୍ୟ ଟ ୦। ଡାକମାସୁଲ ଟ ୦୵

ଏହି ପୁସ୍ତକ ଓଡ଼ିଆଭାଷାରେ ନୂତନ । ... ବାଳକ, ଯୁବା, ବୃଦ୍ଧ, ସ୍ତ୍ରୀ, ପୁରୁଷ ସମସ୍ତଙ୍କର ପାଠ୍ୟ । ... ଏହି ପୁସ୍ତକ ମିଳିବ ।

ସହର କଟକ ଉତ୍କଳଦୀପିକା ...

Digitized by srujanika@gmail.com

Split by PDF Splitter



## NOTICE.

Wanted immediately 2 Temporary Draftsmen well up in Oriya and English printing work for the Drawing Section of the Bamonghatti Settlement, Mourbhanj State. Pay Rs. 20 per month. Applications shall be received by the undersigned up to the 1st week of August 1905.

P. M. MUKERJI
*Assistant Settlement Officer*
*In charge*
Sub-Division Bamonghatti
P. O. Bahalda
Orissa.

23-7-1905.

## NOTICE.

Wanted by the District Board of Balasore a peripatetic Gymnastic teacher on a salary of Rs. 15 per month. None need apply who is not trained in the Cuttack Training School and possesses no knowledge of both Gymnasium and Drill under the new method. Applications with copies of testimonials will be received by the undersigned up to the 15th August 1905.

Balasore District Board's Office, 20-7-1905.
B. N. De.
Vice-Chairman.

## ADVERTISEMENT.

Wanted by the District Board of Balasore a Sub-Inspector of Schools, for one year on a salary of Rs. 50 a month, excluding travelling allowance admissible under the Civil Service Regulations. None need apply who is not qualified under the rules and orders of the Bengal Education Department. Applications with copies of testimonials will be received up to the 20th of August 1905. The selected candidate will have to join at once.

Balasore District Board's Office, 24-7-1905.
B. N. DE.
*Vice-Chairman.*

Appendix XXX. [See Chapter III Rule 9.]

# ADVERTISEMENT OF SALE.

Notice is hereby given that the undermentioned plots of land, no longer required by Government situated along the Bengal Nagpur Railway, in the District of Cuttack, will be put to sale at 2 o'clock on Monday, the 11th September 1905, corresponding with the 27th Bhadrab 1, at 1313 umli.

The purchasers of the several plots of land will be subject to the following conditions:—

*1st.*—The purchasers will have no power to make any excavations on the land nearer than fifteen feet from the railway fencing, or plough the lands closer than three feet from its foundation.

*2nd.*—If the amount of purchase-money does not exceed Rs. 100, the whole amount must be paid down at once.

*3rd.*—If the amount of purchase-money exceed Rs. 100, one fourth of the amount must be immediately deposited. If the balance be not paid by noon of the fifteenth day after the sale, reckoning the day of sale as one, or if that day be a close holiday, then by noon of the first succeeding office day, the sale shall be cancelled, the sum deposited being forfeited to Government, and the lot again put up for sale at the risk of the defaulting purchaser, after issue of advertisement, as in the case of original sale.

*4th.*—The plots of land will be sold revenue-free to the highest bidders.

*5th.*—The purchasers shall be put in possession on receipt by the Collector of the orders of the Board confirming the sale.

| 1 | 2 | 3 | 4 | 5 | 6 | | | | | | 7 | | | | 8 | 9 |
|---|---|---|---|---|---|---|---|---|---|---|---|---|---|---|---|---|
| Consecutive lot number | Name of District | Pargana and mauza | Number of mile on which land is situated | Situated on which side of the Railway | Approximate area of lot in bighas and in acres | | | | | | Land excluded from sale from each lot | | | | Commencement and termination of lot | Boundary of lot |
| | | | | | B. | K. | C. | A. | R. | P. | Reasons for exclusion | A. | R. | P. | | |
| 1 | Cuttack | Mouza Chowdwar Ph. Kokakband | 13 | East and west | | | | | 2 | 11 | | | | | | Khasra Nos. are given below; out of 513, out of 575, 654/1384 and out of 574. |

F. N. FISCHER
*Collector.*

Cuttack Collectorate
The 19th July 1905.

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉଅଛି କି କଟକ ଚମ୍ପାପଡା ଔଷଧ ଷ୍ଟୋର ଇଲାକାଧୀନ ନିମ୍ନ ଲିଖିତ ମହାଲମାନଙ୍କର ବେଣାପାଟମାନ ଆସନ୍ତା ଅଗଷ୍ଟମାସ ତା୧୨ରିଖ ଦିବା ଘ ୧୦ ଟା ସମୟରେ କଟକ ଚମ୍ପାପଡା ମାନେଜରଙ୍କ ଅଫିସରେ ସନ ୧୯୦୭ ମସିହା ଜୁନମାସ ଶେଷସୁଦ୍ଧା ନିଲାମ କରାଯିବ । ଯେଉଁମାନେ ଉକ୍ତ ବେଣାପାଟ-ମାନ (ବେଣାଚେର) ନିଲାମ ନେବାକୁ ଇଚ୍ଛାକରନ୍ତି ସେମାନେ ନିରୂପିତ ଦିବସରେ ଉକ୍ତ ମୋକାମରେ ଉପସ୍ଥିତ ହୋଇ ପ୍ରକାଶ୍ୟ ଡାକ ନିଲାମରେ ଯୋଗ ଦେଇପାରିବେ ଏବଂ ନିଲାମି କରିଥିବା ସମସ୍ତ ଟଙ୍କା ତତ୍କ୍ଷଣାତ ଦାଖଲ କରିବାକୁ ହେବ ।

ତପସିଲ

| | |
|---|---|
| ୧ । ମୌ । ବାର୍ଥିଳ | ୪ । ମୌ । ରଘୁନାଥ |
| ୨ " ହରିପୁର | ୫ " ପାଥପୁର |
| ୩ " ଗନ୍ଦଲବାଙ୍କ | ୬ " ଡଙ୍ଗେଶ୍ୱର |

ତା୧୪।୭।୦୫

Raghabanand Das
ମାନେଜର
ଚମ୍ପାପଡା ଔଷଧ ଷ୍ଟୋର

---

## Air Rifle
## ହାଓା ପାସର ବନ୍ଧୁକ ।

ବ୍ୟବହାର କରନ୍ତୁ । ଏହା ବ୍ୟବହାର କଲେ ବାରୁଦ ଅଥବା ଟୋଟାର ପ୍ରୟୋଜନ ହୁଏ ନାହିଁ ପବନ ବଳରେ ପ୍ରାୟ ୨୦୦ ଫୁଟ ପର୍ଯ୍ୟନ୍ତ ସଜୋରରେ ଏହାର ଗୁଳି ଚାଲିବ । ଏହାଦ୍ୱାରା ଘୋଟ, କଡ଼, ସମସ୍ତ ପ୍ରକାର ପଶୁ ପକ୍ଷୀ ଏବଂ ଛୋଟମାନ ମତ୍ସ୍ୟ ଶିକାର କରାଯାଏ । ମନୁଷ୍ୟକୁ ମାରିଲେ ପ୍ରାଣର ହାନି ହୁଏ ନାହିଁ ସତ୍ୟ କିନ୍ତୁ ସାଂଘାତିକରୂପେ ଜଖମ କରାଯାଏ ଅତଏବ ସାଧାରଣଙ୍କ ନିକଟରେ [illegible] ଗ୍ରେଡ଼, ଡାକ୍ତର ଓ ଓକିଲମାନଙ୍କ ହସ୍ତରେ ଧନ ସମ୍ପତ୍ତି ଏବଂ ପରିବାର ବର୍ଗଙ୍କର ମାନ, ସମ୍ଭ୍ରମ ରକ୍ଷାକରେ ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଏହି ବନ୍ଧୁକ ଗୋଟିଏ ଘରେ ଥିଲେ ଆଉ ସେ ଭୟ ଥିବ ନାହିଁ । ଏହି ବନ୍ଧୁକ ଘରେ ରଖିବାକୁ କି ବ୍ୟବହାର କରିବାକୁ ପୁଲିସର ଲାଇସେନ୍ସ ନେବାକୁ ହୁଏ ନାହିଁ ଏବଂ ଅବସରରେ ବ୍ୟବହାର କରାଯାଏ ।

ନମ୍ବର "ଡି" ବନ୍ଧୁକ ୧ ଟ ୧୦ ୧
"ବୁଲେଟ" ଟ ୧୨ ୧ ଓଗ୍ୱାଲ ଟ ୧୨
ଡେଇସି ଟ ୫ ୧ ପ୍ରିନ୍ସ ଟ ୫
ପ୍ୟାକିଂ ଓ ପୋଷ୍ଟେଜ ଟ ୧। ଅଣା ।

ପ୍ରତ୍ୟେକ ବନ୍ଧୁକ ସହିତ ୧ ବାକ୍ସ ଗୁଳି ଓ ବ୍ୟବହାରର ନିୟମାବଳୀ ବିନାମୂଲ୍ୟରେ ଦିଆଯାଏ ।

ପ୍ରାପ୍ତିସ୍ଥାନ
ମେସାର୍ସ, ମହନ୍, ଏଣ୍ଡ ବ୍ରଦର୍ସ
୪୭।୫ ମିର୍ଜାପୁର ଷ୍ଟ୍ରିଟ
କଲିକତା

---

ଅମର ମସ୍ତଦାସ ବଜାରରେ ଥିବା ନିଜ ଭିତର ଏକମହଲା ଓ ଦୋମହଲା ପକ୍କା ଓ କଚ୍ଚା ଘର ବିକ୍ରୀ କରିବାର ସ୍ଥିର କରିଅଛୁଁ ଅତଏବ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇଅଛୁଁ କି ଯେଉଁ ଖରିଦଦାରମାନେ ଉପରୋକ୍ତ ଘରକୁ ଖରିଦ କରିବାକୁ ଇଚ୍ଛା କରିବେ ସେମାନେ ଅମ୍ଭ ନିକଟକୁ ଜଣେ ଆସିଲେ ବା ପତ୍ର ଲେଖିଲେ ତହିଁର ମୂଲ୍ୟ ଓ ଅନ୍ୟାନ୍ୟ ବିଶେଷ ବିବରଣମାନ ଜାଣି ପାରିବେ ।

ମସ୍ତଦାସବଜାର କଟକ }
୨୭।୭।୦୫ } ଶ୍ରୀ ଅବନୀଭୂଷଣ ଅପା

---

ବିନା ମୂଲ୍ୟରେ ଓ ପୋଷ୍ଟେଜରେ ସର୍ବ ରୋଗର ହରିତାଲ ଭସ୍ମ ବଟି ଓ ନମୁନା ଦେବୁଁ । ବଙ୍ଗଳା ବା ଇଂରାଜୀରେ ପତ୍ର ଲେଖନ୍ତୁ ।

ରାଜବୈଦ୍ୟ ଶ୍ରୀ ମତିଲାଲ ଦେବ
ପୋଃ ଘାଟାଲ, । ଜି । ମେଦିନୀପୁର

# ଉତ୍କଳଦୀପିକା ।

ମୌସୁମୀ ବୃଷ୍ଟିର ଗତ ତା ୨୦ ରିଖରେ ଶେଷହେବା ସାପ୍ତାହିକ ବିବରଣରୁ ଜଣାଯାଏ ଯେ ଭାରତର ସର୍ବତ୍ରେ ସାମୟିକ ଜଳର ଅଭାବ ଘଟିଅଛି । ତହିଁମଧ୍ୟରେ ବରମା, ବଙ୍ଗ, ଆସାମ, ଛୋଟନାଗପୁର, ଜବଲପୁର ଦକ୍ଷିଣ-ମରହଟ୍ଟ ବିଭାଗରେ ଗୃହପଣରୁ ଅଧିକ ଊଣା ପଡ଼ି ନାହିଁ ମାତ୍ର ଅନ୍ୟାନ୍ୟ ପ୍ରଦେଶର ଅଭାବ ବିସ୍ତର ଅଟେ ।

---

ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ପ୍ରକାଶ ହୋଇଅଛି ଯେ ମୁସଲମାନଙ୍କ ଶିକ୍ଷାର ଉନ୍ନତି ଏବଂ ଆଦର୍ଶ ମକ୍ତବସ୍ଥାପନ ଅଭିପ୍ରାୟରେ ଗୋଟିଏ ବିଶେଷ ବନ୍ଦୋବସ୍ତ ଅଳ୍ପ ଦିନ ହେଲା ମଞ୍ଜୁର ହୋଇଅଛି ଏବଂ ସେ ସମ୍ବନ୍ଧରେ ଉଚିତ ଶିକ୍ଷକର ଦସ୍ତୁର ଅମଲରେ ସମ୍ଭବତଃ ଗୋଟିଏ ଅଧ୍ୟାୟ ଯୋଗ ହେବ ।

---

ଗତ ତା ୧୫ ରିଖରେ ଶେଷହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ସେହି ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗଦ୍ୱାରା ୧,୫୭୭ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବସପ୍ତାହର ଅଙ୍କ ୧,୭୪୨ ଥିଲା । ମୋଟରେ ୧୬୫ ଊଣା ପଡ଼ିଅଛି ଏବଂ ତହିଁର ପ୍ରଧାନ କାରଣ ପଞ୍ଜାବର ମୃତ୍ୟୁ ୧୧୧୬ ଠାରୁ ୯୫୩ କୁ ଖସିଆସିଅଛି । ତଥାପି ଏହିଠାରେ ରୋଗର ପ୍ରକୋପ ଅଧିକ ଅଛି । ଅନ୍ୟାନ୍ୟ ପ୍ରଦେଶ ମଧ୍ୟରେ ବମ୍ବେଇ, ମାନ୍ଦ୍ରାଜ, ବରମା, ମହୀଶୂର ଓ ହାଇଦରାବାଦରେ ପୂର୍ବସପ୍ତାହରୁ ସାମାନ୍ୟ ବୃଦ୍ଧି ମାତ୍ର ବଙ୍ଗ ଓ ଯୁକ୍ତପ୍ରଦେଶରେ ବିସ୍ତର ହ୍ରାସ ହୋଇଅଛି ।

---

ଓଡ଼ିଶା ସ୍କୁଲ ସମୂହର ଯେଉଁ ଛାତ୍ରମାନେ ପ୍ରବେଶିକା ପରୀକ୍ଷା ଦେଇ ଜୁନିୟର ସ୍କଲାରସିପ୍ (ନିମ୍ନ ବୃତ୍ତି) ପାଇଅଛନ୍ତି ସେମାନଙ୍କର ନାମ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ମୋଟ ବୃତ୍ତି ୧୦ ଟା ମଧ୍ୟରୁ ଏକା ରେଭେନସା ସ୍କୁଲର ଛାତ୍ରମାନେ ପାଞ୍ଚଟା, କଟକ ମିଶନ ଦୁଇଟା, ପୁରୀ ଗୋଟିଏ ଏବଂ ବାଲେଶ୍ୱର ସ୍କୁଲ ଦୁଇଟା ପାଇଅଛନ୍ତି । ଏଥିରୁ ଦେଖାଯାଏ ଯେ ରେଭେନସା ସ୍କୁଲ ସଂଖ୍ୟାରେ ତଳକୁ ଖସିଯାଇଥିଲେ ମଧ୍ୟ ଗୁଣରେ ଟେକିଅଛି ଏବଂ ପ୍ୟାରୀମୋହନ ଏକାଡେମୀ ସଂଖ୍ୟାରେ ଶ୍ରେଷ୍ଠ ହୋଇ ଗୁଣରେ ତଳକୁ ପଡ଼ିଯାଇଅଛି । ବେସରକାରୀ ସ୍କୁଲ ମଧ୍ୟରେ ମିଶନ ସ୍କୁଲ ଶ୍ରେଷ୍ଠ ହୋଇଅଛି ।

---

ଗତ ସପ୍ତାହରେ ଆମ୍ଭମାନଙ୍କର କମିଶନର ସାହେବ ବାଲେଶ୍ୱରକୁ ଯାଇଥିଲେ । ତେଣୁ ଯୁକ୍ତ ସାଭେଜ ସାହେବ ତାହାଙ୍କର ନବଗଠିତ ଚୌକିଦାରୀ ପଞ୍ଚାୟତ ସମିତିର କାର୍ଯ୍ୟ ଦେଖିବାକୁ ଆସିଥିଲେ । ପରିଦର୍ଶନର ଫଳ କିଛି ଜଣା ନାହିଁ । ଓଡ଼ିଆ ଓ ନବସମ୍ବାଦ ଲେଖିଅଛନ୍ତି କି ନୂଆ ବନ୍ଦୋବସ୍ତରେ ଗରିବ ଲୋକଙ୍କର ସୁବିଧା ଦେଖା ପଡ଼ୁ ନାହିଁ । ଏପରି ଜମିଦାରୀ ସିରସ୍ତା କାଗଜମାନ ଠିକ ରଖିବାର ସଦୁପାୟ କରିବାର ଭାର ସାଭେଜ ସାହେବଙ୍କ ପ୍ରତି ଅର୍ପିତ ହୋଇଅଛି । ସେଥିପାଇଁ ସ୍ଥାନୀୟ ଜମିଦାରଙ୍କୁ ଡକାଇ ଏକ ବୈଠକ କରି ପରାମର୍ଶ କରିଥିଲେ । ପରାମର୍ଶର ଫଳ ଆଶା କରୁଁ ଶୀଘ୍ର ଜଣାଯିବ ।

---

ହିନ୍ଦୋଳ ରାଜାଙ୍କର ଜ୍ୟେଷ୍ଠ ରାଜକୁମାରୀ ସହିତ ଦକ୍ଷିଣ ବଡ଼ଗଡ଼ ରାଜାଙ୍କର ଶୁଭବିବାହ ଗତ ତା ୧୩ ରିଖରେ ଯଥା ସମାରୋହରେ ସମ୍ପନ୍ନ ହୋଇଥିବାର ଗଡ଼ଜାତବାସୀରେ ଲେଖାଅଛି । ହିନ୍ଦୋଳ ରାଜା ଏହି ଉପଲକ୍ଷରେ ଯେଉଁସମସ୍ତ ରାଜାଙ୍କୁ ଆମନ୍ତ୍ରଣ କରିଥିଲେ ସେମାନଙ୍କ ମଧ୍ୟରୁ ତାଳଚେର ଏବଂ ନରସିଂହପୁରର ରାଜାମାନେ ସ୍ୱୟଂ ଉପସ୍ଥିତ ହୋଇଥିଲେ ବଡ଼ ସୁଖର ବିଷୟ ଅଟେ । ରାଜାମାନଙ୍କ ମଧ୍ୟରେ ଏହିପରି ବନ୍ଧୁତା ଯେତେ ବୃଦ୍ଧି ହେବ ଉନ୍ନତିର ପଥ ସେତେ ପରିଷ୍କାର ହେବ । ପରସ୍ପର ସମ୍ମିଳନରେ ସୌହାର୍ଦ୍ଦ୍ୟ ବୃଦ୍ଧି ସଙ୍ଗେ ସଙ୍ଗେ ସଭ୍ୟତା ଏବଂ ଶାସନ ନୀତିର ପୁଷ୍ଟି ହେବ ।

---

ଅଳ ରାଜଧାନୀରୁ ଶ୍ରୀ ବନମାଳୀ ଷଡ଼ଙ୍ଗୀ ଲେଖିଥିବାରୁ କି ଏ ପ୍ରଦେଶର ସଂସ୍କୃତ ଟୋଲମାନଙ୍କରେ ବ୍ୟାକରଣ ଓ ସାହିତ୍ୟ ଶିକ୍ଷା ଦିଆଯାଏ । ବେଦାନ୍ତ, ଉପନିଷତ୍, ପୁରାଣ, ସ୍ମୃତି, ନ୍ୟାୟ, ଆୟୁର୍ବେଦ, ଜ୍ୟୋତିଷର ଆଲୋଚନା ଅତି ବିରଳ । କଟକର ପଦ୍ମନାଭ ଟୋଲର ପ୍ରଧାନ ଅଧ୍ୟାପକ ପଣ୍ଡିତ ମଲ୍ଲିକ କାବ୍ୟତୀର୍ଥଙ୍କ ଯତ୍ନରେ ଏବର୍ଷ ସେହି ଟୋଲର ଏକ ଛାତ୍ର ବେଦର ୨ୟ ପରୀକ୍ଷାରେ ଏବଂ [illegible] ଛାତ୍ର ୧ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥିପାଇଁ ଲେଖକ ପଣ୍ଡିତ ମହାଶୟଙ୍କର ପ୍ରଶଂସା କରି ଅନ୍ୟାନ୍ୟ ଟୋଲମାନଙ୍କ ତହିଁର ଅନୁକରଣ କରିବା କାରଣ ଅନୁରୋଧ କରିଅଛନ୍ତି । ବାସ୍ତବରେ ବିବିଧ ବିଷୟର ଆଲୋଚନା ହେବା ଏକାନ୍ତ ବାଞ୍ଛନୀୟ । ଟୋଲାଧ୍ୟକ୍ଷମାନଙ୍କୁ ଏ ବିଷୟରେ ମନୋଯୋଗୀ ହେବା କାରଣ ଅନୁରୋଧ କରୁଅଛୁଁ ।

Digitized by srujanika@gmail.com

ଚଳିତ ସନ ୧୯୦୭ ସାଲର ପ୍ରଥମ ଭାଗରେ ମେଦିନୀପୁରରେ ଯେଉଁ କୃଷି ଓ ଶିଳ୍ପ ପ୍ରଦର୍ଶନୀ ହୋଇଥିଲା ତହିଁର ହିସାବ ସ୍ଥାନୀୟ ସମ୍ପାଦକ ପକ୍ଷରେ ବାହାରିଅଛି । ଚାନ୍ଦାଦ୍ୱାରା ଟ ୫୭୦ଙ୍କା ଏବଂ ଅନ୍ୟାନ୍ୟ ପ୍ରକାର ଆଦାୟ ମିଶି ମୋଟରେ ଟ ୫୬୮୭।୬ ଆୟ ଏବଂ ଟ ୩୩୮୪।୬ ବ୍ୟୟ ହୋଇଥିଲା । ବାକି ଟ ୧୨୫୮।୫ ତହବିଲରେ ଅଛି । ଏହି ଉଦ୍ବର୍ତ୍ତ ଟଙ୍କା ଏବଂ ସେହି ପରିମାଣ ଆଉ ଚେନ୍ଦା ସଂଗ୍ରହ କରି ଆଗାମୀ ବର୍ଷ ପ୍ରଦର୍ଶନୀ କରିବାର ସ୍ଥିର ହୋଇଅଛି । ଅନ୍ୟାନ୍ୟ ବ୍ୟୟ ମଧ୍ୟରେ ପୁରସ୍କାରରେ ଟ ୧୧୦୪୧ଙ୍କା, ଗୃହ ନିର୍ମାଣ ଏବଂ ସାଜସଜ୍ଜାରେ ପ୍ରାୟ ଟ ୮୦୦୧ଙ୍କା, ଭଲଣ୍ଟିୟରଙ୍କ ଜଳଖିଆ ଟ ୮୮।୬ ଏବଂ ଆମୋଦ ପ୍ରମୋଦ ଟ ୩୯୫।/ ଖରଚ ହେବାର ଦେଖିଲୁଁ । ଶେଷଲିଖିତ ବ୍ୟୟଟା ଅଧିକ ବୋଧ ହେଉଅଛି ।

---

ବଙ୍ଗର ବିଭାଗ ଘଟିତ ଆନ୍ଦୋଳନ କ୍ରମେ ଯେପରି ବଦଳି ହେଉଅଛି ତହିଁରୁ ଜଣା ଯାଉଅଛି ଯେ ଶୀଘ୍ର ଭୟଙ୍କର ହୋଇଉଠିବ । ବଙ୍ଗର ଗୃହଅଡ଼େ ଲୋକମାନେ ସଭା ସମିତି କରି ଘୋର ପ୍ରତିବାଦ ଆରମ୍ଭ କରିଅଛନ୍ତି ଏବଂ ଆର ସପ୍ତାହରେ କଲିକତାରେ ଏକ ବଡ଼ ସଭା ବସିବାର ଆୟୋଜନ ହେଉଅଛି । ରାଜାଠାରୁ ପ୍ରଜାପର୍ଯ୍ୟନ୍ତ ଏ ବିଷୟରେ ଏକମତ ହୋଇଅଛନ୍ତି । କଲିକତାରୁ ମହାରାଜା ବାହାଦୁର ସାର୍ ଯତୀନ୍ଦ୍ରମୋହନ ଠାକୁର ବଙ୍ଗର ସେକ୍ରେଟାରୀଙ୍କ ନିକଟକୁ ତାର ଯୋଗେ ବଙ୍ଗର ଅଦେଶ ପ୍ରକୃତ ରଖିବା କାରଣ ଆବେଦନପତ୍ର ପଠାଇଅଛନ୍ତି ଏବଂ ତହିଁର ,ଚଟ୍ଟଦଳ ଉତ୍ତରୁ ନାଟୋର ଓ ଦିନାଜପୁରର ମହାରାଜାମାନେ ନଶିପଟିଆ, ଭମଲା ଓ କାକିନାର ରାଜାମାନେ ଏବଂ ବୋଲଗରର ନବାବ ସେହିପରି ତାରସମ୍ବାଦ ପଠାଇଅଛନ୍ତି । ଗବର୍ଣ୍ଣମେଣ୍ଟ କି ଏହାର କଥା ଶୁଣିବେ ନାହିଁ ?

---

କୁଡ଼ିସ୍ତାନ ଅନ୍ତର୍ଗତରେ ସୈନିକମାନେ ଏପର୍ଯ୍ୟନ୍ତ ବିଦ୍ରୋହୀଙ୍କ ସଙ୍ଗେ ଯୋଗ ଦେଇ ନ ଥିବାରୁ ବିଦ୍ରୋହୀଙ୍କ ବଳ ଊଣା ଥିଲା । ବିଶେଷତଃ ହୋଷାକିସେନା ଅତୀବ ଦୁର୍ବଳ ଏବଂ ସେମାନେ ନିଷ୍ଠୁର ଭାବରେ ବିଦ୍ରୋହୀଙ୍କ ପ୍ରତି ଅତ୍ୟାଚାର କରିବାରୁ ସ୍ଥାନ ନ ଥିଲେ । ବର୍ତ୍ତମାନ ସମ୍ବାଦ ମିଳଇଯେ, ଉକ୍ତ ଜିଲ୍ଲାର ଉଅର୍କିର ହୋସାକସେନା ବିଦ୍ରୋହୀ ହୋଇଅଛନ୍ତି ମାତ୍ର ଅନ୍ୟ ସେନା ଅଛି ସେମାନଙ୍କଠାରୁ ଅସ୍ତ୍ର ଶସ୍ତ୍ରାଦି ଛଡ଼ାଇନେଲେ । ପାଲୁଷ୍ଟିରୋଠାରେ ନ ୧୦୬୦ ଣ ବିଦ୍ରୋହୀ ଧୃତ ହୋଇ ବନ୍ଦୀ ହେଲେ ଏବଂ ହୋସାକ ସେନାଙ୍କ ନିଷ୍ଠୁର ପ୍ରହାର ହେତୁ ତାଙ୍କ ମଧ୍ୟରୁ ନ ୨ ଣ ମୃତ୍ୟୁମୁଖରେ ପତିତ ହେଲେ । ଫିଲାଣ୍ଡ୍ରର ଜାଏକ-ଶାସନକର୍ତ୍ତା ପ୍ରତି ବିଦ୍ରୋହୀମାନେ ବମ ନିକ୍ଷେପ କରି ତାଙ୍କୁ ଆହତ କରିଅଛନ୍ତି । ଯେଉଁ ବ୍ୟକ୍ତି ବମ ପକାଇଥିଲା ସେ ଧରାପଡ଼ିଅଛି । ମସ୍କୋନଗରଠାରେ ଯେଉଁ ଜେମଷ୍ଟଭସ ସଭା ବସିଅଛି ତହିଁରେ ରୁଷୀୟା ରାଜ୍ୟର ପରିବର୍ତ୍ତିତ ରାଜନୀତି ସମ୍ବନ୍ଧରେ ସବିଶେଷରୂପେ ଆଲୋଚନା ହୋଇଅଛି ।

ଏ ସପ୍ତାହରେ ରୁଷଜାପାନ ଯୁଦ୍ଧର ବିଶେଷ ସମ୍ବାଦ କିଛି ନାହିଁ ।

---

ଏ ନଗରର କଲିପଡ଼ିଆର ଗୋଚର ପୂର୍ବେ ନିଲାମଦ୍ୱାରା ଇଜାରା ଦିଆଯାଉଥିଲା ଏବଂ ଇଜାରାଦାର ଗୋରୁ ପ୍ରତି ମାସକୁ ଟ ୦।୦ ଲେଖାଏଁ କରି ନେଇ ଚରାଇ ନିମନ୍ତେ ଛାଡି ଦେଉଥିଲା । ପ୍ରଥମ ବର୍ଷ ହେଲା ହାକିମ ମାଜିଷ୍ଟ୍ରେଟ ଇଜାରା ରହିତ କରି ଗୋଚର ପଡ଼ିଆକୁ ଖାସରେ ରଖି ଗୋରୁ ପ୍ରତି ବାର୍ଷିକ ଟ ୧୧ଙ୍କା ଏବଂ ବାଛୁରୀ ପ୍ରତି ଟ ୦।୫ ଦର ନେଉଥିଲେ । ପୂର୍ବର ଟ ୦।୦ ରୁ ଟ ୧।୧ଙ୍କା ହେବାରେ ସାମାନ୍ୟ ବୃଦ୍ଧି ଲୋକେ କୌଣସି ପ୍ରକାରେ ସହ୍ୟ କରି ଆପଣା ପଶୁ ଚରାଉଥିଲେ । ଏବର୍ଷ ପ୍ରତି ଗାଈ ଟ ୨।୧ଙ୍କା ଛଡ଼ା ଟ ୦।୫ ଏବଂ ବାଛୁରୀର ଟ ୧।୧ଙ୍କା ରେଟ କରି ଦେଇଅଛନ୍ତି । ଏଥି ଉପରେ ରଖୁଆଳର ବେତନ ଅଛି ଏବଂ ଦଉଡ଼ ବାଲାମାନେ ଜଗି ବସିଅଛନ୍ତି ଯେ ରଖୁଆଳର ଦୃଷ୍ଟି ଟିକିଏ ଆଡ଼ ହେଲେ ଗୋରୁଙ୍କୁ ବାନ୍ଧି ନେଇ କାଞ୍ଜିହାଉସରେ ପକାଇ ଅଠ ଦଶଅଣା ଜରିମାନା ଦଣ୍ଡାଉଅଛନ୍ତି । ଏତେ ଉତ୍ପୀଡ଼ନ ସହି ଲୋକଙ୍କର ନିର୍ବାହ ହେବା ଦୁଷ୍କର । ସୁତରାଂ ଲୋକେ ସେ ପଡ଼ିଆକୁ ଆଉ ଗାଈ ଗୋରୁ ଛାଡ଼ୁ ନାହାନ୍ତି । ନଗରର ପୂର୍ବପାଖର ରଖୁଆଳମାନେ ଖାନନଗରକୁ ଗୋରୁ ଗାଈ ନେଇ ଚରାଇବାର ଆରମ୍ଭ କରିଅଛନ୍ତି । ମାତ୍ର ପଶ୍ଚିମ ପାଖର ନିବାସୀଙ୍କର କଲିପଡ଼ିଆ ଛଡ଼ା ଅନ୍ୟ ଗୋଚର ନା । ସୁତରାଂ ସେମାନଙ୍କର କଷ୍ଟର ସୀମା ନାହିଁ । ନଗର ସ୍ଥାନ ବନ ଗୋଚାରଣ ଭୂମି ନାହିଁ ଏବଂ ସହରରୁ ଗୋରୁ ଅନ୍ତର ହେଲେ ଦୁଧର ଅଭାବରେ ସହରର ସ୍ୱାସ୍ଥ୍ୟ ହାନି ଅନିବାର୍ଯ୍ୟ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଡିଭିଜନାଲ କମିଶନର ସାହେବମାନେ ପ୍ରଜାବର୍ଗର ଏହି ଦୁରବସ୍ଥାର ସୁବିଚାର କରି ଗବର୍ଣ୍ଣମେଣ୍ଟ ଅଫିସରଙ୍କର ଅନ୍ୟାୟ କରବୃଦ୍ଧି ରହିତ କରିବେ ଓ ସର୍ବସାଧାରଣଙ୍କର କୃତଜ୍ଞତା ଭାଜନ ହେବେ ।

---

ପୁରୀର ନାନା ତୀର୍ଥ ମଧ୍ୟରେ ମାରକଣ୍ଡ ପୁଷ୍କରଣୀ ଗୋଟିଏ ପ୍ରଧାନ ତୀର୍ଥ ସ୍ଥାନ । ସେଠାରେ ଯାତ୍ରିମାନେ ବାଲି ପକାଇ ଦେବ ଓ ଅସ୍ଥି ପଦହତା ଲାଭ କରନ୍ତି ଏବଂ ବାଲି ପକାଇବା ମାନସରେ କିଛି ଯାତ୍ରୀ ସେଠାରୁ ସର୍ବଦା ଆସନ୍ତି । କ୍ଷୌର କାର୍ଯ୍ୟ ସକାଶେ ଅନେକ ଭଣ୍ଡାରୀ ସେଠାରେ ପ୍ରତ୍ୟହ ଉପସ୍ଥିତ ଥାଆନ୍ତି । ଗତ ବର୍ଷଠାରୁ ରକ୍ଷା ପାଇବା ଅଭିପ୍ରାୟରେ କେତେଜଣ ଭଣ୍ଡାରୀ ବାର୍ଷିକ ଟ ୬୦ଙ୍କା ଜମାରେ ବର୍ଷକ ସକାଶେ ଖଣ୍ଡିଏ ଭୂମି ପଟ୍ଟା ନେଇଅଛନ୍ତି । ଅନ୍ୟ ଏକଦଳ ଭଣ୍ଡାରୀ ସେ ସମ୍ବନ୍ଧରେ ବିବାଦ କରିବାରୁ ମେଉନିସିପାଲିଟିର ଭାଇସଚେୟାରମାନ ସ୍ୱୟଂ ବିବାଦ ମୀମାଂସା କରି ଦେଇଅଛନ୍ତି । ସ୍ଥାନୀୟ ସମ୍ପାଦକ 'ଜଗନ୍ନାଥ ସମାଚାର' ଏ ସମ୍ବାଦ ପ୍ରଚାର କରି ତହିଁ ସଙ୍ଗେ ଲେଖିଅଛନ୍ତି କି ସେହି ଭୂମିର ପଟ୍ଟାର ମିଆଦ ଶେଷ ହେବା ପୂର୍ବେ ଜଣେ ମୁସଲମାନ ପଟ୍ଟା ନେବାର ଚେଷ୍ଟା କରିବାର ଶୁଣାଯାଏ । ଏ କଥା ଯେବେ ସତ୍ୟ ହୋଇଥାଏ ତେବେ ହିନ୍ଦୁମାନଙ୍କର ବଡ଼ ଦୁଃଖ ହେବ ଏବଂ ତହିଁରୁ ସେମାନଙ୍କୁ ରକ୍ଷା କରିବା କାରଣ ମେଉନିସିପାଲିଟିର ମେମ୍ବରମାନଙ୍କୁ ଅନୁରୋଧ କରିଅଛନ୍ତି । ପଟ୍ଟାଦାତା କିଏ ସହଯୋଗୀ ସତ୍ୟ ଲେଖି ନାହାନ୍ତି । ମେଉନିସିପାଲିଟି ପଟ୍ଟାଦାତା ଥିବାର ଅପ୍ରବୃତ୍ତ ଜଣା ଯାଉଅଛି ଏବଂ ତାହା ହେଲେ ତୀର୍ଥସ୍ଥାନରୁ ଜମା ଆଦାୟ କରିବା ଟିକସ ତୁଲ୍ୟ ଅଟେ, ଯାହା ମିଉନିସିପାଲ ଆଇନରେ ଛାଡ଼ ଅଛି । ଭଣ୍ଡାରିମାନେ ମିଶି ଆପଣା ବ୍ୟବସାୟ ସକାଶେ ଖଣ୍ଡିଏ ଭୂମି ପ୍ରସ୍ତୁତ କଲେ ଅଥବା କେହି ଜଣେ ବା ଅଧିକ ଜଣ ହିନ୍ଦୁ ମିଶି ଧର୍ମାର୍ଥେ ଗୋଟିଏ କ୍ଷୌରଶାଳା ନିର୍ମାଣ କରିଦେଲେ ସମସ୍ତ ବାଧା ଘୁଞ୍ଚିବ । ନଚେତ ଭାବ ଉପରେ 'ରହିଲେ କେତେବେଳେ କେହି ମୁସଲମାନ ଇଜାରା ନେବା ଆଶ୍ଚର୍ଯ୍ୟ ନୁହେ ।

---

ଏକ ଭୟଙ୍କର ଦୁଃସମ୍ବାଦ ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ନରସିଂହପୁର ରାଜାଙ୍କ ଦେୱାନ ବାବୁ ଜଗନ୍ମୋହନ ଘୋଷ ଇହସଂସାର ପରିତ୍ୟାଗ କରିଅଛନ୍ତି । ଗତ ସୋମବାର ପ୍ରାତଃକାଳରେ ତାଙ୍କର ମୃତ ଦେହ କାଠଯୋଡ଼ା ନଦୀ ଖାନନଗର ରେଲ ପୋଲ ନିକଟରେ ଭାସିଆସି ଲାଗିଥିବାର ଦେଖାଗଲା । ସେହି ଦିନ ଜଗନ୍ମୋହନ ବାବୁଙ୍କ ଅନ୍ତର୍ଦ୍ଧାନ ହୋଇ-

Digitized by srujanika@gmail.com

Split by PDF Splitter



ଥିବା ସମ୍ବାଦ ଆସିବାରୁ ଓ ଏହି ଶବକୁ ତାଙ୍କର ବନ୍ଧୁମାନେ ଦେଖିବାରୁ ଜଗନ୍ମୋହନ ବାବୁଙ୍କ ମୃତ୍ୟୁ ସମ୍ବାଦ ଢେଙ୍କାନାଳରେ ବ୍ୟାପିଗଲା। ଗଡଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଆଦେଶାନୁସାରେ ଶବ ଡାକ୍ତରଙ୍କଦ୍ୱାରା ପରୀକ୍ଷିତ ହୋଇ ଥିଲା । ଶବ ପଚିଯାଇଥିବାରୁ ଜଳରେ ବୁଡ଼ି ମରିଥିବା ଅଥବା ଅନ୍ୟପ୍ରକାରରେ ମୃତ୍ୟୁ ହୋଇଥିବା କିଛି ପ୍ରକାଶ ପାଇ ନାହିଁ । କିନ୍ତୁ ତାଙ୍କର ଯେପରି ଭାବରେ ଅନ୍ତର୍ଦ୍ଧାନ ହେଲା ତାହା ସନ୍ଦେହଜନକ ଥିବାର ଅନୁମାନ କରା ଯାଉଅଛି । ଆମ୍ଭେମାନେ ଶୁଣିଲୁଁ ଯେ ଗତ ତା ୧୯ ରଖ ଅପରାହ୍ନରେ ଗଡ଼ ମୁକାମରୁ ତିନିକୋଶ ଦୂରରେ ନଦୀକୁ ଆସି ନୌକାରେ ଅବସ୍ଥାନ କରିଥିଲେ । ତା ୨୦ ଓ ୨୧ ରଖ ଦିବସ ମଧ୍ୟ ଉକ୍ତ ନୌକାରେ କଉମ୍ପା ଓ ନରସିଂହପୁର ସରହଦ ନିକଟକୁ ଆସିଥିଲେ । ତା ୨୧ ରଖ ରାତ୍ରି ଘ ୧୦ ଘଣ୍ଟା ସମୟରେ ନୌକାରେ ଶୋଇଥିଲେ । ଉକ୍ତ ନୌକାରେ ସର୍ବସୁଦ୍ଧା ନ ୧୩ ଣ ଲୋକ ଥିଲେ । ପ୍ରାତଃକାଳରେ ସମସ୍ତେ ଜାଗ୍ରତ ହୋଇ ଦେଖିଲେ ଯେ ଦେବାନ ବାବୁ ନୌକାରେ ନାହାନ୍ତି । ଚତୁର୍ଦ୍ଦିଗରେ କୋଳାହଳ ପଡିଗଲା । ଲୋକେ ଇତସ୍ତତଃ ଅନ୍ୱେଷଣ କଲେ ମାତ୍ର ତାଙ୍କର କୌଣସି ସମ୍ବାଦ ପାଇଲେ ନାହିଁ । ରାଜା ମହୋଦୟ ମଧ୍ୟ ତା ୨୨ ରଖ ରାତ୍ରିକୁ ସେଠାରୁ ଆଗମନ କରିଥିଲେ । ତା ୨୪ ରଖ ପ୍ରାତଃକାଳରେ ତାଙ୍କର ମୃତ ଦେହ ଉପରଲିଖିତ ମତେ ଦେଖା ଗଲା । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ନୌକାରେ ବାର ତେରଜଣ ଲୋକ ଥିଲେ ସୁଦ୍ଧା କିପରି ସେ ପାଣିରେ ଖସିପଡିଲେ ତାହା କେହି ଜାଣିପାରିଲେ ନାହିଁ । ଦେବାନ ବାବୁ ସଚ୍ଚରିତ୍ରବାନ୍, ଅମାୟିକ ଓ ଧାର୍ମିକ ପୁରୁଷ ଥିଲେ । ଢେଙ୍କାନାଳରେ ପ୍ରାୟ ବ ୧୬ ବର୍ଷ ମାନେଜର ଓ ଅସିଷ୍ଟାଣ୍ଟ ମାନେଜର କାର୍ଯ୍ୟ କରିଥିଲେ ଓ ତନ୍ମଧ୍ୟରୁ ପ୍ରାୟ ବ ୭।୮ ବର୍ଷ ମାନେଜର କାର୍ଯ୍ୟ ସମ୍ପାଦନ କରିଥିଲେ । ଢେଙ୍କାନାଳ ଲୋକଙ୍କଠାରୁ ତାଙ୍କର କୌଣସି ଅଖ୍ୟାତି ଶୁଣା ଯାଇ ନାହିଁ । ଢେଙ୍କାନାଳରେ ବେଶୀ ବେତନର ମାନେଜର ଆବଶ୍ୟକ ହେବାରୁ ତାଙ୍କୁ ସେଠାରୁ ଅନ୍ତର କରା ହୋଇଥିଲା ମାତ୍ର ତାଙ୍କ ପ୍ରତି କୌଣସି ଅନ୍ୟାୟ କରା ହୋଇ ନ ଥିଲା ତାଙ୍କୁ ମାନେଜର ବେତନରେ ସେଠା ସବଡିଭିଜନକୁ ଅନ୍ତର କରା ହୋଇଥିଲା । ସରକାର ମଧ୍ୟ ତାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ନ ଥିଲେ । ନରସିଂହପୁରରେ କିଛି ଗୋଲମାଲ ଉପସ୍ଥିତ ହେବାର ଓ ସେଠାର ଦେବାନ ମୁନସି ମହମ୍ମଦ ଅଜହରଙ୍କୁ ସେଠାରୁ ବଦଳି କରିବାର ଆବଶ୍ୟକ ହେବାରୁ ପ୍ରାୟ ଦୁଇ ବର୍ଷ ହେବ ଜଗନ୍ମୋହନ ବାବୁ ସେଠାକୁ ଯାଇଥିଲେ । ବଡ ଦୁଃଖର ବିଷୟ ଯେଉଁ କର୍ମକୁଶଳ ପ୍ରାୟ ବ ୧୮ ବର୍ଷ କାଳ ଗଡଜାତରେ ସୁଖ୍ୟାତି ସହିତ କାର୍ଯ୍ୟ କରିଥିଲେ ତାଙ୍କର ପରିଣାମ ଏପରି ହେଲା ! ଏଥି ହେତୁ ଏ ନଗରବାସିମାନେ ଚିନ୍ତିତ ଅଛନ୍ତି । କର୍ତ୍ତୃପକ୍ଷମାନଙ୍କ ନିକଟରେ ପ୍ରାର୍ଥନା ଯେ ଅତି ସାବଧାନ ପୂର୍ବକ ଏହି ଦୁର୍ଘଟନାର ତଦନ୍ତ କରାଯିବା ପ୍ରତି ବିଶେଷ ଆଦେଶ ପ୍ରଦାନ କରିବେ ।

---

## ପୈତୃକବୃତ୍ତି ।

ଗଡ଼ଜାତବାହିନୀ ଲେଖିଅଛନ୍ତି କି ଆମନ୍ତ୍ରଣାଦି ରକ୍ଷା କରିବା ଅଥବା କାର୍ଯ୍ୟ ବିଶେଷର ଭାର ନେଇ ଏକ ରାଜା ଅନ୍ୟରାଜା ନିକଟକୁ ଯେ ବ୍ୟକ୍ତିକୁ ପ୍ରେରଣ କରନ୍ତି ତାହାର ନାମ ଉକୀଲ । ଉକୀଲ ରାଜାର ପ୍ରତିନିଧିସ୍ୱରୂପ ସୁତରାଂ ସମ୍ମାନିତ ଲୋକ । ପୂର୍ବେ କେବଳ ବିଦ୍ୟା ବୁଦ୍ଧି ଓ ନିଷ୍ଠାବାନ୍ ବ୍ରାହ୍ମଣମାନେ ଉକୀଲପଦରେ ନିଯୁକ୍ତ ହୋଇ ସସମ୍ଭ୍ରମରେ ପ୍ରେରିତ ହେଉଥିଲେ ଏବଂ ଯେଉଁ ରାଜାଙ୍କ ନିକଟକୁ ଯାଉଥିଲେ ତାହାଙ୍କଠାରେ ଶ୍ରେଷ୍ଠଗୁଣର ପରିଚୟ ଦେଇ ମର୍ଯ୍ୟାଦା ପାଇ ବିଦାୟ ହୋଇ ଆସୁଥିଲେ । ଇଦାନୀଂ ଗୁଣର ବିଚାର ଉଠିଯାଇ ଉକୀଲର ପୁଅ ଯୋଗ୍ୟ ହେଉ ବା ନ ହେଉ ଉକୀଲପଦ ପାଉଅଛି ଏବଂ ବିଦାକଟା ଏକପ୍ରକାର ସ୍ଥିର ହୋଇଥିବାରୁ ଯୋଗ୍ୟତା ଲାଭ ପ୍ରତି ଆସ୍ଥା ନାହିଁ ସହଯୋଗିଙ୍କ ବିବେଚନାରେ ବର୍ତ୍ତମାନ ବାଟ ଘାଟର ସୁବିଧା ହେବା ଏବଂ ରାଜାମାନେ ପରସ୍ପର ସହିତ ମେଳାମିଶା ଏବଂ ପରସ୍ପର ରାଜ୍ୟକୁ ଯିବା ଆସିବାର ସୁଯୋଗ ବୃଦ୍ଧି ହେବା ହେତୁ ଉକୀଲର ଆବଶ୍ୟକତା ପ୍ରାୟ ନାହିଁ ଏବଂ ଯେବେ ଆବଶ୍ୟକ ହୁଏ ତେବେ ଉପଯୁକ୍ତ ବ୍ୟକ୍ତିକୁ ସେ ପଦ ଦେବା ଉଚିତ । ଆମ୍ଭେମାନେ କହୁଁ କି ଏକା ଉକୀଲ ନାହିଁ କି ସକଳ କର୍ମଚାରୀଙ୍କର ଗୁଣର ବିଚାର କରିବା ଏକାନ୍ତ ବାଞ୍ଛନୀୟ ବଂଶର ବିଚାର ଆଦୌ ନ କରିବାକୁ ଆମ୍ଭେମାନେ କହୁ ନାହୁଁ । ଯାହାର ପିତା ପିତାମହ ବଂଶାନୁକ୍ରମେ ଯେ କାର୍ଯ୍ୟ କରିଅଛନ୍ତି ତାହାଦ୍ୱାରା କାର୍ଯ୍ୟ ଭଲ ହେବାର ଆଶା କରାଯାଏ । ମାତ୍ର ସେ ଅଶିକ୍ଷିତ ହେଲେ ଉତ୍ତମରୂପେ କାର୍ଯ୍ୟ କରିପାରିବ ନାହିଁ । ପୈତୃକବୃତ୍ତି ସଙ୍ଗେ ସେହି ବୃତ୍ତିର ଆବଶ୍ୟକୀୟ ଗୁଣ ଲୋଡିବା ଏକାନ୍ତ କର୍ତ୍ତବ୍ୟ । ମାତ୍ର ଆଜି କାଲି ସମାଜର ଅବସ୍ଥା ଏପରି ହୋଇଅଛି ଯେ ଏକା ଉକୀଲ ବୋଲି ନୁହେ ଗୁରୁ, ପୁରୋହିତ, ଦୈବଜ୍ଞ, ପୂଜାରି ପ୍ରଭୃତି ନିଯୋଗରେ ରାଜାଙ୍କଠାରୁ ସାମାନ୍ୟ ପ୍ରଜାପର୍ଯ୍ୟନ୍ତ ପ୍ରାୟ ସକଳ ଶ୍ରେଣୀର ଲୋକ ପୈତୃକ ଭାବରେ ପରିଚାଳିତ ହୁଅନ୍ତି ଏବଂ ଗୁଣର ଅନୁସନ୍ଧାନ ଆଦୌ କରନ୍ତି ନାହିଁ । ଶିକ୍ଷାର ବ୍ୟାଘାତ ଏବଂ ମୂର୍ଖତା ବୃଦ୍ଧିର ଏହା ଗୋଟିଏ ପ୍ରଧାନ କାରଣ ଅଟେ ଏବଂ ଏହି ହେତୁ ସମାଜର ଉନ୍ନତି ହୋଇ ପାରୁ ନାହିଁ । ମୂର୍ଖ ଧର୍ମଯାଜକଙ୍କ ହେତୁ ଯଜମାନର ଧର୍ମ ନଷ୍ଟ ହେଉଅଛି । ତହିଁ ପ୍ରତି କାହାର ଆସ୍ଥା ଦେଖା ଯାଉ ନାହିଁ । ଏ ଦୁରବସ୍ଥାର ପ୍ରତୀକାର ସାଧାରଣ ଲୋକଙ୍କଦ୍ୱାରା ଶୀଘ୍ର ହେବା ସମ୍ଭବ ନୁହେ । ସେମାନେ ନିଜେ କେମନ୍ତ ଶିକ୍ଷିତ ନୁହନ୍ତି ଯେ ଶିକ୍ଷିତ ବ୍ୟବସାୟିଙ୍କର ଗୁଣ ଚିହ୍ନି ପାରିବେ । ମାତ୍ର ରାଜା ଜମିଦାର ଏବଂ ଶିକ୍ଷିତ ଭଦ୍ରବ୍ୟକ୍ତିମାନଙ୍କର ଏ ବିଷୟରେ ମନୋଯୋଗୀ ନ ହେବାର କିଛି କାରଣ ନାହିଁ । ସେମାନେ ସମାଜର ନେତା ହେଉଅଛନ୍ତି ଏବଂ ସେମାନଙ୍କର ଆଦର୍ଶ ଓ ଉପଦେଶ ସମସ୍ତଙ୍କର ଅନୁକରଣୀୟ ହେବାର ଏକାନ୍ତ ଆଶା କରାଯାଏ । ସେମାନେ ଗୁଣର ଉଚିତ ଦାନରେ ମନୋଯୋଗୀ ନ ହେଲେ କଦାଚ ସମାଜର ମଙ୍ଗଳ ହେବ ନାହିଁ । ବିଶେଷତଃ ରାଜାମାନଙ୍କର ଯେପରି ଶାସନାଧିକାର ଅଛି ସେମାନେ ଚେଷ୍ଟା କଲେ ଉକୀଲ, ଗୁରୁ, ପୁରୋହିତ ପ୍ରଭୃତି ଶିକ୍ଷିତ ବ୍ୟବସାୟିଙ୍କର ସହଜରେ ଉନ୍ନତି କରି ପାରିବେ ।

---

## ହିନ୍ଦୁ ଆଇନର ଗୋଟିଏ ପ୍ରଶ୍ନ ।

ବିଗତ ଅପ୍ରେଲମାସ ତା ୧୪ ରଖରେ ମହାମାନ୍ୟବର ହାଇକୋର୍ଟର ଜଜ ଯେ, ପାର୍ଜିଟର ଓ ଉଡ୍ରଫ ସାହେବ ମହୋଦୟଗଣ ଦ୍ୱାରା ଓଡ଼ିଆ ଓଡଗେର ପ୍ରଭବାସୀ ଅପିଲାଣ୍ଟ ଓ ଦାଶରଥି ମିଶ୍ର ଓଡଗେର ବାଦୀ ଓ ରେସ୍ପଣ୍ଡାଣ୍ଟ ପକ୍ଷର ଅପିଲ ମୀମାଂସା କରିଅଛନ୍ତି । ଏହି ଅପିଲର ବିଚାରରେ ହିନ୍ଦୁଆଇନ ଘଟିତ ଗୋଟିଏ ପ୍ରଶ୍ନ ମୀମାଂସିତ ହୋଇଅଛି । ପ୍ରଶ୍ନଟୀ ଏହି କି ଯେ କୌଣସି ସମ୍ପତ୍ତି କେହି ବିଧବା ହସ୍ତାନ୍ତର କରିଥିଲେ ବିଧବାର ମୃତ୍ୟୁ ହେବାରୁ ଉକ୍ତ ସମ୍ପତ୍ତିକୁ ତାହାର ସ୍ୱାମୀର ଉତ୍ତରାଧିକାରୀ ଦଖଲ ପାଇବାର ଉଚିତ ନେଇ ପୂର୍ବର ହସ୍ତାନ୍ତରକୁ ରଦ କରାଇବାର ଆବଶ୍ୟକ କି ନା ?

ମୋକଦ୍ଦମାର ବୃତ୍ତାନ୍ତ ଏହି କି ବାଦୀ ଏକ ହିନ୍ଦୁ ବିଧବାର ମୃତ୍ୟୁ ଉତ୍ତାରେ ଉତ୍ତରାଧିକାରୀ ସ୍ୱରୂପ କେତେକ ଜମି ଦଖଲ ପାଇବା ସକାଶେ

Digitized by srujanika@gmail.com

ଓ ସ୍ଵତ୍ଵ ସାବ୍ୟସ୍ତ ନିମନ୍ତେ ପ୍ରାର୍ଥନା କରିଥିଲେ । ଉକ୍ତ ଜମି ୧୮୭୧ ସାଲର ମଇ ତା ୧୩ ରଖ ଓ ଡିସେମ୍ବର ତା ୧୦ ରଖର ଦୁଇଗୋଟି କବାଲା ଦ୍ଵାରା ହସ୍ତାନ୍ତରିତ ହୋଇଥିଲା । ବାଦୀ କଟକର ମୁନସଫ ଓ ସବଜଜଙ୍କ ନିକଟରେ ଡିକ୍ରୀ ପାଇଥିଲା । ମାନ୍ୟବର ହାଇକୋଟଙ୍କ ନିକଟରେ ଅପିଲ ହାଏର ହୁଅନ୍ତେ ଅପିଲାଣ୍ଟମାନେ ଓଜର କଲେ ମୋକଦ୍ଦମାରେ ତମାଦି ଆଇନର ୧୪୧ ଧାରାନୁଯାୟୀ ବାରବର୍ଷର ତମାଦି ନିୟମ ନ ଖଟି ତମାଦି ଆଇନର ୯୧ ଧାରାନୁସାରେ ୩ବର୍ଷର ତମାଦି ନିୟମ ପ୍ରବର୍ତ୍ତିବ । ଏହି ଆପତ୍ତି ପୂର୍ବ ଭୁଲ କୋର୍ଟରେ ଉତ୍ଥାପିତ ହୋଇ ନ ଥିଲେହେଁ ଓ ଏହାର ମୀମାଂସା ନିମନ୍ତେ ନୂତନ ସାକ୍ଷୀର ପ୍ରୟୋଜନ ନ ଥିବାରୁ ମାନ୍ୟବର ଜଜ ମହୋଦୟଗଣ ଅପିଲାଣ୍ଟର ଓକିଲଙ୍କୁ ଅନୁମତି ଦେଇଥିଲେ । ଉଭୟପକ୍ଷର ତର୍କ ବିତର୍କ ଶୁଣିଲା ପରେ ଅପିଲଟି ଫୁଲବେଞ୍ଚରେ ମୀମାଂସା କରିବା ସମ୍ବନ୍ଧରେ ମାନ୍ୟବର ଜଜ ଉଡ୍ରଫ ଏହିପରି ସ୍ୱୀୟ ପ୍ରକାଶ କଲେ ଯେ ମାନ୍ଦ୍ରାଜ ହାଇକୋର୍ଟରେ ଏବଂ ଏହି ହାଇକୋର୍ଟରେ ଏପରି ମୋକଦ୍ଦମାରେ ଛଅବର୍ଷ ତମାଦି ନିୟମ ଖଟେ ନାହିଁ ବୋଲି ସ୍ଥିର ହୋଇଅଛି । ଅନେକ ମୋକଦ୍ଦମାରେ ବାରବର୍ଷ ତମାଦି ନିୟମ ପ୍ରବର୍ତ୍ତିବା ଦେଖା ଯାଇଅଛି । କିଏବାଦ୍ୱାରା ହସ୍ତାନ୍ତରିତ ହୋଇଥିବା ସମ୍ପତ୍ତିରେ ବାଦୀ ପୂର୍ଣ୍ଣ ଅଧିକାରୀ ଅଟେ । ଯଦି କିଏବାଦ୍ୱାରା ବିକ୍ରୟ, ଦାନ, ବନ୍ଧକ ଅବା ପଟ୍ଟାଦ୍ୱାରା କୌଣସି ସମ୍ପତ୍ତି ହସ୍ତାନ୍ତରିତ ହେଲେ ତାହା ରଦ ହେବ, ତାଣେ ସେ ସବୁ କିଏବାର ଜୀବଦଶା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲେହେଁ ତାହାର ମୃତ୍ୟୁ ପରେ ସେ ସବୁ ଅକର୍ମଣ୍ୟ ଅଟେ । କିଏବାର ବିକ୍ରୟ କବାଲା କିଏବା ଜୀବଦଶା ପର୍ଯ୍ୟନ୍ତ ଜାରୀ ଅଟେ ଓ ତାହାର ଉତ୍ତରାଧିକାରୀ ସମ୍ପତ୍ତି ବିକ୍ରୟ ହୋଇଥିଲେ ମଧ୍ୟ ପୁନଃପ୍ରାପ୍ତିର ହକଦାର ଅତଏବ ବିକ୍ରୟ କବାଲା କିଏବାର ମୃତ୍ୟୁ ଉତ୍ତାରୁ ପ୍ରବଳ ନ ହେବା ହେତୁ ଉକ୍ତ କବାଲାକୁ ରଦ କରିବା ଅନାବଶ୍ୟକ ।

ଏହି ମୀମାଂସାରୁ ସ୍ପଷ୍ଟ ବୁଝା ଯାଉଅଛି ଯେ ଯେଉଁମାନେ ଅର୍ଥାଭାବରେ ତ ୩ ବର୍ଷ ମଧ୍ୟରେ ନାଲିସ କରିବାକୁ ଅକ୍ଷମ ହୋଇଅଛନ୍ତି ସେମାନେ କିଏବାର ମୃତ୍ୟୁର ବାରବର୍ଷ ମଧ୍ୟରେ ହସ୍ତାନ୍ତରିତ ସମ୍ପତ୍ତିର ଦଖଲ ପାଇବା ସମ୍ବନ୍ଧେ ନାଲିସ କରି ପାରନ୍ତି । ଏପରି ମୋକଦ୍ଦମାରେ ହସ୍ତାନ୍ତର ରଦ କରିବାର ପ୍ରୟୋଜନ ନାହିଁ ।

---

## ବଙ୍ଗ ବିଭାଗ ।

ବଙ୍ଗପ୍ରଦେଶର ବିଭାଗ ସମ୍ବନ୍ଧରେ ଇଣ୍ଡିଆ-ଗବର୍ଣ୍ଣମେଣ୍ଟର ନିଷ୍ପତ୍ତି ସରକାରୀ ଗେଜେଟରେ ବାହାରିଅଛି । ତହିଁରେ ଲେଖାଅଛି ଯେ ନୂତନ ରାଜ୍ୟ ବିଭାଗ କରିବା ବିଷୟ ସନ ୧୯୦୩ସାଲ ଡିସେମ୍ବରମାସରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟସମୂହକୁ ପତ୍ର ଲେଖାଯାଇ ସେମାନଙ୍କର ଅଭିପ୍ରାୟ ଲୋଡ଼ା ହୋଇଥିଲା ଓ ସେହି ପତ୍ର ଗେଜେଟରେ ଛପା ହୋଇଥିଲା । ତହିଁର ଉତ୍ତରରେ ଯେ ସମସ୍ତ ଉତ୍ତର ଓ ସମାଲୋଚନା ପ୍ରାପ୍ତ ହେଲା ତହିଁରୁ ମୂଳ ପ୍ରସ୍ତାବର କେତେକ ଅଂଶ ଅର୍ଥାତ୍ ମାନ୍ଦ୍ରାଜର କେତେକ ରାଜ୍ୟ ବଙ୍ଗକୁ ଏବଂ ଛୋଟନାଗପୁରର କେତେକ ଅଂଶ ବଙ୍ଗରୁ ମଧ୍ୟପ୍ରଦେଶକୁ ଛାଡ଼ିଦେବା କଥା ଯୁକ୍ତିସଙ୍ଗତ ହେଲାରୁ ପରିତ୍ୟାଗ କରିବାକୁ ହେଲା । ଭାଷା ଏବଂ ଜାତିଗତ ବିଶେଷ ଅବସ୍ଥା ଓ ଭୌଗୋଳିକ ବିଶେଷ ଅବସ୍ଥାନ ଦୃଷ୍ଟିରେ ଗଞ୍ଜାମ ଏବଂ ବିଶାଖାପଟ୍ଟନର ଏଜେନ୍ସିମାନ ମାନ୍ଦ୍ରାଜରୁ ଅନ୍ତର ହୋଇ ନ ପାରେ ଏବଂ ବାଣିଜ୍ୟ ବ୍ୟବସାୟ ବିଶେଷଭାବରେ ଚୁଟିଆ ନାଗପୁର ବଙ୍ଗ ଗବର୍ଣ୍ଣମେଣ୍ଟର ଅଧୀନରେ ରହିବା ଉଚିତ । ଅତଏବ ବଙ୍ଗ ଓ ମଧ୍ୟପ୍ରଦେଶ ମଧ୍ୟରେ ଏତିକି ଦାଖଲ ଖାରିଜ ହେବ ଯେ ଯଶପୁର, ସରଗୁଜା, ଉଦୟପୁର, କୋରିଆ ଓ ଗାଙ୍ଗପୁର ଏହି ପାଞ୍ଚ ହିନ୍ଦିଭାଷୀ ଦେଶୀୟ ରାଜ୍ୟ ଛୋଟନାଗପୁରରୁ ମଧ୍ୟପ୍ରଦେଶକୁ ବାହାରିଯିବ ଏବଂ ରାୟପୁରର ପୋଲିଟିକାଲ ଏଜେଣ୍ଟଙ୍କ ଅଧୀନରେ ରହି ତାହାଙ୍କ ଶାସନାଧୀନରେ ଥିବା ଅନ୍ୟାନ୍ୟ ହିନ୍ଦିଭାଷା ଦେଶୀୟ ରାଜ୍ୟ ପରି ବିବେଚିତ ହେବ । ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲ୍ଲା (ଚନ୍ଦ୍ରପୁର-ପଦମପୁର ଏବଂ ଫୁଲଝର ଛଡ଼ା) ଏବଂ ଓଡ଼ିଆଭାଷୀ ପାଞ୍ଚଟି ମହାଲ, ଯଥା;- ପାଟନା, କଳାହାଣ୍ଡି ବା କରୋନ୍ଦ, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ଖାରିଜ ହୋଇ ବଙ୍ଗପ୍ରଦେଶର ଓଡ଼ିଶା ବିଭାଗ ସଙ୍ଗେ ମିଶିବ । ଭାଷା ବିଷୟ ଏହି ପରିବର୍ତ୍ତନର ମୂଳ କାରଣ ଅଟେ ଏବଂ ଏ ସମସ୍ତ ରାଜ୍ୟର ଲୋକଙ୍କର ଉପକାର ହେବ ବୋଲି ଗବର୍ଣ୍ଣମେଣ୍ଟ ବିଶ୍ୱାସ କରନ୍ତି । ଏହି ସମସ୍ତ ଦେଶୀୟ ରାଜାଙ୍କର ସ୍ୱତ୍ୱରକ୍ଷାର୍ଥେ ଜଣେ ଇଉରୋପୀୟ ପୋଲିଟିକାଲ ଅଫିସର ନିଯୁକ୍ତ କରିବାର ସ୍ଥିର ହେଉଅଛି ଏବଂ ସମସ୍ତ ଓଡ଼ିଆଭାଷୀ ଗଡ଼ଜାତ ମହାଲମାନ ତାହାଙ୍କ ଅଧୀନରେ ରହିବ । ବଙ୍ଗ ଓ ମଧ୍ୟପ୍ରଦେଶର ଶାସନକର୍ତ୍ତାମାନେ ଏଥିରେ ସମ୍ମତ ଅଛନ୍ତି ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିଅଛନ୍ତି ।

ଖାସ ବଙ୍ଗର ବୃହତ୍ ପରିବର୍ତ୍ତନ ସମ୍ବନ୍ଧରେ ଯାହା ସ୍ଥିର ହୋଇଅଛି ଏବଂ ବିଲାତର ସେକ୍ରେଟରି ମଞ୍ଜୁର କରିଅଛନ୍ତି ତହିଁ ତୁଳନାରେ ଉପରିଲିଖିତ ପରିବର୍ତ୍ତନ ସାମାନ୍ୟ ଅଟେ । ସେହି ବୃହତ୍ ପରିବର୍ତ୍ତନ ଏହି ଯେ ବଙ୍ଗପ୍ରଦେଶର ଚଟ୍ଟଗ୍ରାମ, ଢାକା ଓ ରାଜସାହି ବିଭାଗମାନ, ହିଲଟିପରା ଏବଂ ବର୍ତ୍ତମାନ ଆସାମର ଚିଫ କମିଶନରଙ୍କ ଅଧୀନରେ ଯେ ସମସ୍ତ ରାଜ୍ୟ ଅଛି ସେ ସମସ୍ତ ଦେଶ ପୂର୍ବ ବଙ୍ଗ ଏବଂ ଆସାମ ପ୍ରଦେଶ ନାମରେ ଗୋଟିଏ ନୂତନ ପ୍ରଦେଶ ହେବ ଏବଂ ଏହି ରାଜ୍ୟଖଣ୍ଡ ମଧ୍ୟରୁ କେବଳ ଦାର୍ଜିଲିଂ ବଙ୍ଗପ୍ରଦେଶ ମଧ୍ୟରେ ରହିବ । ଏହି ନୂତନ ପ୍ରଦେଶ ପାଇଁ ଜଣେ ଲେଫ୍ଟନାଣ୍ଟ ଗବର୍ଣ୍ଣର ନିଯୁକ୍ତ ହେବେ ଏବଂ ତାହାଙ୍କର ପ୍ରଧାନ ରାଜଧାନୀ ଢାକା ନଗରରେ ଓ ସାମୟିକ ସଦର ସ୍ଥାନ ଚଟଗାଁ ଓ ସିଲଙ୍ଗରେ ହେବ । ତାହାଙ୍କ ଅଧୀନରେ ଗୋଟିଏ ବ୍ୟବସ୍ଥାପକ ସଭା ଓ ବୋର୍ଡ୍ ରେଭିନ୍ୟୁ ରହିବ, କେବଳ କର୍ତ୍ତମାନ୍ ସହାଣେ କରିବାର ହାଇକୋର୍ଟ ଏହି ନୂତନ ପ୍ରଦେଶରେ ରହିବ । ଏହି ରାଜ୍ୟର ଭୂମି ପରିମାଣ ୧,୦୬,୫୪୦ ବର୍ଗମାଇଲ ଏବଂ ଲୋକସଂଖ୍ୟା ୩କୋଟି ଦଶଲକ୍ଷ ମଧ୍ୟରେ ମୁସଲମାନ ୧ କୋଟି ୮୦ ଲକ୍ଷ ଏବଂ ହିନ୍ଦୁ, ଏକ କୋଟି ୨୦ ଲକ୍ଷ । ଉପରିଲିଖିତମାନଙ୍କ ଛଡ଼ା, ଚଟ୍ଟଗାଓ ଏବଂ ରାଜସାହି ଓ ଛୋଟନାଗପୁରର ହିନ୍ଦିଭାଷୀ ରାଜ୍ୟମାନ ବାହାରି ଯିବା ଏବଂ ସମ୍ବଲପୁର ଏବଂ ପାଞ୍ଚଟି ଓଡ଼ିଆଭାଷୀ ରାଜ୍ୟ ଯୋଗ ହେବାଦ୍ୱାରା ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଯେଉଁ ରାଜ୍ୟ ରହିବ ତହିଁର ପରିମାଣ ୧,୪୧,୫୮୦ ବର୍ଗମାଇଲ ଏବଂ ଲୋକସଂଖ୍ୟା ୫ କୋଟି ୪୦ ଲକ୍ଷ ଓ ତହିଁମଧ୍ୟରେ ହିନ୍ଦୁ, ୪ କୋଟି ୨୦ ଲକ୍ଷ ଏବଂ ମୁସଲମାନ ୯୦ ଲକ୍ଷ । ଏଥିପୂର୍ବେ ବଙ୍ଗଶାସନକର୍ତ୍ତା କେତୁ ଅଧିକ ରାଜ୍ୟ ରଖିବାର ପ୍ରସ୍ତାବ କରିଥିଲେ । ମାତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବରେ ବଙ୍ଗ ଏବଂ ଆସାମ ଉଭୟ ଶାସନକର୍ତ୍ତା ଏକମତ ହୋଇ ଏହି ବଣ୍ଟନକୁ ଅଙ୍ଗୀକାର କରିଅଛନ୍ତି ଏବଂ ଏହି ବିଭାଗ ବେଶ ଲଗାଇଛି ଏବଂ ସୁନ୍ଦର ସୀମାମଧ୍ୟରେ ରହିଅଛି । ମହାମାନ୍ୟ ଗବର୍ଣ୍ଣର ଜେନେରାଲ ଉତ୍ତମରୂପେ ଜାଣନ୍ତି ଯେ ଏହି ବିଭାଗରେ ଲୋକଙ୍କର ଘୋର ଆପତ୍ତି ହୋଇଅଛି ଏବଂ ସେହି ଭାବରୁ ତାହା ସ୍ପଷ୍ଟ ହୋଇଅଛି ତାହା ବୋଲି ସେ ଜନ୍ତୁ ନାହାନ୍ତି । ପୁରୁଣା ସଙ୍ଗ ଛାଡ଼ିବାକୁ କାହାରି ମନ କଲେ ନାହିଁ । ମାତ୍ର ଅଳ୍ପ କାଳରେ ନୂଆ ସଙ୍ଗରେ ମନ ଲାଗିଯାଏ । ବ୍ୟକ୍ତି ବା ଦଳବିଶେଷ

Split by PDF Splitter

Digitized by srujanika@gmail.com

Split by PDF Splitter



35

ନିଜ ୨ ସ୍ୱାର୍ଥଦିଗକୁ ଦୃଷ୍ଟି କରନ୍ତି ମାତ୍ର ଗବର୍ଣ୍ଣମେଣ୍ଟ ସାଧାରଣ ସ୍ୱାର୍ଥ ବିବେଚନାରେ ଏହି ରାଜ୍ୟ ବିଭାଗ ଉଭୟ ଖଣ୍ଡ ରହିବ ନିମନ୍ତେ ଅତ୍ୟାବଶ୍ୟକ ବିବେଚନା କରି ଏପରି ବିଧାନ କରିଅଛନ୍ତି ଏବଂ ମହାମାନ୍ୟ ମହୋଦୟ ଆଶା କରନ୍ତି କି ଏହାଦ୍ୱାରା ଉଭୟ ଖଣ୍ଡର ଶାସନକାର୍ଯ୍ୟର ବିଶେଷ ସୁବିଧା ହେବ ଏବଂ ଅଳ୍ପକାଳରେ ଏପରି ଉନ୍ନତି ଲଭିବ ଯାହା କି ପୂର୍ବବଙ୍ଗ ପ୍ରଦେଶ ମାନଙ୍କରେ ଏ ପର୍ଯ୍ୟନ୍ତ ଦେଖା ଯାଇ ନାହିଁ । ଆମ୍ଭେମାନେ ମଧ୍ୟ କହୁଁ କି ମହାମାନ୍ୟ ମହୋଦୟଙ୍କର ବାଞ୍ଛା ପୂର୍ଣ୍ଣ ହେଉ । ମାତ୍ର ବଙ୍ଗବାସୀଙ୍କ ମନରେ ଯେପରି ଦାରୁଣ ଦୁଃଖ ଉପସ୍ଥିତ ହୋଇଅଛି ତାହା ଶୀଘ୍ର ଘୁଞ୍ଚିବା ପରି ଜଣା ଯାଉ ନାହିଁ ଓ ସେ ଦୁଃଖ ଦୂର କରିବା ଭଳି ଅକାଟ୍ୟ ଯୁକ୍ତି ମଧ୍ୟ ପ୍ରଦର୍ଶିତ ହୋଇ ନାହିଁ । ବର୍ତ୍ତମାନ ବଙ୍ଗର ପ୍ରଧାନ ଫଳ ଏହି ଦେଖାଯାଏ ଯେ ଗୋଟିଏ ହିନ୍ଦୁ ପ୍ରଧାନ ଓ ଅନ୍ୟଟି ମୁସଲମାନ ପ୍ରଧାନ ପ୍ରଦେଶ ହୋଇଅଛି । ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଅପ୍ରୀତି ବଢ଼ିବାର ସୁଯୋଗ ନ ଘଟିଲେ ବଡ଼ ସୁଖର ବିଷୟ ହେବ ।

---

## କଟକ ମିଉନିସିପାଲିଟୀର ଟିକସ ବନ୍ଦୋବସ୍ତ ।

ଏଥର ଏ ନଗରର ଘର ଓ ପାଇଖାନା ଟିକସ ବନ୍ଦୋବସ୍ତ ସକାଶେ ଜଣେ ସରକାରୀ ଅସେସର ଆସି ଯେପରି ଅନ୍ୟାଯ୍ୟ ଭାବରେ ନଗରବାସୀଙ୍କ ଉପରେ ଟିକସ ଧାର୍ଯ୍ୟ କରିଅଛନ୍ତି ଏବଂ ଅପିଲ କମେଟୀ ଯେପ୍ରକାର ଭୟଙ୍କର ଓ ନିଦାରୁଣ ଭାବରେ ଆପତ୍ତି ନିଷ୍ପତ୍ତି କରୁଅଛନ୍ତି ତହିଁରେ ନଗରବାସୀଙ୍କ ମନରେ ମହା ଦୁଃଖ ଓ ଅସନ୍ତୋଷ ଜାତ ହୋଇଅଛି ଏବଂ ଆମ୍ଭେମାନେ ଯେତେଦୂର ସମ୍ଭବ ଜନସାଧାରଣରେ ତାହା ପ୍ରକାଶ କରୁଅଛୁଁ । ସମ୍ପ୍ରତି ପ୍ରଶ୍ନ ହେଉଅଛି କି ଏତେ ଗୁରୁତର ଅନ୍ୟାୟ ଦୂର କରିବାର କି ଅନ୍ୟ କୌଣସି ପ୍ରତୀକାର ନାହିଁ ? ଗତଥରର ଅନ୍ୟାଯ୍ୟ କରଧାର୍ଯ୍ୟ ଅପିଲ କମେଟିର ପ୍ରଭାବରେ ସଂଶୋଧିତ ହୋଇ ଲୋକଙ୍କର ଅସନ୍ତୋଷ ଦୂର କରିଥିଲା । ମାତ୍ର ଏଥରର ଅପିଲକମେଟୀର ଗଠନ ଓ କାର୍ଯ୍ୟପ୍ରଣାଳୀ ଭିନ୍ନ ରୂପ ହେବାରୁ ସେପ୍ରକାର ନ୍ୟାଯ୍ୟ ବିଚାର ହୋଇପାରୁ ନାହିଁ । ଏସ୍ଥଳେ ନିସ୍ତାର ଉପାୟ କି ? ଆମ୍ଭମାନଙ୍କର ସାମାନ୍ୟ ବୁଦ୍ଧିରେ ବୋଧ ହେଉଅଛି କି ନିସ୍ତାର ଉପାୟ ଅଛି ମାତ୍ର ତାହା ବହୁବ୍ୟୟ ଓ କଷ୍ଟସାଧ୍ୟ । ମିଉନିସିପାଲ ଆଇନରେ ଲେଖାଅଛି କି ଟିକସ ଆପତ୍ତି ସେହି ଆଇନ ଛଡ଼ା ଅନ୍ୟ କୌଣସିରୂପେ ହୋଇପାରିବ ନାହିଁ । ଅର୍ଥାତ୍ ଅପିଲକମେଟୀ ଯାହା କରିବେ ତାହା ଚୂଡ଼ାନ୍ତ ହେବ । ଏହି ଦମ୍ଭରେ ଅପିଲକମେଟୀ ଯେ ସେ ପ୍ରକାରେ ଗୋଟାଏ ମୀମାଂସା କରି ଦେଉଅଛନ୍ତି ଏବଂ ଯଦ୍ୟପି କି ଶତକଡ଼ା ପ୍ରାୟ କୋଡ଼ିଏ ନମ୍ବରରେ ଆପତ୍ତିକାରୀମାନେ କିଛି ଛାଡ଼ ପାଇଅଛନ୍ତି ମାତ୍ର ଅନ୍ତର ସୂକ୍ଷ୍ମବିଚାର ହୋଇଥିଲେ ସେହି ସବୁ ନମ୍ବରରେ ନ୍ୟାଯ୍ୟମତେ ଅନ୍ତର ଅଧିକ ଛାଡ଼ ହୋଇଥାନ୍ତା ଏବଂ ଅଗ୍ରାହ୍ୟ ହେବା ଶତକଡ଼ା ୮୦ ବା ତହୁଁ ଅଧିକ ମଧ୍ୟରୁ ଅନ୍ତତଃ ଅନେକ ଲୋକ କିଛି କ୍ଷମା ପାଇଥାନ୍ତେ । ସ୍ଥୂଳରେ ଆମ୍ଭେମାନେ କହିପାରୁଁ ଯେ ଅସେସର ଓ ଅପିଲ କମେଟିର ତ୍ରୁଟି ହେତୁ ଶତକଡ଼ା ପଚାଶ ନମ୍ବରରେ ଅବିଚାର ହୋଇଅଛି ସେହିଠାରେ ଅବିଚାର ସ୍ପଷ୍ଟ ଦେଖାଯାଉଅଛି ସେଠାରେ ବେଆଇନ କାର୍ଯ୍ୟ ହୋଇଥିବାର ସନ୍ଦେହ ଅନୁମାନ ହେଉଅଛି ଏବଂ ବେଆଇନକାର୍ଯ୍ୟର ପ୍ରତିକାର ବିଚାର ଅଦାଲତରେ ମିଳିବାର ସମ୍ଭବ ଅଛି । ପ୍ରକୃତରେ ବେଆଇନ ଘଟିଅଛି ଏହା ଦେଖାଇବା ଆବଶ୍ୟକ ଏବଂ ଆମ୍ଭେମାନେ ବିବେଚନା କରୁଁ କି ଉପସ୍ଥିତ ଘଟନାରେ ତାହା ଦେଖାଇବା କଠିନ ନୁହେଁ । ଅନେକ ଘରଭଡ଼ାର ତାଲିକା ବନ୍ଦୋବସ୍ତ ପୂର୍ବେ ନାହାରଠାରୁ ନିଆ ଯାଇ ନାହିଁ । ଘରଭଡ଼ା ବା ବାର୍ଷିକ ମୂଲ୍ୟ ସଙ୍ଗେ ଘରଜମିଦାରର ପ୍ରକୃତ ବା ଅନୁମାନିତ ମୂଲ୍ୟର ସମ୍ବନ୍ଧ ଆଦୌ ଧରା ଯାଇ ନାହିଁ । ଉପଯୁକ୍ତ କମିଶନରଙ୍କଦ୍ୱାରା ଅଳ୍ପକାଳ ପୂର୍ବେ ଧାର୍ଯ୍ୟ ହୋଇଥିବା ଭଡ଼ା ଅଯଥେଷ୍ଟ ଥିବାର କୌଣସି ହେତୁ ଦେଖାଇବା ବିନା, ଭଡ଼ା ବଢ଼ାଇଦିଆଯାଇଅଛି । ଏବଂ ଅନେକ ସ୍ଥଳେ ଅକାରଣ ଦୁଇ ଭଡ଼ା ବଢ଼ାଇ ଦିଆଯାଇଅଛି । ଅପିଲ କମିଟୀ ଅଧିକାଂଶ ସ୍ଥଳେ ଆଇନ ମତେ ଅନୁସନ୍ଧାନ ନ କରି ଓ ପ୍ରମାଣ ନ ନେଇ କେବଳ ଅସେସରର କଥା ଶୁଣି ଆଇନାନୁସାରେ ପ୍ରମାଣ ନ ନେଇ ଓ ଅନୁସନ୍ଧାନ ନ କରି ଆପତ୍ତି ନିଷ୍ପତ୍ତି କରୁଅଛନ୍ତି ଏବଂ ଯଦ୍ୟପି କେତେକ ସ୍ଥଳେ ସରଜମିନ ତଦାରଖ ହୋଇଅଛି କେବଳ ଏକା ଜଣ କମିଟିର ମେମ୍ବର ତାହା କରୁଅଛନ୍ତି । କୌଣସି ଏକ ସ୍ଥଳରେ ସମସ୍ତ ମେମ୍ବର ଉପସ୍ଥିତ ହୋଇ ଦେଖି ବିଚାର କରି ନାହାନ୍ତି । ଏ ସମସ୍ତ କାର୍ଯ୍ୟ ସେବେ ବେଆଇନ ନୁହେ ତେବେ ବେଆଇନ ଅନ୍ୟ କି ପଦାର୍ଥ ନିଶ୍ଚୟ କରିବା କଠିନ ଅଟେ । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ଅପିଲକମେଟୀର କାର୍ଯ୍ୟର ସମ୍ପୂର୍ଣ୍ଣ ସଂଯୋଗ ଆଇନ ସଙ୍ଗେ ଥିବା ପ୍ରତ୍ୟକ୍ଷେ ଅଧିକାଂଶ ସଭ୍ୟଙ୍କର ଆଇନ ସଙ୍ଗେ ସମ୍ପର୍କ ନାହିଁ । ସେହି ତିନିଜଣ ଆଇନ ବ୍ୟବସାୟୀ କମିଟିରେ ଅଛନ୍ତି ସେମାନେ ମିଉନିସିପାଲିଟିର କାର୍ଯ୍ୟ ନିର୍ବାହକ ଏବଂ ସେମାନଙ୍କ ମଧ୍ୟରୁ ଜଣେ ପ୍ରାୟ ଆସନ୍ତି ନାହିଁ । ଅପିଲ ବିଚାର କରିବା ପୂର୍ବେ କମିଟୀର ସମସ୍ତ ମେମ୍ବର ଏକତ୍ର ବସି ଯେବେ ଆଇନର ପ୍ରୟୋଜନମାନ ଆପଣା ମଧ୍ୟରେ ବୁଝି ଠିକ୍ କରି ନେଇଥାନ୍ତେ ତେବେ ଏ ସମସ୍ତ ବିଶୃଙ୍ଖଳା ଘଟି ନ ଥାନ୍ତା । କେହି ଅଦାଲତକୁ ଗଲେ ଅବଶ୍ୟ ଏ ସବୁର ବିଚାର ହେବ । ମାତ୍ର କେତେ ବ୍ୟୟ ଓ କଷ୍ଟ ସ୍ୱୀକାର କରିବାକୁ କେହି ବାହାରିବେ କି ? ସାଧାରଣ ଲୋକେ ମିଉନିସିପାଲିଟୀ ଓ ସରକାର ମଧ୍ୟରେ ପ୍ରଭେଦ ବୁଝନ୍ତି ନାହିଁ ଓ ରଜା ଲଢ଼ି ନେଲେ ସୁହାଏ ନାହିଁ ମନେ କରି ସମସ୍ତେ ସହି ରହନ୍ତି । ଯେଉଁମାନେ ବୁଝିପାରନ୍ତି ସେମାନେ ସାମାନ୍ୟ ଟିକସ ଛଡ଼ାଇବା ଅଦାଲତର ବ୍ୟୟ ଓ କଷ୍ଟ ବଳପଡ଼ିବାର ଦେଖି ତହିଁରେ ପ୍ରବୃତ୍ତ ହେବାର ଆଶା କରନ୍ତି ନାହିଁ । କେବଳ ଯେଉଁମାନଙ୍କ ମନ ସାଧାରଣ ଦୁଃଖରେ ବିଗଳିତ ହେବ ଏବଂ ଅନ୍ୟାୟ କାର୍ଯ୍ୟର ପ୍ରତିବିଧାନ କରିବା କାରଣ ଖରଚ ଓ କଷ୍ଟକୁ ତୁଚ୍ଛ ମଣିବେ ସେହିମାନେ ଅଦାଲତର ଆଶ୍ରୟ ନେବାକୁ ବାହାରିବେ । ସେପରି ଲୋକ ଅବଶ୍ୟ ବିରଳ । ମାତ୍ର ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ସେପରି ବ୍ୟକ୍ତିର ନିତାନ୍ତ ଅଭାବ ଏ ନଗରରେ ହେବ ନାହିଁ ଏବଂ ଯେ ବ୍ୟକ୍ତି ଏଥିରେ ପ୍ରବୃତ୍ତ ହେବ ସେ ପରିଶେଷରେ ନିଷ୍ଫଳ ହେଲେ ସୁଦ୍ଧା ତାହାଦ୍ୱାରା ଗୋଟିଏ ମହତ୍ ଉପକାର ହେବ । ପରିଶେଷରେ ବକ୍ତବ୍ୟ ଏହି କି ଏକାଧାରରେ କାର୍ଯ୍ୟ ଓ ବିଚାର ଭାର ନ୍ୟସ୍ତ କରିବାର ଦୁର୍ଗୁଣ ପୂର୍ଣ୍ଣମାତ୍ରାରେ ଏହି ଟିକସ ଧାର୍ଯ୍ୟ ବ୍ୟାପାରରେ ପ୍ରତ୍ୟକ୍ଷ ହେଉଅଛି ଏବଂ ବଡ଼ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ଏହି କି ଯେଉଁମାନେ ସେହି ଦୁର୍ଗୁଣ ଉତ୍ତମରୂପେ ଅନୁଭବ କରୁଅଛନ୍ତି ଏବଂ କଥା ଓ ଲେଖାଦ୍ୱାରା ଜନସାଧାରଣ ସମକ୍ଷରେ ପ୍ରକାଶ କରିବାକୁ ଅଗ୍ରସର ସେହିମାନଙ୍କ ମଧ୍ୟରୁ କେହି କାର୍ଯ୍ୟବେଳେ ବିପରୀତ ବାଟରେ ଚାଲିବାକୁ ଲେଶମାତ୍ର ଦ୍ୱିଧା କରନ୍ତି ନାହିଁ । ଏ ଦୃଶ୍ୟ ଦେଖି କିଏ ନ କହିବ ଯେ ଆମ୍ଭେମାନେ ଆତ୍ମଶାସନର ଗ୍ରହଣ କରିବାକୁ ଯୋଗ୍ୟ ହୋଇ ନାହୁଁ ।

---

Digitized by srujanika@gmail.com

